
ପତଞ୍ଜଳି ବିଶ୍ୱ ସମାଧାନର କେନ୍ଦ୍ର | ୬

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
Google Play | App Store


ମା' ହେବେ କିଆରା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୩ | Vol. 21 No-333 | 3 MARCH 2025 MONDAY BHUBANESWAR | ସୋମବାର, ୩ ମାର୍ଚ୍ଚ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ପାଟଣାରେ ହେବ ମେଗା ଷ୍ଟିଲ୍‌ପ୍ଲାଣ୍ଟ



**ମହାବିଦ୍ୟାଳୟ ବିଲ୍ଡିଂ ନିର୍ମାଣ ପାଇଁ ୪ କୋଟି ଘୋଷଣା**

**ବିଭିନ୍ନ ନୂତନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଦେଲେ ପ୍ରସ୍ତାବ**

**ମହାବିଦ୍ୟାଳୟକୁ ସ୍ୱୟଂଶାସିତ ପାଇଁ କରାଯିବ ସମସ୍ତ ବ୍ୟବସ୍ଥା**

**ଦୃଢ଼ ଆତ୍ମବିଶ୍ୱାସ, କଠିନ ପରିଶ୍ରମ ଆଣିଦେବ ସଫଳତା**

କେନ୍ଦୁଝର, ୨।୩(ଭାସ୍କର ନ୍ୟୁଜ): ପାଟଣାରେ ହେବ ମେଗା ଷ୍ଟିଲପ୍ଲାଣ୍ଟ। ଏଥିପାଇଁ ଜେଏସଡବ୍ଲୁ ଏବଂ ପୋସ୍କୋ ସହ ରାଜ୍ୟ ସରକାରଙ୍କ ଏମଓୟୁ ହୋଇଛି। ଏହି ପ୍ଲାଣ୍ଟ ପାଇଁ ୩୦ରୁ ୪୦ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଏ ନେଇ ରବିବାର ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚମ୍ପୁଆ ଚନ୍ଦ୍ରଶେଖର କଲେଜର ବାର୍ଷିକ ଉତ୍ସବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ଚମ୍ପୁଆ ଚନ୍ଦ୍ରଶେଖର କଲେଜକୁ ଅଟୋନମସ କଲେଜରେ ପରିଣତ କରାଯିବା ସହ କଲେଜର ବିକାଶ ପାଇଁ ୪ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀ ମାଝୀ ଘୋଷଣା କରିଥିଲେ। ଶନିବାର ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଗସ୍ତରେ ଯାଇ ବିଭିନ୍ନ ମେଗା ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ। ତେବେ ରବିବାର ନିଜ ଜନ୍ମମାଟି କେନ୍ଦୁଝରକୁ ଫେରି ପାଟଣାବାସୀଙ୍କୁ ଏହି ଖୁସି ଖବର ଦେଇଥିଲେ। ଏହି ଅବସରରେ ଶ୍ରୀ ମାଝୀ ଆଞ୍ଚଳିକ ଯନ୍ତ୍ରପାତି ମେଳା ଉଦ୍‌ଘାଟନ କରିଥିଲେ। ଏଥିସହ ଇ-ରିକ୍ସାରେ ବୁଲି ସମସ୍ତ ଷ୍ଟଲ ମଧ୍ୟ ଦେଖିଥିଲେ। ଏହି ଅବସରରେ ସେ ପୂର୍ବ ସରକାର ଉପରେ ପ୍ରବଳ ବର୍ଷିଥିଲେ। ସେ କହିଥିଲେ, ଯଦି ପୂର୍ବ ସରକାର ଚାଷୀଙ୍କ ପାଇଁ ଏତେ ଚିନ୍ତା କରିଥିଲେ ତାହାହେଲେ ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଚାଷୀଙ୍କ ମାସିକ ହାରାହାରି ଆୟ ତଳଆଡୁ କାହିଁକି ଦ୍ୱିତୀୟ ହେଲା ବୋଲି ପ୍ରଶ୍ନ କରିଥିଲେ। ମୋ ସରକାର ଯାହା କହିଥିଲା ତାହା କରି ଦେଖାଇଛି। ଗତ ସରକାର ମହିଳା ସଶକ୍ତିକରଣ ନାଁରେ କେବଳ ବ୍ୟାଙ୍କରୁ କିଛି ଋଣ ଦେଇ ମହିଳାଙ୍କୁ ଠକୁଥିଲେ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଚାଷୀଙ୍କ ପାଇଁ ଆସନ୍ତା ବଜେଟରେ ୫ ହଜାର କୋଟି ଟଙ୍କାରୁ ବୃଦ୍ଧି କରି ୭ ହଜାର କୋଟି ଟଙ୍କା କରାଯିବ। ନବୀନ ବାବୁ ପ୍ରତି ବ୍ଲକରେ ୩୫ ପ୍ରତିଶତ ଜମିକୁ ଜଳସେଚିତ କରିବେ ବୋଲି କହିଥିଲେ। ପରେ ୧୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବେ ବୋଲି ପ୍ରତିଶ୍ରୁତି ● ପୃଷ୍ଠା ୫ ଦେଖନ୍ତୁ

## ଅସହ୍ୟ ତାତିରେ ସାରା ରାଜ୍ୟ ଛଟପଟ

# ୩୬ ଡିଗ୍ରୀ ଟପିଲା ଭୁବନେଶ୍ୱର




ଭୁବନେଶ୍ୱର, ୨।୩(ଭାସ୍କର ନ୍ୟୁଜ): ବସନ୍ତରେ ଅସମ୍ଭାଳ ତାତି। ତତଲା ହେଉଛି ଫାଲଗୁନ। ମାର୍ଚ୍ଚ ଆରମ୍ଭରୁ ଆରମ୍ଭ ହୋଇଗଲାଣି ଅସହ୍ୟ ଗ୍ରୀଷ୍ମପ୍ରବାହ। ରବିବାର ରାଜଧାନୀ ଭୁବନେଶ୍ୱରର ପାରଦ ୩୬ ଡିଗ୍ରୀ ଟପିଯାଇଛି। ସେହିପରି ରାଜ୍ୟର ୧୦ ସହରରେ ପାରଦ ୩୭ ଡିଗ୍ରୀ ଛୁଇଁଛି। ଏପରିକି ଦୁଇଟି ସ୍ଥାନରେ ଯଥା ବୌଦ୍ଧ ଓ ବଲାଙ୍ଗୀରରେ ତାପମାତ୍ରା ୩୮ ଡିଗ୍ରୀ ଡେଇଁ ଯାଇଛି। ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ବଲାଙ୍ଗୀରର ସର୍ବୋଚ୍ଚ ତାପମାତ୍ରା ୩୮.୧ ଡିଗ୍ରୀ ରେକର୍ଡ ହୋଇଛି। ଅନୁରୂପ ଭାବେ ଅନୁଗୋଳର ସର୍ବୋଚ୍ଚ ଦିନ ତାପମାତ୍ରା ୩୭.୯ ଡିଗ୍ରୀ ରହିଥିବାବେଳେ ଟିଟିଲାଗଡ଼ରେ ୩୭.୬, ଭଦ୍ରକ ଓ ଝାରସୁଗୁଡ଼ାରେ ୩୭.୫, ଯାଜପୁରରେ ୩୭.୨ ଏବଂ ବାରିପଦା, ସୋନପୁର ଓ ଭବାନୀପାଟଣାରେ ୩୭ ଡିଗ୍ରୀ ରେକର୍ଡ ହୋଇଛି। ସେହିଭଳି ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ଦିନ ସାଢେ ୨ଟା ସୁଦ୍ଧା ୩୫.୬ ଡିଗ୍ରୀ ରହିଥିବାବେଳେ ଅପରାହ୍ନରେ ୩୬.୧ ଡିଗ୍ରୀ ରେକର୍ଡ ହୋଇଛି। କଟକର ସର୍ବୋଚ୍ଚ ତାପମାତ୍ରା ୩୪.୨ ଡିଗ୍ରୀ ସେଲସିୟସ ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଟିଟିଲାଗଡ଼ରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ ହୋଇଥିଲା। କଟକ ଓ ଭୁବନେଶ୍ୱରର ପାରଦ ୩୪ ଡିଗ୍ରୀ ଉପରେ ରହିଥିଲା। ଏବେ ରାଜ୍ୟ ଉପରେ କୌଣସି ପାଣିପାଗ ସିଷ୍ଟମ ସକ୍ରିୟ ନଥିବାର ପାଣିପାଗ ବିଭାଗ ସୂଚନା ଦେଇଛି। ସେହିପରି ଆଗାମୀ ୫ଦିନ ରାଜ୍ୟରେ ଶୁଖିଲା ପାଗ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ତାତିର ପ୍ରଭାବ ଆଗକୁ କିପରି ରହିବ ତାକୁ ନେଇ ଏବେ ରାଜ୍ୟବାସୀ ଚିନ୍ତା ପ୍ରକଟ କରୁଛନ୍ତି। ପ୍ରବଳ ଖରା ସମୟରେ ବାରମ୍ବାର ବିଜୁଳିକାଟ ମଧ୍ୟ ହେଉଥିବାରୁ ଲୋକେ ଅତିଷ୍ଠ ହୋଇପଡ଼ିଥିବା ଦେଖିବାକୁ ମିଳୁଛି।

**ବୌଦ୍ଧ ସବୁଠୁ ଉତ୍ତପ୍ତ ସହର**

**୧୦ ସହର ୩୭ଡିଗ୍ରୀ ଉପରେ**

**୫ ଦିନ ଯାଏ ଶୁଖିଲା ପାଗ**

## ସଂକ୍ଷେପରେ...

### ଆଜି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଭୁବନେଶ୍ୱର, ୨।୩(ଭାସ୍କର ନ୍ୟୁଜ): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି କରାଯିବ। ଏଥିପାଇଁ ପୂର୍ବରୁ ସ୍ଲଟ୍ ବୁକିଂ ଶେଷ ହୋଇଛି। ହଜାର ଜଣଙ୍କ ପାଇଁ ପଞ୍ଜିକରଣ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରୁ ଏହି ସ୍ଲଟ୍ ବୁକିଂ ଆରମ୍ଭ ହୋଇ ଶନିବାର ଅପରାହ୍ନରେ ଶେଷ ହୋଇଥିଲା। ଅଭିଯୋଗକାରୀ ପଞ୍ଜିକରଣପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ଏବଂ ଅଭିଯୋଗପତ୍ର ସହିତ ପ୍ରକୋଷ୍ଠରେ ଉପସ୍ଥିତ ରହି ଅଭିଯୋଗ ଜଣାଇବା ପାଇଁ କୁହାଯାଇଛି।

### ଅଙ୍ଗନବାଡି କେନ୍ଦ୍ର ପାଇଁ ବଢ଼ିଲା ଅଣ୍ଡା ଦର

ଭୁବନେଶ୍ୱର, ୨।୩ (ଭାସ୍କର ନ୍ୟୁଜ): ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଦିଆଯାଉଥିବା ଅଣ୍ଡା ଦାମ ବଢ଼ିଲା। ୫ ଟଙ୍କାରୁ ୭ ଟଙ୍କାକୁ ବୃଦ୍ଧି ହୋଇଛି ଅଣ୍ଡାର ମୂଲ୍ୟ। ଶିଶୁମାନଙ୍କ ପୋଷଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଦିଆଯାଉଥିବା ଅଣ୍ଡାର ମୂଲ୍ୟ ୨ ଟଙ୍କା ବଢାଇଛନ୍ତି। ଏ ବାବଦରେ ରାଜ୍ୟ ସରକାର ବର୍ଷକୁ ଅଧିକ ୧୭୫.୧୪ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସରକାର ଦେଉଥିବା ଅର୍ଥରେ ଆବଶ୍ୟକ ଅଣ୍ଡା ଦେବା ସମ୍ଭବ ହେଉନଥିବା କର୍ମୀମାନେ ଅଭିଯୋଗ କରିଥିଲେ। ତେଣୁ ଅଣ୍ଡାର ମୂଲ୍ୟ ବୃଦ୍ଧି ଲାଗି ଦୀର୍ଘ ଦିନ ହେଲା ଦାବି ହୋଇଆସୁଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଏହି ସମସ୍ୟାକୁ ସ୍ୱୀକାର କରିଥିଲେ। ବଜାରରେ ଅଣ୍ଡା ଗୋଟେର ଦାମ୍ ୮ ଟଙ୍କା ଥିବାବେଳେ ସରକାର ଦେଉଥିଲେ ୫ଟଙ୍କା। ଏହି କାରଣରୁ ● ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୭୩,୧୯୮.୧୦
ସର୍ବାଧିକ: ୩୬.୧ ଡିଗ୍ରୀ
ସର୍ବନିମ୍ନ: ୨୨.୨ ଡିଗ୍ରୀ

**୨।୩।୨୦୨୫ ର ମତାମତ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିରେ ବିଳମ୍ବ ଠିକ୍ କି?

| ହଁ | ନା |
| --- | --- |
| ୩୫% | ୬୫% |

**ଆଜିର ପ୍ରସଙ୍ଗ**

ଅଭିଯୋଗର ସମାଧାନ କରୁନଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

# ୩୧ ମାର୍ଚ୍ଚ ସୁଭଦ୍ରା ଆବେଦନର ଶେଷ ତାରିଖ

## ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ଏକକାଳୀନ ୩ଟି କିସ୍ତି




ଭୁବନେଶ୍ୱର, ୨।୩ (ଭାସ୍କର ନ୍ୟୁଜ୍): ୩୧ ମାର୍ଚ୍ଚ ସୁଭଦ୍ରା ଆବେଦନର ଶେଷ ତାରିଖ। ଏ ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ୩୧ ତାରିଖ ଭିତରେ ଯେଉଁମାନେ ଆବେଦନ କରିଥିବେ, ସେମାନେ ଏକକାଳୀନ ପାଇବେ। ରାକ୍ଷୀ ପୂର୍ଣ୍ଣିମାରେ ଏକକାଳୀନ ୩ଟି କିସ୍ତିରେ ଟଙ୍କା ପାଇବେ। ଏବେ ସୁଭଦ୍ରା ମ୍ୟାଜିକ୍ ନମ୍ବର କୋଟିଏରୁ ଊର୍ଦ୍ଧ୍ୱ ଛୁଇଁଛି। ୮ ମାସରେ ଗୋଟିଏ ଯୋଜନା ହୋଇ କୋଟିଏଙ୍କୁ ସୁଭଦ୍ରା ମିଳିବା ଇତିହାସ। ସେପଟେ ମାର୍ଚ୍ଚ ୬ରେ ମହିଳାଙ୍କୁ ମିଳିବ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା। ପଞ୍ଚମ କିସ୍ତିରେ ୧ ଲକ୍ଷ ୭୦ ହଜାର ମହିଳା ଟଙ୍କା ପାଇବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହାର ଦିନକ ପରେ ଅର୍ଥାତ୍ ମାର୍ଚ୍ଚ ୮ ତାରିଖରେ ଏକ କୋଟି ମହିଳାଙ୍କୁ ଦ୍ୱିତୀୟ କିସ୍ତି ମିଳିବ। ପ୍ରଥମ ପର୍ଯ୍ୟାୟର ୪ଟି କିସ୍ତିରେ ପ୍ରାୟ ୯୭ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରି ୫ହଜାର ଟଙ୍କା ଲେଖାଏଁ ଦିଆଯାଇଛି। ଏନ୍‌ପିସିଆର ଠିକ୍ ହୋଇଥିବାରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପୁଣି ସୁଭଦ୍ରା ଯୋଜନାରେ ସାମିଲ କରି କୋଟିଏ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟର କିସ୍ତି ଟଙ୍କା ଦିଆଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଯୋଜନା ହେଉଛି ରାଜ୍ୟ ସରକାରଙ୍କ ଏକ ମହତ୍ୱକାଂକ୍ଷୀ ଯୋଜନା। ଏହାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଯୋଜନାରେ ରାଜ୍ୟ ସରକାର ଏକକୋଟି ମହିଳାଙ୍କୁ ସାମିଲ କରିବାର ଯୋଜନା ରଖିଛନ୍ତି।

## ନୌ ପରିବହନରେ ଓଡ଼ିଶା ପାଇଁ ବଡ଼ ସୁଯୋଗ

# ବନ୍ଦର ଭିତ୍ତିକ ଅଭିବୃଦ୍ଧିର ସମ୍ଭାବନା



ଭୁବନେଶ୍ୱର, ୨।୩(ଭାସ୍କର ନ୍ୟୁଜ): ଏବେ ରାଜ୍ୟର ବନ୍ଦର କ୍ଷେତ୍ରକୁ ବିକଶିତ କରିବା ଲାଗି ରାଜ୍ୟ ସରକାର ନୂଆ ରୋଡମ୍ୟାପ୍ ଉପରେ କାର୍ଯ୍ୟ କରୁଛନ୍ତି। ଏଥର ରାଜ୍ୟ ବଜେଟ୍‌ରେ ବନ୍ଦର ବିକାଶ ଲାଗି ୭ଶହ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଭଳି ସ୍ଥିତିରେ ନୌପରିବହନ କ୍ଷେତ୍ରରେ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଲାଗି ରାଜ୍ୟ ଦ୍ୱାର ପାଲଟିବାର ଢେର ସମ୍ଭାବନା ରଖିଛି, ଯାହା ବନ୍ଦରଭିତ୍ତିକ ବିକାଶ କ୍ଷେତ୍ରରେ ରାଜ୍ୟଲାଗି ନୂଆ ସୁଯୋଗ ଆଣିବ ବୋଲି ଆଶା କରାଯାଉଛି। ରାଜ୍ୟର ଇଞ୍ଚୁଡ଼ି ଏବଂ ବାହୁଦାରେ ନୂଆ ବନ୍ଦର ହେବାକୁ ଯାଉଛି। ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଛି। ସୁବର୍ଣ୍ଣରେଖା ବନ୍ଦର ମଧ୍ୟ ଏକ ପ୍ରମୁଖ ବନ୍ଦର ଭାବେ ଉଭା ହୋଇଛି। ଏହାକୁ ଦେଖିଲେ ଏହି ବନ୍ଦରଗୁଡ଼ିକ ରାଜ୍ୟର ରପ୍ତାନୀ ଏବଂ ଆମଦାନି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଅନୁମାନ କରାଯାଉଛି। ଓଡ଼ିଶାର ବନ୍ଦରଗୁଡ଼ିକରୁ ଚୀନ୍, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଦକ୍ଷିଣକୋରିଆ ଏବଂ ଜାପାନ ଭଳି ଦେଶଗୁଡ଼ିକ ସହ କାରବାରକୁ ଆହୁରି ଦୃଢୀକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଇଣ୍ଟରନ୍ୟାସନାଲ ଟ୍ରେଡ ସେଣ୍ଟରର ତଥ୍ୟ ମୁତାବକ ୨୦୨୩-୨୪ରେ ପୂର୍ବ, ଦକ୍ଷିଣ ଏସିଆ ଏବଂ ପାସିଫିକ୍ ଅଞ୍ଚଳ ସହ ଦେଶର ମୋଟ କାରବାର ୩୩୬ ବିଲିୟନ ଡଲାର ରହିଛି। ଏହା ମଧ୍ୟରେ ରପ୍ତାନୀ ୧୦୮.୩ ବିଲିୟନ ଡଲାର ଏବଂ ଆମଦାନି ୨୫୪.୬ ବିଲିୟନ ଡଲାର। ରାଜ୍ୟର ପାରାଦୀପ ବନ୍ଦରରୁ ପାମ୍ ଅଏଲ, ଫ୍ରାକ୍ସନ, ଲୌହ, ଇସ୍ପାତ, ଷ୍ଟେନଲେସ୍, ଆଲୁମିନିୟମ ଅକ୍ସାଇଡ୍ ଆଦି ଆମଦାନି ରପ୍ତାନୀ ହେଉଛି। ପାରାଦୀପ ରାଜ୍ୟର ଏକମାତ୍ର ପ୍ରମୁଖ ବନ୍ଦର। ସାରା ଦେଶରେ ଏହା ଅଷ୍ଟମ ବୃହତ ବନ୍ଦର ହୋଇଥିବାବେଳେ ପୂର୍ବତଟର ପ୍ରମୁଖ ବନ୍ଦର ଭାବେ ଉଭା ହୋଇଛି।

## ଓଡ଼ିଶା ବିକାଶରେ ବିପର୍ଯ୍ୟୟ କଣ୍ଟା

# ବ୍ୟୟ ହେଉଛି ହଜାର ହଜାର କୋଟି



| ବର୍ଷ | ବିପର୍ଯ୍ୟୟ | କ୍ଷତି (କୋଟିରେ) | ଖର୍ଚ୍ଚ (କୋଟିରେ |
| --- | --- | --- | --- |
| ୨୦୧୭-୧୮ | ମରୁଡ଼ି ଓ ଅଦିନିଆ ବର୍ଷା | ୧୩୪୩.୨୫ | ୬୨୪.୮୧ |
| ୨୦୧୮-୧୯ | ବାତ୍ୟା,ବନ୍ୟା, ମରୁଡ଼ି | ୪୦୦୮.୨୫ | ୧୮୩୧.୬୦ |
| ୨୦୧୯-୨୦ | ବାତ୍ୟା | ୮୬୩୫.୦୧ | ୩୭୦୮.୮୫ |
| ୨୦୨୦-୨୧ | ବାତ୍ୟା | ୨୫୪.୨୬ | ୧୭୭.୨୦ |
| ୨୦୨୧-୨୨ | ବାତ୍ୟା | ୧୨୩୫.୪୭ | ୮୯୫.୯୭ |
| ୨୦୨୨-୨୩ | ବନ୍ୟା | ୫୯୧.୫୭ | ୩୮୦.୬୯ |
| ୨୦୨୩-୨୪ | ବନ୍ୟା ଓ ପ୍ରବଳ ବର୍ଷା | ୮୧.୨୬ | ୨୧.୪୫ |
| ୨୦୨୪-୨୫ | ବାତ୍ୟା ଓ ଅଦିନିଆ ବର୍ଷା | ୧୦୧୬.୮୯ | ୭୦୯.୨୩ |
| ମୋଟ | | ୧୭,୧୬୬.୪୩ | ୮,୩୪୯.୮୦ |

ଭୁବନେଶ୍ୱର, ୨।୩(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବା ଓଡ଼ିଶାପାଇଁ କିଛି ନୂଆକଥା ନୁହେଁ। ରାଜ୍ୟ ସରକାର ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଉଛନ୍ତି, ଏଥିରେ ଅନେକ ମାତ୍ରାରେ ସଫ ମଧ୍ୟ ହେଉଛନ୍ତି। ହେଲେ ଏହି ପ୍ରାକୃତିକ ବିପର୍ଯ୍ୟର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହାସହ ପ୍ରାକୃତିକ ବିପର୍ଯ୍ୟରେ ମୋଟ ଜିଡିପିର ୧.୮ ପ୍ରତିଶତ ରାଜ୍ୟ ସରକାର ହରାଉଛନ୍ତି। ତେବେ ଓଡ଼ିଶାକୁ ପ୍ରତିବର୍ଷ ଅନିମନ୍ତ୍ରିତ ଭାବେ ଅତିଥିଭାବେ ଆସୁଥିବା ଏହି ସଂକଟ ପାଇଁ ରାଜ୍ୟ ସରକାର ପାଖାପାଖି ୮ହଜାର ୩୪୯ କୋଟି ୮୦ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିପରି ଆନୁମାନିକ ୨୫,୫୦୦ କୋଟି ଟଙ୍କା ହରାଉଛନ୍ତି। ଅର୍ଥାତ୍ ରାଜ୍ୟ ସରକାର କେବଳ ପ୍ରାକୃତିକ ବିପର୍ଯ୍ୟୟରେ ମୋଟ ଜିଡିପିର ୧.୮ ପ୍ରତିଶତ ହରାଉଥିବାବେଳେ ବାସ୍ତବ କ୍ଷେତ୍ରରେ ପ୍ରାକୃତିକ ଦୁର୍ବିପାକ ଜନିତ ସଂକଟରୁ ଆହୁରି ଅନେକ କ୍ଷତି ଘଟୁଥିବା କୁହାଯାଉଛି। ଏହି ବିପର୍ଯ୍ୟୟରେ ଜୀବନ ଓ ସମ୍ପତ୍ତି ହାନି ସହ ଫସଲହାନି ଘଟୁଛି। ଭୂପୃଷ୍ଠ ଜଳସ୍ତର ହ୍ରାସ ପାଉଛି। ମଧୁର ଜଳ ନିମ୍ନଗାମୀ ● ପୃଷ୍ଠା ୫ ଦେଖନ୍ତୁ



## ଅଭିଯୋଗ ସମାଧାନରେ ବିଳମ୍ବ

# ୪୮ ଅଧିକାରୀଙ୍କ ଦରମା ବନ୍ଦ

କଟକ, ୨।୩(ଭାସ୍କର ନ୍ୟୁଜ): ବାବୁମାନଙ୍କ ଦରମାରେ ରୋକ୍। କଟକ ଜିଲ୍ଲାର ୪୮ଜଣ ସରକାରୀ ଅଧିକାରୀଙ୍କ ଫେବୃଆରୀ ମାସ ଦରମା ଉପରେ ରୋକ୍ ଲଗାଇଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗ ସମାଧାନରେ ବିଳମ୍ବ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଠଗଡ଼, ବାଙ୍କୀ, ବଡ଼ମ୍ବା, କଟକ ସଦର, ମାହାଙ୍ଗା, ନରସିଂହପୁର, ନିଶ୍ଚିନ୍ତକୋଇଲି, ସାଲେପୁର, ଟାଙ୍ଗୀଚୌଦ୍ୱାର ଓ ତିଗିରିଆ ବ୍ଲକ ବିଡିଓଙ୍କ ସହ ବାଙ୍କୀ, ବାରଙ୍ଗ, କଣ୍ଟାପଡ଼ା, ମାହାଙ୍ଗା, ନିଆଳି ଓ ଟାଙ୍ଗୀଚୌଦ୍ୱାର ତହସିଲଦାରଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏଥିପାଇଁ ଟ୍ରେଜେରୀକୁ ମଧ୍ୟ ଜିଲ୍ଲାପାଳ ଚିଠି ଲେଖି ଅବଗତ କରାଇଛନ୍ତି। ସେହିଭଳି ସିଏସ୍‌ଓ କଟକ, ଡିସିପିଓ, ଓମଫେଡ ଏମ୍‌ଡି, ଇଡକୋ ଜିଏମ୍, କଟକ ଡିଆଇସି, ଡିଆଇପିଆରଓ, ଡିଆରସିଏସ୍ କଟକ, ଆଠଗଡ଼ ଏନଏସି ଓ ଚୌଦ୍ୱାର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଆରଡବ୍ଲୁଏସଏସ କଟକ, ସେଟଲମେଣ୍ଟ ଅଫିସର କଟକ, ଉପଜିଲ୍ଲାପାଳ ବାଙ୍କୀ ପ୍ରଭୃତି ଅଧିକାରୀଙ୍କ ଫେବୃଆରୀମାସ ଦରମାରେ ରୋକ୍ ଲଗାଇଛନ୍ତି ଜିଲ୍ଲାପାଳ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ବିଭିନ୍ନ ଅଧିକାରୀଙ୍କ ନିକଟକୁ ପଠାଯାଉଥିବା ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରାଯାଉନଥିବାରୁ ଏ ନେଇ କେତେକ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ଅଧିକାରୀମାନଙ୍କ ଉପରେ ଏପରି ଲଗାମ ଲାଗିବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



କେଜାଣି କେଉଁଠି ଅଟକିଛି କାମ
ଘୋଷଣା ହେଉନି ନାମ,
ସଭାପତି କିଏ ହେଉଛି କେଜାଣି
ଅନେକ ତ ହମହମ ।
ଅର୍ଜୁନ, ନକୁଳ, ଭୀମ
ଯୁଧିଷ୍ଠିର ଆଉ ବୀର ସହଦେବ
ଦେଖାଇବେ ପରାକ୍ରମ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ): କଣ୍ଟାବାଞ୍ଜି ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ହରିଭବନ ଠାରେ କିୟୋରବେ ଇ- କ୍ଲିନିକ୍ ମିଳିତ ଉଦ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ସମ୍ମାନୀତ ଅତିଥି ଭାବେ ଅଗ୍ରୱାଲା ସଭା ଟ୍ରଷ୍ଟ ସମ୍ପାଦକ ସନ୍ତୋଷ ଅଗ୍ରୱାଲ, ସାମ୍ବାଦିକ ସଂଘର ପୂର୍ବତନ ସଭାପତି ତଥା ପ୍ରେସ କ୍ଲବର ପରାମର୍ଶଦାତା ବରିଷ୍ଠ ସାମ୍ବାଦିକ ସୁବାଷ ବେହେରା, ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ସମ୍ପାଦକ ସୁରଦାସ ବାଗ, କ୍ଲିନିକ ଅପରେସନ ମ୍ୟାନେଜର ଚିନ୍ମୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରେସ କ୍ଲବ ପରାମର୍ଶଦାତା ଆଶିଷ ଖଇତାନ ମଞ୍ଚ ପରିଚାଳନା କରିଥିଲେ। ସବୁ ସମୟରେ ପ୍ରେସ କ୍ଲବ ସ୍ୱାସ୍ଥ୍ୟ ଉପରେ କିଛି ନା କିଛି କାର୍ଯ୍ୟକ୍ରମ କରିଆସୁଛି। ତେବେ ଆଜିର ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯେଉ ପରୀକ୍ଷା ପାଇଁ ଲୋକଙ୍କୁ ମୋଟା ଅଙ୍କର ଟଙ୍କା ଦେବାକୁ ପଡିଥାଏ। ଏଠି କମ ମୂଲ୍ୟରେ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ହିଁ ସମ୍ପଦ ତେଣୁ ଆମ ସ୍ୱାସ୍ଥ୍ୟ ପ୍ରତି କିମିତି ସଚେତନ ଏବଂ ଯତ୍ନବାନ ହେବୁ ସେନେଇ ଏହି କାର୍ଯ୍ୟକ୍ରମ କରାଯାଉଥିବାରୁ ବ୍ଲକ ଅଧକ୍ଷ ଶ୍ରୀ ମେହେର ପ୍ରେସ କ୍ଲବ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତେବେ ଆଜିର କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ଅଫିସ ସଂପାଦକ ବିଶିକେଶନ ମାଝୀ, ପରାମର୍ଶଦାତା ଦୁର୍ଗାପ୍ରସାଦ ଗୁପ୍ତା, ଆଇନ ପରାମର୍ଶଦାତା ବିବେକ ଶର୍ମା, ସଦସ୍ୟ ଶୈଲୁ ଜୈନ, କମଲ ଅଗ୍ରୱାଲ, ଅମରେଶ ମାଝୀ ଉପସ୍ଥିତ ଥିଲେ।



# ବେଆଇନ ପଥର କୋଇଲା ଚାଲାଣବେଳେ ଟ୍ରକ୍ ଓ ଟ୍ରାକ୍ଟର ଜବତ, ୫ ଗିରଫ

ଭଞ୍ଜନଗର(ଭାସ୍କର ନ୍ୟୁଜ): କୌଣସି କାଗଜପତ୍ର ନଥାଇ ବେଆଇନ ଭାବେ ପଥର କୋଇଲା ଚାଲାଣ କରୁଥିବା ଅଭିଯୋଗରେ ଭଞ୍ଜନଗର ପୋଲିସ କୋଇଲା ବୋଝେଇ ଏକ ଟ୍ରକ୍ ଓ ଟ୍ରାକ୍ଟର କୁ ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ୫ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ସୂଚନା ପ୍ରକାରେ ଜି.ଉଦୟଗିରି ର ଅଜିତ କୁମାର ସାହୁ, ପାଟୁଳିସାହିର କାହ୍ନୁ ବେହେରା, ଭଞ୍ଜନଗର ଲଣ୍ଡେଇ ସାହିର ସୁରେଶ କୁମାର ସ୍ୱାଇଁ, ବେଡିଗୁଡା ଗ୍ରାମର ବନବାସୀ ସ୍ୱାଇଁ ଓ ରାଜକୁଣ୍ଡପଲ୍ଲୀର ବୁଲୁ ନାଇକ ଏକ ଟ୍ରକ୍




(ଓଡି ୦୭ ଏଚ୍ ୪୫୧୩) ଓ ଏକ ଟ୍ରାକ୍ଟର (ଓଡି ୩୨ ଏଚ୍ ୦୧୮୮) ରେ ୧୬ କୁଇଁଣ୍ଟାଲ ପଥର କୋଇଲା ବେଆଇନ ଭାବେ ଚାଲାଣ କରୁଥିବା ବେଳେ ପୋଲିସ ସନ୍ଦେହରେ ଏହି ୨ ଟି ଗାଡ଼ିକୁ ଅଟକାଇ ତାର କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲା। ହେଲେ ସଂପୃକ୍ତ ଅଭିଯୁକ୍ତମାନଙ୍କ ପାଖରେ ଏହି କୋଇଲା ଚାଲଣ ନେଇ କିଛି ବି କାଗଜପତ୍ର ନଥିବା ଜାଣିବା ପରେ ପଥର କୋଇଲା ବୋଝେଇ ୨ ଟ୍ରକ୍ ଓ ଟ୍ରାକ୍ଟର କୁ ଜବତ କରିବା ସହ ସମସ୍ତ ଉପରୋକ୍ତ ୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜେନାଙ୍କ ସୂତ୍ରରୁ ଜଣାପଡିଛି।

## ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ୫୩ ନମ୍ବର ଜାତୀୟରାଜପଥର ଚଣ୍ଡିଖୋଲ କୋର୍ଟ ସମ୍ମୁଖରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଯୁବକ ଜଣକ ହେଲେ ବଡଚଣା ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥ୍ ପୁର ଗ୍ରାମର ଦୀପ୍ତିମୟ ସାମଲ (ଦିପୁ)୪୦। ଦିପୁ ନିଜ ବାଇକ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ଏକ ୧୪ଚକିଆ ଟ୍ରକ ତାଙ୍କ ବାଇକ୍ କୁ ଧକ୍କା ଦେଇଥିଲା। ଦିପୁ ଗୁରୁତର ଅବସ୍ଥାରେ ବଡଚଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆ ଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦିପୁ ପରିବାରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଏପରି ଅକାଳ ବିୟୋଗରେ ସାରା ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଉତ୍କଳ ସମ୍ମିଳନୀ କେନ୍ଦୁଝର ଶାଖା ସ୍ୱତନ୍ତ୍ର ଅଧିବେଶନ



କେନ୍ଦୁଝର(ଭାସ୍କର ନ୍ୟୁଜ): ଉତ୍କଳ ସମ୍ମିଳନୀ କେନ୍ଦୁଝର ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ ଶାଖା ସଭାପତି ଡକ୍ଟର ବିଦ୍ୟାଧର ବେହେରାଙ୍କ ସଭାପତିତ୍ୱ ରେ ମିଳନୀ ସାହିତ୍ୟ ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ କମିଟିର କୋଷାଧକ୍ଷ ଭୀମସେନ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ସଂପ୍ରତି ଉତ୍କଳ ସମ୍ମିଳନୀର ଆଭିମୁଖ୍ୟ ତଥା ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷାରେ ଶିକ୍ଷା ପ୍ରସାର ଉପରେ ମୁଖ୍ୟ ଅତିଥି ଗୁରୁତ୍ୱ ଦେଇଥିଲେ। ମିଳନୀ ସାହିତ୍ୟ ସଂସଦର ସଭାପତି ତଥା ଉତ୍କଳ ସମ୍ମିଳନୀର ସଦସ୍ୟ ଦେବାଶିଷ ଚକ୍ରବର୍ତ୍ତୀ କେନ୍ଦ୍ରୀୟ କମିଟିର ସାଂପ୍ରତିକ ସ୍ଥିତି ସମ୍ପର୍କରେ ମତାମତ ଦେଇଥିବାବେଳେ କେନ୍ଦୁଝର ଶାଖାର ଉପସଭାପତି ଡକ୍ଟର ଚିତ୍ତ ମିଶ୍ର ଜିଲା ଶାଖା ଗୁଡିକୁ ସକ୍ରିୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଶାଖାର ସମ୍ପାଦକ ବିରଜା ମିଶ୍ର ସମସ୍ତଙ୍କୁ ସ୍ୱାଗତ କରି ଉତ୍କଳ ସମ୍ମିଳନୀର ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପ୍ରତି ଦାୟିତ୍ୱ ଉପରେ ମତାମତ ଦେଇଥିଲେ। ମହିଳା ଲେଖିକା ସଂସଦର ସମ୍ପାଦିକା ଇନ୍ଦୁମତୀ ପାତ୍ର, ଡକ୍ଟର ବିପିନ ବିହାରୀ ମହାପାତ୍ର, କବି ଚିନ୍ତାମଣି ମହାଳିକ, ଆର୍ଯ୍ୟବାଳା ମହାପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି, ବୀଣାପାଣି ଜେନା, ମନ୍ଦାକିନୀ କର, ଦେବଦର୍ଶନ ଦାଶ, ବସନ୍ତ କୁମାର ରାଉତ, ଭରତ ଚନ୍ଦ୍ର ପାତ୍ର,ଯୋଗେନ୍ଦ୍ର ସାହୁ ପ୍ରମୁଖ ନିଜନିଜର ମତାମତ ପ୍ରଦାନ କରି ଜିଲାସ୍ତରୀୟ କମିଟିର କାର୍ଯ୍ୟକ୍ରମକୁ ପ୍ରସାରିତ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିଶେଷରେ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଟ୍ରିକ ପରୀକ୍ଷା ସାଧାରଣ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି

ବୋଲଗଡ(ଭାସ୍କର ନ୍ୟୁଜ୍): ଚଳିତ ମେଟ୍ରିକ ପରୀକ୍ଷାରେ ଶନିବାର ଦିନ ସାଧାରଣ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଛି ।ଏ, ବି, ସି,ଡି ନାମକ ଚାରୋଟି ସେଟର ପ୍ରଶ୍ନ ପତ୍ର ମଧ୍ୟରୁ କେବଳ ସି ସେଟରେ ଏହି ଭୁଲ ଦେଖିବାକୁ ମିଳିଛି। ସି ସେଟରେ ମୋଟ ୫୦ ନମ୍ବର ପରିବର୍ତ୍ତେ ୪୬ ନମ୍ବରର ପ୍ରଶ୍ନ ରହିଛି । ଜୀବ ବିଜ୍ଞାନରେ ୨୫ ଓ ଭୌତିକ ବିଜ୍ଞାନରେ ୨୫ ନମ୍ବର ବିଶିଷ୍ଟ ପ୍ରଶ୍ନ ରହିବା କଥା। ଭୌତିକ ବିଜ୍ଞାନରେ ମାତ୍ର ୨୧ ନମ୍ବରର ପ୍ରଶ୍ନ ରହିଛି। ଉକ୍ତ ସି ସେଟର ନଅ ପୃଷ୍ଠାରେ ଥିବା ୩(ସ) ନମ୍ବର ପରେ ୩(ସସ) ପ୍ରଶ୍ନଟି ମୁଦ୍ରିତ ହୋଇନାହିଁ ଯାହାର ମୂଲ୍ୟ ୪ ନମ୍ବର ।ଏଥିପାଇଁ ସି ସେଟ ପ୍ରଶ୍ନ ପତ୍ରରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନଙ୍କୁ ୪ ନମ୍ବର ଗ୍ରେସ ଦେବା ଏବଂ ଭବିଷ୍ୟତରେ ବୋର୍ଡ କର୍ତ୍ତୃପକ୍ଷ ଏତାଦୃଶ ତ୍ରୁଟି ନ ହେବା ନିମିତ୍ତ ଦୃଷ୍ଟି ଦେବାକୁ ସଂପୃକ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଦାବି ଜଣାଇଛନ୍ତି ।

## ପରିବେଶ ସୁରକ୍ଷା ସଚେତନତା ଶିବିର ପାଇଁ ପ୍ରସ୍ତୁତି ବୈଠକ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ସ୍ଥିତ ସାନପଦର ଗ୍ରାମପଞ୍ଚାୟତ ଅଧିନସ୍ଥ ରାସୋଳ ଗ୍ରାମରେ ମା' କୁଣ୍ଡାଖାଇଙ୍କ ପୀଠରେ ଯୁବ ସମାଜ ସେବୀ ସତ୍ୟନାରାୟଣ ବାରିକଙ୍କ ଆବାହକତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପରିବେଶ ସୁରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ସହିତ ଗ୍ରାମ ଓ ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସଭାରେ ସାନପଦର ଗ୍ରାମପଞ୍ଚାୟତର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଯୋଗ ଦେଇଥିଲେ, ୱାର୍ଡ ସଭ୍ୟ ବାଳକୃଷ୍ଣ ସାହୁ, ନାଏବ ସରପଞ୍ଚଙ୍କ ପ୍ରତିନିଧି ତଥା ରାସୋଳ ଗ୍ରାମ କମିଟିର ସଭାପତି ପ୍ରଦୀପ କୁମାର ପାଲଟାସିଂହ, ମା କୁଣ୍ଡାଖାଇ ସେବା ସଂଘର ସଭାପତି ପ୍ରକାଶ ଚନ୍ଦ୍ର ନାୟକଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସରପଞ୍ଚ ଯୁବ ସମାଜ ସେବୀ ସତ୍ୟନାରାୟଣ ବାରିକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପାହାଡ଼ରେ ବୃକ୍ଷରୋପଣ, ରାସ୍ତାକଡ଼ରେ ବୃକ୍ଷରୋପଣ, କୋଭିଡ ସମୟରେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ, ଗ୍ରାମ ମନ୍ଦିର, ପୋଖରୀ ସଫା କାର୍ଯ୍ୟକୁ ସରପଞ୍ଚ ଶ୍ରୀ ସ୍ୱାଇଁ ପ୍ରଶଂସା କରି ଧନ୍ୟବାଦ ଅର୍ପଣ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଆମ ପଂଚାୟତ ପାଇଁ ଗୌରବ ବିଷୟ ବୋଲି କହି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିତ୍ତିଭୂମି ଅଛି, ପ୍ରୋତ୍ସାହନ ନାହିଁ

- ଦେଶୀମାଛ ଚାହିଦା ପୂରଣ ହେଉନି, ଆନ୍ଧ୍ର ଭରସା
- ଲୁଣିମାଛ ଠାରୁ ଲୋକେ ଅଧିକ ଭରସା କରୁଛନ୍ତି ମଧୁରଜଳ ମାଛ ଉପରେ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗରେ ମଧୁର ମାଛ ଚାହିଦା ବଢ଼ି ଚାଲିଥିବା ବେଳେ ଏହାର ଚାହିଦା ମେଣ୍ଟାଇବାକୁ ଏ ଯାଏଁ ସରକାରୀ ସ୍ତରରେ ସେଭଳି ଉଦ୍ୟମ କରାଯାଇନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପଖଣ୍ଡ ଗ୍ରାମାଞ୍ଚଳରେ ଏବେ ବି ଲୋକମାନେ ଆନ୍ଧ୍ରମାଛ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଦେଶରେ ମାଛର ଚାହିଦା ପୂରଣ ପାଇଁ ମାଛଚାଷକୁ କୃଷି ମାନ୍ୟତା ମିଳିଥିଲେ ମଧ ପ୍ରୋତ୍ସାହନ ଅଭାବରୁ ଭିତ୍ତିଭୂମି ଥାଇ ମଧ ମାଛ ଚାଷ ବଢ଼ି ପାରୁନି। ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟରେ ଥିବା ସାମୁଦ୍ରିକ ବେଳାଭୂମି ଥିବା ଯୋଗୁଁ ସି -ଫୁଡ ବା ସମୁଦ୍ର ମାଛ ଏଠାରୁ ପର୍ଯ୍ୟାପ୍ତ ପରିମାଣ ଧରାହେଉଛି। ସମୁଦ୍ର ମାଛ ସହ ଆନ୍ଧ୍ରରୁ ଆସୁଥିବା ମାଛ ବ୍ୟବସାୟୀ କିଣି ଗ୍ରାହକଙ୍କୁ ଗାଁ ପୋଖରୀର ଲୋକାଲ ପୋଖରୀ ମଧୁର ଜଳ ମାଛ ଦର୍ଶାଇ ଚଢା ଦରରେ ବିକୁଥିବା ଏବେ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ପୁରୀ ଜିଲ୍ଲାରେ ବାର୍ଷିକ ୧ଲକ୍ଷ ମେଟ୍ରିକ ଟନ ମାଛ ଆବଶ୍ୟକତା ଥିବାବେଳେ ଏହାର ମାତ୍ର ଏକ ତୃତୀୟାଂଶ ମଧୁର ଦେଶୀ ମାଛ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଛକ



ବଜାରରେ ଉପଲବ୍ଧ ହେଉଛି। ନିଅଣ୍ଟ ଭରଣା ପାଇଁ ଆନ୍ଧ୍ର ଭରସା। ଫଳରେ ମଧୁର ପୋଖରୀ ଓ ଗାଁ ଲୋକାଲ ପୋଖରୀ ମାଛ ନାଁରେ ଗ୍ରାହକ ଆନ୍ଧ୍ର ମାଛ କିଣିବା ସାର ହେଉଛି। ଅଧିକାଂଶ ସମୟରେ ଆନ୍ଧ୍ର ପ୍ରଦେଶର ବରଫ ଦିଆ ମାଛକୁ ଫ୍ରେସ ମାଛ କହି ଲୋକଙ୍କୁ ଲୁଟୁଛନ୍ତି ବେପାରୀ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମାଛ ଚାଷ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ମିଶନ, ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ଓ କର୍ମସିଆଲ ଆଗ୍ରୋ ଏଣ୍ଟରପ୍ରାଇଜ୍ ଯୋଜନା ମାଧ୍ୟମରେ ନୂତନ ପୋଖରୀ ଖନନ, ପୁରାତନ ପୋଖରୀ ପୁନଃଉଦ୍ଧାର ନିମନ୍ତେ ଗତବର୍ଷ ଅନେକ ପ୍ରକଳ୍ପ ହାତକୁ ନିଆଯାଇଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତରେ ତାଳଦା ଅଞ୍ଚଳରେ ମଧୁରମାଛ ଚାଷ କରି ଜୀବିକା ଉପାର୍ଜନ ପାଇଁ ସୋସାଇଟି ମାଧ୍ୟମରେ ମାଛଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ବଡ଼ ଯାଆଁଳ ବା ସମ୍ବଧୀୟ ଜ୍ଞାନ ଅର୍ଜନ ନିମନ୍ତେ ଭ୍ରମଣ ଶିକ୍ଷା ନାଁରେ ଅନେକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅସ୍ତରଙ୍ଗ ଅଞ୍ଚଳରେ ମାଛ ଚାହିଦା ପୂରଣ ପାଇଁ ବିଭାଗ ସେଭଳି ସକ୍ଷମ ହେଉନାହିଁ। ପ୍ରତିବର୍ଷ ଅନେକ ପୋଖରୀ ଖୋଳା ଯାଉଥିଲେ ମଧ ସେଗୁଡିକର ମାଲିକାନା ସଠିକ ରହୁନଥିବାରୁ ମାଛ ଚାଷୀ ବ୍ୟାଙ୍କ ଋଣ ପାଇବାରେ ଅସୁବିଧା ହେଉଛି। ତେଣୁ ମାଛ ଚାଷ ପ୍ରତି ଆଗ୍ରହୀ ଯୁବକମାନଙ୍କୁ ଟ୍ରେନିଂ ଦିଆଯାଇ ପାରିଲେ ଅନେକାଂଶରେ ମାଛଚାଷ ବୃଦ୍ଧି ପାଇପାରିବ ବୋଲି ଆଶା କରାଯାଉଛି। ଏହାସହ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ଯୁବ ଚାଷୀ ଏଭଳି ଉଦ୍ୟୋଗରେ ମନୋନିବେଶ କଲେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଯୋଗାଇ ପାରିବେ ବୋଲି ମତ ଦେଇଛନ୍ତି।

# ନିମାପଡ଼ାକୁ ସ୍ୱତନ୍ତ୍ର ଜିଲ୍ଲା ଓ ସବ୍‌ଡିଭିଜନ୍ ମାନ୍ୟତା ପାଇଁ ଦାବି

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ଜିଲ୍ଲାର ମାନ୍ୟତା ପାଇବା ପାଇଁ ଯାଉଥିବାବେଳେ ନିମାପଡ଼ା ଅଂଚଳରେ ସଚେତନ ନାଗରିକ ମାନଙ୍କ ଉଦ୍ୟମ ପାଇଁ ଏହା ସମ୍ଭବପର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନିମାପଡ଼ା ଅଂଚଳର ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ସୁଧୀର ଚରଣ ମହାନ୍ତି, ଆଇନଜୀବୀ ରଂଜିତ ସାହୁ, ନିମାପଡ଼ା ବାର ଆସୋସିଏସନ୍‌ର ପୂର୍ବତନ ସଭାପତି ନିମାପଡ଼ାରେ ରାଜସ୍ୱ ଜିଲ୍ଲା ସବ୍‌ଡିଭିଜନ୍ କରିବା ପାଇଁ ବିଭିନ୍ନସ୍ତରରେ ଦାବୀ କରି ଆସୁଥିଲେ । ୨୦୨୨ ମସିହାରେ ଶ୍ରୀ ମହାନ୍ତିଙ୍କ ସମେତ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓଡ଼ିଶାରେ ଏକ ଜନସ୍ୱାର୍ଥ ମାମଲା ମୋକଦ୍ଦମା ନଂ-୩୩୧୯୩/୨୦୨୨ରେ ଦାଖଲ କରିଥିଲେ । ମାନ୍ୟବର ନ୍ୟାୟାଳୟ ତା.୦୭. ୧୨. ୨୦୨୨ରେ ରାଜ୍ୟ ସରକାରଙ୍କୁ ବିଚାର କରି ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଇଥିବା ନୋଟିସ୍ ମୁତାବକ ସୁଧୀର ମହାନ୍ତି, ଅଶୋକ କୁମାର ନନ୍ଦ, ଅଭୟ ରାଉତ ଲୋକସେବା ଭବନରେ ହାଜର ହୋଇ ନିଜର ମତ ରଖିଥିଲେ । ମାନ୍ୟବର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ଯେତେବେଳେ ନୂଆ ସବ୍‌ଡିଭିଜନ୍ ଗଠନ କରାଯିବ ସେତେବେଳେ ନିମାପଡ଼ାକୁ ଅଗ୍ରାଧିକାର ଦିଆଯିବ । ନିମାପଡ଼ାକୁ ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲ୍ଲା କରିବା ପାଇଁ ସରକାରଙ୍କ ନିକଟରେ ମଧ ନିବେଦନ କରାଯାଇଥିଲା । ନୂତନ ଜିଲ୍ଲା ସଂପର୍କରେ ଘୋଷଣା ପରିପ୍ରେକ୍ଷୀରେ ୧୫ଟି ଜିଲ୍ଲାରୁ ନୂତନ ଜିଲ୍ଲା ସୃଷ୍ଟି କରିବା ପ୍ରସଙ୍ଗରେ ଉତ୍ତର ଦେଇ ମାନଦଣ୍ଡକୁ ବିଚାରକୁ ନେଇ ପ୍ରଚଳିତ ନିୟମ ଧାରାରେ ସରକାରଙ୍କ ନିକଟରେ ବିଚାରାଧୀନ ଥିବା ୨୮ଟି ଦରଖାସ୍ତକୁ ବିଚାର ପାଇଁ ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଥିଲା । ଶ୍ରୀ ମହାନ୍ତି ଏ ସଂପର୍କରେ ସୂଚନା ଆଇନ ମୁତାବକ ପ୍ରଥମ ଅପିଲ୍ କେସ୍ ୧/୨୦୨୪ରେ ଦାଖଲ କରିଥିଲେ। ମାନ୍ୟବର ଅତିରିକ୍ତ ସଚିବ ରଶ୍ମିରେଖା ମିଶ୍ର ୨୮.୦୧. ୨୦୨୫ରେ ନିର୍ଦ୍ଦେଶ ମୁତାବକ ରାଜସ୍ୱ ମନ୍ତ୍ରୀଙ୍କର ବିଧାନସଭାରେ ଦିଆଯାଇଥିବା ୦୭.୦୨. ୨୦୨୪ରେ ଉତ୍ତରର ସମସ୍ତ କାଗଜ ସାର୍ଟିଫାଏଡ୍ ନକଲ ଶ୍ରୀ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ସରକାରଙ୍କ ଏକ ତାଲିକା ସେଥିରେ ସଲଗ୍ନ କରାଯାଇଥିବା ବେଳେ ପୁରୀ ଜିଲ୍ଲାରୁ ଅଲଗା ହୋଇ ନିମାପଡ଼ା ଏକ ସ୍ୱତନ୍ତ୍ର ଜିଲ୍ଲା ହେବା ସଂପର୍କରେ ତଥ୍ୟ ରହିଥିଲା । ନିମାପଡ଼ା ବରିଷ୍ଠ ନାଗରିକ ମଂଚ ତରଫରୁ ସରକାରଙ୍କ ବିଶେଷ ଭାବେ ମାନ୍ୟବର ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ନିବେଦନ କରାଯାଇଅଛି । ନିମାପଡ଼ାକୁ ରାଜସ୍ୱ ଜିଲ୍ଲା ଏବଂ ରାଜସ୍ୱ ସବ୍‌ଡିଭିଜନ୍ ଘୋଷଣା କରିବା ପାଇଁ ମଧ ନିବେଦନ କରାଯାଇଛି ।

# ଓଡ଼ିଶା ସାହିତ୍ୟ ଏକାଡେମୀର ଭଞ୍ଜ ସ୍ମୃତିସଭା




ଭଞ୍ଜନଗର(ଭାସ୍କର ନ୍ୟୁଜ): ଦେବଭୂମି ଭାରତବର୍ଷର ଯେଉଁ କେତୋଟି ସାରସ୍ୱତ ପୀଠ ରହିଛି ତନ୍ମଧ୍ୟରୁ ଓଡ଼ିଶାର ଅନ୍ୟତମ ପ୍ରାଚୀନ ପବିତ୍ର ସାରସ୍ୱତ ପୀଠ ଘୁମୁସର ଅଗ୍ରଗଣ୍ୟ। ଓଡ଼ିଆ ଅସ୍ମିତାକୁ ବାସ୍ତବ ରୂପାୟନ କରିଥିବା ଯୋଗଜନ୍ମା ସାଧକ କବିସମ୍ରାଟ ଙ୍କ ନାମାନୁସାରେ ନାମିତ ଭଞ୍ଜନଗର ସହରର ନାଭି କେନ୍ଦ୍ରରେ ଅବସ୍ଥିତ ନିୟନ୍ତ୍ରିତ ବଜାର କମିଟିର ସଭାକକ୍ଷରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସ୍ମୃତି ସଭା ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସକ୍ରିୟ ସହଯୋଗ କରିଥିଲେ ଭଂଜନଗରସ୍ଥ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ। ସାହିତ୍ୟ ଏକାଡେମୀ ତରଫରୁ ଏହି କାର୍ଯ୍ୟକ୍ରମକୁ ନେଇ ଆସିଥିଲେ ଉପ ସଚିବ ସଂଜୟ କୁମାର ଛୁଆଳ ସିଂ। ତତ୍‌ପରେ ଜଗତର ନାଥ ଜଗନ୍ନାଥଙ୍କୁ ଓ ଉପେନ୍ଦ୍ର ଭଞ୍ଜଙ୍କ ତୈଳ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଓ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ଭଂଜନଗର ମାନ୍ୟବର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟ ବକ୍ତା ଡ଼ଃ ଶାନ୍ତନୁ କୁମାର ରଥ, ବିଶିଷ୍ଟ ଅତିଥି ଡ଼ କମ୍ବୁପାଣି ପାଣି ସାମନ୍ତ, ସମ୍ମାନୀତ ଅତିଥି ଭଂଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ଗୋପବନ୍ଧୁ ମହାପାତ୍ର , ଆଇନଜୀବୀ ସୋମନାଥ ନାୟକ, ସାହିତ୍ୟିକ ସୁରେନ୍ଦ୍ର ନାଥ ଛୋଟରାୟ, ସାହିତ୍ୟ ଏକାଡେମୀ ପ୍ରତିନିଧି ସଂଜୟ କୁମାର ଛୁଆଳ ସିଂ ଓ ଭଞ୍ଜ ଗବେଷକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଓ ଅଧାପକ ଦୁର୍ଗା ମାଧବ ଦାଶ, ରୋଜି ମାଡାମ୍ ଓ ଲୋକନାଥ ମହାନ୍ତିଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିବାବେଳେ ସଭାକାର୍ଯ୍ୟ ସଂଯୋଜନା କରିଥିଲେ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ଓ ଶିକ୍ଷକ ଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ନିଜର ଭଂଜ ସାହିତ୍ୟରେ ଥିବା ପ୍ରବେଶକୁ ଏକ କାବ୍ୟିକ ଝଲକ ମାଧ୍ୟମରେ ଉପସ୍ଥାପନା କରିଥିଲେ ଏବଂ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଜାତିର କର୍ଣ୍ଣଧାର ବୋଲି କହିଥିଲେ । ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ବିଧାୟକ ' ମାଟିର ବରପୁତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବୀରପୁତ୍ର ଚକରା ବିଷୋୟୀଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇବାକୁ ଯଥାସମ୍ଭବ ଉଦ୍ୟମ କରୁଥିବା' ବର୍ଣ୍ଣନା କରିଥିଲେ । ଓଡ଼ିଶାର ସ୍ୱନାମଧନ୍ୟ ପାଲାକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଞ୍ଜ ସାହିତ୍ୟରେ ଜଗନ୍ନାଥଙ୍କ କଥାମୃତ ମାଧ୍ୟମରେ ଓଡ଼ିଆ ଅସ୍ମିତା ଏବଂ ଭଂଜ ସାହିତ୍ୟରେ ଆଧାତ୍ମିକ ଏବଂ ସମାଜ ଚେତନା, ଶବ୍ଦ ଚାତୁରୀ, ରସ ଏବଂ ସୌନ୍ଦର୍ଯ୍ୟବୋଧ , ଓଡ଼ିଆ ଅସ୍ମିତା ଭଂଜ ସାହିତ୍ୟରେ ବାରମ୍ବାର ପ୍ରତିଫଳନର ଦୃଷ୍ଟାନ୍ତ ଦେଇ ଏକ ସାରଗର୍ଭକ, ମାର୍ମିକ ଓ ତାତ୍ତ୍ୱିକ ଆଲୋଚନା କରିଥିଲେ । ସଂସ୍କୃତ ସାହିତ୍ୟ ସହିତ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟର ଉତ୍କର୍ଷ ସହ ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ ସହ ଆଲୋଚନା କରି ଉପସ୍ଥିତ ଜନସାଧାରଣଙ୍କୁ ସ୍ୱକୀୟ ବାଗ୍ମିତାରେ ଅଭିଭୂତ କରିଥିଲେ । ସମ୍ମାନୀତ ଅତିଥି ଡ଼ କମ୍ବୁପାଣି ସାମନ୍ତ ଭଞ୍ଜଙ୍କ କାବ୍ୟରେ ଥିବା ସକାରାତ୍ମକ ଚେତନାର ବହୁ ଦୃଷ୍ଟାନ୍ତ ଦେଇ ଭଞ୍ଜ ସାହିତ୍ୟର ଅଧ୍ୟୟନକାରୀ ଓ ଅନୁଗାମୀ ହେବାପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଶ୍ରୀ ମହାପାତ୍ର ଭଂଜଙ୍କ ଅତୁଳନୀୟ କଳାକୁ ଲୋକପ୍ରିୟ କରିବାରେ ସମସ୍ତେ ହାତ ମିଳାଇ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଦେଇଥିଲ । ମୁଖ୍ୟବକ୍ତା ପ୍ରାର୍ଥନା ଚ୍ୟାନେଲ ପ୍ରସାରିତ ଜ୍ଞାନଗୁରୁ କାର୍ଯ୍ୟକ୍ରମର ମହାଗୁରୁ ଡକ୍ଟର ଶାନ୍ତନୁ କୁମାର ରଥ ମହୋଦୟ ଉପେନ୍ଦ୍ର ଭଞ୍ଜଙ୍କ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପରିଚିତ କରାଇବାକୁ ଉଦ୍ୟମ , ଭଞ୍ଜ ବଂଶର ଇତିହାସ, ସାହିତ୍ୟ ସାଧନା ଇତ୍ୟାଦି ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ସଭାପତି ଡକ୍ଟର ପଣ୍ଡା ଭଞ୍ଜ ସାହିତ୍ୟରେ ଥିବା ଆଳଂକାରୀକତାର ଅନେକ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ। ସାମ୍ବାଦିକ ଚିନ୍ମୟ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡିଏମ୍‌ଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଅସୀମ କୁମାର ଦେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ୪୦ବର୍ଷର ସରକାରୀ କାର୍ଯ୍ୟ ମଧ୍ୟରେ ସେ ଶଲ୍ୟ ଚିକିତ୍ସକ ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦ ପଦବୀରେ ଢେଙ୍କାନାଳ, ବାରିପଦା,ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟ କରି ବେଶ ପ୍ରଶଂସିତ ହୋଇଥିଲେ । ଡାକ୍ତର ଶ୍ରୀ ଦେଙ୍କ ମିଷ୍ଟଭାଷୀ ବ୍ୟବହାର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଏବଂ ଜନସାଧାରଣଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ । ଡିଷ୍ଟ୍ରିକ୍ଟ ଟ୍ରେନିଂ ୟୁନିଟ୍ କନଫରେନ୍ସ ହଲ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ନୂତନ ଭାବେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଦାୟିତ୍ୱ ନେଇଥିବା ଡାକ୍ତର ବିନୋଦ ବିହାରୀ ମିଶ୍ର ଶ୍ରୀଦେଙ୍କ କର୍ତ୍ତବ୍ୟ ନିଷ୍ଠା, ବ୍ୟକ୍ତିତ୍ୱ, ସମସ୍ତଙ୍କୁ ଭଲ ପାଇବା, ଉତ୍ତମ ବ୍ୟବହାର, ଉଲ୍ଲେଖନୀୟ ସେବା ଓ କାର୍ଯ୍ୟ କରିବାର ଶୈଳୀକୁ ପ୍ରଶଂସା କରି ତାଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ସ୍ୱାସ୍ଥ୍ୟ ସେବା ସଂଘ(ଓଏମ୍ସା) କେନ୍ଦୁଝର ଶାଖା ସଭାପତି ଡାକ୍ତର ବାବାଜି ଚରଣ ନାୟକ, ସମ୍ପାଦକ ଡାକ୍ତର ନିହାର ରଞ୍ଜନ ରଥ,ଉପ ସଭାପତି ଡାକ୍ତର ସେକ୍ କମର ମହମ୍ମଦ, ଡାକ୍ତର ପ୍ରଦୀପ କୁମାର ମିଶ୍ର ,ଡାକ୍ତର ନିରଞ୍ଜନ ବେହେରା, ଡାକ୍ତର ଗିରିଶ ଚନ୍ଦ୍ର ରାଉତ, ଡାକ୍ତର ଗୌର ପ୍ରସାଦ ମିଶ୍ର,ଡାକ୍ତର ରଶ୍ମୀରଞ୍ଜନ ଭଞ୍ଜ, ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର,ଡାକ୍ତର ଗିତାଞ୍ଜଳି ପାତ୍ର,ଡାକ୍ତର ପଦ୍ମଲୋଚନ ମହାନ୍ତ,ଡାକ୍ତର ରମାକାନ୍ତ ମୁଣ୍ଡା, ଡାକ୍ତର ବିପିନ ବିହାରୀ ପାତ୍ର, ଡାକ୍ତର ଅଭିଜିତ୍ କୁଅଁର, ଡାକ୍ତର ସଞ୍ଜୟ ବେହେରା, ଡାକ୍ତର ଚିତ୍ତ ରଞ୍ଜନ ସେଠୀ,ଡାକ୍ତର ପୁରୁଷତ୍ତୋମ ମହାନ୍ତ, ଡାକ୍ତର ଅନୀତା ମଞ୍ଜରୀ ଜେନା, ଡାକ୍ତର ପ୍ରଭାସ କୁସୁମ ମହାପାତ୍ରଙ୍କ ସମେତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ବହୁ ଡାକ୍ତର ଏବଂ ଓଏମ୍ସାର ସଦସ୍ୟ/ସଦସ୍ୟା ମାନେ ଉପସ୍ଥିତ ରହି ଡାକ୍ତର ଶ୍ରୀ ଦେ ଜଣେ କର୍ତ୍ତବ୍ୟ ନିଷ୍ଠ ଡାକ୍ତର,କର୍ତ୍ତବ୍ୟ ପରାୟଣତା ଏବଂ ସରକାରୀ କାର୍ଯ୍ୟରେ ଅଙ୍ଗୀକାରବଦ୍ଧ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଓ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରି ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରି ସୁଖମୟ ଅବସର ଜୀବନ କାମନା କରିଥିଲେ । ଶେଷରେ ଓଡିଶା ସ୍ୱାସ୍ଥ୍ୟ ସେବା ସଂଘ(ଓଏମ୍ସା) କେନ୍ଦୁଝର ଶାଖାର ସଭାପତି ଡାକ୍ତର ବାବାଜି ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଡିକାଲ ପ୍ରତିଷ୍ଠାକୁ ନେଇ ଧାରଣା ଚେତାବନୀ

ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ଠାରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗରେ ଦିନକୁ ଦିନ ରାଜନୀତି ହେଉଥିବା ଅନୁଭୂତ ହେଉଛି। କାରଣ ଏହିଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ଏମସିଏଲ ପକ୍ଷରୁ ପ୍ରାୟ ୫୦୦କୋଟି ଟଙ୍କା ଖର୍ଚ୍ଚ କରାଯାଇ ଥିବା ଏମସିଏଲର ତଥ୍ୟ ଅନୁସାରେ କୁହାଯାଏ । ତେବେ କୋଠା ନିର୍ମାଣ କୁ ୮/୯ବର୍ଷ ବିତିବାକୁ ବସିଲାଣି ମେଡିକାଲ କଲେଜ ପ୍ରତିଷ୍ଠା ହେବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ନେତା ମନ୍ତ୍ରୀ ବିବୃତିରେ ସୀମିତ ରହୁଛନ୍ତି ଏହି ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ। କେତେବେଳେ ଏହା ଅନ୍ୟତ୍ର ଚାଲିବ ବୋଲି କହୁଥିବା ବେଳେ ଆଉ କେତେବେଳେ ପ୍ରତିଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି କହୁଛନ୍ତି । ତାଳଚେରରେ ଏହା ଆଗାମୀ ଶିକ୍ଷାବର୍ଷରୁ ଚାଲିବ ବୋଲି ବିବୃତି ରଖୁଛନ୍ତି । ତେବେ ଏହି ପ୍ରସଙ୍ଗରେ ଗୋଟିଏ କଥା ମନେ ପଡେ ଯେ ସରାଙ୍ଗ ଠାରେ ଇଞ୍ଜିନିୟରିଂ କଲେଜ ତାଳଚେର ନାମରେ ଏମସିଏଲ୍ ପକ୍ଷରୁ ନିର୍ମାଣ ହୋଇଥିଲା ସତ କିନ୍ତୁ ହେଲା କଣ ତାହା ସମସ୍ତଙ୍କୁ ଜଣା । ସେତେବେଳେ ତାହା ତାଳଚେର ଉପଖଣ୍ଡରେ ବି ରହିଲା ନାହିଁ , ଯାହା ଏବେ ପଡୋଶୀ ଜିଲ୍ଲାରେ ରହିଗଲା । ସେହିପରି ତାଳଚେର ଠାରେ ମେଡିକାଲ କଲେଜର ପ୍ରତିଷ୍ଠା ନେଇ ପୂର୍ବସରକାର ଦୁଇପାଦ ଆଗକୁ ଯାଇ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବର୍ତ୍ତମାନ ପବିତ୍ର ମୋହନ ମେଡ଼ିକାଲ କଲେର ସରକାରୀ ସ୍ତରରେ ରୋଗୀ ସେବା ଜାରି ରହିଛି । ହେଲେ ସରକାର ବଦଳି ଗଲା ପରେ ଏବେବି ତାଳଚେର ଠାରେ ଏହି କଲେଜ ପ୍ରତିଷ୍ଠା ନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ତାଳଚେର ବାସୀଙ୍କୁ ପୁଣି ଚକ୍ରାନ୍ତର ଶିକାର ହେବାକୁ ପଡିବ ନାହିଁ ତ ବୋଲି କୁହାଯାଉଛି । ସେଥିପାଇଁ ଢେଙ୍କାନାଳ ର ପୂର୍ବତନ ସାଂସଦ ମହେଶ ସାହୁ ଗତ ଦୁଇଦିନ ତଳେ ତାଳଚେରର କେତୋଟି ମୁଖ୍ୟ ଦାବି ନେଇ ତାଳଚେର ସଚେତନ ନାଗରିକ ମଞ୍ଚ ଜରିଆରେ ଅନ୍ଦୋଳନ ର ସଜବାଜ ହେଉଥିବା ପୂର୍ବ ସାଂସଦ ମହେଶ ସାହୁ ପ୍ରକାଶ କରିଛନ୍ତି । ଏହି ଦାବି ମଧ୍ୟରେ ତାଳଚେର ମେଡିକାଲ କଲେଜ ପ୍ରତିଷ୍ଠା ଅନ୍ୟତମ । ତେଣୁ ଏହି ପରିପ୍ରେକ୍ଷୀରେ ଆସନ୍ତା ମାର୍ଚ୍ଚ ମାସ ତିନି ତାରିଖରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସହିଦ ସ୍ମୃତି ସ୍ତମ୍ଭ ନିକଟରେ ଦୁଇଘଣ୍ଟିଆ ଧାରଣା ଦେବାକୁ ତାଳଚେର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି । ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ପୂର୍ବତନ ସାଂସଦ ଶ୍ରୀ ସାହୁ ଏକ ପ୍ରେସ ବିଜ୍ଞପ୍ତି ରେ ପ୍ରକାଶ କରିଛନ୍ତି ।

# ସହକାରୀ ଶିକ୍ଷକ ଅକ୍ଷୟ ମଲ୍ଲିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା।




ବ୍ୟାସନଗର (ଭାସ୍କର ନ୍ୟୁଜ୍): କୋରାଇ ବ୍ଲକ ଅନ୍ତର୍ଗତ ତୁଳତି ପଂଚାୟତ ସ୍ଥିତ ଖଇରା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ ଏକ ସମ୍ବର୍ଦ୍ଧନା ସଭା ପୂର୍ବକୋଟ କ୍ଲଷ୍ଟରର ସିଆରସିସି ପ୍ରଭାକର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥ୍ୟ ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଡୋଳିପରର ଅଧକ୍ଷା ନିବେଦିତା ଗୁରୁ ଯୋଗଦେଇ ବିଦ୍ୟାଳୟ ଏକମଣିଷ ତିଆରି କାରଖାନ, ଶିକ୍ଷକ ତା'ର କାରିଗର । ତେଣୁ ଶିକ୍ଷକର ଅବସର ନଥାଏ; ଯାହାକେବଳ ସରକାରୀ ନଥିରେ ଏକ ପର୍ଯ୍ୟାୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ ପ୍ରଶିକ୍ଷଣକେନ୍ଦ୍ରର ପ୍ରଶିକ୍ଷିକା ନିଳିମା ପ୍ରିୟଦର୍ଶିନୀ ଦାଶ, ବରିଷ୍ଠ ଅଧିକାରୀ ବିଜୟ କୁମାର ଦାସ, ବିଆରସସି ବିଜୟ କୁମାର ମଲ୍ଲିକ, ପୂର୍ବତନ ସିଆରସି ବିଳାସ କୁମାର ଖଟୁଆ ଯୋଗଦେଇଥିଲା ବେଳେ ମୁଖ୍ୟବକ୍ତାଭାବେ କୋରାଇ ଶିକ୍ଷାମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ ଯୋଗଦେଇ ସେବାନିବୃତ ଶିକ୍ଷକ ଶ୍ରୀ ମଲ୍ଲିକ ଜଣେ ସମୟାନୁବର୍ତୀ, କର୍ତବ୍ୟପରାୟଣ, ଦକ୍ଷ ତଥା ଛାତ୍ରବତ୍ସଳ ଶିକ୍ଷକ ଅଟନ୍ତି ବୋଲି ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଦ୍ୟାଧର ସାହୁ, ଅଧ୍ୟାପକ ମଳୟ କୁମାର ମଲ୍ଲିକ, ପୂର୍ବତନ ଶିକ୍ଷକ ଯଯାତିକେଶରୀ ମହାପାତ୍ର, ଗ୍ରାମର ବିଶିଷ୍ଟବ୍ୟକ୍ତି ବାବାଜୀ ଚରଣ ରାଉତ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସେବାନିବୃତ ଶ୍ରୀ ମଲ୍ଲିକଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରିଥିଲାବେଳେ ପୂର୍ବତନ ଓ ବର୍ତମାନର ଛାତ୍ରଛାତ୍ରୀଙ୍କ ପକ୍ଷରୁ ମଧ ଉପହାର ପ୍ରଦାନ କରାଯାଇଥିଲା । ଆଜି ଅବସର ଦିନରେ ଶିକ୍ଷକ ଶ୍ରୀ ମଲ୍ଲିକଙ୍କୁ ଶିକ୍ଷାମଣ୍ଡଳ ପକ୍ଷରୁ କମ୍ୟୁନିଟି, ଗ୍ରାଚ୍ୟୁଇଟି ଓ ପେନସନ ଆଦି ସମସ୍ତ ସରକାରୀ ପ୍ରାପ୍ୟ ଏକ ସଙ୍ଗରେ ପ୍ରଦାନ କରାଯାଇଥିଲା । ସଭାପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅବସରକାଳୀନ ସଙ୍ଗୀତ ଗାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣୀ ଖଟୁଆ ଅତିଥି ପରିଚୟ ଦେଇଥିଲା ବେଳେ ଶିକ୍ଷୟିତ୍ରୀ ମୈତ୍ରୀମୟୀ ସାହୁ ସ୍ୱାଗତ ଭାଷଣ ଓ ଧନବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁମୋହନ ମିଶ୍ର, ସୁଶାନ୍ତ କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା ପରିଷଦର ଚେୟାରମ୍ୟାନ କ୍ଷୀରୋଦ ଚନ୍ଦ୍ର ନାୟକ, ୱାର୍ଡସଭ୍ୟା ଶାନ୍ତିଲତା ଜେନା, ସନ୍ତୋଷ କୁମାର ମଲ୍ଲିକ, ବରିଷ୍ଠଶିକ୍ଷକ ଲକ୍ଷ୍ମୀଧର ରାଉତ, ଦେବେନ୍ଦ୍ର ଜେନା, ବସନ୍ତ ମହାପାତ୍ର, ବାଇଧର ପରିଡା, ଆତୁଳ ବାରିକ, ଆତୁଳ ବାରିକ, ନାରାୟଣ ଖଟୁଆ ପ୍ରମୁଖ ଶିକ୍ଷାବିତ, ପରିଚାଳନା ପରିଷଦର ସଭ୍ୟ/ ସଭ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।ଶେଷରେ ଗ୍ରାମବାସୀ ଓ ପୁରାତନ ବିଦ୍ୟାର୍ଥୀ ସେବାନିବୃତ ଶିକ୍ଷକ ଶ୍ରୀ ମଲ୍ଲିକଙ୍କୁ ଶୋଭାଯାତ୍ରାରେ ନେଇ ତାଙ୍କ ତାଳଗଡ଼ିଆ ଗ୍ରାମସ୍ଥିତ ବାସଭବନରେ ପହଞ୍ଚିଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ
ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ
ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ଟ୍ରମ୍ପ-ଜେଲେନସ୍କି ବାକ୍ ବିତଣ୍ଡା
## ବିଶ୍ୱ କୂଟନୀତିରେ କମ୍ପନ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିବାସ ହ୍ୱାଇଟ୍ ହାଉସରେ ଶୁକ୍ରବାର ଦିନ ଅଭିନୀତ ହୋଇଥିବା ଏକ ହାଇଡ୍ରାମା ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ସୌଜନ୍ୟ ଆମନ୍ତ୍ରିତ ହୋଇ ଅତିଥି ରୂପେ ଆସିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଚଢ଼ା ଗଳାରେ ଯୁକ୍ତିତର୍କ ଓ ବାକ୍‌ବିତଣ୍ଡାକୁ ସାରା ଦୁନିଆ ଉପଭୋଗ କରିଛି । ଏହି ଆଲୋଚନା ବେଳେ ଟ୍ରମ୍ପ ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ସବୁଆଡୁ ଘେରିବାକୁ ଉଦ୍ୟମ କଲାବେଳେ ଜେଲେନସ୍କି ମଧ୍ୟ ତାଙ୍କୁ ଜବାବ୍ ଦେବାକୁ ପଛାଇ ନଥିଲେ । ଶେଷରେ ବିରକ୍ତ ହୋଇ ୟୁକ୍ରେନ୍ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟାହ୍ନ ଭୋଜନରେ ଯୋଗ ନଦେଇ ସେଠାରୁ ଚାଲିଯାଇଥିଲେ । ଆଲୋଚନା କାଳରେ ଟ୍ରମ୍ପ କଡ଼ା ଭାଷାରେ କହିଥିଲେ ଯେ, ୟୁକ୍ରେନ୍ ରାଷ୍ଟ୍ରପତି ଯୁଦ୍ଧବିରତି ରାଜିନାମାରେ ସ୍ୱାକ୍ଷର ନକରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ଏବଂ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଉଛନ୍ତି । କିନ୍ତୁ ତାଙ୍କୁ ତିନୋଟି ଦିନେ ରୁଷ୍ ସହ ବୁଝାମଣା କରିବାକୁ ପଡ଼ିବ ବୋଲି ସେ ଚେତାଇ ଦେଇଥିଲେ । ସେହି ଆମେରିକାର ଆର୍ଥିକ ଓ ସାମରିକ ସହାୟତାରେ ବଳୀୟାନ୍ ହୋଇ ୟୁକ୍ରେନ୍ ଗତ ତିନିବର୍ଷ ହେଲା ପରାକ୍ରମଶାଳୀ ରୁଷିଆ ସହ ଯୁଦ୍ଧ ଚଳାଇ ରଖିଛି, ସେହି ଆମେରିକାର ଟ୍ରମ୍ପ ପ୍ରଶାସନ ଏବେ ୟୁ-ଟର୍ଣ୍ଣ ନେଇ ୟୁକ୍ରେନ୍ ବିରୋଧରେ ବିଷୋଦ୍‌ଗାର କରିବା ସାରା ବିଶ୍ୱକୁ ଚକିତ କରିଛି । ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଶାସନ କାଳରେ ଯୁକ୍ତରାଷ୍ଟ୍ର ଆମେରିକା ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କ ସପକ୍ଷରେ ଦୃଢ଼ ଭାବରେ ଠିଆ ହେବା ସହ ସେଙ୍କ ଯୁଦ୍ଧରେ ରୁଷକୁ ପରାସ୍ତ କରିବା ପାଇଁ ସବୁଶକ୍ତି ଖଟାଇଥିଲା । ସହଯୋଗୀ ପାଶ୍ଚାତ୍ୟ ରାଷ୍ଟ୍ର ସମେତ 'ନାଟୋ' ଗୋଷ୍ଠୀଭୁକ୍ତ ଦେଶଗୁଡ଼ିକ ମଧ୍ୟ ୟୁକ୍ରେନ୍‌କୁ ସହାୟତାର ହାତ ବଢ଼ାଇଥିଲେ, ଯାହାଫଳରେ ରୁଷର ଯୁଦ୍ଧ ଜୟ କରିବାର ସ୍ୱପ୍ନ ଏଯାବତ୍ ଅଧୁରା ରହିଛି । ମାତ୍ର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି ଏବଂ ରୁଷ-ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବା ପାଇଁ ଟ୍ରମ୍ପ ଅଣ୍ଟା ଭିଡ଼ି ବାହାରିଛନ୍ତି । ଏଥିସହିତ ଗତ କିଛିଦିନ ତଳେ ନିଜେ ଟ୍ରମ୍ପ୍ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି କେତେକ କଡା ଟିପ୍ପଣୀ ଦେଇଥିଲେ, ଯାହା ଆମେରିକା ନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ଦେଇଥିଲା । ଟ୍ୱିଟ୍ କରି ଟ୍ରମ୍ପ୍ ଦର୍ଶାଇଥିଲେ ଯେ, ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ବିନା ନିର୍ବାଚନରେ ଜଣେ ସ୍ୱେଚ୍ଛାଚାରୀ ଏକଛତ୍ରବାଦୀ ଶାସକ ସାଜିଛନ୍ତି । ଏକ ମାମୁଲି କମେଡିଆନ୍ ବା ହାସ୍ୟ ଅଭିନେତା ହୋଇଥିବା ଜେଲେନସ୍କି ଯୁକ୍ତରାଷ୍ଟ୍ର ଆମେରିକାକୁ ୩୫୦ ବିଲିୟନ୍ ଡଲାର ଖର୍ଚ୍ଚ କରିବା କଥା କହୁଛି । ତାହା ପୁଣି ଏପରି ଏକ ଯୁଦ୍ଧ ପାଇଁ ଖର୍ଚ୍ଚ କରିବାକୁ କହୁଛି, ଯେଉଁ ଯୁଦ୍ଧ କେବେ ଜିତା ଯାଇପାରିବ ନାହିଁ । ସବୁଠାରୁ ବଡ଼ କଥା ହେଉଛି, ଏହି ଯୁଦ୍ଧ କେବେ ଆରମ୍ଭ କରିବାର ନଥିଲା । ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ପାଇଁ ୟୁକ୍ରେନ୍ ଦାୟୀ ଥିଲା ବୋଲି ଇଙ୍ଗିତ କରୁଛି । ଆମେରିକା ରାଷ୍ଟ୍ରପତି ଆହୁରି କହିଥିଲେ ଯେ, ଜେଲେନସ୍କିଙ୍କ ପାଇଁ ଭଲ ହେବ ସେ ଯୁଦ୍ଧ ବନ୍ଦ କରି ଆଗକୁ ବଢ଼ିବା । ନଚେତ୍ ତାଙ୍କ ସପକ୍ଷରେ ଗୋଟିଏ ବି ଦେଶ ରହିବ ନାହିଁ । ଆମେ ଏହି ଯୁଦ୍ଧକୁ ସମାପ୍ତ କରିବା ପାଇଁ ରୁଷ୍ ସହ ଆଲୋଚନା କରିଛୁ । ପୂର୍ବର ବାଇଡେନ୍ ସରକାର ଯୁଦ୍ଧକୁ ରୋକିବା ପାଇଁ କୌଣସି ପ୍ରକାର ଉଦ୍ୟମ କରିନଥିବାରୁ ଟ୍ରମ୍ପ ସମାଲୋଚନା କରିବା ସଙ୍ଗେ ସଙ୍ଗେ ରୁଷ୍ ସହ ଆଲୋଚନା କରି ଯୁଦ୍ଧ ଶେଷ କରିବା ଲାଗି ୟୁକ୍ରେନ୍‌କୁ ପରାମର୍ଶ ଦେଉଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ପରବର୍ତ୍ତୀ ସମୟରେ ଅନ୍ୟ ଏକ ସମାବେଶରେ ଉଦବୋଧନ ଦେବା ସମୟରେ ତୃତୀୟ ବିଶ୍ୱଯୁଦ୍ଧ ବେଶି ଦୂର ନୁହେଁ ବୋଲି ମତ ରଖି ସେ ଅନ୍ତତଃ ଏହା କରାଇ ଦେବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେ ୟୁକ୍ରେନ୍ ବିଶ୍ୱରେ ବୁଲି ଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଉଦ୍ୟମ କରିବେ ବୋଲି ସୂଚନା ଦେଇଥିଲେ । ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ୍ ଯୁଦ୍ଧରେ ଅନେକ ଲୋକଙ୍କ ଜୀବନ ଯାଇଛି, ଏବେ ସେ ଏହାକୁ ବନ୍ଦ କରିବାକୁ ଯାଉଥିବାର ଉଲ୍ଲେଖ କରି ଟ୍ରମ୍ପ କହିଥିଲେ ଯେ, ତୃତୀୟ ବିଶ୍ୱଯୁଦ୍ଧ ହେଲେ କେହି ଲାଭବାନ୍ ହେବେ ନାହିଁ । ତେବେ ଅନଂପ୍ରକାରେ ଟ୍ରମ୍ପଙ୍କ ମନ୍ତବ୍ୟକୁ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ଅଗ୍ରାହ୍ୟ କରିଥିଲେ । ନିଜର ପ୍ରତିକ୍ରିୟା ରଖି ସେ କହିଥିଲେ ଯେ, ଟ୍ରମ୍ପ ଭୁଲ୍ ତଥ୍ୟ ଆଧାରରେ ଏପରି କହୁଛନ୍ତି । ଦୁର୍ଭାଗ୍ୟର ବିଷୟ ଟ୍ରମ୍ପ ରୁଷ୍ ଅପ-ପ୍ରଚାରର ପ୍ରଭାବରେ ପ୍ରଭାବିତ ହୋଇ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ବୋଲି ଜେଲେନସ୍କି ଦୋଷାରୋପ କରିଥିଲେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ମାତ୍ର ଦୁଇପକ୍ଷଙ୍କ ସହମତି ବିନା ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଯେ ଏକ ଦୁଃସାଧ୍ୟ ବ୍ୟାପାର ଏଥିରେ ସନ୍ଦେହର ଅବକାଶ ନାହିଁ ।

# ଭଗବାନଙ୍କ ଠିକଣା ଅନ୍ୱେଷଣ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ଧାର୍ମିକ ଦୃଷ୍ଟିକୋଣରୁ ବିଚାର କଲେ ମଣିଷ ସମାଜରେ ଦୁଇପ୍ରକାରର ଧାର୍ମିକ ଚିନ୍ତାଧାରାର ମଣିଷ ପରିଲକ୍ଷିତ ହୋଇଥାଏ । ଗୋଟିଏ ହେଉଛି ନାସ୍ତିକ ଓ ଅନ୍ୟଟି ହେଉଛି ଆସ୍ତିକ । ନାସ୍ତିକମାନେ ଭଗବାନଙ୍କ ସତ୍ତାକୁ କେବେ ବି ଗ୍ରହଣ କରିନଥାନ୍ତି, ମାତ୍ର ଯେଉଁ ଆସ୍ତିକମାନେ ଭଗବାନଙ୍କର ସତ୍ତା ଅଛି ବୋଲି ହୃଦବୋଧ ବା ଉପଲବ୍ଧି କରିଥାନ୍ତି ସେମାନେ ଉପଲବ୍ଧ ସତ୍ୟର ଠିକଣା ଖୋଜିବା ପାଇଁ ବ୍ୟଗ୍ର ହୋଇଥାନ୍ତି । ସତ୍ତା ଯେତେବେଳେ ଅଛି ଠିକଣା ନିଶ୍ଚୟ ଥିବ ଯାହା ଯୁକ୍ତିଯୁକ୍ତ ଓ ନୀତି ସମ୍ମତ । ତେଣୁ ମଣିଷ ଭଗବାନଙ୍କର ପ୍ରକୃତ ଠିକଣା କେଉଁଠି ଖୋଜିବା ପାଇଁ ଜୀବନ ଉପଲବ୍ଧିର ପ୍ରାରମ୍ଭରୁ ଅନ୍ୱେଷଣ ଆରମ୍ଭ କରି ଚାଲିଲା । ଖୋଜିବାର ମଧ୍ୟାହ୍ନରେ ସେ କୌଣସି ସୂତ୍ରରୁ ଜାଣିବାକୁ ପାଇଲା ଯେ ଭଗବାନ ମନ୍ଦିର, ମଠ, ଆଶ୍ରମ, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାର ଆଦି ସ୍ଥାନ ମାନଙ୍କରେ ରହିଥାନ୍ତି ଓ ସେଗୁଡିକ ହେଉଛି ଭଗବାନଙ୍କର ଉପଯୁକ୍ତ ଠିକଣା । ଅନୁସନ୍ଧିତ୍ସୁ ମଣିଷ ଉକ୍ତ ସ୍ଥାନମାନଙ୍କରେ ଉପସ୍ଥିତ ହୋଇ ଖୋଜିଚାଲିଲା ଭଗବାନ କେଉଁଠି ଅଛନ୍ତି । ମାତ୍ର ଭଗବାନଙ୍କ ଠିକଣା ଓ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ହେଲେ ଏକ ମାଧ୍ୟମର ଆବଶ୍ୟକତା ହୋଇଥାଏ ବୋଲି ମଣିଷ ଜାଣିବାକୁ ପାଇଲା ଓ ଉକ୍ତ କ୍ଷେତ୍ରମାନଙ୍କରେ ଭଗବାନଙ୍କର ସେବା କରୁଥିବା ପ୍ରତିନିଧିମାନଙ୍କୁ ଯିଏ ଯେତେ ଅଙ୍କରେ ଧନ ବା ଦ୍ରବ୍ୟ ପ୍ରଦାନ କରିଥାଏ ସେ ସେତେ ଶୀଘ୍ର ଭଗବାନଙ୍କ ଠିକଣାରେ ପହଞ୍ଚି ପାରିବ ବୋଲି ଭଗବାନଙ୍କ ପ୍ରତିନିଧିମାନେ ଯୁକ୍ତି କରିଥାନ୍ତି । ଉକ୍ତ ପ୍ରତିନିଧିମାନେ ଉପସ୍ଥାପନ କରିଥାନ୍ତି ଯେ ଭଗବାନଙ୍କୁ ଯଦି ସୁଗନ୍ଧିତ ଦାମୀ ଧୂପ, ବଡ଼ ଘିଅ ଦୀପ, ଦାମୀ ନୈବେଦ୍ୟ, ସୁଗନ୍ଧିତ ପୁଷ୍ପ, ଭଲ ଦାମୀ ବସ୍ତ୍ର, ଅଧିକ ଶୁଦ୍ଧ ଘିଅ, ଅଧିକ ସୁନାରୂପା ଆଦି ଅଳଙ୍କାର, ଅଧିକ ଟଙ୍କା ଆଦି ପ୍ରତିନିଧିମାନଙ୍କୁ ଦିଆଯାଏ, ତେବେ ଭଗବାନଙ୍କ ଠିକଣା ସହଜରେ ଉପଲବ୍ଧ ହୋଇଥାଏ । ମାତ୍ର ଭଗବାନଙ୍କ ଠିକଣାକୁ ଖୋଜି ବାହାର କରିବା ଯେହେତୁ ଆବଶ୍ୟକତା ଥାଏ ତେଣୁ ଭଗବାନଙ୍କ ପ୍ରତିନିଧିମାନଙ୍କୁ ଉକ୍ତ ଧନ ଓ ଦ୍ରବ୍ୟ ପ୍ରଦାନ କରି ସାରିବା ପରେ ମଧ ଭଗବାନଙ୍କର ଠିକଣାର ସନ୍ଧାନ ମିଳେନାହିଁ । କ୍ଳେଶ ଓ ବିଦ୍ୱେଷରେ ସିକ୍ତ ହୋଇ ବିଚରା ମଣିଷ ନିରାଶ ହୋଇ ଖାଲି ହାତରେ ଅନେକ ପ୍ରଶ୍ନକୁ ହୃଦୟରେ ଗଚ୍ଛିତ କରି ଉକ୍ତ କ୍ଷେତ୍ର ମାନଙ୍କରୁ ପ୍ରସ୍ଥାନ କରିଥାଏ । ଧର୍ମ ଗୁରୁ, ଧର୍ମ ଯାଜକ, ପୁରୋହିତ ଆଦିଙ୍କୁ ଯଦି ଭଗବାନଙ୍କ ଠିକଣା ବିଷୟରେ କେହି ପ୍ରଶ୍ନ କରିଥାନ୍ତି, ସେମାନେ ଅସମାହିତ ଉତ୍ତର ଦେଇ ଅନୁସନ୍ଧିତ୍ସୁର ପାଇବାର କ୍ଷୁଧାକୁ ଲାଘବ କରିପାରିନଥାନ୍ତି । ବ୍ୟସ୍ତ ହୋଇ ପୁଣି ମଣିଷ ଖୋଜିଚାଲେ ଅବିରତ ଅବିଶ୍ରାନ୍ତ ହୋଇ ଜୀବନର ମହତ୍ତ୍ୱକୁ ଉପଲବ୍ଧି କରିବା ପାଇଁ ଭଗବାନଙ୍କ ପ୍ରକୃତ ଠିକଣା ସମ୍ବନ୍ଧରେ । ଯେହେତୁ ଆସ୍ତିକ ମଣିଷର ବିଶ୍ୱାସ ଥାଏ ଯେ ଭଗବାନଙ୍କର ଠିକଣା ନିଶ୍ଚିତ ଅଛି, ତେଣୁ ଭ୍ରମାତ୍ମକ ଉପଦେଶରେ ମଣିଷ ଇତଃସ୍ତତଃ ହୋଇ ଚତୁର୍ଦ୍ଦିଗରେ ଘୂର୍ଣ୍ଣୟନ କରିଥାଏ ଅଜ୍ଞାନର ଅନ୍ଧକାର ମଧ୍ୟରେ ।

ଭଗବାନ, ସର୍ବଜ୍ଞ, ସର୍ବବ୍ୟାପକ, ସର୍ବଦର୍ଶୀ, ସର୍ବତ୍ର ବିଦ୍ୟମାନ, ଅନ୍ତର୍ଯ୍ୟାମୀ ଓ ସର୍ବଶକ୍ତିମାନ । ସେ ଅନନ୍ତ ଓ ଆବଶ୍ୟକ ଅସ୍ତିତ୍ୱ ଭାବରେ ଧାରଣା କରିଥାନ୍ତି ତଥା ସେ ସର୍ବୋଚ୍ଚ ସୃଷ୍ଟିକର୍ତ୍ତା ଓ ବିଶ୍ୱାସର ମୁଖ୍ୟ । ଯେହେତୁ ଭଗବାନ ସର୍ବଶକ୍ତିମାନ ଓ ସେ ସର୍ବତ୍ର ବିଦ୍ୟମାନ, ତେବେ ମଣିଷର ସ୍ୱାର୍ଥ ଓ ଇଚ୍ଛାରେ ନିର୍ଦ୍ଧାରିତ ସ୍ଥାନରେ ସ୍ଥାପିତ ଭଗବାନଙ୍କର ଠିକଣା କେଉଁ ଯୁକ୍ତିରେ ଉପଯୁକ୍ତ ହୋଇପାରେ ଯେ ଉକ୍ତ ନିର୍ଦ୍ଧାରିତ ସ୍ଥାନରେ ଭଗବାନଙ୍କର ଠିକଣା ନିହିତ । ପୁଣି ଯିଏ ସର୍ବତ୍ର ବିଦ୍ୟମାନ ସେ କିପରି ମଣିଷର ନିର୍ଦ୍ଦେଶରେ କେବଳ ନିର୍ଦ୍ଧାରିତ ଏକ ସ୍ଥାନରେ ସୀମିତ ହୋଇପାରିବେ । ନାସ୍ତିକତା ହେଉଛି ଭଗବାନଙ୍କ ଉପରେ ବିଶ୍ୱାସର ଅନୁପସ୍ଥିତି । ଆସ୍ତିକ ସାଧାରଣତଃ ଧାରଣ କରେ ଯେ ଭଗବାନ ବାସ୍ତବବାଦୀ ଓ ମାନବ ଚିନ୍ତାଧାରାରୁ ନିରପେକ୍ଷ ଭାବରେ ବିଦ୍ୟମାନ । ସର୍ବେଶ୍ୱରବାଦ ହେଉଛି ଭଗବାନଙ୍କର ଉପଲବ୍ଧି । ଭଗବାନଙ୍କ ବିଷୟରେ କଥାବାର୍ତ୍ତା ଶୁଣିବା ପରେ ମଣିଷ ତାଙ୍କ ନିକଟରେ ପହଞ୍ଚିବା ପାଇଁ ଭଗବାନଙ୍କ ଠିକଣା ଖୋଜିବାରେ ବ୍ୟସ୍ତ ରହିଲା । ପୂଜାପାଠ ଆଦି କରି କରି ମନ୍ଦିର, ମସଜିଦ, ଚର୍ଚ୍ଚ, ଆଶ୍ରମ ବା ମଠମାନଙ୍କରେ ଖୋଜିବାକୁ ଚେଷ୍ଟା କରୁ କରୁ ମଣିଷ ସମୟକ୍ରମେ ହତାଶ ହୋଇଗଲା । ଭଗବାନ ବ୍ରହ୍ମାଣ୍ଡ ସୃଷ୍ଟି କରି ନିଜ ସୃଷ୍ଟି ମଧ୍ୟରେ ବଞ୍ଚିବାକୁ ଚାହୁଁଥିଲେ । କିନ୍ତୁ ପ୍ରାଣୀମାନେ ବିଶେଷତଃ ମନୁଷ୍ୟମାନେ ତାଙ୍କୁ ଖୋଜିଲେ ଏବଂ ସେମାନଙ୍କର ନିରନ୍ତର ପ୍ରାର୍ଥନା ନିବେଦନ ଏବଂ ଦାବି ସହିତ ଭଗବାନଙ୍କୁ ଦୁଃଖୀ କଲେ । ଭଗବାନ ସମୁଦ୍ରରେ ଧ୍ୟାନ କରନ୍ତି ଓ ଅତ୍ୟାଧୁନିକ ସାମର୍ଥ୍ୟ ଥିବା ମଣିଷ ସମୁଦ୍ରର ଗଭୀରକୁ ଯାଇ ତାଙ୍କୁ ସ୍ଥାନିତ କରିବାର ଦାବି କଲା । ଭଗବାନ ତା'ପରେ ଆକାଶରେ ତାରାଗଣଙ୍କ ନିକଟକୁ ପଳାୟନ କଲେ କିନ୍ତୁ ମନୁଷ୍ୟ ତାଙ୍କୁ ଶାନ୍ତିରେ ରହିବାକୁ ଦେଲେ ନାହିଁ କାରଣ ସେ ପୁନର୍ବାର ନକ୍ଷତ୍ର ମିଶନ ଓ ମହାକାଶ ଭ୍ରମଣ ମାଧ୍ୟମରେ ଭଗବାନଙ୍କୁ ଖୋଜିବାର ପ୍ରୟାସ କଲେ ଓ ବିଭିନ୍ନ ଆବଶ୍ୟକତାର ଦାବି ଉପସ୍ଥାପନ କରି ଚାଲିଲେ । ଶେଷରେ ଭଗବାନ ଏପରି ଏକ ସ୍ଥାନ ପାଇଲେ ଯେଉଁଠାରେ ମଣିଷ କ୍ୱଚିତ୍ ଦେଖିବ ଓ ଚିହ୍ନଟ କରିବ । ସେ ପ୍ରତ୍ୟେକ ମଣିଷ ହୃଦୟରେ ଓ ପ୍ରାଣୀଙ୍କର ଗଭୀର ଆତ୍ମାରେ ବାସ କଲେ ।

ମଣିଷ କ୍ୱଚିତ୍ ଭଗବାନଙ୍କୁ ଖୋଜିବା ପାଇଁ ନିଜ ଗଭୀରତାକୁ ଯାଇଥାଏ । ତଥାପି ସହଜରେ ଭଗବାନଙ୍କର ଠିକଣା ମିଳିଲା ନାହିଁ । ଆମେ ସମସ୍ତେ ବିରୋଧାଭାଷରେ ବୁଡି ରହିଛୁ ଓ ନଦୀରେ ଶୋଷିଲା ମାଛ ପରି ନିଜ ହୃଦୟରେ ତାଙ୍କ ଅବସ୍ଥାନ ବିଷୟରେ ଅଜ୍ଞ । ଭଗବାନ, ବ୍ରହ୍ମାଣ୍ଡର ପ୍ରତ୍ୟେକ କଣିକାରେ ଉପସ୍ଥିତ ଅଛନ୍ତି ଯେପରି କ୍ଷୀରର ପ୍ରତ୍ୟେକ ଅଣୁରେ ଲହୁଣୀ ଥାଏ । ବ୍ରହ୍ମାଣ୍ଡରେ ଏପରି ସ୍ଥାନ ନାହିଁ ଯେଉଁଠାରେ ସେ ଉପସ୍ଥିତ ନାହାଁନ୍ତି । ଯିଏ ସମଗ୍ର ସୃଷ୍ଟିର ଆଧାର, ସେ କିପରି ବ୍ରହ୍ମାଣ୍ଡଠାରୁ ପୃଥକ ଭାବରେ ବଞ୍ଚିପାରିବେ । ଯେପର୍ଯ୍ୟନ୍ତ ଆମେ ସାଂସାରିକ ଇଚ୍ଛା ଓ କାମନା ବାସନା ଦ୍ୱାରା ଘେରି ରହିଛୁ, ଆମେ ଆମର ଉଚ୍ଚ ସୋପାନରେ ପହଞ୍ଚି ପାରିବୁ ନାହିଁ । ଯେତେବେଳେ ଅନ୍ୱେଷଣକାରୀ ଭଗବାନଙ୍କ ଠାରେ ଏତେ ଅବଶୋଷିତ ହୁଅନ୍ତି ଯେ ସେ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟରେ ଚିନ୍ତା କରିପାରନ୍ତି ନାହିଁ, ତା'ହେଲେ ତାଙ୍କ ଶରୀର ପ୍ରକୃତି ଏବଂ ଆତ୍ମା ଈଶ୍ୱରରେ ଅବଶୋଷିତ ହୁଏ । ତା'ପରେ ସେ ହୃଦୟଙ୍ଗମ କରେ ଯେ ଭଗବାନଙ୍କ ବାସସ୍ଥାନ ତାଙ୍କ ନିକଟରେ ଅତି ନିକଟ ଅଟେ । ଆମେ କେବଳ ଏହାକୁ ଅନୁଭବ କରିବାକୁ ସକ୍ଷମ ନୁହଁ କାରଣ ଆମେ ଅଶୁଦ୍ଧ ଚିନ୍ତାଧାରା ଦ୍ୱାରା ଘେରି ରହିଛୁ । 'କସ୍ତୁରୀ ଜାୟତେ କସ୍ମାତକୋ ହନ୍ତି କରିଣାମ ଶତମ । କିଂ କୁର୍ଯାତକାତୋର ଯୁଦ୍ଧେ ମୃଗତସିଂହଃ ପଳାୟନମ' ? ବାମକୁ ଚାହିଁ, ଡାହାଣକୁ ଚାହିଁ, ଆଗକୁ ଚାହିଁ କସ୍ତୁରୀ ମୃଗ ଅଜ୍ଞାତର ଅନୁସରଣରେ ନିରନ୍ତର ଭାବରେ ଚାଲିଥାଏ । ହରିଣଟି ନିଜ ସୁଗନ୍ଧ ଦ୍ୱାରା ଏତେ ଆକର୍ଷିତ, ନିଜ ସୌନ୍ଦର୍ଯ୍ୟର ଉତ୍ସ ଆବିଷ୍କାର କରିବା ପାଇଁ ଏହା ପ୍ରାୟତଃ ମାଇଲ୍ ମାଇଲ୍ ବୁଲୁଥାଏ ଓ ଏହି ପ୍ରକ୍ରିୟାରେ କସ୍ତୁରୀ ମୃଗ କସ୍ତୁରୀକୁ ନଷ୍ଟ କରିଥାଏ । କସ୍ତୁରୀ ସମୟ ସହିତ ପୁନର୍ବାର ଉତ୍ପତ୍ତି ହୋଇଥାଏ, କିନ୍ତୁ ହରିଣଟି ସମ୍ପୂର୍ଣ୍ଣ ଅଜ୍ଞ ଏବଂ ଭିତରେ ରହୁଥିବା ସତ୍ୟକୁ ଅବଜ୍ଞା କରେ । ଅନେକ ସମୟରେ ଆମେ ଆମ ଜୀବନ କାଳରେ ଚାଷ କରୁଥିବା କସ୍ତୁରୀ ମୃଗକୁ ଚିହ୍ନିବାରେ ବିଫଳ ହୋଇଥାଉ । ମଣିଷ ନିଜ ଉପରେ ବିଶ୍ୱାସ କରିବାରେ ବିଫଳ ହୁଏ, କିନ୍ତୁ ଜୀବନର ନିଷ୍ପତ୍ତି ସହିତ ଏକ ଆଦର୍ଶର ମହନୀୟତା ନ୍ୟସ୍ତ କରିବା ଉଚିତ୍ । କସ୍ତୁରୀ ମୃଗ ହେଉଛି ଏକ ପ୍ରେରଣା ଯାହାକି ଆମେ ସଂପୂର୍ଣ୍ଣ ଶୁଦ୍ଧତା ଏବଂ ହୃଦୟରେ ନିର୍ଦ୍ଦୋଷତା ସହିତ ସାଂସାରିକ ଉପାଦାନଗୁଡ଼ିକ ଦ୍ୱାରା ଅବରୋଧିତ । ସୁଗନ୍ଧର ସତ୍ୟ ସର୍ବଦା ଆମ ଭିତରେ ଅଛି ଏବଂ ରହିବ, ଆମକୁ ସାଂସାରିକ ଭ୍ରମକୁ ପରାସ୍ତ କରିବାକୁ ଓ ସେହି ଅନନ୍ୟ ସୁଗନ୍ଧକୁ ଆବିଷ୍କାର କରିବାକୁ ଅପେକ୍ଷା କରିବାକୁ ହେବ ତେବେ ଯାଇ ଭଗବାନଙ୍କ ଠିକଣା ଉପଲବ୍ଧ ହୋଇପାରିବ । ସତ୍ୟ ଅନନ୍ୟ ଏବଂ କୌଣସି ପରିସ୍ଥିତିରେ ଏହାକୁ ଅନ୍ୟର ଧାରଣା ଦ୍ୱାରା ବ୍ୟାଖ୍ୟା କରାଯାଇପାରିବ ନାହିଁ । ଆମର ଜୀବନର ସମଗ୍ର ଯାତ୍ରା ଆମକୁ ମୂଲ୍ୟବୋଧ ଖୋଜିବାକୁ ଏବଂ ନିଜକୁ ସବୁଠାରୁ ମୂଲ୍ୟବାନ ସୁଗନ୍ଧର ଉତ୍ପତ୍ତିକୁ ଅନୁସନ୍ଧାନ କରିବାକୁ ପଡିବ । ମନ୍ଦିର, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାର, ମଠ, ଆଶ୍ରମ ଆଦିରୁ ମଣିଷ ଯେତେବେଳେ ଭଗବାନଙ୍କର ଠିକଣା ପାଇବାରେ ନିଷ୍ଫଳ ହୋଇଯାଏ, ସେତେବେଳେ ଭଗବାନଙ୍କର ଠିକଣା ଖୋଜିବା ପାଇଁ ନିଜକୁ ନିଜେ ନିର୍ଦ୍ଦେଶ ଓ ଆଦେଶ ଦେଇଥାଏ ମଣିଷ । ନିଜର ଅଧୀନରେ ଥିବା ଆଜ୍ଞାବହ ଆସ୍ତିକ ଇନ୍ଦ୍ରିୟ ମାନଙ୍କର ସାହଚର୍ଯ୍ୟରେ ମଣିଷ ପାଇଥାଏ ଭଗବାନଙ୍କର ପ୍ରକୃତ ଠିକଣା, ମାତ୍ର ଯେଉଁ ଠିକଣା ପାଇଁ ସେ ଜୀବନର ଉତ୍କୃଷ୍ଟ ସମୟ ନଷ୍ଟ କରିଥିଲା ତାହା ହେଉଛି ଭଗବାନଙ୍କର ଭୁଲ ଠିକଣା । ଅତଏବ ଭଗବାନଙ୍କର ପ୍ରକୃତ ଠିକଣାର ଅନ୍ୱେଷଣ ନିଜ ମଧ୍ୟରେ ଥିବା ବିରାଜିତ ଭଗବାନ ଓ ବିଶ୍ୱାସର ଦୂରତ୍ୱକୁ ହ୍ରାସ କଲେ ଅନ୍ୱେଷଣର ଲକ୍ଷ ସାଧନ ହୋଇପାରେ ବୋଲି ପ୍ରତିମାନ ହୁଏ ।

## ନୀତିବାଣୀ



ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ବିବେକ...

ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ମନୁଷ୍ୟର ସ୍ୱାଭାବିକ ବିଚାର ଚେତନା ଭୌତିକବାଦୀ ହୋଇଥାଏ । ସେ ଯେଉଁ ସମାଜରେ ରହିଥାଏ, ତାହାର ବାତାବରଣର ପ୍ରଭାବ ତା' ଉପରେ ଅବଶ୍ୟ ହିଁ ପଡିଥାଏ । ନିଜ ଜୀବନର ଆବଶ୍ୟକତାର ପୂର୍ତ୍ତିର ପାଇଁ ସେ ଯେଉଁ ସଂଘର୍ଷ କରିଥାଏ, ଏହାର ପ୍ରଭାବ ତାହାର ମନ-ମସ୍ତିଷ୍କ ଉପରେ ପଡିଥାଏ । ଏହି ଭୌତିକ ସଂସାରରେ ରହିକରି ଜୀବନ-ଜଗତର ସ୍ୱାଭାବିକତାର କାରଣ ଯେଉଁ ବିଚାର ଆଉ ସଂକଳ୍ପ ମନୁଷ୍ୟ ବନେଇଥାଏ, ପୁରୁଷାର୍ଥ କରିଲା ପରେ ସେହି ଭୌତିକ ବସ୍ତୁର ରୂପରେ ଏହାକୁ ପ୍ରାପ୍ତ କରିପାରିବ । ଯଦି ଆମେ ଗଭୀର ବିଚାର କରିବା ତା'ହେଲେ ଏହି ଭୌତିକ ଉପଲବ୍ଧ ମାନବ ଜୀବନରେ ସ୍ଥାୟୀ ଶାନ୍ତି ପ୍ରଦାନ କରିପାରିବନି । ଅବିବେକର କାରଣ ଆମେ ତାହାକୁ ସୁଖ ମାନି ନେଇଥାଉ ଆଉ ଆନନ୍ଦର ସାଧନ ମଧ୍ୟ । ବାସ୍ତବରେ ଆନନ୍ଦମୟୀ ଶାନ୍ତିର ପ୍ରାପ୍ତି ପାଇଁ ବିବେକର ହେବା ଆବଶ୍ୟକ ଅଟେ । ଜୀବନର ଯଥାର୍ଥ ଦୃଷ୍ଟି ବିବେକରୁ ହିଁ ପ୍ରାପ୍ତ ହୋଇପାରିବ । କର୍ତ୍ତବ୍ୟ ଆଉ ଅକର୍ତ୍ତବ୍ୟର ଭେଦ ବିବେକରୁ ହିଁ ପ୍ରାପ୍ତ ହୋଇପାରିବ । ଗୋସ୍ୱାମୀ ତୁଳସୀଦାସ କୁହନ୍ତି କି ବିବେକ ସତ୍‌ସଙ୍ଗରୁ ପ୍ରାପ୍ତ ହୋଇଥାଏ । ଗୀତାରେ ମଧ୍ୟ ବର୍ଣ୍ଣନା ଅଛି କି କିଂକର୍ତ୍ତବ୍ୟବିମୂଢ଼ ମହାରଥୀ ଅର୍ଜୁନ ଅନିଶ୍ଚୟର ସ୍ଥିତିରୁ ବାହାରିବା ପାଇଁ ନିଜର ଆରାଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ଉପଦେଶ ପରେ ତାଙ୍କର ବିବେକ ଅର୍ଥାତ୍ ଯଥାର୍ଥ ଜ୍ଞାନ ଜାଗୃତ ହୋଇଗଲା । ପ୍ରତିକୂଳ ପରିସ୍ଥିତି ମଧ୍ୟରେ ତାଙ୍କୁ ଅନୁକୂଳ ଜ୍ଞାନର ପ୍ରାପ୍ତି ହୋଇଥିଲା । ଯେଉଁଥିରୁ ଭ୍ରମର ସ୍ଥିତି ସମାପ୍ତ ହୋଇଯାଏ । ବସ୍ତୁତଃ ବିବେକର ବାସ୍ତବିକ ପରିଭାଷା ହିଁ ଏହା ଯେ ମୋହଜନିତ ଭ୍ରମର ସର୍ବଦା ନାଶ ହୋଇଯାଉ ଆଉ ଯଥାର୍ଥ ଜ୍ଞାନର ପ୍ରାପ୍ତି ହେଉ । ଏହା ଆତ୍ମଜ୍ଞାନ ଅଟେ । ଏହାକୁ ହିଁ ଆମେ ଈଶ୍ୱରୀୟ ବୋଧ କହିପାରିବା । ଏହି ବୋଧ ମାନସିକ ଚିନ୍ତାରୁ ମୁକ୍ତ କରି ଆନନ୍ଦମୟ ଜୀବନ ପ୍ରଦାନ କରିଥାଏ । ଯେଉଁ ପ୍ରକାର ପହଁରିବା କଳାରେ ନିପୁଣ ବ୍ୟକ୍ତି ବୁଡି ଯାଉଥିବା ଡଙ୍ଗାରୁ ଡେଇଁ କରି ସରଳତାରେ ପହଁରି ନିଜର ପ୍ରାଣକୁ ରକ୍ଷା କରିପାରେ । ସେହିଭଳି ବିବେକରେ ପରିପୂର୍ଣ୍ଣ ବ୍ୟକ୍ତି ଏହି ଦୁଃଖମୟ ସଂସାର ରୂପୀ ସାଗରକୁ ବିବେକର ସହାୟତାରେ ପହଁରି ପାର କରିପାରିବ ।

# ଓଡ଼ିଆ ସାହିତ୍ୟରେ ଆଧୁନିକ ପର୍ବର ପ୍ରବେଶ ଓ ସଂଗ୍ରାମ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଆମ ଓଡ଼ିଶାର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାରଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟା ରହିଥିଲା । ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ କାଳୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଞ୍ଜ କିଶୋର ପଟ୍ଟନାୟକ, କମଳ ଲୋଚନ ମହାନ୍ତି, ରଘୁନାଥ ପଣ୍ଡା, ଭୁବନେଶ୍ୱର ମହାପାତ୍ର ଓ କୃଷ୍ଣପ୍ରସାଦ ବେହେରା ପ୍ରମୁଖଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । କାଳୀଚରଣଙ୍କର 'ଭାତ', 'ରକ୍ତମାଟି', 'ଅଭିଯାନ', ରାମଚନ୍ଦ୍ର ମିଶ୍ରଙ୍କର 'ଭାଇ ଭାଉଜ', 'ଘର ସଂସାର', ଭଞ୍ଜ କିଶୋରଙ୍କର 'ମାଣିକଯୋଡ଼ି', 'ଜୟ ମାଲ୍ୟ', ଗୋପାଳ ଛୋଟରାୟଙ୍କର 'ଭରସା', 'ପର କଲମ' ଆଦି ନାଟକ ଏକଦା ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଚହଳ ପକାଇଥିଲା । ମନୋରଞ୍ଜନ ଦାସଙ୍କର 'ଆଗାମୀ' ଓ 'ସାଗର ମନ୍ଥନ' ନାଟକ ପରେ ପରେ ଓଡ଼ିଆ ନାଟକର ହେଲା ପରିବର୍ତ୍ତନ । ପରେ ମନୋରଞ୍ଜନ ରଚନା କଲେ 'ଆରଣ୍ୟ ଫସଲ', 'ବନହଂସୀ', 'ଶବ୍ଦ ଲିପି', 'କାଠଘୋଡା', 'ନନ୍ଦିକାକେଶରୀ', ପରି ନୂତନ ଶୈଳୀର ନାଟକ । ଏହି ନୂତନ ପ୍ରାୟୋଗିକ ଶୈଳୀକୁ ନେଇ ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନାଟକ ରଚନା କଲେ ।

ସେହିପରି ଓଡ଼ିଆ ସାହିତ୍ୟରେ ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ ଏକ ନୂତନ ଅଧ୍ୟାୟ ନେଇ ଗତି କରିଥିଲା ଆଉ ତାହା ସହିତ ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ ବିକାଶ ହୋଇଥିଲା । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି । ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି । ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ । ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଞ୍ଜବିହାରୀ ଦାଶ ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ପୂର୍ବରୁ ପଣ୍ଡିତ ବିନାୟକ ମିଶ୍ର ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ । ପରେ ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ନଟବର ସାମନ୍ତରାୟ, କୃଷ୍ଣଚରଣ ବେହେରା, ବଂଶୀଧର ମହାନ୍ତି ପ୍ରମୁଖ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିଅଛନ୍ତି । ଏହି ସମୟରେ ମଧ ଶିଶୁ ସାହିତ୍ୟର ହୋଇଛି ବିକାଶ । ବହୁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଇ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାରରେ ପ୍ରେରଣାପ୍ରଦ ଭୂମିକା ନେଇଅଛି ।

ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ ପର୍ବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ଆତ୍ମଅନ୍ୱେଷା ଓ ବାମାବାଦ ବା ନାରୀବାଦ ବିଶେଷ ଗୁରୁତ୍ୱ ନେଇଅଛି । ଏହି ସମୟରେ ନାଟକ ଆଉ ଦର୍ଶକଙ୍କୁ ଆକର୍ଷଣ କଲା ନାହିଁ । ଏପରି ଅବସ୍ଥାରେ ଉତ୍ତର ଆଧୁନିକ ପର୍ବର ହେଲା ଉନ୍ମେଷ । ପରମ୍ପରାନୁସନ୍ଧାନ ଓ ତା'ର ପୁନଃ ସଂସ୍ଥାନ, ଲୋକାନୁଷଙ୍ଗ ଓ ଲୋକାୟତ୍ତ ଚିନ୍ତାଧାରା ଗୁରୁତ୍ୱ ଲାଭ କରି ସାହିତ୍ୟକୁ ପ୍ରଦାନ କଲା ନୂତନ ଜୀବନୀ ଶକ୍ତି । ଏବେ ଓଡ଼ିଆ ସାହିତ୍ୟ ଉତ୍ତର-ଆଧୁନିକ ପର୍ବରେ ଗତି କରି ଆପଣାର ମାଟି ଧରିବାକୁ ଚେଷ୍ଟା କରୁଛି । ଅତଏବ ଆଧୁନିକ ଓଡ଼ିଆ ସାହିତ୍ୟ ଦୀର୍ଘଦିନ ଧରି କେତେ ପରୀକ୍ଷା ନିରୀକ୍ଷା ଦେଇ ସଂଗ୍ରାମ ଜାରି ରଖିଛି ଯାହା ଆଉ ପଛକୁ ଫେରି ଚାହିଁ ନାହିଁ ବରଂ ଆଗକୁ ଆଗକୁ ତାହା ଗତି କରି ଚାଲିଛି । ଜାତୀୟ ସଂପର୍କ ପ୍ରତିଷ୍ଠା ସହିତ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛି । ସାହିତ୍ୟର ବିଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ଯେ ସ୍ୱଷ୍ଟ ମୁଦ୍ରାଙ୍କ ରଖିଛି ତାହା ପାଠକ ସହଜରେ ଉପଲବ୍ଧି କରିଅଛନ୍ତି ।

# ଓଲିଉଡର ଧ୍ରୁବତାରା : ସର୍ବୋତ୍ତମ ଉତ୍ତମ



ବାଦଲ ଭୂୟାଁ
ପୁରୁଣା ସୋନାରୀ, ଜାମସେଦପୁର
ମୋ: ୭୪୮୮୯୯୮୫୩୨

ଓଡ଼ିଆ ସିନେମା ଜଗତରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ନାୟକ । ଓଡ଼ିଆ ସିନେ ଜଗତର ସେ ଥିଲେ ଧ୍ରୁବତାରା । ଜୀବନ ରଙ୍ଗମଞ୍ଚରେ ଅଭିନୟ ସାରି ବାହୁଡ଼ି ଯାଇଛନ୍ତି ଉତ୍ତମ ମହାନ୍ତି । କହିବାକୁ ଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଉଜ୍ଜ୍ୱଳ ତାରକା ଅନ୍ତର୍ନିହିତ ହୋଇଗଲେ । ଅନେକ ସୁପରହିଟ ଚଳଚ୍ଚିତ୍ରରେ ଭିନ୍ନ ଭିନ୍ନ ଭୂମିକାରେ ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନରୋଞ୍ଜନ କରୁଥିଲା । ୨୩ ଡିସେମ୍ବର ୧୯୫୮ରେ ବାରିପଦାରେ ଜନ୍ମ ଗ୍ରହଣ କରିଥିବା ଉତ୍ତମ ମହାନ୍ତି ବାସ୍ତବରେ ଥିଲେ ସର୍ବୋତ୍ତମ । ବାରିପଦା ଏମ୍‌କେସି ଉଚ୍ଚ ବିଦ୍ୟାଳୟରୁ ବିଦ୍ୟାଳୟ ପାଠପଢ଼ା ପରେ ମହାରାଜ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ବିଜ୍ଞାନ ପଢ଼ିଥିଲେ ସେହିଠାରେ ହିଁ ମଞ୍ଚ ନାଟକରେ ତାଙ୍କ ନିଖୁଣ ଅଭିନୟ ଦକ୍ଷତା ତାଙ୍କ କଳା ଦୁନିଆ ପାଇଁ ବାଟ ଦେଖାଇଥିଲା । ଟେବୁଲ ଟେନିସ ଓ ବ୍ୟାଡ଼ମିଣ୍ଟନ ଖେଳିବାରେ ତାଙ୍କର ବଡ଼ ରୁଚି ରହିଥିଲା । ସ୍ନାତକ ପାଠ୍ୟକ୍ରମ ପରେ ଚାଟାର୍ଡ ଆକାଉଣ୍ଟାନ୍ସି ପଢ଼ିବା ପାଇଁ ଲୁଧିଆନା ଯାଇଥିଲେ । ତେବେ ୧୯୭୬ ମସିହାରେ ଖ୍ୟାତନାମା ନିର୍ଦ୍ଦେଶକ ସାଧୁ ମେହେରଙ୍କ 'ଅଭିମାନ' ସିନେମା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା । ଏହି ସିନେମାର କାହାଣୀ ଲେଖକ ଆନନ୍ଦ ଶଙ୍କର ଦାସ ତାଙ୍କ ପରିଚିତ ଥିବାରୁ ସେ ଏହି ସିନେମା ପାଇଁ ତାଙ୍କୁ ରାଜି କରାଇଥିଲେ । ୧୯୭୭ରେ ରିଲିଜ ହୋଇଥିବା 'ଅଭିମାନ' ସେ ସମୟର ସୁପର ଡୁପର ହିଟ୍‌ର ମାନ୍ୟତା ପାଇଥିଲା । ତେବେ ଅନେକ ଗଣମାଧ୍ୟମକୁ ମଧ ଉତ୍ତମ କହିଥିଲେ ଯେ ସିନେମାକୁ ଆସିବା ପାଇଁ ତାଙ୍କର କୌଣସି ଇଚ୍ଛା ହିଁ ନଥିଲା । ତାଙ୍କ ନିଜ ଭାଷାରେ 'ଯଦି ପ୍ରଥମର ଏ ଲାଇନକୁ ଆସିବା ପାଇଁ ପ୍ରସ୍ତୁତ ଥାଆନ୍ତି ତେବେ ଦ୍ୱିତୀୟ ଫିଲ୍ମ ଦୁଇବର୍ଷ ପରେ କରିନଥାନ୍ତି' । ଓଡ଼ିଆ ଚଳଚ୍ଚିତ୍ରରେ ନାୟକର ନୂଆ ପରିଭାଷା ତିଆରି କରିବା ସହ ତାଙ୍କ ଭିନ୍ନ ଭିନ୍ନ ଭୂମିକାର ସାବଲୀଳ ଅଭିନୟ ତାଙ୍କୁ ହିଁ ଅବିଳମ୍ବେ ଓଡ଼ିଆ ଫିଲ୍ମ ଜଗତର ସବୁଠାରୁ ବଡ଼ ତାରକାର ମାନ୍ୟତା ଦେଇଥିଲା ।

୧୯୭୭ରେ ତାଙ୍କ 'ଅଭିମାନ' ଚଳଚ୍ଚିତ୍ରରୁ ଯେଉଁ ସୁନେଲି ଜଗତକୁ ସେ ପାଦ ପକାଇଥିଲେ ପରେ ପରେ ତାଙ୍କର ୧୯୭୮ରେ 'ପତି ପତ୍ନୀ' ଠାରୁ ୧୯୮୨ରେ 'ଫୁଲ ଚନ୍ଦନ', ୧୯୮୪ରେ 'ଦଣ୍ଡା ବାଳୁଙ୍ଗା', ୧୯୮୫ରେ 'ସହରୀ ବାଘ', ୧୯୮୬ରେ 'ଜୋରଯାର ମୂଳକ ତାର', ୧୯୮୯ରେ 'ଦଇବ ଦଉଡି' ଏହିପରି ତମାମ ସିନେମାକୁ ମିଶାଇଲେ ୧୩୫ଟି ଓଡ଼ିଆ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି । ୮୦ ଓ ୯୦ ଦଶକରେ ସେ ଥିଲେ ଓଡ଼ିଆ ସିନେ ଜଗତର ସବୁଠାରୁ ସଫଳ ଓ ବ୍ୟସ୍ତତମ ତାରକା । ତାଙ୍କ ଅଭିନୀତ ଚଳଚ୍ଚିତ୍ର ଗୁଡ଼ିକ ଓଡ଼ିଆଙ୍କ ଘରେ ଘରେ ବେଶ ପ୍ରିୟପାତ୍ର ହୋଇପାରିଛି । ଏହା ବ୍ୟତୀତ ୧୯୯୧ରେ ହିନ୍ଦୀ ଚଳଚ୍ଚିତ୍ର 'ନୟାଜହର'ରେ ସେ ଅଭିନୟ କରିଥିଲେ । ତାଙ୍କର ଅନେକ ସିନେମା ସଫଳ କୃତୀତ୍ୱ ପାଇବା ସହ ସୁପରଡୁପର ହିଟ୍ ମାନ୍ୟତା ପାଇଥିଲା । ୨୦୦୯ ମସିହାରେ ତାଙ୍କର ସେ ସିନେମା ଥିଲା 'ପାଗଳ କରିଛି ପାଉଁଜି ତୋର' ଏହା ବ୍ୟତୀତ 'ସାରା ଆକାଶ', 'ପଣତ କାନି', 'ଉତ୍ତରଦାୟୀ', 'କଥା କହୁଥିଲେ ସରିବନି' ପ୍ରମୁଖ କିଛି ଅଳ୍ପ ଧାରାବାହିକରେ ଅଭିନୟର ଯାଦୁ ଦେଖାଇଛନ୍ତି । ସେ ଥିଲେ ଏପରି ଜଣେ ଓଡ଼ିଆ ଅଭିନେତା ଯେ କି ୧୩୫ଟି ଓଡ଼ିଆ ସିନେମା ସହିତ ୩୦ଟି ବଙ୍ଗଳା ସିନେମା ଓ ଗୋଟିଏ ହିନ୍ଦୀ ସିନେମାରେ ତାଙ୍କ ଦକ୍ଷତା ଦେଖାଇଛନ୍ତି । ତେବେ ୧୯୯୧ ମସିହାରୁ କୁଙ୍କୁମ ମୁଭିଜ ବ୍ୟାନରରେ ତିଆରି ହୋଇଥିବା 'ମମତାର ମନ୍ଦିର'ର ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମଧ ଏହାର ସୁଟିଂ ସରିଯାଇଥିଲା କିନ୍ତୁ ଏହାର ପୋଷ୍ଟ ପ୍ରଡକ୍ସନ କାର୍ଯ୍ୟ ଏଯାବତ୍ ବାକି ରହିଗଲା । ଶ୍ରେଷ୍ଠ ଅଭିନେତା ଭାବେ ସେ ଚାରିଥର ପୁରସ୍କୃତ ହୋଇଛନ୍ତି । ସେ ସିନେମା ଗୁଡ଼ିକ ହେଉଛି 'ସୁନା ଚଢ଼େଇ', 'ଦଣ୍ଡା ବାଳୁଙ୍ଗା', 'ଫୁଲ ଚନ୍ଦନ' ଓ 'ଝିଅଟିଏ ସୀତା ପରି' । ୨୦୧୨ ମସିହାରେ ଓଡ଼ିଶା ଲିଭିଂ ଏଜେଣ୍ଟ ଆୱାର୍ଡ଼, ୧୯୯୯ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ସମ୍ମାନ ଜୟଦେବ ସମ୍ମାନ ସେ ପାଇଥିଲେ । ତାଙ୍କର ସୁପରହିଟ ଚଳଚ୍ଚିତ୍ର ଗୁଡ଼ିକ ପରବର୍ତ୍ତୀ ପିଢ଼ୀ ପାଇଁ ଅଭିନୟର ଯାଦୁ ଶିଖାଇଛି ।

ଏମିତିରେ କହିବାକୁ ଗଲେ କେଉଁ ଓଡ଼ିଆ ଜଣେ ନଥିବେ ଯିଏ ଉତ୍ତମ ମହାନ୍ତିଙ୍କ ଅଭିନୀତ ସିନେମା ପ୍ରେମରେ ପଡ଼ିନଥିବେ । ତାଙ୍କର ରୋମାଣ୍ଟିକ ଅଭିନୟ ଠାରୁ ଆକ୍ସନ, ନୃତ୍ୟ ଠାରୁ ସାଧାରଣ ଚେହେରା ସବୁଥିରେ ସେ ଥିଲେ ଅନନ୍ୟ ଓ ସ୍ୱତନ୍ତ୍ର । ଓଲିଉଡରେ ସୁପରଷ୍ଟାର ବୋଲି ଯଦି କାହାରିକୁ ପ୍ରଥମ ଥର ଆଖ୍ୟା ଦିଆଯାଇଥିଲା ତେବେ ଯେ କେହି ବି ଆଖି ବୁଜି ସ୍ୱୀକାର କରିବ ସେ ଥିଲେ ହିଁ ଉତ୍ତମ । ବ୍ୟକ୍ତିଗତ ଜୀବନରେ ସେ ଜଣେ ଅତ୍ୟନ୍ତ ବନ୍ଧୁବତ୍ସଳ, ଭଦ୍ର, ଅମାୟିକ ଓ ଖୁବ କମ କଥା କହୁଥିବା ବ୍ୟକ୍ତିତ୍ୱ । ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସିନେମା ତାଙ୍କୁ ନେଇ ହିଁ ଘୂରି ବୁଲୁଥିଲା । ଏପରି ଏକ ସମୟ ଥିଲା ତାଙ୍କୁ ଛାଡ଼ି କୌଣସି ସିନେମା କଥା ନିର୍ଦ୍ଦେଶକ ବା ପ୍ରଯୋଜକମାନେ ଚିନ୍ତା ବି କରିପାରୁ ନଥିଲେ । ତାଙ୍କ ପରିବାରଟି ସମ୍ପୂର୍ଣ୍ଣ ରୂପେ ଚଳଚ୍ଚିତ୍ର ଜଗତ ପ୍ରତି ସମର୍ପିତ । ତାଙ୍କ ପତ୍ନୀ ଅଭିନେତ୍ରୀ ଅପରାଜିତା ଓ ପୁଅ ବାବୁଶାନ ଅଭିନୟ ଜଗତରେ ଅନେକ ସଫଳତା ପାଇଛନ୍ତି । ଉତ୍ତମ-ଅପରାଜିତା ଯୋଡ଼ି ଓଲିଉଡର ସର୍ବକାଳୀନ ହିଟ ଯୋଡ଼ି ଭାବେ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିବା ସହ ପ୍ରଯୋଜକଙ୍କୁ ସଫଳତା ଦେଇଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଜଗତର ସେ ଥିଲେ ଚିରସବୁଜ ନାୟକ । ଲମ୍ବା ସମୟ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପରିପୁଷ୍ଟ କରିବାରେ ତାଙ୍କ ଯୋଗଦାନ ଅତୁଳନୀୟ । ନିଖୁଣ ଓ ଜୀବନ୍ତ ଅଭିନୟ ତାଙ୍କୁ ଘରେ ଘରେ ଲୋକପ୍ରିୟ କରାଇଥିଲା । ଓଡ଼ିଶା ସିନେ ଜଗତର ଜଣେ ଯୋଗଜନ୍ମାଙ୍କ ଆଜି ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ବାସ୍ତବରେ ଅପୂରଣୀୟ ରହିବ । ଦୀର୍ଘ ସମୟ ପାଇଁ ପ୍ରତିଟି ଓଡ଼ିଆଙ୍କ ମନରେ ହିଁ ସେ ରହିବେ । ତାଙ୍କର ଅମର ଆତ୍ମାର ସଦଗତି କାମନା କରୁଛି ।



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ଶକ୍ତି ପୀଠ ତଥା ପର୍ଯ୍ୟଟନ ସ୍ଥଳୀ ଭୂଷଣ୍ଡପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉଗ୍ରତାରା ଦେବୀଙ୍କର ଆଜି ହୁଣ୍ଡି ଖୋଲା ଯାଇଛି । ମା'ଙ୍କ ଠାରୁ ଆଜ୍ଞାମାଳ ଆଣିବା ପରେ ରୀତି ନୀତି ଅନୁସାରେ ପୂଜାପାଠ କରାଯାଇ ହୁଣ୍ଡି ଖୋଲା ଯାଇଥିଲା । ମନ୍ଦିର ପରିସରରେ ଥିବା ପ୍ରଶାସନିକ କାର୍ଯ୍ୟାଳୟରେ ଗଣତି ସମୟରେ ସିସିଟିଭି ବ୍ୟବସ୍ଥା କରା ଯାଇଥିଲା । ଗଣତି ସମୟରେ ଟାଙ୍ଗୀ ତହସିଲଦାର ମିତାଲୀ ପାତ୍ର, ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ ଓ ସ୍ଥାନୀୟ କମିଟି ଉପସ୍ଥିତ ଥିଲେ । ନୂଆଗଡ଼ ପଂଚାୟତର ଏସଏଚଜି ମହିଳା, ମନ୍ଦିର କର୍ମଚାରୀ କୁମର ପାତ୍ର, ସୁବ୍ରତ କୁମାର ସାମନ୍ତରାୟ । ସରପଞ୍ଚ କିଶୋର କୁମାର ରାଉତରାୟ, ସୁନିତା ହାଲଦାର, ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ମନ୍ଦିରର ଦାନବାକ୍ସ ଗଣତି ପରେ ହୁଣ୍ଡିରୁ ୮ ଲକ୍ଷ ୬୯ ହଜାର ୬୨୬ ଟଙ୍କା ମିଳିଛି । ଏହାସହ ଗୋଟିଏ ରୁପା ମୁଦ୍ରା ମିଳିଛି । ହୁଣ୍ଡି ଟଙ୍କାକୁ ନିକଟସ୍ଥ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ମନ୍ଦିରର ଜମା ଖାତାରେ ଜମା କରାଯିବ ବୋଲି ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି ।

# ନିମାପଡ଼ାକୁ ସ୍ୱତନ୍ତ୍ର ଜିଲ୍ଲା ଓ ସବ୍‌ଡ଼ିଭିଜନ୍ ମାନ୍ୟତା ଦାବି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଜିଲ୍ଲାର ମାନ୍ୟତା ପାଇବା ପାଇଁ ଯାଉଥିବା ବେଳେ ନିମାପଡ଼ା ଅଂଚଳରେ ସଚେତନ ନାଗରିକମାନଙ୍କ ଉଦ୍ୟମ ପାଇଁ ଏହା ସମ୍ଭବପର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନିମାପଡ଼ା ଅଂଚଳର ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ସୁଧୀର ଚରଣ ମହାନ୍ତି, ଆଇନଜୀବୀ ରଂଜିତ ସାହୁ, ନିମାପଡ଼ା ବାର ଆସୋସିଏସନ୍‌ର ପୂର୍ବତନ ସଭାପତି ନିମାପଡ଼ାରେ ରାଜସ୍ୱ ଜିଲ୍ଲା ସବ୍‌ଡ଼ିଭିଜନ୍ କରିବା ପାଇଁ ବିଭିନ୍ନ ସ୍ତରରେ ଦାବୀ କରି ଆସୁଥିଲେ । ୨୦୨୨ ମସିହାରେ ଶ୍ରୀ ମହାନ୍ତିଙ୍କ ସମେତ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓଡ଼ିଶାରେ ଏକ ଜନସ୍ୱାର୍ଥ ମାମଲା ମୋକଦ୍ଦମା ନଂ-୩୩୧୯୩/୨୦୨୨ରେ ଦାଖଲ କରିଥିଲେ । ମାନ୍ୟବର ନ୍ୟାୟାଳୟ ତା.୦୭.୧୨.୨୦୨୨ରେ ରାଜ୍ୟ ସରକାରଙ୍କୁ ବିଚାର କରି ନିଷ୍ପତି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଇଥିବା ନୋଟିସ୍ ମୁତାବକ ସୁଧୀର ମହାନ୍ତି, ଅଶୋକ କୁମାର ନନ୍ଦ, ଅଭୟ ରାଉତ ଲୋକସେବା ଭବନରେ ହାଜର ହୋଇ ନିଜର ମତ ରଖିଥିଲେ । ମାନ୍ୟବର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ଯେତେବେଳେ ନୂଆ ସବ୍‌ଡ଼ିଭିଜନ୍ ଗଠନ କରାଯିବ ସେତେବେଳେ ନିମାପଡ଼ାକୁ ଅଗ୍ରାଧିକାର ଦିଆଯିବ । ନିମାପଡ଼ାକୁ ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲ୍ଲା କରିବା ପାଇଁ ସରକାରଙ୍କ ନିକଟରେ ମଧ୍ୟ ନିବେଦନ କରାଯାଇଥିଲା । ନୂତନ ଜିଲ୍ଲା ସଂପର୍କରେ ଘୋଷଣା ପରୀପ୍ରେକ୍ଷୀରେ ୧୫ଟି ଜିଲ୍ଲାରୁ ନୂତନ ଜିଲ୍ଲା ସୃଷ୍ଟି କରିବା ପ୍ରସଙ୍ଗରେ ଉତର ଦେଇ ମାନଦଣ୍ଡକୁ ବିଚାରକୁ ନେଇ ପ୍ରଚଳିତ ନିୟମ ଧାରାରେ ସରକାରଙ୍କ ନିକଟରେ ବିଚାରାଧୀନ ଥିବା ୨୮ଟି ଦରଖାସ୍ତକୁ ବିଚାର ପାଇଁ ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଥିଲା । ଶ୍ରୀ ମହାନ୍ତି ଏ ସଂପର୍କରେ ସୂଚନା ଆଇନ ମୁତାବକ ପ୍ରଥମ ଅପିଲ୍ କେସ୍ ୧/୨୦୨୪ରେ ଦାଖଲ କରିଥିଲେ । ମାନ୍ୟବର ଅତିରିକ୍ତ ସଚିବ ରଶ୍ମିରେଖା ମିଶ୍ର ୨୮.୦୧.୨୦୨୫ରେ ନିର୍ଦ୍ଦେଶ ମୁତାବକ ରାଜସ୍ୱ ମନ୍ତ୍ରୀଙ୍କର ବିଧାନସଭାରେ ଦିଆଯାଇଥିବା ୦୭.୦୨.୨୦୨୪ରେ ଉତରର ସମସ୍ତ କାଗଜ ସାର୍ଟିଫାଏଡ୍ ନକଲ ଶ୍ରୀ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ସରକାରଙ୍କ ଏକ ତାଲିକା ସେଥିରେ ସଲଗ୍ନ କରାଯାଇଥିବା ବେଳେ ପୁରୀ ଜିଲ୍ଲାରୁ ଅଲଗା ହୋଇ ନିମାପଡ଼ା ଏକ ସ୍ୱତନ୍ତ୍ର ଜିଲ୍ଲା ହେବା ସଂପର୍କରେ ତଥ୍ୟ ରହିଥିଲା । ନିମାପଡ଼ା ବରିଷ୍ଠ ନାଗରିକ ମଂଚ ତରଫରୁ ସରକାରଙ୍କ ବିଶେଷ ଭାବେ ମାନ୍ୟବର ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତି ପରିଡ଼ାଙ୍କୁ ନିବେଦନ କରାଯାଇଅଛି । ନିମାପଡ଼ାକୁ ରାଜସ୍ୱ ଜିଲ୍ଲା ଏବଂ ରାଜସ୍ୱ ସବ୍‌ଡ଼ିଭିଜନ୍ ଘୋଷଣା କରିବା ପାଇଁ ମଧ୍ୟ ନିବେଦନ କରାଯାଇଛି ।

# ଦିନକରେ ୧୬ ବଗି ରେକ ପଣ୍ୟ ଖଲାସ କରି ପାରାଦୀପ ବନ୍ଦରର ରେକର୍ଡ



ପାରାଦୀପ(ଭାସ୍କର ନ୍ୟୁଜ): ଗତ ୧ ତାରିଖରେ ଗୋଟିଏ ଦିନରେ ୧୦ଟି କୋଇଲା ଓ ୬ଟି ଆଇରନ ଓର ସର୍ବମୋଟ ୧୬ଟି ରେଲବଗି ରେକ ଖଲାସ କରି ପାରାଦୀପ ବନ୍ଦର ପ୍ରାଧିକାରଣ ତାର ପୂର୍ବ ରେକର୍ଡକୁ ଅତିକ୍ରମ କରି ବନ୍ଦର ପଣ୍ୟ ପରିଚାଳନା କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି । ଦେଶର ଏକ ନମ୍ବର ପାରାଦୀପ ବନ୍ଦର ଗୋଟିଏ ପରେ ଗୋଟିଏ କିର୍ତ୍ତିମାନ ସ୍ଥାପନ କରି ଚାଲିଥିବା ବେଳେ ଏହି ସଫଳତା ପାଇଁ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ବନ୍ଦରର ସମସ୍ତ କର୍ମଚାରୀ, ଅଧିକାରୀ ଓ ହିତାଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ପ୍ରଚେଷ୍ଟା ପାରାଦୀପ ବନ୍ଦରକୁ ଏହିପରି ଆଗକୁ ନେବାରେ ସହାୟକ ହେବା ନେଇ କାମନା କରିଛନ୍ତି । ସୂଚନାଥାଉ କି, ପାରାଦୀପ ବନ୍ଦର ନିଷ୍କିଦ୍ଧାଞ୍ଚଳ ଓ ପୋତାଶ୍ରୟର ଯାନ୍ତ୍ରିକରଣ ଓ ଆନୁସଙ୍ଗିକ ବ୍ୟବସ୍ଥା ଏବଂ ବନ୍ଦର ଅଧକ୍ଷ ଶ୍ରୀ ହରନାଦଙ୍କ ସଠିକ ନେତୃତ୍ୱ ଯୋଗୁଁ ବନ୍ଦରର ପଣ୍ୟ ପରିଚାଳନା ଓ ଜାହାଜ ଚଳାଚଳରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ମରଣ କେତେବେଳେ ଆସେ କେହି କହିପାରେନା, ଏଇ ଯେମିତି ଜଣେ ଯୁବକ ହସ ଖୁସିରେ ସଂପର୍କୀୟ ବାହାଘରରେ ଯୋଗଦାନ କରିବାକୁ ଯାଇଥିଲେ । ଆଉ ଫେରିବା ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ରାସୋଳ ଥାନା ଅନ୍ତର୍ଗତ ଦଣ୍ଡିରୀ ଗ୍ରାମର ସ୍ୱର୍ଗତ ମାୟାଧର ସାହୁଙ୍କ ସାନପୁତ୍ର ପ୍ରଭାସ ସାହୁ (୨୩) ନାମକ ଏକ ଯୁବକ ବାଇକ୍ ଯୋଗେ ନିଜର ସଂପର୍କୀୟ ବାହାଘରକୁ ଯୋଗଦେବାକୁ ଯାଇଥିଲେ । ବାହାଘରରେ ଯୋଗଦାନ କରି ଘରକୁ ଫେରିବା ରାସ୍ତାରେ ରାଗୋଳ ଶିଶୁଗଡା ଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକ ଓ ସଂପର୍କୀୟଙ୍କ ସହଯୋଗରେ ପ୍ରଥମେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଢେଙ୍କାନାଳରେ ଭର୍ତି କରାଯାଇଥିଲା । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅପରେସନ କରାଯାଇଥିଲା । ତାଙ୍କର ଦେହାନ୍ତ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପାରାଦୀପରେ ବିଏମ୍‌ଏସ୍‌ର ସର୍ବଭାରତୀୟ ସମ୍ମିଳନୀ ଉଦ୍‌ଯାପିତ: ଶ୍ରୀକାନ୍ତ ରାୟ ସଭାପତି




ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ପୋର୍ଟ ଏଣ୍ଡ ଡକ ମଜଦୁର ମହାସଂଘ (ବିଏମଏସ) ୧୧ ତମ ତ୍ରୟୀବାର୍ଷିକ ସମ୍ମିଳନୀ ପାରାଦୀପ ବନ୍ଦରର ଜୟଦେବ ସଦନ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାର୍ଚ୍ଚ ୧ ଓ ୨ ତାରିଖ ଦୁଇଦିନବ୍ୟାପି ଏହି ସମ୍ମିଳନୀକୁ ବିଏମଏସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ଜୀ ହିମତେ ଶନିବାର ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ସମାରୋହରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଏମ୍‌ଏସ୍‌ର ରାଷ୍ଟ୍ରୀୟ ସଭାପତି ଶ୍ରୀକାନ୍ତ ରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଏମଏସର କେନ୍ଦ୍ରୀୟ ପ୍ରଭାରୀ ଚନ୍ଦ୍ରକାନ୍ତ ଧୂମାଲ, ସହ ପ୍ରଭାରୀ ଭି.ଏନ.ଚାଓ୍ୱଡ଼ା, ବିଏମ୍‌ଏସ୍ ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁରେଶ ପାଟିଲ, କୋଷାଧକ୍ଷ ସୁଧୀର ଘରତ, ବିଏମଏସ ପାରାଦୀପ ଶାଖା ସଭାପତି ରାକେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଏକ ପଦଯାତ୍ରା ବନ୍ଦର ସହର ପରିକ୍ରମା କରି ଜୟଦେବ ସଦନ ସମ୍ମିଳନୀ ସଭା ନିକଟରେ ସମାପ୍ତ ହୋଇଥିଲା । ସମ୍ମିଳନୀରେ ପାରାଦୀପ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ବିଏମ୍‌ଏସ୍ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ । ଏହି ଦୁଇଦିନ ବ୍ୟାପି ସମ୍ମିଳନୀ ରବିବାର ଉଦଯାପିତ ହୋଇଯାଇଛି । ଏହି ସମ୍ମିଳନୀରେ ଦେଶର ବୃହତ ବନ୍ଦରରେ କାର୍ଯ୍ୟରତ କର୍ମଚାରୀ, ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପାରାଦୀପ ବିଏମଏସ ପକ୍ଷରୁ ଆୟୋଜିତ ଏହି ଜାତୀୟ ସ୍ତରୀୟ ସମ୍ମିଳନୀକୁ ସଭାପତି ରାକେଶ ପଟ୍ଟନାୟକ ଓ ସଂଘ କର୍ମକର୍ତ୍ତା ସଫଳତାର ସହ ପରିଚାଳନା କରିଥିଲେ । ତେବେ ବିଏମଏସର ସର୍ବଭାରତୀୟ ସଭାପତି ଭାବେ ପୁନର୍ବାର ପାରାଦୀପର ଶ୍ରମିକ ନେତା ଶ୍ରୀକାନ୍ତ ରାୟ ନିର୍ବାଚିତ ଘୋଷଣା ପରେ ପାରାଦୀପର ବିଏମ୍‌ଏସ୍ କର୍ମକର୍ତ୍ତାଙ୍କ ମଧ୍ୟରେ ଖୁସିବ୍ୟକ୍ତ କରାଯିବା ସହ ପାରାଦୀପ ସଙ୍ଘ ସଭାପତି ରାକେଶ ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ନହେଲେ ଆନ୍ଦୋଳନ ଚେତାବନୀ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟରେ ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତା ପାଇଁ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ । ପୂର୍ବରୁ ବିଜେଡି ସରକାର ନିର୍ବାଚନରେ ଜିତିବା ପାଇଁ ଜଣେକା ମାସିକ ୧୦୦୦ ଟଙ୍କା ଦିଆଯିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ତାହା ଦିଆଯାଇଥୁଲା । ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଘୋଷଣା କଲେ ଆମ ବିଜେପି କ୍ଷମତାକୁ ଆସିଲେ ଭତ୍ତା ବାର୍ଦ୍ଧକ୍ୟ ଲୋକଙ୍କୁ ମାସିକ ୩୦୦୦ ଅର୍ଥେ ରାଶି ନିଶ୍ଚିନ୍ତ ଦେବୁ । ରାଜ୍ୟରେ ବିଜେପି ସରକାର୍ ଗଠନ କଲେ କିନ୍ତୁ ଆଜି ପର୍ଯ୍ୟନ୍ତ ଭତ୍ତାକୁ ବର୍ଦ୍ଧିତ ନକରି ଧୁଆଁବାଣ ମରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ଦୁଇମାସ ପରେ ସରକାର ଘୋଷଣା କଲେ ୮୦ ବର୍ଷରୁ ଅଧିକ ଲୋକଙ୍କୁ ମାସିକ ୩୦୦୦ଟଙ୍କା ଦିଆଯିବ । ସେମାନେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଇନାହାନ୍ତି, ୬୦ ବର୍ଷରୁ ଅଧିକ ମହିଳା ଓ ପୁରୁଷଙ୍କ କଥା କିଏ ପଚାରେ । ଏହା ହେଉଛି ବିଜେପି ସରକାରଙ୍କ ସେବା କାର୍ଯ୍ୟା ବାର୍ଦ୍ଧକ୍ୟ, ବିଧବା ବିକଳାଙ୍ଗଙ୍କ କଥା ପ୍ରାୟ ଏ ବିଜେପି ସରକାର ଭୁଲି ଗଲେଣି । ରଜ୍ୟସରକାର ଅଧିକ ଚିନ୍ତା କରି ସରକାରୀ କର୍ମଚାରୀ, ଶିକ୍ଷକ, ସାଂସଦ, ବିଧାୟକଙ୍କ ଦରମା ବର୍ଦ୍ଧିତ କରାଯାଉଛି, କେନ୍ଦ୍ର ସରକାର କମିଶନ ବସାଇ ସମସ୍ତ କର୍ମଚାରୀଙ୍କ ଦରମା ବାରମ୍ବାର ବର୍ଦ୍ଧିତ କରୁଛନ୍ତି ଜଣାପଡେ ରାଜ୍ୟରେ ବାର୍ଦ୍ଧକ୍ୟ, ବିଧବାମାନେ ପ୍ରାୟ ଆଉନାହାନ୍ତି । ଏହାଦ୍ୱାରା ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ହେଉଛି । ମାସିକ ଭତ୍ତା ଯେଉଁ ୧ହଜାର ଦିଆଯାଉଛି ତାହା ଦିନକୁ କେତେ ଟଙ୍କା ପଡ଼ିଲା, କର୍ମଚାରୀଙ୍କ ପ୍ରାୟ ୨ଲକ୍ଷରୁ ଅଧିକ ଦରମା ପାଉଛନ୍ତି । ବିଧାୟକ ଓ ସାଂସଦ ମାନେ ଟିକେ ଚିନ୍ତା କରୁନାହାନ୍ତି ବାର୍ଦ୍ଧକ୍ୟ ଭତ୍ତା ବର୍ଦ୍ଧିତ କରିବା ପାଇଁ । ଏହା କ'ଣ ବରିଷ୍ଠ ନାଗରିକଙ୍କ ସେବା ପାଇଁ ଓ ବରିଷ୍ଠ ନାଗରିକ ଦିନକୁ ଦୁଇଥର ଚା ପିଇଲେ ସେ ଭତ୍ତାରେ ଆଉ ଅନ୍ୟ ଖର୍ଚ୍ଚ କରିବା ଅସମ୍ଭବ । ଏହା କଣ ଏ ବିଜେପି ସରକାରଙ୍କ ଜନହିତକର ବରିଷ୍ଠ ନାଗରିକଙ୍କ ପାଇଁ ଉପହାର । ବାର୍ଦ୍ଧକ୍ୟ ଭତ୍ତା ଯଦି ବର୍ଦ୍ଧିତ ଖୁବ୍‌ଶିଘ୍ର ନକରାଯାଏ ତାହା ହେଲେ ଆନ୍ଦୋଳନ ପାଇଁ ବରିଷ୍ଠ ନାଗରିକ ଚେତାବନୀ ଦେଇଛନ୍ତି ।

### ପ୍ରଶାସନର ଅଜବ ବିଚାର

## ଦିନରେ ହାଇୱା ଚଳାଚଳକୁ ନାଁ, ରାଜନଗରକୁ ହଁ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ସଦର ମହକୁମା ବାଇପାସ୍ ରାସ୍ତାରେ ୨୩ତାରିଖରେ ଦିନ ଦ୍ୱିପ୍ରହରେ ନିରିହ ପୂର୍ବତନ ସରପଞ୍ଚଙ୍କୁ ବେପରୁଆ ହାଇୱା ପଛରୁ ଚଢିଯିବାରୁ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ତା ପରଦିନ ତିନିମୁହାଣୀ ପୋଲ ସେପଟେ ଜଣେ ମହିଳାକୁ ଦିନଦ୍ୱିପ୍ରହରେ ହାଇୱା ଚାପି ଦେଇ ମରଣ ମୁଖକୁ ଠେଲି ଦେଇଥିଲା । ଏପରି ଦୁଃଖଦାୟକ ସମାନ ଅଘଟଣ ଘଟିଥିବା ବେଳେ ପ୍ରଶାସନ କେନ୍ଦ୍ରାପଡାକୁ ଗେହ୍ଲାପୁଅ ଭାବି ଦିନରେ ଲୋକଙ୍କ ସୁରକ୍ଷା ପାଇଁ କେନ୍ଦ୍ରାପଡା ତିନିମୁହାଣି ଛକ ଦେଇ ହାଇୱା ଚଳାଚଳ ବନ୍ଦ କରିଛନ୍ତି । କିନ୍ତୁ ରାଜନଗରକୁ ସାବତ ପୁଅ ଭାବି ଲୋକଙ୍କୁ ଅସୁରକ୍ଷିତ କରିବାକୁ ଦିନରେ ହାଇୱା ଚଳପ୍ରଚଳକୁ ବିରୋଧ ନାହିଁ । ଯାହାକୁ ନେଇ ଅଞ୍ଚଳରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଏଭଳି ସ୍ଥିତିରେ ପ୍ରଶାସନ ପାତର ଅନ୍ତର କରିବା ଉଚିତ୍ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଲୋକଙ୍କ ମନରେ ଭୟ ଏତେ ଘାରିଛି ଯେ, ହାଇୱା ଟ୍ରକ୍ ଦେଖିଦେଲା କ୍ଷଣି କୋକୁଆ ଭୟ ସୃଷ୍ଟି ହୋଇ ଅମାନିଆ ମଣିଷଖିଆ ଗାଡି ଆସିଛି ବୋଲି କହି ଧାଉଁଛନ୍ତି । କେନ୍ଦ୍ରାପଡାରୁ ଭୋରରୁ ହାଇୱା ପାସ କରି ଦୃତ ଗତିରେ ରାଜନଗର ଦେଇ ତଳ ଅଞ୍ଚଳକୁ ଯାଉଥିବା ଦେଖା ଦେଇଛି । ଏପରିକି ରାତିରେ ବାଲି ବୋଝେଇ ହାଇୱା ଓ ଟ୍ରକ୍ ମାନ ଦ୍ରୁତଗତିରେ ଯାତାୟତ କରୁଥିବା ବେଳେ କେତେବେଳେ କ୍ଷଣ୍ଟେ ତ କେତେବେଳେ ଗୋରୁ ଗାଈ ଏବଂ ଘର ଉପରେ ଚଢି ଯାଉଛି । ହାଇୱା ଦୁର୍ଘଟଣା ପରଦିନ ଘଡିଆମାଳରେ ବିଳମ୍ବିତ ରାତିରେ ଗୋଟିଏ ନୂଆ ଘର ଉପରେ ଟ୍ରକ ମାଡିଯାଇଥିବା ନଜିର ରହିଛି । ତେଣୁ ପ୍ରଶାସନ ରାଜନଗର ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବୁଲା ବିକାଳି ତଥା ଛକରେ ସୃଷ୍ଟି ହୋଇଥିବା ବେନିୟମ ମଦ ବ୍ୟବସାୟ ବନ୍ଦ କରି ଗାଡି ଚାଳକଙ୍କ ପ୍ରତି ସତର୍କ ଦୃଷ୍ଟି ରଖିଲେ ଦୁର୍ଘଟଣାର ପରିମାଣ ହ୍ରାସ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଦିନରେ ହାଇୱା ନୋ ଏଣ୍ଟ୍ରି କରିବା ସହ ପୋଲ ପାଖରୁ ଟ୍ରାଫିକ ହଟାଇବାକୁ ସାଧାରଣରେ ଦାବି ହେଉଛି ।

## ସନ୍ଧ୍ୟାରେ ଧମକ ଦେଲେ, ରାତିରେ ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ଆଳି (ଭାସ୍କର ନ୍ୟୁଜ): ବାକି ନ ଦେବାରୁ ଦୋକାନ ଗୃହକୁ ସମ୍ପୂର୍ଣ୍ଣ ଜାଳିଦେଲେ ଦୁର୍ବୃତ୍ତ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଳି ଥାନା ଅଧୀନ ବାଟିପଡ଼ା ଅଞ୍ଚଳରେ । ବଟିପଡ଼ା ଗାଁର ରଞ୍ଜିତ ପରିଡ଼ା (ବାବୁଲି) ନାମକ ବ୍ୟକ୍ତି ଦୀର୍ଘବର୍ଷ ହେବ ନିକଟରେ ଥିବା ମଦ କାଉଣ୍ଟର ସାମ୍ନାରେ ଏକ ଛୋଟିଆ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ । ଗତକାଲି ସନ୍ଧ୍ୟାରେ କିଛି ମଦ୍ୟପ ତାଙ୍କ ଦୋକାନକୁ ଆସି ଥଣ୍ଡା ଓ ସିଗାରେଟ ପିଇବା ସହ ଟଙ୍କା ନଦେଇ ଓଲଟି ଦାଦାବଟି ମାଗିଥିଲେ । ଦୋକାନୀ ଜଣକ ଏସବୁକୁ ବିରୋଧ କରିବାରୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଦୋକାନ ଜାଳିଦେବାକୁ ଧମକ ଦେଇ କେଉଁଆଡେ ଚାଲିଯାଇଥିଲେ । ହଠାତ ଗତକାଲି ବିଳମ୍ବିତ ରାତିରେ ଗ୍ୟାସ ଟାଙ୍କି ଫାଟିବାର ଶବ୍ଦ ଶୁଣି ନିକଟରେ ଥିବା ମଦ କାଉଣ୍ଟରର କର୍ମଚାରୀ ଏବଂ ରଞ୍ଜିତ ବାହାରେ ତାଙ୍କ ଦୋକାନଟି ହୁତୁହୁତୁ ହୋଇ ଜଳୁଥିବା ଦେଖିଥିଲେ । । ତୁରନ୍ତ ସେ ଆଳି ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ । କିନ୍ତୁ ନିମିଷକ ମଧ୍ୟରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଜିଣିଷପତ୍ର ସହିତ କେବିନ ଗୃହ ପୋଡି ପାଉଁଶ ହୋଇଯାଇଥିଲା । ରବିବାର ସକାଳେ ରଞ୍ଜିତ ଆଳି ଥାନାରେ ଘଟଣାରେ ସମ୍ପୃକ୍ତ ଥିବା ଜଣଙ୍କୁ ସନ୍ଦେହ କରି ଏକ ଲିଖିତ ଅଭିଯୋଗ କରିଛନ୍ତି । ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ଜଣାପଡିଛି ।

### ସରିଲା ନିମାପଡ଼ା ପ୍ରେସ୍ କ୍ଲବ୍ ନିର୍ବାଚନ

## ପ୍ରେସ୍ କ୍ଲବ୍ ଗୃହ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବହୁ ପ୍ରତୀକ୍ଷାର ଅନ୍ତ ଘଟିଥିବା ବେଳେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ନିର୍ବାଚନୀ ପ୍ରକ୍ରିୟା ଶେଷ ହୋଇଛି । ୨୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି । ନିର୍ବାଚନ ସରିବା ପରେ ସଭାପତି, ଉପ-ସଭାପତି, ସଂପାଦକ, ସହ-ସଂପାଦକଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ଏହି ନିର୍ବାଚନରେ ସଂଗଠନର ସଂପାଦକ ପଦବୀ ବାଇଲୋରେ ନଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବହୁ ପୁରାତନ ପ୍ରେସ୍ କ୍ଲବ୍‌ର ନିର୍ବାଚନୀ ପ୍ରକ୍ରିୟା ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି । ସର୍ବସମ୍ମତି କ୍ରମେ ନିର୍ବାଚନ କରାଯାଇଥିବା ବେଳେ ସଭାପତି ଭାବେ ଅକ୍ଷୟ ବେହେରା, ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ରମାକାନ୍ତ ବେହେରା, ସହ-ସଂପାଦକ ଅଶୋକ ବେହେରା, କୋଷାଧକ୍ଷ ପ୍ରଦ୍ୟୁମ୍ନ ବେହେରାଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ଆଜିର ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ମହେନ୍ଦ୍ର କୁମାର ସାହୁ ନିର୍ବାଚନ ପରିଚାଳନା କରିଥିଲେ । ନିର୍ବାଚନ ସରିବା ପରେ ପ୍ରେସ୍ କ୍ଲବ୍‌ର ଜମି ପୁନଃରୁଦ୍ଧାର କରାଯିବା ସହ ତୁରନ୍ତ ସେଠାରେ ଗୃହ ନିର୍ମାଣ କରିବା ପାଇଁ ସମସ୍ତ ସଭ୍ୟ/ସଭ୍ୟା ଦାବୀ କରିଛନ୍ତି । ଜବର ଦଖଲକାରୀଙ୍କ କବଳରୁ ପ୍ରେସ୍ କ୍ଲବ୍‌ର ଜାଗାକୁ ଉଦ୍ଧାର, ଆଗାମୀ ଦିନରେ ପ୍ରେସ୍ କ୍ଲବ୍‌କୁ କିପରି ସୁଦୃଢ଼ କରାଯିବ ସେ ସଂପର୍କରେ ମଧ୍ୟ ଦାବୀ ହୋଇଛି । ବରିଷ୍ଠ ସାମ୍ବାଦିକମାନଙ୍କର ମତ ନିଆଯାଇ ତୁରନ୍ତ ଜାଗା ପୁନଃରୁଦ୍ଧାର କରିବା ସହିତ କୌଣସି ବ୍ୟକ୍ତି ବିଶେଷଙ୍କୁ ପ୍ରେସ୍ କ୍ଲବ୍‌ର ଯେପରି ଏକ ଇଂଚ ଜାଗା ପ୍ରଦାନ କରା ନଯାଏ ସେ ସଂପର୍କରେ ପଦକ୍ଷେପ ନେବାକୁ ସମସ୍ତ ସାମ୍ବାଦିକ ଦାବି କରିଛନ୍ତି । ସରକାରୀ କାର୍ଯ୍ୟାଳୟରେ ବିଚାରାଧିନ ଥିବା ପ୍ରେସ୍ କ୍ଲବ୍‌ର ପାଂଚ ଡ଼ିସିମିଲି ଜାଗାକୁ ପୁନଃରୁଦ୍ଧାର କରାଯିବା ପାଇଁ ମଧ୍ୟ ଦାବି ହୋଇଛି ।

## ନିତାଇ ଗୌର ଆଶ୍ରମର ରୌପ୍ୟ ଜୟନ୍ତୀ, ହିନ୍ଦୁ ଧର୍ମସଭା ଓ ସନ୍ଥ ସମ୍ମିଳନୀ



କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ଗହମ ସ୍ଥିତ ନିତାଇ ଗୌର ଆଶ୍ରମର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ହିନ୍ଦୁଧର୍ମ ସଭା ଓ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୧୧ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଅନେକ ଆଧାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା । ପ୍ରାରମ୍ଭରେ ସପ୍ତାହେ ଧରି ଶ୍ରୀମଦ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଥିଲା । ବେଳେ ଏହାପରେ ତିନିଦିନ ଧରି ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଅଧିବାସ ହୋଇଥିବା ବେଳେ ଶୁକ୍ରବାର ଶେଷ ହୋଇ ନଗର କିର୍ତ୍ତନରେ ଶିଳିଂ, ପରାବିଲ ଓ ଗହମ ଗ୍ରାମ ପରିକ୍ରମା କରିଥିଲେ । ତେବେ ରୌପ୍ୟ ଜୟନ୍ତୀ ମହୋତ୍ସବର ଶେଷ ଦିବସରେ ଏକ ବିଶାଳ ହିନ୍ଦୁ ଧର୍ମ ସଭା ଓ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସାଧୁସନ୍ଥ ଯୋଗଦେଇ ଆଧାତ୍ମିକ ଜୀବନୀ ଓ ହିନ୍ଦୁଧର୍ମର ମହାନତା ଓ ସୁରକ୍ଷା ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଥିଲା । ମହୋତ୍ସବରେ ପ୍ରତିଦିନ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ସ୍ଥାନୀୟ ବିଧାୟକ ଅଶୋକ କୁମାର ମହାନ୍ତି, ପୂର୍ବତନ ଢ଼େଙ୍କାନାଳ ସାଂସଦ ମହେଶ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ନିର୍ବାଚିତ ପ୍ରତିନିଧି ମଧ୍ୟ ଯୋଗଦେଲେ ଥିଲେ । ସମସ୍ତ କାର୍ଯ୍ୟକ୍ରମ ଆଶ୍ରମ ମୂଖ୍ୟ ବାବାଜୀ ପ୍ରଭୁପାଦ ଦାସ, ଆଶ୍ରମ ସଦସ୍ୟ, ଗହମ ତଥା ଆଖପାଖ ଗ୍ରାମର ଭକ୍ତବୃନ୍ଦଙ୍କ ସହଯୋଗରେ ପରିଚାଳିତ ହୋଇଥିଲା ।

## ଦୁର୍ଘଟଣାରେ ଯୁବକ ମୃତ; ନିଶା ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ନିମାପଡ଼ା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବ୍ୟାପକ ଧଳା ଜହର, ଗଞ୍ଜେଇ ବ୍ୟବହାର ଓ ଆସ୍କା ଫର୍ଟି ଖାଇ ଯୁବକମାନେ ବିପଥଗାମୀ ହେଉଥିବା ବେଳେ ଦ୍ରୁତ ଗାଡ଼ିଚାଳନା କରି ଜାଣିଶୁଣି ଗାଡ଼ି ଦୁର୍ଘଟଣା ଘଟାଉଛନ୍ତି । ଯାହାକୁ ନେଇ ନିମାପଡ଼ାର ଅନେକ ରାସ୍ତା, ମଠ ମନ୍ଦିର ଏବେ ଅସୁରକ୍ଷିତ ହୋଇପଡ଼ିଛି । ମଠମନ୍ଦିରରେ ଦେବାଦେବୀଙ୍କୁ ମଧ୍ୟ ମାନୁନାହାନ୍ତି । ଦୁର୍ଘଟଣାରେ ଜଣେ ଯୁବକର ଜୀବନ ଚାଲି ଯାଇଥିବା ବେଳେ ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ପାଟପୁର ଠାରୁ ଅରିକ୍ଷିଣ୍ଟ ନାଳବନ୍ଧ ରାସ୍ତା ଇଷାଣେଶ୍ୱର ମନ୍ଦିର ପୀଠ ପାଲଟିଛି ନିଶାଖୋରଙ୍କ ନିରାପଦ ସ୍ଥାନ । ଆମରଙ୍ଗ ଛକରେ ମଧ୍ୟ ବ୍ୟାପକ ମାତ୍ରାରେ ଦେଶୀମଦ ବିକ୍ରି ହେଉଥିବାରୁ ପ୍ରତ୍ୟେକ ଦିନ ସେଠାରେ ଶହ ଶହ ନିଶାଖୋରଙ୍କୁ ଦେଖିବାକୁ ମିଳିଛି । ଯାହାଦ୍ୱାରା ଗ୍ରାମବାସୀଙ୍କ ଶାନ୍ତି ଭଗ୍ନ ହେଉଛି । ବିଜିପୁରରୁ ଗଡ଼ଗୁଆଡିରା ରାସ୍ତା, ପଡ଼ାଗୁଆଡିରା ଠାରୁ କୋଟରାଙ୍ଗ ରାସ୍ତା ପାଲଟିଛି ନିଶା ବେପାରୀଙ୍କର ଚରା ଭୂଇଁ । ଗତ ଶନିବାର ରାତ୍ର ୯ଟା ସମୟରେ ଜଣେ ଦଳିତ ଯୁବକ ବେପରୁଆ ଭାବେ ଗାଡ଼ିରେ ଲାଇଟ୍ ନଥିଲେ ମଧ୍ୟ ଦ୍ରୁତ ବେଗରେ ଗାଡ଼ି ଚାଳନା କରି ଆସିବାରୁ ଗଡ଼ଗୁଆଡିରାର ଜଣେ ଯୁବକକୁ ରାସ୍ତାରେ ଧକ୍କା ଦେବା ସହ ତାଙ୍କ ଉପରେ ବାଇକ୍ ଚଢ଼ାଇ ଦେଇଛି । ଯୁବକଙ୍କୁ ଗୁରୁତର ଅବସ୍ଥାରେ ପରିବାର ଓ କିଛି ବ୍ୟକ୍ତି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ଯୁବକର ମୃତ୍ୟୁ ଘଟିଛି । ଏ ସଂପର୍କରେ ଥାନାରେ ଅଭିଯୋଗ ହୋଇଛି । ଅବକାରୀ ବିଭାଗ ନିଶା ବେପାରୀଙ୍କୁ ଧରୁନଥିବାରୁ ନିଶା କାରବାର ବେଳକୁ ବେଳ ବଢ଼ି ଚାଲିଥିବା ବେଳେ ଜାଣିଶୁଣି ଯୁବକମାନେ ରାସ୍ତାରେ ଯାତାୟତ କରୁଥିବା ବ୍ୟକ୍ତିଙ୍କୁ ଗାଡ଼ି ଧକ୍କା କରି ମରଣ ମୁହଁକୁ ଠେଲି ଦେଉଛନ୍ତି । ଏହିଘଟଣା ଉପରେ ଦୃଷ୍ଟିଦିଆନଗଲେ ଆଗାମୀ ଦିନରେ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଜଣାପଡ଼ିଛି ।

## ଶନିମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମରେ ଦୁଇଦିନ ବ୍ୟାପି ଶନିମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ତୃତୀୟ ବାର୍ଷିକ ଶନିଶ୍ଚର ମେଳା ଅନୁଷ୍ଠିତ ହୋଇଯାଇଛି । ହରିବୋଲ ହୁଳହୁଳି, ଘଣ୍ଟ କରତାଳିରେ ପୀଠ ପ୍ରକମ୍ପିତ ହୋଇଥିଲା । ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରମୁଖ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା । ଆଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏହି ପ୍ରତିଷ୍ଠା ଦିବସରେ ଯୋଗଦେଇ ଘିଅ ଦୀପ ଜାଳିଥିଲେ । ଶନିଶ୍ଚର ମେଳା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

## କରଞ୍ଜିଆ-ଖିଚିଂ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା, ୩ ମୃତ

କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡ ଅନ୍ତର୍ଗତ ସିଙ୍ଗଡ଼ା ନିକଟରେ କରଞ୍ଜିଆ -ଖିଚିଂ ରାସ୍ତା ଦୂର୍ଗା କନଷ୍ଟ୍ରକସନ କ୍ୟାମ୍ପ ମହାଦେବଶାଳ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଅପରାହ୍ନରେ ଘଟିଛି ।ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ କରଞ୍ଜିଆ - ଖିଚିଂ ରାସ୍ତା ରରୁଆଁ ଥାନା ବାରିଆ ପଞ୍ଚାୟତ କୁଦସାହି ଗାଁର ମାଟାରାମ(ମାଟୁ), ଗାଗରାଇ(୬୦), ପିତା ସ୍ୱର୍ଗତ ସବନାଥ ଗାଗରାଇ, ସେହି ଗାଁର ଶିବପ୍ରସାଦ ଜେରାଇ (୨୮), ପିତା କାଣ୍ଡେରାମ ଜେରାଇ ଓ ଗହ୍ମାସାହିର ରଜତ କୁମାର ଚାତାର (୨୬) ତିନିଜଣ ଏକ ସ୍କୁଟି ନମ୍ବର ଓଡି୧୧ଏଏ୫୬୦୫ର କଚେରୀ କାର୍ଯ୍ୟରେ କରଞ୍ଜିଆ ଆସୁଥିଲେ । ଅପର ଦିଗରୁ ୧୯ ବର୍ଷିୟ ଅପରିଚିତ ଚାଳକ ଅନ୍ୟ ଏକ ସ୍କୁଟି ନମ୍ବର ଓଡି୧୧ଏଡି ୬୪୫୭ ଏକ ବୋଲେରୋ ଗାଡ଼ିକୁ ଅତିକ୍ରମ କରୁଥିବା ସମୟରେ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲେ । ସମସ୍ତ ଆରୋହୀ ଉଭୟ ଯାନରୁ ଛିଟିକି ପଡ଼ିଥିଲେ । ତେବେ ସେମାନଙ୍କ ମଧ୍ୟରୁ ଗୁରୁତର ଅବସ୍ଥାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଶିବପ୍ରସାଦକୁ ଲୋକମାନେ ଏକ ପିକଅପ୍ ଗାଡ଼ିରେ ପଠାଇଥିଲେ । ଘଟଣାସ୍ଥଳରେ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତପନ କୁମାର ବାରିକ ପହଞ୍ଚି ତିନି ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଉଭୟ ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି । ତେବେ ଏହି ଦୁର୍ଘଟଣାରେ ରଜତ,ମାଟାରାମ ଓ ଅନ୍ୟ ଅପରିଚିତ ଜଣଙ୍କ ମୃତ୍ୟୁ ହୋଇଥିବା ଏବଂ ଶିବପ୍ରସାଦ ଗୁରୁତର ହୋଇ ବର୍ତ୍ତମାନ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଚିକିତ୍ସାଳୟ ସୂତ୍ରରୁ ଜଣାପଡିଛି ।

## ଏନ୍‌ଟିପିସିରେ ରାସାୟନିକ ବିପର୍ଯ୍ୟୟ ନେଇ ରାଜ୍ୟସ୍ତରୀୟ ମକ୍‌ଡ୍ରିଲ୍

କଣିହାଁ(ଭାସ୍କର ନ୍ୟୁଜ): ଏନ୍‌ଟିପିସି କଣିହାଁ, ଓଡ଼ିଶା ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ସହଯୋଗରେ, ରାସାୟନିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏନଟିପିସି ଡିଏମ ପ୍ଲାଣ୍ଟ ଅଞ୍ଚଳରେ ଉକ୍ତ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ୨୫ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଷ୍ଟୋରେଜ୍ ଟ୍ୟାଙ୍କରୁ ହାଇଡ୍ରୋକ୍ଲୋରିକ୍ ଏସିଡ ଲିକ ଦୃଶ୍ୟ ଅନୁକରଣ କରାଯାଇଥିଲା । ମକ୍‌ଡ୍ରିଲ୍ ସମୟରେ ୯ ଶ୍ରମିକ ଏସିଡ୍ ଲିକ୍ ଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡିଥିଲା । ସିଆଇଏସଏଫ ଅଗ୍ନିଶମ ଏବଂ ଏନଡିଆରଏଫ ଦଳ ଦ୍ୱାରା ତୁରନ୍ତ ଉଦ୍ଧାର କରାଯାଇଥିଲା । ରାସ୍ତାରେ ଅସୁବିଧା ମୁକ୍ତ ଗତିବିଧି ଏବଂ ଡାକ୍ତରଖାନାରେ ସମୟୋଚିତ ଚିକିତ୍ସା ପାଇଁ ଅନୁଗୁଳ ଜିଲ୍ଲା ଜରୁରିକାଳୀନ ଅପରେସନ୍ ସେଣ୍ଟର ସହ ସମନ୍ୱୟ ରଖି ଗୁରୁତର ଭାବରେ ପ୍ରଭାବିତ ଜଣଙ୍କୁ ଅନୁଗୁଳ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଆଉ ଦୁଇ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସିଏଚସି, କଣିହାକୁ ପଠାଯାଇଥିଲା । ବାକି ଛଅଜଣ ଶ୍ରମିକଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା ଏବଂ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରୁ ଛାଡି ଦିଆଯାଇଥିଲା । ବିଭିନ୍ନ ସଂଗଠନର ବରିଷ୍ଠ ଅଧିକାରୀ ମକ୍‌ଡ୍ରିଲ୍ ଦେଖି ଏହି ଅଭ୍ୟାସର ଗୁରୁତ୍ୱକୁ ସ୍ପଷ୍ଟ କରିଥିଲେ । ରାଜ୍ୟ ପୋଲିସ, ମେଡିକାଲ, ଅଗ୍ନିଶମ ବିଭାଗ ଏବଂ ଏନଡିଆରଏଫ, ଅନ୍ୟାନ୍ୟ ନିକଟବର୍ତ୍ତୀ ପାରସ୍ପରିକ ସହାୟତା ଅଂଶୀଦାରଙ୍କ ସହାୟତା ସହ ଘନିଷ୍ଠ ସମନ୍ୱୟ ଏବଂ ସମର୍ଥନରେ ଏହି ମକ୍ ଅଭ୍ୟାସ କରାଯାଇଥିଲା । ଏନଟିପିସି କଣିହାଁ ବିପର୍ଯ୍ୟୟ ପରିଚାଳନା ଦଳ ପରେ ଓଡ଼ିଶା ସରକାର ଏବଂ ଏନଡିଆରଏଫଙ୍କ ସହାୟତାରେ ଜରୁରିକାଳୀନ ଯୋଜନା ଅନୁଯାୟୀ ଅଭ୍ୟାସ ଆରମ୍ଭ କରିଥିଲେ । କଣିହାଁ ତହସିଲଦାର ଚିନ୍ମୟ ଦାସ ମକ ଅଭ୍ୟାସର ଇନସିଡେଣ୍ଟ କମାଣ୍ଡର ଥିଲେ । ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁଗୋଳ ଫାକ୍ଟ୍ରି ଏବଂ ବଏଲର ଉପ ନିର୍ଦ୍ଦେଶକ ଡଃ ରମେଶ କୁମାର ବେହେରା ଏବଂ ଏସପିବିପି ଆରଓ ଇଞ୍ଜିନିୟର ରମେଶ କୁମାର ଏକ୍କାଙ୍କୁ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରାଯାଇଥିଲା । ଅଭ୍ୟାସ ପରେ ଏନଟିପିସି ବିବେକାନନ୍ଦ ହଲରେ ଏକ ବିସ୍ତୃତ ସୂଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ବାହାରୁ ଆସିଥିବା ଅତିଥିମାନେ ଅଭ୍ୟାସ ଉପରେ ସେମାନଙ୍କ ପର୍ଯ୍ୟବେକ୍ଷଣ ଏବଂ ମତାମତ ବାଣ୍ଟିଥିଲେ । କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ଯୋଜନା ସଦସ୍ୟ ଏ ବାଲାନ, ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ.ସେହଗଲ, କର୍ପୋରେଟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୁରକ୍ଷା) ବିଜୟ ଗୋଏଲ, ଏନଡିଏମଏ ସଂଯୋଜକ ମେଜର ଜେନେରାଲ ଏ.କେ.ବର୍ମା, କଣିହାଁ ତହସିଲଦାର ଚିନ୍ମୟ ଦାସ, ଫ୍ୟାକ୍ଟ୍ରୀ ବଏଲର ଉପନିର୍ଦ୍ଦେଶକ ଡକ୍ଟର ଆର.କେ.ବେହେରା, ଏସ୍‌ପିବିପି ଆରଓ ଆର.କେ.ଏକ୍କା, ଏନ୍‌ଡିଆରଏଫର ଡକ୍ଟର ନବୀନ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରକଳ୍ପ ମୁଖ୍ୟ ଏ କେ ସେହଗଲ ମକ୍‌ଡ୍ରିଲରେ ସାମିଲ ସମସ୍ତଙ୍କୁ କୃତଜ୍ଞତା ଏବଂ ଅଭିନନ୍ଦନ ଜଣାଇବାସହ ଏନଡିଏମଏ, ସିଇଏ ଏବଂ ରାଜ୍ୟ ପ୍ରାଧିକରଣକୁ ପ୍ରଶଂସା କରିଥିଲେ ।

## ଲଗାମଛଡା ବେଆଇନ ଇଟାଭାଟି ମାଲିକ, ଅସ୍ତବ୍ୟସ୍ତ ଜନସାଧାରଣ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ତହସିଲ ଅଞ୍ଚଳରେ ବେଆଇନ ଭାବେ ବହୁ ଇଟାଭାଟି ଜଳୁଛି । ମାଫିଆ ମାନେ ଲକ୍ଷ ଲକ୍ଷ ଟଙ୍କା ମୁନାଫା କମାଉଥିବା ବେଳେ ଜନ ସାଧାରଣ ଗ୍ରୀଷ୍ମର ତାତି ସହିତ ଇଟାଭାଟିର ତାତିରେ ତ୍ରାହି ତ୍ରାହି ଡାକୁଛନ୍ତି । ଇଟାଭାଟି ମାଲିକମାନେ ଲଗାମ ଛଡା ହୋଇଛନ୍ତି । କାରଣ ତହସିଲ କର୍ମଚାରୀଙ୍କ ପକେଟକୁ ମୋଟା ଅଙ୍କର ଅର୍ଥ ଯୋଗେଇ ଦେଉଛନ୍ତି । ମାଟି ଇଟା ପୋଡା ସମ୍ପୂର୍ଣ୍ଣ ନିଷେଧ ଥିବା ବେଳେ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ ଜ୍ଞାତସାରରେ ବେଆଇନ ଇଟାଭାଟି ଗଢି ଉଠିଛି । ଜନବସତି, ବିଦ୍ୟାଳୟ ପାଖ, ମନ୍ଦିର ପାଖ ଓ ରାସ୍ତା ପାର୍ଶ୍ୱରେ ଇଟାଭାଟି ଜଳୁଥିବାରୁ ତାତିରେ ଲୋକମାନେ ଚଳପ୍ରଚଳ ପାଇଁ ନାହିଁନଥିବା ହଟହଟା ହେଉଛନ୍ତି । ଏହି ତହସିଲ ଅଧୀନରେ ଥିବା ୧୧ଟି ରାଜସ୍ୱ ସର୍କଲ ମଧ୍ୟରୁ ୫ଟି ରାଜସ୍ୱ ସର୍କଲ ଏରିଆରେ ବିଭିନ୍ନ ସ୍ଥାନରେ ଇଟା ମାଫିଆମାନେ ବେଆଇନ ଭାବେ ଇଟା ପୋଡି ବ୍ୟବସାୟ ଚଳାଇଥିବା ଜଣାପଡିଛି । ବିଳାଶୁଣୀ ସର୍କଲ ଅଧୀନରେ କୁଣ୍ଡି ମୁହାଁ ବ୍ରିଜ ତଳେ ଦହିଜଙ୍ଗରୁ ବାବଜା କେନାଲ ବନ୍ଧ ପାର୍ଶ୍ୱରେ ଓ ଅଁଳ ସର୍କଲ ଅଧୀନରେ ଅଁଳ ଗ୍ରାମରେ ପହଙ୍ଗା ସର୍କଲ ଅଧୀନ ନଦୀପଠାରେ ଓ ବିଭିନ୍ନ ପ୍ରାଚୀ ନଦୀ ତୁଠରେ ଲକ୍ଷାଧିକ ଇଟା ପୋଡା ଯାଉଥିବା ଜଣାପଡିଛି । ରାଜ୍ୟ ସରକାର ୨୦୧୪ ମସିହାରୁ ମାଟିରେ ଇଟା ପକାଇ ଭାଟି ପୋଡ଼ିବାକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିବା ବେଳେ ଏହି ତହସିଲ ଅଞ୍ଚଳରେ ନଭେମ୍ବର ମାସ ଶେଷଠାରୁ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଇଟାମାଫିଆ, ରାଜସ୍ୱ ନିରୀକ୍ଷକ ଓ ତହସିଲ କାର୍ଯ୍ୟାଳୟ ମଧ୍ୟରେ ଅସାଧୁ ମେଣ୍ଟ ହୋଇ ବ୍ୟାପକ ଇଟା ଭାଟି ପୋଡା ଚାଲିଛି । ଜନବସତି ସ୍ଥାନରେ ଅନେକ ଇଟାଭାଟି ପୋଡା ଯାଉଥିବାରୁ ଲୋକମାନେ ଭାଟି ନିଆଁ ଓ ଧୂଆଁରେ ଅସ୍ତବ୍ୟସ୍ତ ହେଉଛନ୍ତି । ଇଟା ନ ପୋଡ଼ିବାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ବାରଣ କରୁଥିଲେ ମଧ୍ୟ ମାଫିଆମାନେ ସାଧାରଣ ଲୋକଙ୍କୁ ଧମକ ଚମକ ଦେଇ ଇଟା ବ୍ୟାପାର କରି ଚାଲିଛନ୍ତି । ଏ ସଂକ୍ରାନ୍ତରେ ରାଜସ୍ୱ ନିରୀକ୍ଷକ ମାନେ କିମ୍ବା ତହସିଲଦାର ଇଟା ପକାଉଥିବା ସ୍ଥାନକୁ ପରିଦର୍ଶନରେ ଯିବା ତ ଦୂରର କଥା ଭାଟି ମାଲିକମାନଙ୍କୁ ଆଗୁଆ ସୂଚନା ଦେଉଛନ୍ତି । ଏମିତିକି ଅଭିଯୋଗକାରୀଙ୍କ ନାମ ପ୍ରଘଟ କରୁଛନ୍ତି । ବେଆଇନ ଭାବେ ଇଟା ପକାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ହଜାରେ ଇଟାକୁ ୪ ଶହ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଲକ୍ଷାଧିକ ଇଟା ପକାଉଥିବା ବ୍ୟବସାୟଙ୍କ ଠାରୁ ନାମକୁ ମାତ୍ର ଜୋରିମାନା କାଟି ମୋଟା ଅଙ୍କର ଅର୍ଥ ନିଜ ପକେଟ୍‌କୁ ନେଉଛନ୍ତି । ଏ ନେଇ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ମତାମତ ମିଳିପାରିନାହିଁ । ଏଥିପ୍ରତି କଟକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି ଜଣାଇଛନ୍ତି ।



ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଠାରେ ଗନ୍ଧରାଡ଼ି ଲୋକ ମହୋତ୍ସବ ପାଇଁ ଏକ ଜରୁରୀ ବୈଠକ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ପାଇଁ ଆବଶ୍ୟକ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ। ଏବଂ ବିଧାନସଭା ଚାଲୁନଥିବା ସମୟରେ ମହୋତ୍ସବ ଆୟୋଜନ କଲେ ଅନେକ ମନ୍ତ୍ରୀ ମହୋତ୍ସବରେ ଯୋଗ ଦେଇପାରିବେ ବୋଲି ମତ ପ୍ରକାଶ କରିଥିଲେ । ଏପ୍ରିଲ ମାସ ୧୬ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ଗନ୍ଧରାଡ଼ି ଲୋକ ମହୋତ୍ସବ କରିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ସ୍ଥିରୀକୃତ ହେଲା । ପ୍ରାରମ୍ଭରେ ସମ୍ପାଦକ ଶମ୍ଭୁ ଗିରି ବିବରଣୀ ପାଠ କରିଥିଲେ । ପରେ ମହୋତ୍ସବ ଆୟୋଜନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆଲୋଚନା ବେଳେ କୋଷାଧ୍ୟକ୍ଷ ନିରଞ୍ଜନ ଗିରି ସଭ୍ୟ ମନୋଜ ଗୁରୁ, ଆଦି ଜେନା, ପ୍ରଭାତ କୁମାର ଶତପଥି, ହରିଶ୍ଚନ୍ଦ୍ର ସାହୁ, ମୋହନ କୁମାର ସାହୁ, ଶବର ସେଠୀ, କୁମୁଦ ପାଣିଗ୍ରାହୀ, ସୁଶାନ୍ତ ବାଘ, ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କାର୍ଯ୍ୟକାରୀ ସଭ୍ୟ କୃତିବାସ ପଳିଆ ଧନ୍ୟବାଦ ଅର୍ପଣ କରିଥିଲେ ।



# ଚଉଷଠି ଯୋଗିନୀ ପୀଠର ବିକାଶ ପାଇଁ ଆଲୋଚନା



ବଙ୍ଗୋମୁଣ୍ଡା/ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ଠାରେ ରାଣୀପୁର ଝରିଆଲ ମନ୍ଦିର ଟ୍ରଷ୍ଟ କମିଟି ଆନୁକୂଲ୍ୟରେ ସୋମେଶ୍ୱର ମହାଦେବଙ୍କ ଶିବରାତ୍ରି ମେଳା ସହ ଚଉଷଠି ଯୋଗିନୀ ମହୋତ୍ସବର ଚତୁର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ । ଚତୁର୍ଥ ଦିବସରେ ଅଞ୍ଚଳ ବିଶିଷ୍ଟ ବ୍ୟକ୍ତି ମାନେ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ସରପଞ୍ଚ ସଂଘ ସଭାପତି ଅଜିତ କୁମାର ଯୋଶୀ, କଣ୍ଟାବାଞ୍ଜି ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ବିଧାୟକ ପ୍ରତିନିଧି ମୁକେଶ ବାଗ, ମୁଣ୍ଡପଦର ସରପଞ୍ଚ ରାଧାକାନ୍ତ ବେହେରା, ଚାନ୍ଦୋତରା ସରପଞ୍ଚ ଜିତେନ୍ଦ୍ର ବଛା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ମିଶ୍ର, ଭୁର୍ଷାଗୁଡ଼ା ସରପଞ୍ଚ ପୁଷ୍ପାଞ୍ଜଳି ଛୁରା, ଗନ୍ଧରାବନ୍ଧ ସମିତି ସଭ୍ୟ ସଭ୍ୟା ଜଗତ, ଝଲପ ସରପଞ୍ଚ ପ୍ରତିନିଧି ଗୋବିନ୍ଦ ପୁଟେଲ, ଅର୍ଶାତୁଲା ସରପଞ୍ଚ ପ୍ରତିନିଧି ସଞ୍ଜୟ ପୁଟେଲ, ଦେଢ଼ଗାଁ ସମିତି ସଭ୍ୟ ପ୍ରତିନିଧି ହେମରାଜ ଜାଲ, ଭାଲୁମୁଣ୍ଡା ସମିତି ସଭ୍ୟ ପ୍ରତିନିଧି ଶ୍ୟାମ ସାହୁ, ତୁରେକେଲା ସମିତି ସଭ୍ୟ ମୁରଲୀ କୁମ୍ଭାର, କଁସିଲ ସମିତି ସଭ୍ୟ ପ୍ରତିନିଧି ଦିବାକର ବାଗ, ବେଲପଡା ସମିତି ସଭ୍ୟ ହର ମେହେର, ଜୁରାବନ୍ଧ ସମିତି ସଭ୍ୟ ପ୍ରତିନିଧି ବୈଶାଖୁ ମିର୍ଧା, ପ୍ରେସ କ୍ଲବ ପରାମର୍ଶ ଦାତା ଆଶିଷ ଖଇତାନ, ପ୍ରେସ କ୍ଲବ ଉପସଭାପତି ମନୋଜ ଶର୍ମା, ରାଣୀପୁର ଝରିଆଲ ମନ୍ଦିର ଉପଦେଷ୍ଟା ବିବେକ ଶର୍ମା ପ୍ରମୁଖ ଯୋଗଦେଇ ରାଣୀପୁର ଝରିଆଲର ସାମଗ୍ରିକ ବିକାଶ ଓ ସୁରକ୍ଷା ପାଇଁ ଅତିଥି ଗଣ ମତବ୍ୟକ୍ତ କରିଥିଲେ । ପଞ୍ଚାୟତ ସମିତି ପକ୍ଷରୁ ମହୋତ୍ସବ ପାଇଁ ଏକ ସ୍ଥାୟୀ ମଞ୍ଚ ନିର୍ମାଣ ପାଇଁ ସରପଞ୍ଚ, ସମିତି ସଭ୍ୟ ଉଦ୍ୟମ କରିବା ସହ ସାମଗ୍ରିକ ବିକାଶ ପାଇଁ ପ୍ରୟାସ କରିବୁ ବୋଲି ବକ୍ତବ୍ୟ ରଖିଥିଲେ । ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା ।କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ହାତୀ ଉପଦ୍ରବ ନିରୋଧି ସଚେତନତା କାର୍ଯ୍ୟକ୍ରମ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ବାଂଶପାଳ ବ୍ଲକ ଷ୍ଟାଡିୟମ ଠାରେ ହାତୀ ଉପଦ୍ରବ ନିରୋଧି ସଚେତନତା କାର୍ଯ୍ୟକ୍ରମ ଏବଂ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରମ, ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନୀତ ଅତିଥିଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ରାଉରକେଲା ଆର୍ସିସିଏଫ୍‌ପି. ରାମଶ୍ୟାମୀ, କେନ୍ଦୁଝର ଡିଏଫ୍ଓ ଧନରାଜ ଏଚଡ଼ି, ଆଇଏଫ୍‌ଏସ୍ ପ୍ରୋବେସନର ନାଗରାଜୁ କାଣ୍ଡେଲା, କେନ୍ଦୁଲିଫ୍ ଡିଏଫ୍ଓ ନିତ୍ୟାନନ୍ଦ ନାୟକ, ବାଂଶପାଳ ବିଡିଓ ବିକାରାଣୀ କିସ୍‌ଟା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟ ନାରାୟଣ ମାଳି, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ବାରିକ, ଶାନ୍ତିଲତା ରଣା, ବାଂଶପାଳ ବ୍ଲକ ଚେୟାରମ୍ୟାନ୍ ମାନସ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଂଶପାଳ ବ୍ଲକର ୨୧ଟି ପଂଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ପୀଢ ସର୍ଦ୍ଦାର, ପୀଢପତି, ୧୦୪ ଭିଏସ୍‌ଏସ୍‌ର ସଭାପତି, ଆନିମେଟର, ମେମ୍ବର, ସମସ୍ତ ଏସ୍‌ଏଚ୍‌ଜି, ବିଜେପି ରେଞ୍ଜର ସମସ୍ତ କର୍ମଚାରୀମାନଙ୍କୁ ନେଇ ଏକ ଜଙ୍ଗଲ ନିଆଁ ନିରାକରଣ ଏବଂ ପ୍ରତିରୋଧ ସମ୍ପର୍କିତ ବିରାଟ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ହାତୀମାନଙ୍କ ଠାରୁ ଲୋକମାନେ ତାଙ୍କର ସୁରକ୍ଷା ପାଇବା ପାଇଁ ଏବଂ ଶସ୍ୟର ସୁରକ୍ଷା ପାଇଁ ୪୫୦ଗୋଟି ଗ୍ରେନବିନ, ୨୦୦ଟି ଟର୍ଚ୍ଚ ଲାଇଟ୍, ୬୦ଟି ସୋଲାର ଲାଇଟ, ୧ଗୋଟି ଥେସର ମେସିନ ପ୍ରଦାନ କରିଥିଲେ । ଏସ୍‌ଏଚ୍‌ଜି ମାନଙ୍କର ଆର୍ଥିକ ଉନ୍ନତି ପାଇଁ ସିଲେଇ ମେସିନ, ଡମ୍ପିଂ କମ୍ପୋଷ୍ଟ କରି ନିଜର ଆର୍ଥିକ ଉନ୍ନତି କରିବା ପାଇଁ ରାଇଗୋଡା ଏସ୍‌ଏସ୍‌ଜି ୨ଲକ୍ଷ, ନୀତିଗୋଠ ଏସ୍‌ଏସ୍‌ଜିକୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଶାଗପଡା ବନ ସୁରକ୍ଷା ସମିତିକୁ ଡମ୍ପିଂ କମ୍ପୋଷ୍ଟ ପାଇଁ ୧ଲକ୍ଷ ୭୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଆମ୍ବଡହରା ବନ ସୁରକ୍ଷା ସମିତିକୁ ଧାନ ଅମଳ କରିବା ଯନ୍ତ୍ର ପାଡି ତେଓର ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଶ୍ରମ, ଜଙ୍ଗଲ, ପରିବେଶ ସୁରକ୍ଷା ବିଷୟରେ ଲୋକମାନଙ୍କୁ ବୁଝାଇବା ସଂଗେ ସଂଗେ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ଜନିତ ଅନୁକମ୍ପା ରାଶି, ଶ୍ରମ କାର୍ଡ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉକ୍ତ ସଭାରେ ପ୍ରାୟ ୧୨୦୦ରୁ ଉର୍ଦ୍ଧ୍ୱର୍ ଲୋକ ଉପସ୍ଥିତ ଥିଲେ। ସର୍ବଶେଷରେ ଆଇଏଫ୍‌ଏସ୍ ନାଗରାଜୁ କାଣ୍ଡେଲା ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭୂୟାଁ ଜୁଆଙ୍ଗ ପୀଢ ବନାଂଚଳ ଅଧିକାରୀ ନୟନକାନ୍ତ ସାହୁ, ଶୁଆକାଟୀ ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, କାଞ୍ଜିପାଣି ବନପାଳ ସାବିତ୍ରୀ ସାହୁ, ବନପାଳ ମଧୁସ୍ମିତା ଦୋରା, ବନପାଳ ସରଣ ବାରିକ ଓ ସମସ୍ତ ବନରକ୍ଷୀ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସଭାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ନିମନ୍ତେ ପ୍ରସ୍ତୁତି ବୈଠକ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ 'ଓଡିଶା ଦିବସ-୨୦୨୫' ଏବଂ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା, ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଞ୍ଚାସୀନ ଥିଲେ। ପ୍ରଥମେ ଓଡ଼ିଶା ଦିବସ ପାଳନର କାର୍ଯ୍ୟସୂଚୀ ପାଠ କରଯାଇଥିଲା। ଏହାପରେ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ମାନଙ୍କ ସହ ବିଧାୟକ ଶ୍ରୀ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଏବଂ ଜିଲ୍ଲାପାଳ ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଏଥି ନିମନ୍ତେ ସେମାନଙ୍କର ସୁଚିନ୍ତିତ ମତାମତ କାମନା କରିଥିଲେ। ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାରେ ହେବାକୁ ଥିବା ଏହି ମହୋତ୍ସବ ସମସ୍ତ ଜିଲ୍ଲାବାସୀଙ୍କର ଓ ଏହାକୁ ସୂଚାରୁ ରୂପେ ସଂପାଦନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଚଳିତବର୍ଷ ଆହୁରି ସୁନ୍ଦର ଭାବେ ଏହି ମହୋତ୍ସବକୁ ସଂପାଦନ କରାଯିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ମଧ କଲ୍ଲୋଳର ସଫଳ ରୂପାୟନ ନିମନ୍ତେ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ବୈଠକରେ ଜିଲ୍ଲା ମହୋତ୍ସବର ସ୍ଥାନ ନିରୂପଣ, ଅତିଥି ଚୟନ, କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ ତଥା କମିଟି ସଦସ୍ୟ ମନୋନୟନ, ଆୟ ବ୍ୟୟ, ୫ ଦିନର କାର୍ଯ୍ୟସୂଚୀ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଓଡ଼ିଶା ଦିବସର କାର୍ଯ୍ୟସୂଚୀ ପାଠ କରିଥିଲେ। ଓଡିଶା ଦିବସ ଉପଲକ୍ଷେ ଏପ୍ରିଲ ଏକ ତାରିଖ ପ୍ରାତଃ ୪ ଘଟିକା ସମୟରେ ଡାକବାଜି ଯନ୍ତ୍ର ଯୋଗେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ଉତ୍କଳ ବନ୍ଦନା ଗାନ, ସକାଳ ୬ ଘଟିକା ସମୟରେ ବିଦ୍ୟାଳୟ ମାନଙ୍କରେ ପ୍ରଭାତ ଫେରି, ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଉତ୍କଳ ବନ୍ଦନା ଗାନ, ୧ ମ ରୁ ୩ୟ, ୪ର୍ଥ ରୁ ୫ମ, ୬ଷ୍ଠ ରୁ ୮ମ ବର୍ଗରେ ଓଡିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ ହେଇଥିଲା। ବ୍ଲକ୍ ଓ ପୌର ପରିଷଦ ସ୍ତରରେ ଆସନ୍ତା ୨୪ ତାରିଖରେ ଏବଂ ଜିଲ୍ଲାସ୍ତରରେ ଆସନ୍ତା ୨୬ ତାରିଖରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକକୁ ଆଗେଇ ନେଇଥିଲେ ଓ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ବିଡ଼ିଓ, ତହସିଲଦାର, ସହାୟକ ତଥା ସହକାରୀ ଜିଲ୍ଲାପାଳ, ଜିଲ୍ଲାର ବରିଷ୍ଠ ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିବା ସହ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

# ୬ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ଅଭିଯୁକ୍ତ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ପେଟ୍ରୋଲିଂ ସମୟରେ ଜିଲ୍ଲା ଅବକାରୀ ବିଭାଗ ମାଲକାନଗିରି ଥାନା ଅନ୍ତର୍ଗତ କାଦବାହଲ ଠାରେ ଏକ ଅଟୋ ସହ ୬୦ କେଜି ଗଞ୍ଜେଇ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ତେଲେଙ୍ଗାନାର ନିଃସନ୍ତା ମେଟାପାଲି ଓ ଦୁଃପରି ମୋହନ। ଜବତ ମାଲ୍‌ର ଅନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ଆକଳନ କରିଛି। ଚିତ୍ରକୋଣ୍ଡା ଅଞ୍ଚଳରୁ କାଲିମେଳା ରାସ୍ତାଦେଇ ତେଲେଙ୍ଗାନାକୁ ଚାଲାଣ କରୁଥିବା ବେଳେ ଗଞ୍ଜେଇ ଜବତ କରାଯାଇଥିବା ବିଭାଗୀୟ ଅଧୀକ୍ଷକ ବିମ୍ବାଧର ପଣ୍ଡା କହିଛନ୍ତି। ସୂଚନା ଅନୁଯାୟୀ, ସକାଳେ ବିଭାଗର ଏକ ମୋବାଇଲ ୟୁନିଟ୍ କାଦବାହାଲ ଛକ ନିକଟରେ ପେଟ୍ରୋଲିଂ କରୁଥିଲା । ସେହି ସମୟରେ ବାଲିମେଳା ପଟୁ ଏକ ଅଟୋ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ କର୍ମଚାରୀମାନେ ଅଟକାଇ ଥିଲେ। ଯାଞ୍ଚ ପରେ ଅଟୋ ଭିତରେ ଏକ ଜରି ବସ୍ତାରେ ୬୦ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଅଟୋ ସହ ଗଞ୍ଜେଇକୁ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ସେମାନେ କାଲିମେଳା ରାସ୍ତା ଦେଇ ତେଲେଙ୍ଗାନାକୁ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାର କରିଥିବା ସବ ଇନ୍ସପେକ୍ଟର ଆଶୀଷ କୁମାର ନାୟକ କହିଛନ୍ତି । ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନରଞ୍ଜନ ସାହୁ, ପ୍ରଦୀପ ନାୟକ, ପାଣ୍ଡବ ଟୁଡୁ, ଚନ୍ଦନ ଚେଟି ପ୍ରମୁଖ ଅଧିକାରୀ ମାନେ ସାମିଲ ଥିଲେ।

# ଶିକ୍ଷଣ ସାମଗ୍ରୀ କର୍ମଶାଳାର ଆୟୋଜିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ବ୍ଲକ ଅନ୍ତର୍ଗତ ପଦ୍ମଗିରି କ୍ଲଷ୍ଟର ପଦ୍ମଗିରି ପ୍ରାଥମିକ ବିଦ୍ୟାଳୟରେ ଏକ ଶିକ୍ଷଣ ସାମଗ୍ରୀ କର୍ମଶାଳାର ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସିଆର୍‌ସିସି ଜିତେନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ କରାଯାଇଥିଲା। ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସ୍ୱଳ୍ପ ମୂଲ୍ୟରେ ଟିଏଲଏମ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ସେଠୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହା ବ୍ୟତୀତ ଏହି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ୍ୟ ଆସି ଏହି କର୍ମଶାଳାରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଯୋଗଦାନ କରି ଥିଲେ ଯଥା ସନ୍ତୋଷ ପ୍ରଧାନ, ସୁନୀଲ ସେଠି, ମିନାକ୍ଷୀ ଜେନା, ଶୁଭଶ୍ରୀ ଭୋଇ, ବଳଭଦ୍ର ଖେମୁଡୁ ଶେଷରେ ସଂଗୀତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଗଲା।

# ମଙ୍ଗଳା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ନିଯୁକ୍ତ

କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁରର ସର୍ବପୁରାତନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ପ୍ରଫେସର ଡ଼ଃ ସଂଗ୍ରାମ ଛାଟୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଛାଟୋଇ ଏହି ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଭାବେ ଶିକ୍ଷାଦାନ ଦେଉଥିଲେ। ପୂର୍ବତନ ଅଧ୍ୟକ୍ଷ ବିନୋଦ ବିହାରୀ ବେହୁରା ଅବସର ନେବା ପରେ ଡ଼ଃ ଛାଟୋଇଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ନିଯୁକ୍ତି ପର୍ବରେ ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ, ସୁକାନ୍ତ ମହାରଣା, ସୁବ୍ରତ କୁମାର ନାୟକ, ନୃସିଂହ ଚରଣ ବିଶ୍ୱାଳ, ଅଧ୍ୟାପିକା ବେଞ୍ଜୁଲତା ସ୍ୱାଇଁ, ପ୍ରମୋଦିନୀ ମହାନ୍ତି ଓ ଅନ୍ୟ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଯୋଗ ଦେଇ ନୂତନ ଅଧ୍ୟକ୍ଷ ଡ଼ଃ ଛାଟୋଇଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



# ମା' କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ




ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ସ୍ଥିତ କୋଦଭାଟା ଠାରେ ନିର୍ମାଣ ହୋଇଥିବା ମା କାଳୀ, ସିତଳା ଦେବୀଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ଦୁଇ ଦିନ ଧରି ଚାଲିଥିଲା। କାଳୀ, ଶୀତଳା ଦେବୀ ମନ୍ଦିର ଗତବର୍ଷ ଫଗୁଣ ମାସ କୃଷ୍ଣ ପକ୍ଷ ଇଂରାଜୀ ତାରିଖ ୦୧,୦୩,୨୦୨୩ ଦିନ ପ୍ରତିଷ୍ଠା କରାଯାଇଥିଲା। ପ୍ରତିଷ୍ଠା ଉତ୍ସବରେ ହୋମ ଯଜ୍ଞ ସହ ଅଷ୍ଟପ୍ରହରୀ ନାମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମନ୍ଦିର କମିଟିର ସଭାପତି, ସମ୍ପାଦକ, ସ୍ଥାୟୀ କମିଟି ସଭାପତି, ସଦସ୍ୟ ତଥା ଗ୍ରାମବାସୀଙ୍କ ଉଦ୍ୟମରେ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ହୋଇ ଯାଇଛି। ତା' ସହ ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇ ଥିବା ଦେଖିବାକୁ ମିଳିଥିଲା।

# ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଗୋଷାଣୀ ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ଯାଜପୁର ଠାରେ ଗଜପତି ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡିଶା ଭୁବନେଶ୍ୱର ଆନୁକୁଲ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ନିର୍ଦ୍ଦେଶ ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର ଶୁଭାରମ୍ଭ କରିଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ବୁଝାଇଥିବା ବେଳେ ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସାମ୍ବିକ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଭାରତର ପ୍ରସିଦ୍ଧ ନୋବେଲ ପୁରସ୍କାର ବିଜେତା ଡ଼. ସିଭି ରମଣଙ୍କ ରମଣ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ତାଙ୍କର ଏହି ଆବିଷ୍କାର ସମଗ୍ର ବିଜ୍ଞାନ ପ୍ରେମୀ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟତ୍ରୀ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି କହିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ବବିତା ପୁରହିତ ସ୍ୱାଗତ କରିଥିବା ବେଳେ ଚପଳା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୬୫ ଜଣ ବିଜ୍ଞାନ ଶିକ୍ଷକ / ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ ପୂର୍ବରୁ ଆୟୋଜିତ ବିଜ୍ଞାନ କୁଇଜ ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀ ଅଂଶଗ୍ରହଣ କରିଥିବା ଶ୍ରେଷ୍ଠ ବିବେଚିତ ଛାତ୍ର /ଛାତ୍ରୀ ମାନଂକୁ ପୁରସ୍କୃତ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା




କୋରାପୁଟ, (ଭାସ୍କର ନ୍ୟୁଜ) : ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନିୟ ହାଇସ୍କୁଲ ପଡିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ଭି କୀର୍ତି ଭାସନ, ସିଡିଓ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ । ଓଡିଶା ସମେତ ବାହାର ରାଜ୍ୟର ୨୨ଟି କମ୍ପାନି, ୧୩ଟି ତାଲିମ ଦକ୍ଷତା ବୃଦ୍ଧି ଅନୁଷ୍ଠାନ, ୫ଟି ଇନିଷ୍ଟିଚ୍ୟୁଟ୍ ସହିତ ସେନାର ଅଗ୍ନିବୀର ନିଯୁକ୍ତି ପାଇଁ ଗୋପାଳପୁରର ଆର୍ମି ନିଯୁକ୍ତି ଅଫିସର ଉପସ୍ଥିତ ରହି ଆଶାୟୀ ପ୍ରାର୍ଥୀଙ୍କ ପ୍ରମାଣପତ୍ର ଓ ଦକ୍ଷତା ଯାଞ୍ଚ କରିଥିଲେ । ଆଗକୁ ମଧ୍ୟ ବଡ କମ୍ପାନି ଜିଲ୍ଲାକୁ ଆସିବା ନିମନ୍ତେ ଯୋଜନା ରହିଛି। ଜିଲ୍ଲାର ୧୨୭୯ଜଣ ଶିକ୍ଷିତ ବେକାର ମେଳାରେ ପଞ୍ଜୀକରଣ କରିଥିଲେ। ବିଭିନ୍ନ କମ୍ପାନିରେ ଚାକିରି ପାଇଁ ୩୨୨ଜଣଙ୍କୁ ପ୍ରାରମ୍ଭିକ ଚୟନ କରାଯାଇଛି ବୋଲି ଜିଲ୍ଲା ନିୟୋଜନ ଅଧିକାରୀ କହିଛନ୍ତି । ସେହିପରି ୩୭୬ଜଣ ପ୍ରଶିକ୍ଷଣ ଓ ପିଏମ ଇଣ୍ଟର୍ଣ୍ଣସିପ ପାଇଁ ୮୯ଜଣଙ୍କୁ ଚୟନ କରାଯାଇଛି ବୋଲି ଜଣାପଡିଛି। ୭୮୭ଜଣ ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କୁ ବାଟ ଦେଖାଇବା ଶିବିର ଦ୍ୱାର ସମ୍ଭବ ହୋଇଛି ବୋଲି ଜିଲ୍ଲାପାଳ କହିଥିଲେ । ଅନ୍ୟମାନେ କିଭଳି ନିଯୁକ୍ତି ପାଇବେ ସେହି ଦିଗରେ ଜିଲ୍ଲା ପ୍ରଶାସନ ଆଗାମୀ ଦିନରେ ମାର୍ଗଦର୍ଶନ କରିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ବୌଦ୍ଧ, (ଭାସ୍କର ନ୍ୟୁଜ) : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀଙ୍କ ସମୀକ୍ଷା ବୈଠକ ଜିଲାପାଳଙ୍କ ସଦଭାବନା ଗୃହ ଠାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ରାଜସ୍ୱ ବିଭାଗର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ ମନ୍ତ୍ରୀ ଶ୍ରୀଯୁକ୍ତ ପୁଜାରୀ। ମନ୍ତ୍ରୀ ଶ୍ରୀ ପୁଜାରୀ ଜିଲ୍ଲାରେ ଥିବା ସମସ୍ତ ସରକାରୀ ଜମିର ତଥ୍ୟ ପ୍ରସ୍ତୁତ, ଭୂମିହୀନଙ୍କୁ ୪ ଡେସିମିଲ ଜାଗା ଯୋଗାଇବା, ଆଗାମୀ ୫ ବର୍ଷ ମଧ୍ୟରେ ମିଶନମୋଡ଼ରେ ଜବର ଦଖଲ ମୁକ୍ତ ଅଭିଯାନ, ଜମି ବିବାଦ ନେଇ ଭାଇ ଭଉଣୀଙ୍କ ମଧ୍ୟରେ ଥିବା ତିକ୍ତତା ଦୂର କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଫରେଷ୍ଟ ରାଇଟ ଆକ୍ଟ ସର୍ଭେ କରିବା, ସ୍କୁଲ ମାନଙ୍କୁ ଅପଗ୍ରେଡେସନ କରାଯିବା, ଓଆର୍‌ଏଲ ଆକ୍ଟ, ମ୍ୟୁଟେସନ କେଶ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ଠାରୁ ଜବର ଦଖଲ ଜମି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଉ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଯେଉଁ ରାଜସ୍ୱ ନିରୀକ୍ଷକ ଜବର ଦଖଲ ନେଇ ସହଯୋଗ କରିବେ ନାହିଁ ପ୍ରଥମେ ସେମାନଙ୍କ ନାମରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୁଜାରୀ ଚେତାବନୀ ଦେଇଥିଲେ। ଯେଉଁ ମାନଙ୍କର ୪ ଡେସିମିଲରୁ କମ୍ ଜମି ଥିବ ସେମାନଙ୍କୁ ଭୂମିହୀନ କୁହାଯିବ ଓ ସେମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ଭୂମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଦ୍ୟାଳୟ ଗୁଡିକରେ ଖେଳପଡିଆ, ଷ୍ଟାଡିୟମ, ବିଦ୍ୟାଳୟ ପାଚେରୀ କରାଯିବ ବୋଲି କହିଥିଲେ। ଏହା ସହ ୫ ବର୍ଷ ମଧ୍ୟରେ କେତେ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି, ତାହାର ତଦନ୍ତ କରାଯିବାକୁ କହିଥିଲେ । ଜାଗା ମିଶନ ଜରିଆରେ କେତେ ବ୍ୟକ୍ତିଙ୍କୁ ଜମି ପ୍ରଦାନ କରାଯାଇଛି,ତାହାର ତଦନ୍ତ ତୁରନ୍ତ କରିବା ସହ ବେଆଇନ ଭାବେ ଜାଗା ହାତେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ସଚିବ, ବୋର୍ଡ ଅଫ ରେଭିନ୍ୟୁ ସରୋଜ କୁମାର ସାହୁ ବୈଠକ ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅର୍ନ୍ତଜାତୀୟ ହ୍ୱିଲ ଚେୟାର ଦିବସ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଅର୍ନ୍ତଜାତୀୟ ହ୍ୱିଲ ଚେୟାର ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବସ୍ ଷ୍ଟାଣ୍ଡ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭନ୍ନ ଅନୁଷ୍ଠାନ ବିଶେଷ ଭାବରେ ନାୟକଗୁଡା ସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଏହି ସଚେତନତା ପଦଯାତ୍ରାକୁ ସଫଳ କରିଥିଲେ। ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ଯୋଜନା ସମ୍ପର୍କରେ ମଧ ଏକ ସଭା ମଧ ଆୟୋଜନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାର ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।



ପରଜଙ୍ଗ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମର କୁମ୍ଭକାର ସାହିରେ ୨ ଦିନ ବ୍ୟାପୀ ଚାରିପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାହିର ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଫାଲଗୁନ ଶୁକ୍ଳପକ୍ଷ ତୃତୀୟା ଶନିବାର ଅପରାହ୍ଣରେ ଏହି ହରିହାଟ ନାମଯଜ୍ଞ ଲାଗି କଳସ ଯାତ୍ରା କରାଯାଇଥିଲା। ଗ୍ରାମର ଗୁଡି ପୋଖରୀରୁ ସାହିର ମହିଳା ଓ ପୁରୁଷମାନେ କଳସରେ ପାଣି ଧରି ଘଣ୍ଟ ବାଦ୍ୟ, ନାମ ସଙ୍କୀର୍ତ୍ତନରେ କଳସ ଯାତ୍ରା ଗାଁ ପରିକ୍ରମା କରି ଯଜ୍ଞ ସ୍ଥାନରେ କଳସ ସ୍ଥାପନ କରିଥିଲେ। ଏହା ପରେ ଶୁଭାଧିବାସ, ପୂଜାର୍ଚ୍ଚନା, ହୋମଯଜ୍ଞ, ଅହୋରାତ୍ର ହରିହାଟ ନାମଯଜ୍ଞ କରାଯାଇ ରାତ୍ର ସମୟରେ ସମସ୍ତ କୀର୍ତ୍ତନ ମଣ୍ଡଳୀ, ଗ୍ରାମବାସୀ ଓ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତମାନେ ପ୍ରସାଦ ସେବନ କରିଥିଲେ । ସାହିର ଧ୍ରୁବ ଚରଣ ସେନାପତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲାବେଳେ ପୂଜକ ପ୍ରଶାନ୍ତ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ସମୟରେ ଏହି ଅହୋରାତ୍ର ହରିହାଟ ନାମଯଜ୍ଞ ସ୍ଥଳରେ ବ୍ଲକ ନାମ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘର ମାର୍ଗ ଦର୍ଶକ ତଥା ସଂଘର ବୟୋଜ୍ୟେଷ୍ଠ ଉପଦେଷ୍ଟା ତଅଁଳୁ ସାହୁ, ସଭାପତି ଅକ୍ଷୟ କୁମାର ନାୟକ, ସମ୍ପାଦକ ଅଶୋକ କୁମାର ଦଳବେହେରା, କୋଷାଧ୍ୟକ୍ଷ ଅଭୟ କୁମାର ସାହୁ, ଉପଦେଷ୍ଟା ହୃଦୟ ଚନ୍ଦ୍ର ଚମ୍ପତସିଂହ, ରମେଶ ଚନ୍ଦ୍ର ମାଝୀଙ୍କ ସମେତ କମିଟିର ଅନ୍ୟ ସମସ୍ତ ସଦସ୍ୟ ଧର୍ମାନୁଷ୍ଠାନରେ ଯୋଗ ଦେଇ କୀର୍ତ୍ତନ କଳାକାରଙ୍କୁ ଉତ୍ସାହିତ କରିଥିଲେ। ରବିବାର ନଗର କୀର୍ତ୍ତନ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ଅନୁଷ୍ଠାନର ସାରଥି ସେନାପତି, ଅକ୍ରୁର ସେନାପତି, ଚନ୍ଦ୍ରମଣି ସେନାପତି, ସୋରେନ ଦାସ, ଭଗବାନ ସେନାପତିଙ୍କ ନେତୃତ୍ୱରେ ହରିହାଟ ନାମଯଜ୍ଞ ପରିଚାଳିତ ହୋଇଥିଲା। ଏହାକୁ ଗ୍ରାମବାସୀ ଓ ସାହିର ସମସ୍ତ ପରିବାରବର୍ଗ ସହଯୋଗ କରିଥିଲେ।

# ପୁଲିସ ଓ ସେନାରେ ଇଚ୍ଛା ଥିବା ପିଲାଙ୍କ ସ୍ୱପ୍ନ ମଉଳିଯାଉଛି



- ➔ ଶିକ୍ଷକ ଓ ଭିତ୍ତିଭୂମି ଅଭାବ
- ➔ ଅଧିକାଂଶ ସରକାରୀ ବିଦ୍ୟାଳୟରେ ଏନ୍‌ସିସି ନାହିଁ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପୁଲିସ ଓ ସେନାରେ କାମ କରିବାକୁ ସ୍ୱପ୍ନ ଦେଖୁଥିବା ପିଲାଟିଏ ସବୁବେଳେ ସ୍କୁଲରେ ଏନ୍‌ସିସି ନେବାକୁ ଭଲ ପାଇଥାଏ। ହାଇସ୍କୁଲରୁ ଏନ୍‌ସିସି ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ସହ ସ୍ୱତନ୍ତ୍ର ପ୍ରମାଣପତ୍ର ମଧ୍ୟ ପାଇଥାଏ। ଯାହା ତାକୁ ତା' ଲକ୍ଷ୍ୟପଥରେ ପହଞ୍ଚାଇବାକୁ ସାହାଯ୍ୟ କରିଥାଏ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୨୨ଟି ହାଇସ୍କୁଲ ମଧ୍ୟରୁ କେବଳ ୨ଟି ବିଦ୍ୟାଳୟରେ ଏନ୍‌ସିସି ଥିବାବେଳେ ଅନ୍ୟ ସରକାରୀ ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କ ପାଇଁ ଏନ୍‌ସିସି ଯେମିତି ଏକ ସ୍ୱପ୍ନ ପାଲଟିଛି। ଫଳରେ ଅନ୍ୟ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣରୁ ବଂଚିତ ହେଉଛନ୍ତି। ବିଦ୍ୟାଳୟସ୍ତରରୁ ଦେଶର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଏନ୍‌ସିସି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିପାଇଁ ସମସ୍ତ ହାଇସ୍କୁଲରେ ଏନ୍‌ସିସି (ଜାତୀୟ କ୍ୟାଡେଟ କର୍ପସ)କୁ ସୁଦୃଢ଼ କରିବା ସହ ଏନ୍‌ସିସି ଭିତ୍ତିଭୂମିକୁ ସୁଦୃଢ଼ କରି ଛାତ୍ରଛାତ୍ରୀଙ୍କୁ ତାଲିମ୍ ଦେବା ପାଇଁ ସରକାର ଘୋଷଣା କରିଥିଲେ। ଏହି କ୍ରମରେ ବିଭିନ୍ନ ବିଦ୍ୟାଳୟରେ ଏନସିସିକୁ ଗୁରୁତ୍ୱ ଦିଆଯାଇଥିଲା। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ୨୨ଟି ହାଇସ୍କୁଲ ମଧ୍ୟରୁ ମାତ୍ର ୨ଟି ସ୍କୁଲକୁ ଛାଡିଦେଲେ ଅଧିକାଂଶ ସ୍କୁଲରେ ଏନସିସି ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ଥିଲେ ମଧ୍ୟ ସେମାନେ ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣରୁ ବଞ୍ଚିତ ହେଉଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ ଭିତ୍ତିଭୂମିର ଘୋର ଅଭାବ ରହିଛି। ୪୦ବର୍ଷରୁ କମ୍ ବୟସର ଶିକ୍ଷକଙ୍କୁ ଏନ୍‌ସିସି ଶିକ୍ଷକର ଦାୟିତ୍ୱ ପ୍ରଦାନ ପାଇଁ ନିୟମ ରହିଥିବାରୁ ଅନେକ ସ୍କୁଲରେ ଶିକ୍ଷକ ନିଯୁକ୍ତି ଏକ ପ୍ରମୁଖ ସମସ୍ୟା ପାଲଟିଛି। ଅନେକ ସ୍କୁଲ ଏନ୍‌ସିସି ପାଇଁ ଆବେଦନ କରିଥିବାବେଳେ ସେମାନଙ୍କ ଆବେଦନପତ୍ର ପେଣ୍ଡିଙ୍ଗ ରହିଛି। ତେବେ ଏନ୍‌ସିସି ଛାତ୍ରଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା ଆଣିବା ସହ ପାଠପଢା, ନାମଲେଖା ଓ ନିଯୁକ୍ତି କ୍ଷେତ୍ରରେ ସହାୟକ ହୋଇଥାଏ। ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା କ୍ଷେତ୍ରରେ ସହାୟକ ହୋଇଥାଏ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଓ ବଡ଼ ବଡ଼ କାର୍ଯ୍ୟକ୍ରମ ସମୟରେ ଏନ୍‌ସିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରିଲିଫ ବଣ୍ଟନ, ଔଷଧ ବଣ୍ଟନ, ଭିଡ଼ ନିୟନ୍ତ୍ରଣ ଓ ବନ୍ୟା ବାତ୍ୟା ପରବର୍ତ୍ତୀକାଳୀନ ଉଦ୍ଧାର କାର୍ଯ୍ୟରେ ଏନ୍‌ସିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେଣୁ ସବୁ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ଏନ୍‌ସିସି ସୁବିଧା ପ୍ରଦାନ ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

# ବିପଦସଙ୍କୁଳ ପାଲଟିଛି ସହରର ବହୁ ଗୁରୁତ୍ୱପୂର୍ଣ୍ଣ ରାସ୍ତା



କେନ୍ଦୁଝର (ଭାସ୍କର ନ୍ୟୁଜ) : କେନ୍ଦୁଝର ଜିଲ୍ଲାର ସଦର ମହକୁମା ଠାରେ ଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡିକ ଏକ ମରଣଯନ୍ତାରେ ପରିଣତ ହୋଇଥିବା ବେଳେ ଏହାକୁ ଦେଖି ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଅଚିନ୍ତାରେ ରହିବା ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସୂଚନାଯୋଗ୍ୟ ଯେ କେନ୍ଦୁଝର ସହରର ମଧ୍ୟରେ ଥିବା ବିଭିନ୍ନ ସଡ଼କଗୁଡିକ କେନ୍ଦୁଝରଗଡ଼ ପୌରପାଳିକା, ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ଓ ମରାମତି କାର୍ଯ୍ୟ ହୋଇଥାଏ। ସହର ମଧ୍ୟରେ ଅଧିକାଂଶ ମୁଖ୍ୟରାସ୍ତା ପୂର୍ତ୍ତ ବିଭାଗ ଏବଂ ପୌରପାଳିକା ଅଧୀନରେ ଥିବାବେଳେ ଭୂତଳ କେବୁଲ, ଗ୍ୟାସ ପାଇପ୍ ଲାଇନ୍ ଏବଂ ପାଣି ପାଇପ ଲାଇନ୍ ପାଇଁ ଅଧିକାଂଶ ରାସ୍ତା ଗମନାଗମନ ଅନୁପଯୋଗୀ ହୋଇ ପଡିଛି। ବିଶେଷ କରି ଚର୍ଚ୍ଚ ଛକ ଠାରୁ ଧରଣୀଧର ଛକ କେନ୍ଦୁଝର ସହରର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଏହି ରାସ୍ତାର ଅନେକ ସ୍ଥାନରେ ରକ୍ଷଣାବେକ୍ଷଣ ଅଭାବରୁ ପିଚୁ କଂକ୍ରିଟ ଉଠି ଶୋଚନୀୟ ହୋଇପଡିଛି। ଏଥିସହିତ ପ୍ରତ୍ୟେହ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାର ମଝିରେ ମଝିରେ ଗର୍ତ୍ତ ହୋଇଯାଇଛି। ପ୍ରକାଶ ଥାଉକି ଏହି ରାସ୍ତା ଦେଇ ଜିଲ୍ଲାର କୋଣ ଅନୁକୋଣରୁ ଆମ୍ବୁଲାନ୍ସ ଯୋଗେ ରୋଗୀମାନେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ଏହି ଗୁରତ୍ୱପୂର୍ଣ୍ଣ ରାସ୍ତାଟି ପୁରୁଣା ଜାତୀୟ ରାଜପଥ, ବଳଦେବଜୀଉ ମନ୍ଦିର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସ ଲାଇନର ସଂଯୋଗକାରୀ ରାସ୍ତା ଅଟେ। ସେହିପରି ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ହୋଟେଲରୁ ବସ୍ ଟର୍ମିନାଲ ରାସ୍ତାର ଅବସ୍ଥା କହିଲେ ନସରେ। ଏହି ରାସ୍ତାରେ ମଧ୍ୟ ଅନେକ ସ୍ଥାନରେ ପିଚୁ କଂକ୍ରିଟ ଉଠିଯାଇ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ତେବେ ରକ୍ଷଣାବେକ୍ଷଣର ଅଭାବ ଏବଂ ଦୀର୍ଘବର୍ଷ ହେଲା ମରାମତି କରାଯାଇ ନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଭାଙ୍ଗିଯାଇ ବିପଦସଂକୁଳ ଅବସ୍ଥାରେ ରହିଛି। ଅନେକ ସ୍ଥାନରେ ପିଚୁ ଉଠିଯାଇ ଚିପ୍ସ ଧୋଇ ହୋଇଯାଇ ରାସ୍ତା କଡ଼ରେ ଜମା ହୋଇ ରହିଛି। ଦୀର୍ଘ ବର୍ଷ ହେଲା ଏହି ଦୁଇ ରାସ୍ତାର ମରାମତି ନେଇ ପୂର୍ତ୍ତ ବିଭାଗ କୌଣସି ପଦକ୍ଷେପ ନେଉନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଦୈନିକ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ସାଧାରଣ ଲୋକେ ଏହି ରାସ୍ତାର ମରାମତି ପାଇଁ ଅନେକବାର ଗୁହାରି କଲେ ମଧ୍ୟ ସୁଫଳ ମିଳୁନଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଠାରେ ସୂଚନାଯୋଗ୍ୟ ଯେ ଏହି ରାସ୍ତା ଦେଇ ଯାତ୍ରୀ ମାନେ ବଳଦେବଜୀଉ ମନ୍ଦିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପର୍ଯ୍ୟଟନସ୍ଥଳୀ ସାନ ଘାଗରା, ବଡ ଘାଗରା, ସିଦ୍ଧମଠ, ସ୍ୱର୍ଣ୍ଣପ୍ରଭା ପାଠାଗାର ନିକଟସ୍ଥ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁରୁଣା ବଜାର ତଥା ବସ୍ ଟର୍ମିନାଲକୁ ଯିବାଆସିବା କରିଥାନ୍ତି। ରାସ୍ତା ଖରାପ ଯୋଗୁଁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ପ୍ରକାଶ। ରାସ୍ତାର ଏହି ଦୂରାବସ୍ଥା ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ଏ ସମସ୍ୟା ସହ ସେ ଅବଗତ ଥିବା ପ୍ରକାଶ କରିବା ସହ ଜରୁରୀକାଳୀନ ଭିତ୍ତିରେ ଏହାର ମରାମତି କାର୍ଯ୍ୟ ହାତକୁ ନିଆଯିବ ବୋଲି 'ଓଡ଼ିଶା ଭାସ୍କର' ନିକଟରେ ସେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଦୁଇ ପ୍ରମୁଖ ରାସ୍ତାର ଉନ୍ନତିକରଣ ନହେଲେ କିପରି ରାଜ୍ୟ ବିକଶିତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ଦୁଇଟି ରାସ୍ତାର ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମରାମତି କରାଯିବାକୁ ଜନସାଧାରଣରେ ଦାବି ହେଉଛି।

## ବିପୁଳ ପରିମାଣର ଚୋରାମଦ ଜବତ
## ୫ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡ଼ା ଟାଉନ ଓ ନିକିରାଇ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଚୋରାମଦ ଜବତ କରାଯାଇଛି। ସୂଚନା ଅନୁଯାୟୀ ଚୋରା ମଦ ବିକ୍ରି ହେଉଥିବାର ଏକ ବିଶେଷ ସୂତ୍ରରୁ ଖବର ମିଳିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୪୭ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ଜବତ କରିବା ସହିତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଉଛନ୍ତି କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ସାନ୍ତସାହି ଗ୍ରାମର ଦେବାଶିଷ ସାହୁ(୪୯) ଓ ମନୋରଞ୍ଜନ ସାହୁ (୪୫), କାକଟ ଗ୍ରାମର ରଘୁନାଥ ନାୟକ (୫୪) ଏବଂ ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗ୍ରାମର ସୁରେଶ ସେଠୀ (୪୨) ଓ ଦୀପକ ସେଠୀ (୩୩)। ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲିକ, ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ୩ ଓ ୪ରେ ବନପାଳ ଓ ବନରକ୍ଷୀ ନିଯୁକ୍ତିର ଶାରୀରିକ ପରୀକ୍ଷା
## ବନ୍ଦ ରହିବ ନରଣପୁର-କଦଳିପସୀ ରାସ୍ତା

କେନ୍ଦୁଝର (ଭାସ୍କର ନ୍ୟୁଜ) : କେନ୍ଦୁଝର ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ବନ ବିଭାଗ ପାଇଁ ବନପାଳ ବା ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ବା ବନରକ୍ଷୀ ନିଯୁକ୍ତି ପ୍ରକ୍ରିୟାର ଶାରୀରିକ ପରୀକ୍ଷା ନିମନ୍ତେ ମାର୍ଚ୍ଚ ୩ ଓ ୪ ତାରିଖ ଦୁଇଦିନ କେନ୍ଦୁଝର ସହର ଉପକଣ୍ଠ ନରଣପୁର କାଠ ଡିପୋ ଠାରୁ କଦଳିପସୀ ଭାୟା ଖୋଳପା ଦେଇ ଯାଇଥିବା ରାସ୍ତାରେ ଗାଡି ଚଳାଚଳ ପାଇଁ ବନ୍ଦ ରହିବ ବୋଲି ଜିଲ୍ଲାପାଳ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କ ବିଜ୍ଞପ୍ତି ସଂଖ୍ୟା ୧୧୫୮ ତା୧.୩. ୨୦୨୫ରେ ଉଲ୍ଲେଖ ରହିଛି ଯେ ଶାରୀରିକ ପରୀକ୍ଷା ପାଇଁ ଏହି ରାସ୍ତାରେ ପ୍ରାର୍ଥୀମାନେ ପ୍ରାୟ ୧୨.୫ କିଲୋମିଟର ରାସ୍ତା ଚାଲିବାକୁ ଥିବାବେଳେ ୧୫୦ଜଣ ଆଶାୟୀ ଏଥିରେ ଭାଗ ନେବେ। ଏହି କଟକଣା ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ମୋଟରଯାନ ଆଇନ ୧୯୮୬ର ଧାରା ୧୧୫, ୧୧୬ ଓ ୧୧୭ବଳରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ବା ଆରଟିଏର ଅଧ୍ୟକ୍ଷ ଭାବେ ଜିଲ୍ଲାପାଳ ଏହି ଆଦେଶନାମା ଜାରୀ କରିଥିବା ଚୟନ କମିଟିର ସଦସ୍ୟ ଆବାହକ ତଥା ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥ ସୂଚନା ଦେଇଛନ୍ତି।

### ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ସେଚ୍ଛାକୃତ ରକ୍ତଦାନ ଶିବିର
## ୬୦ ୟୁନିଟ୍ ରକ୍ତ ସଂଗ୍ରହ



କୁଜଙ୍ଗ (ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ନୂଆଗଡ ଗ୍ରାମ ପଞ୍ଚାୟତ ବିଜୟ ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଚନ୍ଦ୍ରଶେଖର ଚୌଧୁରୀ ଓ ଦେବ ଦୁର୍ଲ୍ଲଭ କର ପ୍ରମୁଖ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦ ୟୁଥ୍ କ୍ଲବ୍‌ର କର୍ମକର୍ତ୍ତା ଓ ସଭ୍ୟ/ସଭ୍ୟାଙ୍କ ଏପରି ଯୁଗାନ୍ତକାରୀ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପାରାଦୀପ ଅଞ୍ଚଳରେ ବ୍ୟାପକ ଜଳ, ସ୍ଥଳ ଓ ଆକାଶ ପଥ ପ୍ରଦୂଷଣ ସହିତ ପ୍ରତିଦିନ ସଡ଼କ ଦୁର୍ଘଟଣା ଘଟି ଅନେକ ମୃତାହତ ହେଉଛନ୍ତି। ଏଥିପାଇଁ ରକ୍ତର ଆବଶ୍ୟକତା ରହିଛି। ଯେଉଁମାନେ ରକ୍ତଦାନ କରିବେ ସେମାନଙ୍କୁ ରେଡକ୍ରସ୍ ତରଫରୁ ଏକ ବ୍ଲଡ ଡୋନେସନ ସାର୍ଟିଫିକେଟ ପ୍ରଦାନ କରାଯିବ ଓ ଭବିଷ୍ୟତରେ ଆବଶ୍ୟକ ସ୍ଥଳେ ରକ୍ତ ଭଣ୍ଡାରରୁ ସେମାନଙ୍କୁ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଦ୍ୱିଗୁଣିତ ରକ୍ତ ବିନା ମୂଲ୍ୟରେ ମିଳିପାରିବ ବୋଲି ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଥଲେ। ଏହି ରକ୍ତଦାନ ଶିବିରକୁ ସ୍ୱାମୀ ବିବେକାନନ୍ଦ ୟୁଥ୍ କ୍ଲବ୍‌ର ସଭାପତି ଜଗନ୍ନାଥ ହାଲଦାର ଓ କ୍ଲବ୍‌ର ସଦସ୍ୟମାନେ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ କିଶୋର-କିଶୋରୀ ସମାବେଶ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫ଉପଲକ୍ଷେ ଅଦ୍ୱିକା କାର୍ଯ୍ୟକ୍ରମ ବ୍ଲକସ୍ତରୀୟ କିଶୋର-କିଶୋରୀ ସମାବେଶ ପୁରୀ ଜିଲ୍ଲା ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ଯୋଗ ଦେଇ କହିଛନ୍ତି କିଶୋର ବୟସରେ ସୁଯୋଗ ମିଳିଲେ କିଶୋର-କିଶୋରୀଙ୍କ ପ୍ରତିଭା ଓ ଦକ୍ଷତାର ବିକାଶ ହୋଇପାରିବ ଓ ସେମାନଙ୍କ ଭବିଷ୍ୟତ ସହ ସମାଜ ବି ସୁଦୃଢ଼ ହୋଇପାରିବ। ଅନ୍ୟତମ ଅତିଥି ଅସ୍ତରଙ୍ଗ ମଣ୍ଡଳ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ)ମମତା ନାୟକ କହିଛନ୍ତି ସମସ୍ତ କିଶୋର-କିଶୋରୀ ଜଣେ ଅଦ୍ୱିକା ଲିଡର। ନିଜ ଦକ୍ଷତା ବିକାଶର ନେତୃତ୍ୱ ନେବା ସହ ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ ଦୃଢ଼ ବିରୋଧ କରିବା ପାଇଁ ସେ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। କିଶୋରୀମାନେ ସଶକ୍ତ ହେଲେ ନାରୀ ଶକ୍ତି ସକ୍ରିୟ ହେବ। ଏହି ଅବସରରେ ନୋଡାଲ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଆ ରଚନା, କୁଇଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଚିତ୍ରାଙ୍କନରେ ପ୍ରଥମ ସାଇ ପ୍ରଜ୍ଞାନ ପାଲ, ଓଡ଼ିଆ ରଚନା ପ୍ରଥମ ଶିବାନୀ ବସ୍ତିଆ, କୁଇଜ୍ ପ୍ରତିଯୋଗୀତାରେ ପ୍ରଥମ ଆଦ୍ୟାଶା ବେହେରା, ଦ୍ୱିତୀୟ ବିଷ୍ଣୁପ୍ରିୟା ସ୍ୱାଇଁ, ତୃତୀୟ ସୁଶ୍ରୀ ଶୁଭଦର୍ଶନୀ ମଲ୍ଲ ହୋଇଥିଲେ। ସେହିଭଳି ଅସ୍ତରଙ୍ଗ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ, ସହାୟିକା ମାନଙ୍କ ମଧ୍ୟରେ କବାଡି, ଦୌଡ଼ି ଟାଣିବା ପ୍ରତିଯୋଗିତା, ଝୋଟି ଓ ଗୀତ ଗାଇବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କବାଡି ଓ ଦୌଡ଼ି ଟାଣିବା ପ୍ରତିଯୋଗିତାରେ ବିଷ୍ଣୁପ୍ରିୟା ବରାଳ, ସୁଚିତ୍ରା ବେହେରା, ଦୀପ୍ତିମୟୀ ମହାନ୍ତି, ପ୍ରତିମା ବସ୍ତିଆ, ବିଦୁଲତା ନାୟକ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଝୋଟିରେ ପ୍ରଥମ ବିଦୁଲତା ନାୟକ, ଦ୍ୱିତୀୟ ଅନୁରାଧା ସ୍ୱାଇଁ, ତୃତୀୟ ବେବି ନାୟକ ଓ ଗୀତଗାଇବାରେ ପ୍ରଥମ ଗୀତାଲତା ରଥ, ଦ୍ୱିତୀୟ ଜୟନ୍ତୀ ବେହେରା ଓ ତୃତୀୟ ବିଷ୍ଣୁପ୍ରିୟା ବରାଳ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀନାୟକ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁବିକାଶର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ ସହ ଆସନ୍ତା ୫ ତାରିଖରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି।

## ପୌର କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକଙ୍କ ଗଣଧାରଣା

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକମାନଙ୍କ ପାଇଁ କାର୍ଯ୍ୟାଳୟ ଯୋଗାଣ ଦାବିରେ ତା ୨୮/୨/୨୦୨୫ ରିଖ ଠାରୁ ସାମ୍ବାଦିକମାନେ ଗଣଧାରଣା ଆରମ୍ଭ କରିଛନ୍ତି। ସାମ୍ବାଦିକମାନଙ୍କ ପାଇଁ ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟ ଯୋଗାଣ ନିମନ୍ତେ ଏହି ଧାରଣା ଦିବା ରାତ୍ର ଚାଲୁ ରହିବ ବୋଲି ଧାରଣାରତ ସାମ୍ବାଦିକମାନେ ପ୍ରକାଶ କରିଛନ୍ତି । ଉକ୍ତ ଗଣଧାରଣାରେ




ନେତୃତ୍ୱ ନେଇଥିବା ସର୍ବଶ୍ରୀ ଉପେନ୍ଦ୍ର କୁମାର ନାୟକ ସଞ୍ଜୟ କୁମାର ପଣ୍ଡା ବ୍ରଜବନ୍ଧୁ ଦାଶ ସନ୍ତୋଷ କୁମାର ପତି ପ୍ରମୋଦ ଦାଶ ସୁଶାନ୍ତ କର ପ୍ରମୁଖ ସାମ୍ବାଦିକ ଗଣଧାରଣା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ରାଜନେତା ସମାଜସେବୀ ଗଣ ସଙ୍ଗଠକ ସମର୍ଥନ ଜଣାଇ ଆନ୍ଦୋଳନକାରୀଙ୍କ ଶିବିରରେ ପହଞ୍ଚିଥିଲେ । ଏମାନଙ୍କ ମଧ୍ୟରେ ସର୍ବେଶ୍ୱର ସେଠୀ, ପ୍ରମୋଦ କୁମାର ଜେନା, ଅବିନାଶ ଲେଙ୍କା, ରବୀନ୍ଦ୍ର ମହାନ୍ତି, ଅନ୍ତର୍ଯ୍ୟାମୀ ମଳିକ, ବିଜୟ କୁମାର ବିଶ୍ୱାଳ, ସତ୍ୟପ୍ରିୟ ସାମଲ, କଳ୍ପତରୁ ମଳିକ, ରଞ୍ଜନ କୁମାର ପ୍ରଧାନ, ପ୍ରଭାତ ପ୍ରଧାନ, ସୁଧାଂଶୁ ଶେଖର ଜେନା, ଈଶ୍ୱର ମଳିକ, ତପ ରଞ୍ଜନ ବେହେରା, ଅଜୟ କୁମାର ପ୍ରଧାନ, କାନନବାଳା ଦାସ, ସୁନାକର ପ୍ରଧାନ, ଜ୍ୟୋତିପ୍ରକାଶ ପ୍ରଧାନ, ସଞ୍ଜୟ କୁମାର ଧଳ, ମିଟୁ ମନୋଜ ନାୟକ, ସୌମ୍ୟ ରଞ୍ଜନ ଧଳ, ସଞ୍ଜୟ କୁମାର ଦାସ, ରାଜୀବ ଲୋଚନ ମିଶ୍ର, ବିଜ୍ଞାନ ମିହିର ଜେନାଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ସମର୍ଥନ ଜଣାଇ ଥିଲେ। ତୃତୀୟ ଦିନ ଗଣଧାରଣାରେ ୨୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ବିଭୁତି ପ୍ରଧାନ, ଅଶୋକ ସାହୁ, ହିମାଂଶୁ ମହାନ୍ତି, ଶିଶିର ସେଣ, କାମିନୀ ସାହୁ, ଲିଲି ଦଳାଇ, ହିମାଂଶୁ ମହାନ୍ତି, ନମିତା ନାୟକ, ସଙ୍ଗୀତା ଦାସ, ନାମବ୍ରହ୍ମ କର, ଜୁବେଶ ନାୟକ, ମାଗୁଣି ମଳିକ ପ୍ରମୁଖ ଧାରଣାରେ ଯୋଗ ଦେଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଏମାନେ ଚେତାବନୀ ଦେଇଛନ୍ତି। ଦିନକୁ ଦିନ ଧାରଣାକାରୀମାନଙ୍କ ପ୍ରତି ଜନ ସମର୍ଥନ ବଢ଼ି ଚାଲିଥିବା ଦେଖା ଯାଉଛି।

## ବଡଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାର ଗଣପର୍ବ କୁହାଯାଉଥିବା ବଡଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ପଡିଲାଣି ମାଲକାନଗିରି ଜିଲ୍ଲା। ଏହି ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇ ଥିବା ବେଳେ ଆସନ୍ତା ୩ ତାରିଖରେ ବଡ ଠାକୁର ପ୍ରଭୁ କାନମ ରାଜ, ବାଲା ରାଜ, ପୋତ ରାଜ ଓ ମା' ମୁତ୍ୟାଲୁ ଆମ୍ମା ଆନ୍ଧ୍ର ସ୍ଥିତ ପୋଲୁର ଠାରେ ସ୍ନାନ କରି ମାଲକାନଗିରି ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଚଳିତ ମାସର ୧୧ ତାରିଖ ରାତି ୧୨ଟା ପରେ ମାଲକାନଗିରି ସଦରମହକୁମାସ୍ଥିତ ମାଉଲୀ ମାଆ ମନ୍ଦିର ଠାରେ ଏହି ଯାତ୍ରା ଉଦ୍‌ଯାପିତ ହେବ। ଏହି ଯାତ୍ରାରେ ଆନ୍ଧ୍ର, ତେଲେଙ୍ଗନା, ଛତିଶଗଡ଼ ଓ ଓଡିଶାର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ତେବେ ପ୍ରତି ଦୁଇ ବର୍ଷରେ ଥରେ ହେଉଥିବା ଏହି ଯାତ୍ରାରେ ଦେବଦେବୀଙ୍କ ସ୍ନାନ ପରେ ପୋଲୁର ଠାରେ ଥିବା ତାଡକା ରେଉ କୁଣ୍ଡରେ ହଜାର ହଜାର ସଂଖ୍ୟକ ଭକ୍ତ ମଧ୍ୟ ସ୍ନାନ କରନ୍ତି। କୁହାଯାଏ ଏହି ସ୍ନାନ କଲେ କୋଟି ପୁଣ୍ୟ ଅର୍ଜନ ହୁଏ। ତେଣୁ ଆନ୍ଧ୍ର ସ୍ଥିତ ଏହି ତାଡକା ରେଉକୁ ଭକ୍ତଙ୍କ ସମାଗମ ପାଇଁ ଉଭୟ ଆନ୍ଧ୍ର ଓ ମାଲକାନଗିରି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ପୂର୍ବରୁ ଲୋକେ ଏହି ସ୍ଥାନକୁ ଯିବାକୁ ହେଲେ ପୋଲୁର ଦେଇ ବୋହି ଯାଉଥିବା ନଦୀରେ ଡଙ୍ଗା ମାଧ୍ୟମରେ ଯାତାୟତ କରୁଥିଲେ। ତେବେ ବିଗତ ପୂଜା ଠାରୁ ପ୍ରଶାସନ ପକ୍ଷରୁ ସେଠାରେ ଭାସମାନ ପୋଲର ବ୍ୟବସ୍ଥା କରାଯାଇଛି। ଏହାପରେ ଠାକୁରଙ୍କୁ ବିମାନ ଯୋଗେ ଆଣି ମାନ୍ୟମକେକୋଣ୍ଡା ଠାରେ ପ୍ରଥମ ଭୋଗ ଲାଗି ହେବା ପରେ ମାର୍ଚ୍ଚ ୮ ତାରିଖ ଶନିବାର ପ୍ରାତଃ ସମୟରେ ଠାକୁରମାନେ ମାଲକାନଗିରି ସଦରମହକୁମା ସ୍ଥିତ କନ୍ୟାମାଝି ବନ୍ଧ ଠାରେ ପ୍ରବେଶ କରିବେ। ଏହି ଯାତ୍ରାରେ ମାଲକାନଗିରିର ଗାଁ ଗହଳର ଦେବଦେବୀମାନେ ଏକତ୍ରୀତ ହେବେ। ଠାକୁର ଦେବୀନ ଟୀମାନଙ୍କ ମହାମିଳନ ଘଟିବ। ଏହି ବଡଯାତ୍ରାକୁ ମାଲକାନଗିରିର ହଜାର ହଜାର ଭକ୍ତ ଉପଭୋଗ କରିଥାନ୍ତି।

## ରାଶିଫଳ

ସୋମବାର, ୦୩ ମାର୍ଚ୍ଚ ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ । ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ। ସମ୍ଭବତଃ ଆଧ୍ୟାତ୍ମିକତା ପାଇଁ କିଛି ସମୟ ନିଅନ୍ତୁ।



**ବୃଷ:** ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଧାର୍ମିକ ଯାତ୍ରା ଆୟୋଜିତ ହେବ।



**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ। ଆପଣଙ୍କ ଠାରୁ ସହକର୍ମୀମାନେ ଲାଭବାନ ହେବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ। ଆପଣ ସର୍ବୋତ୍ତମ ବିବାହିତ ସୁଖ ପାଇବ। ଗଣେଶଙ୍କ କୃପା ଦିନସାରା ଆପଣଙ୍କ ଉପରେ ରହିବ।



**ସିଂହ:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ । ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ ।



**କନ୍ୟା:** ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ । ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ । ଲୋକଙ୍କୁ ଅପମାନ ନ କରିବାକୁ ବିଶେଷ ଧ୍ୟାନ ଦିଅନ୍ତୁ।



**ବିଛା:** ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ । କୌତୁହଳପୂର୍ଣ୍ଣ ଖାଦ୍ୟ ମିଳିପାରିବ । ସାମାଜିକ କ୍ଷେତ୍ରରେ ଖ୍ୟାତି ବୃଦ୍ଧି ପାଇବ ।



**କୁମ୍ଭ:** ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ପରିବାରରେ ଖୁସିର ପରିବେଶ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ସରକାରଙ୍କ ଦ୍ୱାରା ଲାଭ ହେବ । ସମ୍ମାନ ଏବଂ ପଦୋନ୍ନତି ସେଠାରେ ରହିବ। ସାଂସାରିକ ଜୀବନ ସୁଖୀ ହେବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ ପ୍ରଧାନ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ଅବସରରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ମୁଣ୍ଡାପଡା ଭାରପ୍ରାପ୍ତ ସରପଞ୍ଚ ସୁମନ୍ତ କୁମାର ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁମନ୍ତ କୁମାର ଦାସ ଯୋଗଦେଇ ଆୟୁଷ ପ୍ରଧାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୌଜନ୍ୟ ପରିଦର୍ଶନରେ ଆସି ରାୟଗଡା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ସେଠ ଏବଂ ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ କୃତି ଛାତ୍ରଙ୍କୁ ମିଠା ଖୁଆଇ ଉତ୍ସାହିତ କରିଥିଲେ। ଶ୍ରୀ ସେଠ ଗୀତ ଓ ନାଚ ମାଧ୍ୟମରେ ଅନେକ ନୂଆ କଥା ଛାତ୍ରଛାତ୍ରୀମାନଙ୍କୁ ଶିଖାଇଥିଲେ। ଶ୍ରୀ ସ୍ୱାଇଁ ଗଳ୍ପ ମାଧ୍ୟମରେ ପିଲାମାନଙ୍କୁ ଆଗକୁ ବଢିବାର ପ୍ରେରଣା ପ୍ରଦାନ କରିଥିଲେ। ଛାତ୍ର ଆୟୁଷ ତାଙ୍କର ଅନୁଭବ ବର୍ଣ୍ଣନା କରିଥିଲେ। ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବେଳେ ଶିକ୍ଷକ ଶବର ସେଠୀ ଅତିଥି ପରିଚୟ ପ୍ରଦାନ ଓ ବୀର ବିକ୍ରମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଯାତ୍ରା ପୀଠ ଉଦ୍‌ଘାଟିତ



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାର ଗଣପର୍ବ ରୂପେ ପରିଚିତ ବଡଯାତ୍ରା-୨୦୨୫ ଏହିବର୍ଷ ପାଳିତ ହେବାକୁ ଯାଉଥିବା ବେଳେ ଆଜି ସଦରମହକୁମା ସ୍ଥିତ କନ୍ୟାମାଝି ବନ୍ଧ ଠାରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଓ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମିଳିତ ଭାବେ ବଡଯାତ୍ରା ପୀଠ ଉଦଘାଟନ କରିଛନ୍ତି। ପ୍ରାୟ ୩୫ ଲକ୍ଷ ବ୍ୟୟରେ ଏସଡିସି ପାଣ୍ଠି ବିନିଯୋଗରେ କନ୍ୟାମାଝି ବନ୍ଧ ପୀଠର ପ୍ରାଚୀର ଓ ମଣ୍ଡପ ନିର୍ମାଣ ସହିତ ସୌନ୍ଦର୍ଯ୍ୟ କାର୍ଯ୍ୟ କରାଯାଇଛି। ତିନୋଟି ରାଜ୍ୟ ଆନ୍ଧ୍ର,ଓଡିଶା ଓ ଛତିଶଗଡର କିମ୍ବଦନ୍ତୀ କୁ ନେଇ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ବହୁଭକ୍ତଙ୍କ ସମାଗମ ହୋଇଥାଏ । ଚଳିତ ବର୍ଷ ମାର୍ଚ୍ଚ ମାସରେ ୮ ତାରିଖରୁ ମାଲକାନଗିରି ସଦର ମହକୁମାରେ ଆରମ୍ଭ ହୋଇ ୧୨ତାରିଖ ଦିନ ମାଉଲୀ ମାଆ ମନ୍ଦିର ଠାରେ ଉଦଯାପିତ ହେବ । ଏହି ବଡଯାତ୍ରାରେ ଶ୍ରୀଶ୍ରୀ ଶ୍ରୀ କାନମରାଜ, ବାଲାରାଜ, ପୋତରାଜ ଓ ମୁତ୍ୟାଲୁମ୍ମା ବିମାନରେ ବିଜେ କରି ପଦବ୍ରଜରେ ଶହ ଶହ ଲାଠି ଓ ଭକ୍ତ ଗହଣରେ ଆସି ମାଲକାନଗିରି ମାଉଲୀ ମାଆ ମନ୍ଦିର ପ୍ରାଙ୍ଗଣରେ ଉପବିଷ୍ଟ ହେବେ। ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡା, ଜିଲ୍ଲାପାଳ ଈଶ୍ୱର ଆଶିଷ ପାଟିଲ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ,ପିଏ ଆଇଟିଡିଏ ହଳଧର ଶବର ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ବିଜୟ କୁମାର ମହାରଣା, ହିମାଂଶୁ ସାମଲ,ରତନ ବଣିକ,ଜିଲ୍ଲାପାଳ ଈଶ୍ୱର ଆଶିଷ ପାଟିଲ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପିଏ ଆଇଟିଡିଏ ହଳଧର ଶବର ବଡଯାତ୍ରା କମିଟିର ପ୍ରଫୁଲ୍ଲ ପଣ୍ଡା, ଗଣେଶ ମଣ୍ଡଳ,ବାଲା ପଣ୍ଡା,ପି.କେଶୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## କିଏ ହାତେଇବ ବାଲିଗୁଡା ପିଏ ଆଇଟିଡିଏ ପଦବୀ !

କନ୍ଧମାଳ(ଭାସ୍କର ନ୍ୟୁଜ) : ଓଏଏସ୍ ସ୍ତରରେ ଅଦଳ ବଦଳ ପରେ ବଦଳିଲେ ବାଲିଗୁଡା ପିଏ ଆଇଟିଡିଏ ଗଦାଧର ପାତ୍ର। ତାଙ୍କୁ ପିଏ ଆଇଟିଡିଏ ଫୁଲବାଣୀ ଭାବେ ବଦଳି କରାଯାଇଛି। ରାଜ୍ୟର ମୋଟ ୨୨ ଜଣ ଓଏଏସ୍ ଅଧିକାରୀଙ୍କ ଅଦଳବଦଳ ହୋଇଛି। ଯାହାକି ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଫେବ୍ରୁଆରୀ ମାସର ଶେଷ ଦିନରେ ବିଜ୍ଞପ୍ତି ଜାରିହୋଇଛି।ହେଲେ ତାଙ୍କ ସ୍ଥାନରେ କିଏ ଯୋଗ ଦେବେ ସେ ନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। କିନ୍ତୁ ଗଦାଧର ପାତ୍ରଙ୍କ ଏହି ବଦଳି ଏବେ ବେଶ ଆଲୋଚନାର ପ୍ରସଙ୍ଗ ହୋଇଛି। କାହିଁକି ନା ଗଦାଧର ପାତ୍ର ପଦୋନ୍ନତି ପାଇ ଗତ ଜାନୁଆରୀ ମାସର ପ୍ରଥମ ଦିନରେ ବାଲିଗୁଡା ପିଏ ଆଇଟିଡିଏ ଭାବେ ଦାୟିତ୍ୱ ନେଇଥିଲେ। ହେଲେ ଦୁଇ ମାସର ଏହି ଦାୟିତ୍ୱ ପରେ ପୁଣି ତାଙ୍କର ଅନେତ୍ର ବଦଳି ହେବା ଘଟଣାଟି କିନ୍ତୁ ଆଲୋଚନାକୁ ଟାଣି ହୋଇଛି। କାହିଁକି ନା ଗଦାଧର ପାତ୍ର ବାଲିଗୁଡା ପିଏ ଆଇଟିଡିଏ ଦାୟିତ୍ୱ ନେବା ପାଇଁ ବିଭାଗ ପାଖରେ ଦୀର୍ଘ ଦିନ ଧରି ଲବି କରି, ଭଲ ହାତ ଗୁଞ୍ଜା ଦେବାପରେ ଏହି ଦାୟିତ୍ୱ କୁଆଡ଼େ ସେ ହାତେଇଥିଲେ। ହେଲେ ଶୁଣିବାକୁ ମିଳୁଛି କି, ପୂର୍ବରୁ ସେହି ସ୍ଥାନରେ ଦାୟିତ୍ୱରେ ରହିଥିବା ବାବୁ ଜଣକ ନିଜର ସମ୍ମାନ ରଖି ପୁଣି ଫେରିବାକୁ କୁଆଡେ ଅଣ୍ଟା ଭିଡୁଥିବା ଜଣାପଡିଛି । ଆଉ ଏଥିପାଇଁ ଯେତେ ସମ୍ଭବ ହୋଇପାରିବ ରାଜ୍ୟର କ୍ଷମତା ସମ୍ପନ୍ନ ପ୍ରଶାସନିକ ଅଧିକାରୀ ଓ ନେତା ମନ୍ତ୍ରୀଙ୍କ ସାନିଧ ଲାଭ ପାଇଁ ଏବେ ପ୍ରାଣପଣେ ନିଜର ଲବି ଚଳାଇଛନ୍ତି। ସେଥିପାଇଁ କୁଆଡେ ବାଲିଗୁଡା ଆଇଟିଡିଏ କାର୍ଯ୍ୟାଳୟର କିଛି ଅଧିକାରୀ ମଧ ତାଙ୍କୁ ସାହାଯ୍ୟ କରୁଥିବା ମଧ ଜଣାପଡିଛି । ପୁରୁଣା ବାବୁ ଜଣକ ଯଦି ପୁଣି ସେହି ଗାଦିରେ ବସନ୍ତି, ତେବେ କୁଆଡେ ଏକ ବଡ଼ ଭୋଜି ଆସର ହେବା ସହ ସାହାଯ୍ୟ କରିଥିବା ଅଧିକାରୀ, କର୍ମଚାରୀଙ୍କୁ କୁଆଡେ ଲୋଭନୀୟ ଅଫର ମଧ ଦିଆଯିବ ବୋଲି ଶୁଣିବାକୁ ମିଳୁଛି ।

# ଅନାସ୍ଥା ହାରିଲେ ବ୍ରଜରାଜନଗର ନଗରପାଳ

## ସପକ୍ଷରେ ୨୨, ବିପକ୍ଷରେ ୧

ବ୍ରଜରାଜନଗର(ଭାସ୍କର ନ୍ୟୁଜ) : ଗତକାଲି ମାନ୍ୟବର ହାଇକୋର୍ଟ ନଗରପାଳ ଯାଜ୍ଞସେନୀ ଓରାମଙ୍କ ପିଟିସନକୁ ଖାରଜ କରିବା ପରେ ଆଜି ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ଆଦେଶ କ୍ରମେ ଭୋଟ ଗଣତି କରାଯାଇଥିଲା। ଏଥିରେ ୨୨ ଜଣ ଅନାସ୍ଥା ସପକ୍ଷରେ ମତଦାନ କରିଥିବା ବେଳେ ଜଣେ ଅନାସ୍ଥା ବିପକ୍ଷରେ ଭୋଟ ଦେଇଥିଲେ। ପିଏ ଆଇଟିଡିଏ ତଥା ନିର୍ବାଚନ ଅଧିକାରୀ ସଂଜୀବ ପଟେଲ। ଅତିରିକ୍ତ ତହସିଲଦାର ସଂଜୀବ ଷଡ଼ଙ୍ଗୀ, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ଉପସ୍ଥିତିରେ ଭୋଟ ବାକ୍ସ ଖୋଲାଯାଇଥିଲା। ଆଜିର ଭୋଟ ଗଣତି ବାବଦରେ ଜିଲ୍ଲାପାଳଙ୍କୁ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ଅନ୍ୟପଟେ ଅନସ୍ଥା ପ୍ରସ୍ତାବ ସମ୍ପର୍କରେ ଉପନଗରପାଳ କୃଷ୍ଣ ଗୋପାଳ ସୀତାନୀଙ୍କୁ ପଚାରିବାରୁ,






ବ୍ରଜରାଜନଗର ପୌରାଞ୍ଚଳରେ ଥିବା ଉପେକ୍ଷିତ ଅଞ୍ଚଳର ବିକାଶ ଓ ମୌଳିକ ପୁରଣ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପନଗରପାଳ ଶ୍ରୀ ସୀତାନୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୧୫ ତାରିଖ ବ୍ରଜରାଜନଗର ନଗରପାଳ ଯାଜ୍ଞସେନୀ ଓରାମଙ୍କ ବିରୁଦ୍ଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ୨୩ ଜଣ କାଉନସିଲର ମତଦାନ ହୋଇଥିବା ବେଳେ ଅନ୍ୟପଟେ ମାନ୍ୟବର ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣୀ ୫ ଫେବ୍ରୁଆରୀ ପର୍ଯ୍ୟନ୍ତ ଏହାର ଫଳାଫଳ ସ୍ଥଗିତ ରଖିଥିଲେ। ସେପଟେ ଅନସ୍ଥା ସମ୍ପର୍କିତ ସମସ୍ତ ଦସ୍ତାବିଜ ଓ ବାଲାଟ ବକ୍ସ ଝାରସୁଗୁଡ଼ା କଲେକ୍ଟର କାର୍ଯ୍ୟାଳୟରେ ରଖାଯାଇଥିଲା।ମାନ୍ୟବର ହାଇକୋର୍ଟଙ୍କ ଫେବ୍ରୁଆରୀ ୫ ତାରିଖ ଦିନ ବ୍ରଜରାଜନଗର ନଗରପାଳ ଯାଜ୍ଞସେନୀ ଓରାମଙ୍କ ନିବେଦନ ଉପରେ ବିଚାର କରି ଗତ ଫେବ୍ରୁଆରୀ ୧୦ ତାରିଖ ଦିନ ଶୁଣାଣି ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ଗତ ଫେବ୍ରୁଆରୀ ୧୦ ତାରିଖରେ ଶୁଣାଣି ହୋଇପାରି ନଥିବାରୁ ଗତ ଫେବ୍ରୁଆରୀ ୧୧ ତାରିଖରେ ଶୁଣାଣି ଶେଷ ହୋଇଥିଲା ଓ ରାୟ ସଂରକ୍ଷିତ ଥିଲା। ଅପରପକ୍ଷରେ ମାନ୍ୟବର ହାଇକୋର୍ଟ ଫେବ୍ରୁଆରୀ ୨୮ ତାରିଖ ରାୟ ଶୁଣାଇବେ ନେଇ ତାରିଖ ଧାର୍ଯ୍ୟ ପରେ ଗତକାଲି ନଗରପାଳ ଯଜ୍ଞସେନି ଓରାମଙ୍କ ପିଟିସନକୁ ଖାରଜ କରି ଦେଇଥିଲେ।

## ଶୁଭ୍ରାଂଶୁ ଶେଖର ପଟ୍ଟନାୟକଙ୍କ 'ଭ୍ରମରୁ ପ୍ରେମ' ଲୋକାର୍ପଣ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଶୁଭ୍ରାଂଶୁ ଶେଖର ପଟ୍ଟନାୟକଙ୍କ 'ଭ୍ରମରୁ ପ୍ରେମ' କବିତା ଗୁଚ୍ଛ ଲୋକାର୍ପିତ ହୋଇ ଯାଇଛି। ମନୋଜ ପାଢ଼ୀ (ମୁନ୍ନା)ଙ୍କ ସଂଯୋଜନାରେ ପ୍ରାରମ୍ଭିକ ସଙ୍ଗୀତ କନ୍ଦର୍ପ ପାତ୍ର ଏବଂ ସାଥୀ, ପରିଚୟ ପ୍ରଦାନ ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ କରିଥିଲେ। ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲାବେଳେ ଆଲୋଚନାରେ ବିଚିତ୍ରାନନ୍ଦ ବେବର୍ତ୍ତା, ଡ. କଲ୍ୟାଣୀ ମିଶ୍ର, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ଦ୍ର ନାଥ ପାଢ଼ୀ,ଭାରତ ଭୂଷଣ ମହାନ୍ତି,ବିଶ୍ୱରଂଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଦ୍ୟ ପ୍ରକାଶିତ ବହିଟିର ଆତ୍ମିକ, ଆଙ୍ଗୀକ, ଅନ୍ତର୍ନିହିତ, ପ୍ରସଙ୍ଗ ସମ୍ପର୍କରେ ଅବଗତ କରାଇଥିଲେ। ଐଶ୍ୱରୀକ, ଶାଶ୍ୱତ , ନିଃସର୍ତ ପ୍ରେମ ଉପରେ ଆଧାରିତ ବହିଟି ପାଠକୀୟ




ସ୍ୱୀକୃତି ନିଶ୍ଚୟ ପାଇବ ଏକଥା ଆଲୋଚକମାନେ ସାଦରେ ଗ୍ରହଣ କରିଥିଲେ। ବହିଟି ପାଇଁ କବିଙ୍କ ପରିବାର ସମର୍ଥନ ଜଣାଇଛନ୍ତି ଏବଂ କବିଙ୍କ ମା,ଭଉଣୀ, ଭିଣେଇ,ପରିବାର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ଶଶୀଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନରେ ପରୀକ୍ଷା ଦେଲେ ୬,୪୧୫ ମ୍ୟାଟ୍ରିକ ପରୀକ୍ଷାର୍ଥୀ, ୧୨୪ ଅନୁପସ୍ଥିତ

ବୌଦ୍ଧ(ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲାର ୩୩ ଗୋଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ଆଜି ଚତୁର୍ଥ ଦିନରେ ବିଜ୍ଞାନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ସଂସ୍କୃତ ମଧ୍ୟମା ପରୀକ୍ଷାକୁ ମିଶାଇ ମୋଟ ୬୫୩୯ ଜଣ ପରୀକ୍ଷାର୍ଥୀରୁ ମଧ୍ୟରୁ ୬୪୧୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୨୪ ଜଣ ଅନୁପସ୍ଥିତ ରହିଛନ୍ତି । ଆଜି ଜଣେ ପରୀକ୍ଷାର୍ଥୀ କପି କରୁଥିବା ବେଳେ ଧରା ପଡିଥିବା ଜଣାପଡିଛି।

## ଭାରତୀୟ ମଜଦୁର ସଂଘ ମିଶ୍ରଣ ପର୍ବ

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ବ୍ରଜରାଜନଗର ଇବ ଖଦାନ ମଜଦୁର ସଂଘ ଏବଂ ବସୁନ୍ଧରା କୋଲିଆରୀ ମଜଦୁର ସଂଘର ମିଳିତ ସହଯୋଗରେ ଗାନ୍ଧିଛକ ସ୍ଥିତ ଏକ ହୋଟେଲରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ଇବ ଖଦାନ ମଜଦୁର ସଂଘ ସଭାପତି ଗୋବିନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ଅଖିଳ ଭାରତୀୟ ଖଦାନ ମଜଦୁର ସଂଘ ସମ୍ପାଦିକା ସୁଶ୍ରୀ ସୁସ୍ମିତା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜରାଜନଗର ଇବ ଖଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ



ମହେଶ୍ୱର ମହନ୍ତ ମଞ୍ଚ ପରିଚାଳନା କରିଥିଲେ। ଆଜିର ମିଶ୍ରଣ ପର୍ବରେ ଏମସିଏମଏସ ହିନ୍ଦ ମଜଦୁର ସଭାର ୩୦ ଜଣ ଛାଡ଼ି ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ବ୍ରଜରାଜନଗର ଇବ ଖଦାନ ମଜଦୁର ସଂଘରେ ସାମିଲ ହୋଇଛନ୍ତି।

## ପବିତ୍ର ରମ୍‌ଜାନ ମାସ ଆରମ୍ଭ



ଚନ୍ଦାହାଣ୍ଡି (ଭାସ୍କର ନ୍ୟୁଜ): ଆରମ୍ଭ ହୋଇଛି ମୁସଲମାନ ଧର୍ମାବଲମ୍ବୀଙ୍କ ପବିତ୍ର ରମଜାନ ମାସ । ଶନିବାର ସନ୍ଧ୍ୟାରେ ଜହ୍ନ ଦେଖିବା ପରେ ଏହି ଧର୍ମାବଲମ୍ବୀମାନେ ପରସ୍ପରକୁ ଅଭିନନ୍ଦନ ଜଣାଇ ପବିତ୍ର ମାସ ପାଳନ ଆରମ୍ଭ କରିଛନ୍ତି । ଏହି ଅବସରରେ ମୋହରା ମୁସଲିମ କମିଟି ସଭାପତି ସୁଲତାନ ଅଲ୍ଲୀ ଏବଂ ବେହେରାମୁଣ୍ଡା ମୁସଲିମି କମିଟି ସଭାପତି ମହମ୍ମଦ ଜିନା ସମସ୍ତ ମୁସଲିମ ଭାଇଙ୍କୁ ରମଜାନର ଅଭିନନ୍ଦନ ଜଣାଇଥିଲେ। ପବିତ୍ର ରମଜାନ ମାସରେ ମୁସଲମାନମାନଙ୍କ ପବିତ୍ରଧର୍ମ ଗ୍ରନ୍ଥ କୋରାନର ରଚନା ହୋଇଥିବାରୁ ଏହି ମାସକୁ ମୁସଲମାନ ଧର୍ମରେ ଏକ ଧର୍ମ ମାସ ଭାବେ ପାଳନ କରାଯାଇଥାଏ । ପ୍ରତ୍ୟହ ସୂର୍ଯ୍ୟଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମୁସଲମାନ ଭାଇ ଭଉଣୀମାନେ ନିର୍ଜଳା ଉପବାସ କରିଥାନ୍ତି ଓ ସନ୍ଧ୍ୟା ସମୟରେ ନମାଜ ପାଠ କରିବା ସହ ତରାବି ନମାଜ ପାଠ କରିଥାନ୍ତି। ଚଳିତବର୍ଷ ତରାବି ନମାଜ ପାଠ ନିମନ୍ତେ ଧର୍ମଗୁରୁ ହାଫିଜ୍ ସୋହେବ ରଜା ଆସିଥିବା ଜଣାପଡିଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ରେ ଆଜି ମହାବିଦ୍ୟାଳୟ ତରଫରୁ ଆୟୋଜିତ ଆତ୍ମରକ୍ଷା ତାଲିମ୍ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଓ ଏହାର ଉପଯୋଗିତା ଉପରେ ଆଲୋଚନା ହେବା ସହିତ ଗତ ୨୦ଫେବ୍ରୁଆରୀ ଠାରୁ ମାର୍ଚ୍ଚ୧ ତାରିଖ ପର୍ଯ୍ୟନ୍ତ ପ୍ରାଥମିକ ତାଲିମ୍ ପ୍ରଦାନ କରାଯାଇଥିଲା। ଆଜିର ଉଦ୍‌ଯାପନ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ରନାଥ ପାତ୍ର ଅଧ୍ୟକ୍ଷତାରେ ଅତିଥିଭାବେ ଓର୍କେଲ ଥାନାର ଏସ ଆଇ ଅଜିତ ସିଂ ବାରିହା , ମନୋହର ସାହୁ,ବରିଷ୍ଠ ଅଧ୍ୟାପିକା ମମତା ପାତ୍ର ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀମାନଙ୍କୁ ତାଲିମ୍ର ଉପଯୋଗୀତା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓର୍କେଲ ଥାନା ଅଧିକାରୀ ଓ ଅନ୍ୟ ସୁରକ୍ଷାକର୍ମୀ ମଧ୍ୟ ଯୋଗ ଦେଇ ତାଲିମର ଉପକାରୀତା ଓ ଭବିଷ୍ୟ ରେ ଏହା କିପରି କାର୍ଯ୍ୟରେ ଆସିବ ତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ନିମନ୍ତ୍ରିତ ଅତିଥି ଓର୍କେଲ ଥାନା ଅଧିକାରୀ ଓ ବରିଷ୍ଠ ଅଧ୍ୟାପିକା ମମତା ପାତ୍ର ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶେଷରେ ଉକ୍ତ ତାଲିମ୍ ଶିକ୍ଷା କୁ ସୁପରିଚଳନା କରିଥିବାରୁ ଅଧ୍ୟାପିକା ବନୀତା ନାୟକ ଓ ବିଜୟଲକ୍ଷ୍ମୀ ସେଠିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଖପାଲ୍ଲୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି,(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ମାଲକାନଗିରି ବ୍ଲକ ଅଧିନସ୍ଥ ଶିଖପାଲ୍ଲୀ ଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ଶୁକ୍ରବାର ରାତିରେ ୭୫ତମ ବାର୍ଷିକ ଉତ୍ସବ ଡାଇମଣ୍ଡ ଜୁବୁଲି ପାଳନ ହୋଇ ଯାଇଛି। ୧୯୫୦ ମସିହାରେ ସ୍ଥାପନ ହୋଇଥିବା ସେବାଶ୍ରମ ୧୯୯୨ ମସିହାରେ ଆଶ୍ରମ ବିଦ୍ୟାଳୟକୁ ଉନ୍ନୀତ ହୋଇ ଅଦ୍ୟାବଧି ଦୀର୍ଘ ୭୫ବର୍ଷରେ ପଦାପ୍ରଣ କରିଛି। ଉକ୍ତ ବାର୍ଷିକ ଉତ୍ସବରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାଲକାନଗିରି ସସ୍ମିତା କୁମାରୀ ମାଝୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝି, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ଆଞ୍ଚଳିକ କନିଷ୍ଠ ବିଦ୍ୟାଳୟ ପଡିଆ ର ପରମାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଲୟର ଆସୋସିଏସନ ର ସଭାପତି ନୃସିଂହ ଚରଣ ମହାନ୍ତି, ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ବିଧାୟକ ମାଲକାନଗିରିଙ୍କ ପ୍ରତିନିଧି ସତ୍ୟନାରାୟଣ ପାଲ, ପ୍ରଧାନ ଶିକ୍ଷକ ପାଙ୍ଗମ ପ୍ରତାପ କୁମାର ରାୟ, ପ୍ରଧାନ ଶିକ୍ଷକ ପଡିଆ ବୁଦ୍ରଆ କବାସୀ,ପୂର୍ବତନ ଜିଲାପରିଷଦ(୨) ଦେବେ ମାଡି ,ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରା ଯୋଗ ଦେଇଥିଲେ। ଶିଖପାଲ୍ଲୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ସମ୍ମାନିତ ଅତିଥି ।ନେ ଅତି ସୁନ୍ଦର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ସୁମନ୍ତ କୁମାର ପିଲାଙ୍କୁ ଆଗାମୀ ଦିନରେ କିପରି ଭଲ ପାଠ ପଢି ଭଲ ମଣିଷ ହୋଇ ପାରିବେ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ। ମଞ୍ଚ ପରିଚାଳନା ଚିତ୍ତ ରଞ୍ଜନ ପଣ୍ଡା କରିଥିଲେ। ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନଙ୍କ ତରଫରୁ ଅତି ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ କବିରାଜ ପ୍ରଧାନ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବାନ୍ଦି ମାଡକାମୀ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ତାରକ ମଣ୍ଡଳ,କାଶୀ ବିଶ୍ୱନାଥ ସୁନା, ଭୁବେନ ଚନ୍ଦ୍ର ବର୍ମନ ପ୍ରମୁଖ ଅତିଥି ମଞ୍ଚାସିନ ଥିଲେ। ଏଥିସହ କାର୍ଯ୍ୟକ୍ରମରେ ଅଭିଭାବକ ଅନେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ, ବିଦ୍ୟାଳୟ ର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ବିକଶିତ ଗାଁ ବିକଶିତ ଓଡ଼ିଶାକୁ ନେଇ ସ୍ୱତନ୍ତ୍ର ବୈଠକ




ବନ୍ଧୁଗାଁ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ମାର୍ଗଦର୍ଶିକା ରାଜ୍ୟ ସରକାର ପ୍ରକାଶ କରିଥିଲେ । ଏହି ମାର୍ଗଦର୍ଶିକା ଅନୁଯାୟୀ ବ୍ଲକର ୧୩ ଟି ପଞ୍ଚାୟତରୁ ସରପଞ୍ଚ ମାନେ ଯୋଜନା ପ୍ରସ୍ତୁତ କରି ଆଣି ଦେଇଥିଲେ। ଏଥିରେ ନୂତନ ଭାବେ ଆସିଥିବା ବିଡ଼ିଓ ମିନତୀ ଜଗଦେବ ପ୍ରସ୍ତୁତ ହୋଇ ଅଣାଯାଇଥିବା ଯୋଜନା ଗୁଡିକ ଜିପିଡିଓ ଅମିର ଅକ୍ଷୟ କୁମାର ପ୍ରଧାନଙ୍କୁ ଦେବା ପାଇଁ ଜଣାଇଥିଲେ। ଏହାପରେ ଯେଉଁ ଯୋଜନା ପ୍ରସ୍ତୁତ କରାଯିବ ତାହା ସେହି ପ୍ରତି ପଞ୍ଚାୟତର ଜନସଂଖ୍ୟା ଆଧାରରେ ଟଙ୍କା ପ୍ରଦାନ କରାଯିବ। ଏହାସହ ପ୍ରତି ପଞ୍ଚାୟତକୁ ମିଳିଥିବା ସମୁଦାୟ ଅନୁଦାନ ପାଣ୍ଠିରୁ ମୋଟ ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରାଯିବ, ସଂରକ୍ଷିତ ଜଙ୍ଗଲ ଓ ସଂରକ୍ଷିତ ଅଞ୍ଚଳ ଭିତରେ ରହୁଥିବା ଲୋକଙ୍କ ପାଇଁ ମେଟାଲ ରାସ୍ତା ନିର୍ମାଣ କରାଯିବ। ବଳକା ଭାଗ ମାର୍ଗଦର୍ଶିକା ଅନୁଯାୟୀ ଏହି ଯୋଜନା ଅଧିନରେ ପ୍ରତି ବ୍ଲକରେ ରିଡ଼ିଂ ରୁମ ବା ପାଠାଗାର ବ୍ୟବସ୍ଥା କରିବାକୁ ରହିଛି। ଏହା ସହିତ ପ୍ରତି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ବା ଜିମ ଘର, ଗାଧୁଆ ତୁଠ, ପୋଖରୀ କିମ୍ବା ନଦୀ ତୁଠରେ ବାଦିଂ ରୁମ, ଶିକ୍ଷା ଭିତ୍ତିଭୂମି ପାଇଁ ଶ୍ରେଣୀ ଗୃହ, ଭୋଗ ମଣ୍ଡପ, କଳା, ସଂସ୍କୃତି ଭବନ , ଭାଗବତ ଟୁଙ୍ଗି, ଖେଳ ଓ ଖେଳ ସାମଗ୍ରୀ ଓ ଜଳ ପ୍ରପାତ ଭଳି ଉନ୍ନତିକରଣ କରିବାକୁ ରହିଛି। ସ୍ୱତନ୍ତ୍ର ଗ୍ରାମସଭା ଜରିଆରେ ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ ପ୍ରତି ପଞ୍ଚାୟତରେ ଗ୍ରହଣ କରାଯାଇଥିବା ବେଳେ ସେଗୁଡିକ ପଞ୍ଚାୟତ ସମିତିରେ ଅନୁମୋଦନ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଓ ସମିତି ଅନୁରୋଧ କରିଥିଲେ। କିଛି ପଞ୍ଚାୟତ ନିଜ ପଞ୍ଚାୟତର ୨୦୧୧ ଜନଗଣନା ପାଖରେ ରହିଥିବାବେଳେ ବର୍ତ୍ତମାନ ଜନଗଣନା ହୋଇ ନଥିବାରୁ ଯୋଜନା ପ୍ରସ୍ତୁତ ପାଇଁ ଅଧିକ ଅର୍ଥ ଆବଶ୍ୟକ ରହିଛି। ଏହାକୁ ନେଇ ବର୍ତ୍ତମାନ ସୁଦ୍ଧା ପଞ୍ଚାୟତ ଗୁଡିକ ପ୍ରକୃତରେ ୫ ବର୍ଷ ପାଇଁ କେତେ ଟଙ୍କାର ଯୋଜନା ପ୍ରସ୍ତୁତ କରାଯିବ ସନ୍ଦେହରେ ଅଛନ୍ତି। ଆଜି ସମସ୍ତ ପଞ୍ଚାୟତ ଗୁଡିକ ଯୋଜନା ପ୍ରସ୍ତୁତ କରି ଦେଇଥିଲେ ମଧ୍ୟ ପୁନର୍ବାର ନିଜେ ନେଇ କିଛି ଯୋଜନା ସାମିଲ କରି ସୋମବାର ଦିନ ଦେବା ପାଇଁ ଯୋଜନା ଗୁଡିକ ଫେରସ୍ତ ନେଇଥିଲେ। ଏହି ଯୋଜନାକୁ ଆମ ଓଡ଼ିଶା ନବୀନ ଓଡ଼ିଶା ପରି ପଞ୍ଚାୟତ ସମିତିକୁ ଅନୁଦାନ ଅର୍ଥ ନ ଆସି ପଞ୍ଚାୟତକୁ ସିଧା ଯୋଜନାର ଅର୍ଥ ଆସିବା ପାଇଁ ସରପଞ୍ଚ ମାନେ ଜଣାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହାର ଗାଇଡ ଲାଇନ ଆସି ନଥିବା ବିଡ଼ିଓ ଜଣାଇଥିଲେ। ଆଜିର ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଉପା ଧକ୍ଷା ଗୀତାଞ୍ଜଳୀ ପିଡିକା, ସାଂସଦ ପ୍ରତିନିଧି ଲକ୍ଷ୍ମଣ ଖୋସଲା, କଂଗ୍ରେସ ବ୍ଲକ ସଭାପତି ଡି ଏଙ୍କାଟି ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପିଇଓ, ଯନ୍ତ୍ରୀ ଏବଂ କିଛି ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ବଞ୍ଚିବାର ରାହା ଖୋଜୁଛନ୍ତି ମାତୃହରା ତିନି କୋମଳମତି ଶିଶୁ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ) : ଖେଳିବା ବୁଲିବା ବୟସରେ ପୂର୍ଣ୍ଣଚ୍ଛେଦ ପଡିଛି କୋମଳମତୀ ତିନି ଶିଶୁଙ୍କ ଭବିଷ୍ୟତ। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବନାଞ୍ଚଳ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ମଳାଶ ପଦର ପଂଚାୟତ ଅନ୍ତର୍ଭୁକ୍ତ ହୁରୁଗୁଡା ଗ୍ରାମରେ। ଆମ ପ୍ରତିନିଧି ଗ୍ରାଉଣ୍ଡ ଜିରୋରେ ସେହି କୋମଳମତି ପିଲାଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ । ପିଲାଟି କାନ୍ଦି କହୁଥିଲା କିଛି ଅକୁହା କଥା........... । ଦିନଥିଲା ଗଣେଶ ମଲିକ ପତ୍ନୀ ମଞ୍ଜୁଳାକୁ ବିବାହ କରି ବେଶ ହସଖୁସିରେ ରହୁଥିଲେ। ହଠାତ୍ କଳା ବାଦଲର ଛାୟା ପରିବାର ଉପରେ ମାଡି ଆସିଲା। ଯାହାଫଳରେ ହସଖୁସିର ସଂସାର ଛାରଖାର ହୋଇଗଲା। ଗଣେଶ ମଲିକଙ୍କ ପତ୍ନୀ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ। ସ୍ତ୍ରୀ ମଞ୍ଜୁଳା ଗଲାପରେ ବର୍ତ୍ତମାନ ଏହି ୩ପିଲାଙ୍କୁ ନେଇ ଗଣେଶ ପରିବାରରେ ରହୁଛନ୍ତି । ଏହି ପରିବାର ମାଟି ଘର । ଏହି ଘରେ ସୂର୍ଯ୍ୟ ଓ ଚନ୍ଦ୍ର ଦେଖାଯାନ୍ତି । ତଥାପି ମା' ର ଜାଗା ଅପୂରଣୀୟ। ପାଖରେ ୯ବର୍ଷର ବଡ ଝିଅ ଶିବାନୀ। ମଝିଆ ଝିଅ ଦିବାନି ଏବଂ ସାନ ପୁଅ ଟିଏ। ଏହି ଛୋଟପିଲାଙ୍କୁ ଛାଡି କାମ ପାଇଁ ଗଣେଶ କୁଆଡେ ଯାଆନ୍ତି ନାହିଁ । ଘର ରୋଷେଇବାସ ବଡ ଝିଅ



ଶିବାନୀ କରନ୍ତି । ଫଳରେ ପାଠପଢ଼ାରୁ ବଞ୍ଚିତ ଶିବାନୀ ସହିତ ଆଉ ୨କୋମଳମତୀ ଶିଶୁ । ମା' ଚାଲିଗଲା ପରେ ବାପା ହିଁ ସବୁକିଛି ଭାବି ପିଲାମାନେ ରହି ଆସୁଛନ୍ତି । ବର୍ତ୍ତମାନ ଦୁଃଖର ବିଷୟ ରାସନ କାର୍ଡରେ ଏହି ୩ଛୁଆଙ୍କ ନାମ ଯୋଗ କରାଯାଇନାହିଁ। ଯାହାଫଳରେ ଜଣଙ୍କୁ ହିଁ ଚାଉଳ ମିଳୁଛି। ତେଣୁ ୫ଜଣ ଏତିକି ଚାଉଳରେ କିପରି ଚଳିବେ ତାହା ପ୍ରଶ୍ନ ବାଚୀ। କୁନି ଝିଅ କୋହଭରା କଣ୍ଠରେ କହୁଛି। ଆଜ୍ଞା ସରକାର ମତେ ସାହାଯ୍ୟ କଲେ ମୁ ପାଠ ପଢ଼ିବି। କିନ୍ତୁ ପଢିବା ବୟସରେ ମା'ର କାମ ତୁଲାଉଛନ୍ତି ଶିବାନୀ ମଲିକ ଏବଂ ଛୋଟ ୨ ଭଉଣୀଙ୍କ ପାଖରେ ରହୁଛନ୍ତି। ଏପଟେ ବାପା ଛୋଟ ଛୁଆଙ୍କୁ ଛାଡି କାମକୁ ଯାଉନାହାନ୍ତି। ତେଣୁ ସେହି ମା ଛେଉଣ୍ଡ ପରିବାରଙ୍କୁ କିଛି ଆର୍ଥିକ ସହାୟତା ସହ ସେମାନଙ୍କ ପଢାଶୁଣା ଦାୟିତ୍ୱ ପ୍ରଶାସନ ନେଲେ ସେମାନେ ଏକ ସମାଜର ମୁଖ୍ୟ ଶ୍ରୋତରେ ସାମିଲ ହୋଇପାରନ୍ତେ। ଖବର ପ୍ରସାରଣ ପରେ ଦେଖିବାକୁ ବାକି ରହିଲା ଏହି କୋମଳମତି ଶିଶୁଙ୍କ ଉପରେ ପ୍ରଶାସନର ନଜର କେବେ ?

## ଚଣ୍ଡିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଗପ ଶୁଣିବା ଓ କହିବା' କାର୍ଯ୍ୟକ୍ରମ

ବୌଦ୍ଧ(ଭାସ୍କର ନ୍ୟୁଜ) : ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ 'ଗପ ଶୁଣିବା ଓ କହିବା' ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ପରିଡା ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ରାଜକୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଚଣ୍ଡିଗଡ଼ ଗ୍ରାମର ବରିଷ୍ଠ ନାଗରିକ ସାଗର ବେହେରା ଅତିଥି ଭାବରେ ଯୋଗ ଦେଇ କଇଁଛ ସୁନ୍ଦରୀ ଗଳ୍ପ କହିଥିବାବେଳେ ଅନ୍ୟତମ ଅତିଥି ବେନ୍ଦିରିପାଲି ଗ୍ରାମର ବରିଷ୍ଠ ନାଗରିକ କାର୍ତ୍ତିକ ପ୍ରଧାନ ରାମାୟଣର ଅହଲ୍ୟା ଉଦ୍ଧାର କାହାଣୀ କହିଥିଲେ। ଉଭୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ଗୋପାଳ ଅମାତ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ଅବଧେଶ ଦେହୁରୀ, ପ୍ରତ୍ୟୁଷ ଦେହୁରୀ, ଛାତ୍ରୀ ପ୍ରତିମା ବେହେରା, ସୁଲଗ୍ନା ମୁନା ପ୍ରମୁଖ ସୁନ୍ଦର ଗଳ୍ପ କଥନ କରିଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ଡାଙ୍ଗ ଧନ୍ୟବାଦ ଦେଇଥିବା ବେଳେ ବିଦ୍ୟାଳୟର ୮୪ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।





ବୋଲଗଡ଼ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଟିକାତାଳସ୍ଥ ଶ୍ରୀରାମକୃଷ୍ଣ ସେବାଶ୍ରମରେ ଦୁଇଦିନ ଧରି ଠାକୁର ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଶନିବାର ସକାଳେ ଆଶ୍ରମର ସଂସ୍ଥାପକ ସ୍ୱାମୀ ଭାଗବତାନନ୍ଦ ପୁରୀ ମହାରାଜ, ସଭାପତି ବିଜୟ କୁମାର ମହାପାତ୍ର, ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡା ଠାକୁରଙ୍କ ଦ୍ୱାରା ଜନ୍ମତିଥି ପୂଜା ଓ ହୋମ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଶ୍ରୀରାମକୃଷ୍ଣଙ୍କ ଅଷ୍ଟଶତୋତ୍ତର ନାମ ଉଚ୍ଚାରଣ କରାଯାଇଥିଲା। ଆଜି ମଧ୍ୟାହ୍ନରେ ଆୟୋଜିତ ଭକ୍ତ ସମ୍ମିଳନୀରେ ସମାଜସେବୀ ପ୍ରକାଶ ଚନ୍ଦ୍ର ବିଜୁଳି, ମୁଖ୍ୟବକ୍ତା ଭାବରେ ପଣ୍ଡିତ ଶିଶିର କୁମାର ଦାଶ, ସମ୍ମାନିତ ଅତିଥି ଭାବରେ ଆଡ଼ଭୋକେଟ ନିର୍ଭୟ କୁମାର ସାମନ୍ତରାୟ ଯୋଗଦେଇ ରାମକୃଷ୍ଣ ପରମହଂସଙ୍କ ଜୀବନୀ ଓ ବାଣୀ ଆଲୋଚନା କରି ମାନବ ଜୀବନର ଏକମାତ୍ର ଉଦ୍ଦେଶ୍ୟ ଭଗବାନ ଲାଭ ବୋଲି ମତ ବ୍ୟକ୍ତ କରିଥିଲେ। ଶିକ୍ଷାବିତ ବିଜୟ କୁମାର ମହାପାତ୍ର ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଦିଲ୍ଲୀପ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ରହ୍ମଚାରୀ ରମେଶ ବେଦମନ୍ତ୍ର ଉଚ୍ଚାରଣ କରିବା ସହିତ ଭକ୍ତି ସଂଗୀତ ଗାନ କରିଥିଲେ। ବରିଷ୍ଠ ସଦସ୍ୟ ମନୋଜ କୁମାର ଗୁମାନସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଏକଶତ ବିଧବା ମା'ମାନଙ୍କୁ ଶାଢ଼ୀ ବଣ୍ଟନ କରାଯାଇଛି। ଅଧ୍ୟାପକ ସର୍ବେଶ୍ୱର ସାହୁ ଓ ଉପସଭାପତି ରାଜକିଶୋର ଛୁଆଳସିଂହ ଉତ୍ସବକୁ ସଂଯୋଜନା କରିଥିଲେ।

## ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

କାମାକ୍ଷାନଗର (ଭାସ୍କର ନ୍ୟୁଜ): ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅନ୍ତର୍ଗତ କୋରିଆପାଳ ଗାଁରେ ଅଭାବନୀୟ ଘଟଣା ଘଟିଛି। ମୃତକ କୋରିଆପାଳ ଗାଁର ବିଦ୍ୟାଧର ଦେହୁରୀ ବୋଲି ଜଣାପଡିଛି। ବିଦ୍ୟାଧର ଦେହୁରୀ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ଦାନ୍ତହାତୀ ହାବୁଡ଼ରେ ପଡିଯାଇଥିଲେ । ଦନ୍ତା ହାତୀ ବିଦ୍ୟାଧରଙ୍କୁ ଟେର୍କି କଚାଡି ଦେଇଥିଲା । ବିଦ୍ୟାଧରଙ୍କର ଚିତ୍କାର ଶୁଣି ଗ୍ରାମବାସୀ ଗୁରୁତର ଅବସ୍ଥାରେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ୧୯ ଖଣ୍ଡ ଶାଳଗଣ୍ଡି ଜବତ

ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ରେଞ୍ଜ ଅଧୀନ ଡେଉଁଚପଦା ଗ୍ରାମରେ ଚଢ଼ାଉକରି ଚୋରା ଚାଲାଣ ନିମନ୍ତେ ରଖାଯାଇଥିବା ୧୯ ଖଣ୍ଡ ଶାଳଗଣ୍ଡି ଜବତ କରିଛି ବେତନଟୀ ବନ ବିଭାଗ । ଘଟଣା ରୁ ପ୍ରକାଶ ସହିଦପୁର ପଞ୍ଚାୟତ ର ଡେଉଁଚପଦା ଗ୍ରାମର ଜଙ୍ଗଲ ପାର୍ଶ୍ୱ ରେ ବେଆଇନ ଭାବରେ ଏକାଧିକ ମୂଲ୍ୟବାନ ଶାଳଗଛ କାଟି ଚୋରା ଚଲାଣ ନିମନ୍ତେ ରଖାଯାଇଥିବାର ଖବର ପାଇ ବେତନଟୀ ବନବିଭାଗର ଏକ ଟିମ ଡେଉଁଚପଦା ଗ୍ରାମରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଘଟଣାସ୍ଥଳରୁ ୧୯ ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ଜବତକରି ବେତନଟୀ କାର୍ଯ୍ୟାଳୟକୁ ଅଣାଯାଇଛି । ଜବତ ମୂଲ୍ୟବାନ ଶାଳଗଣ୍ଡି ଗୁଡିକୁ ପରିମାଣ ହେଲା ୫୦ ସିଫ୍ଟରୁ ଅଧିକ ହୋଇଥିବା ବେଳେ ଏହାର ଆନୁମାନିକ ବଜାରମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବାନେଇ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି ।

## କେନ୍ଦୁଝରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

# ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛନ୍ତି କୃଷକ ସମାଜ



କେନ୍ଦୁଝର (ଭାସ୍କର ନ୍ୟୁଜ): ଯେ କୌଣସି ସମାଜର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଉଛନ୍ତି ଆମର କୃଷକ ସମାଜ ଯେଉଁମାନେ ଖରା, ବର୍ଷା, ଶୀତକୁ ଭ୍ରୂକ୍ଷେପ ନ କରି ହାଡଭଙ୍ଗା ପରିଶ୍ରମଦ୍ୱାରା ଆମ ସମସ୍ତଙ୍କୁ ଆହାର ଦେଇଥାନ୍ତି। ସେମାନଙ୍କ ବିନା ସମାଜର ପରିକଳ୍ପନା କରିବା ଅସମ୍ଭବ। ତେଣୁ, ଅନ୍ନଦାତାଙ୍କୁ ଯେତେ ଧନ୍ୟବାଦ କଲେ ମଧ ତାହା ସବୁବେଳେ କମ ହିଁ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ପାଞ୍ଚ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦଘାଟନ କରି ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ମଧ ଓଡିଶା ଏକ କୃଷି ଭିତ୍ତିକ ରାଜ୍ୟ ଭାବେ ୬୦ ପ୍ରତିଶତରୁ ବି ଉର୍ଦ୍ଧ୍ୱ ଲୋକେ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭରଶୀଳ ଥିବାରୁ ଆମ ସରକାର ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ରାଜ୍ୟର ଚାଷୀ ଭାଇ ଓ ଭଉଣୀଙ୍କ ଆୟରେ ବୃଦ୍ଧିକରିବା ପାଇଁ କୃଷକ ସମୃଦ୍ଧି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଯାହା ଆମ ସରକାରଙ୍କ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ଥିବା ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରୁଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଜଳବାୟୁ ପରିବର୍ତ୍ତନ, ଅସ୍ଥିର ବଜାର ମୂଲ୍ୟ ଏବଂ ଶ୍ରମିକ ଅଭାବ କୃଷି ଉତ୍ପାଦନକୁ ବାଧା ଦେଇଥାଏ। ସେଥିପାଇଁ ଏହି ମେଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କିପରି ଚାଲେଞ୍ଜ ଗୁଡ଼ିକ ମଧ୍ୟରୁ କିଛି ହ୍ରାସ କରାଯାଇପାରିବ ଓ ଦକ୍ଷତା, ଉତ୍ପାଦକତା ଏବଂ ଶେଷରେ ଲାଭଦାୟକତା ବୃଦ୍ଧି କରାଯାଇପାରିବ, ତାକୁ ଦୃଷ୍ଟିରେ ରଖି ଏହି ମେଳା ଆୟୋଜନ କରାଯାଇଛି। ଏହା ଆମର କୃଷି ପଦ୍ଧତିକୁ ଆଧୁନିକୀକରଣ କରିବା ସହିତ ଆମର ଚାଷୀଭାଇମାନଙ୍କୁ ଆଜିର ବିଶ୍ୱ ବଜାରରେ ପ୍ରତିଯୋଗୀ ଭାବେ ଗଢ଼ି ତୋଳିବାରେ ସକ୍ଷମ ହେବ ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ । ଆହୁରି ମଧ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ ୨୦୨୫-୨୬ ବଜେଟରେ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ବହୁବିଧ ଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା କରାଯାଇଛି । ସମୃଦ୍ଧ କୃଷକ ଯୋଜନା ଅନ୍ତର୍ଗତ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଅଧିକ ଅର୍ଥ ଇନପୁଟ ସହାୟତା ଆକାରରେ ପ୍ରଦାନ କରାଯାଇ କୁଇଣ୍ଟାଲ ପିଛା ୩ ହଜାର ୧ ଶହ ଟଙ୍କାରେ ଧାନ କିଣାଯାଉଛି । ଏହି ଯୋଜନାର ବଜେଟ, ୫ ହଜାର କୋଟିରୁ ୬ ହଜାର କୋଟିକୁ ବୃଦ୍ଧି କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ 'ପିଏମ କିଷାନ'କୁ ରାଜ୍ୟ ଯୋଜନା 'ସିଏମ କିଷାନ' ସହିତ ସମିଶ୍ରଣ କରାଯାଇ କୃଷକମାନଙ୍କ ଆୟ ବୃଦ୍ଧି ଲକ୍ଷ୍ୟକୁ ସାକାର କରିବା ପାଇଁ ବଜେଟରେ ୨ ହଜାର ୨୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ମାଣ୍ଡିଆ ଚାଷ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ପୋଷଣର ଆବଶ୍ୟକତାକୁ ପୂରଣ କରିବା ପାଇଁ 'ଶ୍ରୀ ଅନ୍ନ ଅଭିଯାନ'କୁ ସମସ୍ତ ୩୦ ଟି ଜିଲ୍ଲାର ମୋଟ ୧୭୭ଟି ବ୍ଲକକୁ ସମ୍ପ୍ରସାରିତ କରାଯିବାର ଲକ୍ଷ୍ୟ ନେଇ ବଜେଟରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯାଇଛି। କୃଷି ଯାନ୍ତ୍ରୀକିକରଣ ଓ କୃଷି ଭିତ୍ତିକ ଉଦ୍ୟୋଗର ବିକାଶ ନିମନ୍ତେ ୪୨୫ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ସେହିପରି କୃଷି ଉଦ୍ୟୋଗର ପ୍ରୋତ୍ସାହନ ତଥା ବ୍ୟବସାୟ ସୁଗମ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ୨୬୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ଼କ୍ଟର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ କେନ୍ଦୁଝର ବିଶାଳ ସିଂହ, ଅତିରିକ୍ତ ନିର୍ଦ୍ଦେଶକ କୃଷି ବିଭାଗ ଜାମି ସୂର୍ଯ୍ୟା ରାଓ, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ କୃଷି ଯନ୍ତ୍ରପାତି ଓ ଅନ୍ୟ କୃଷି ଆନୁସଙ୍ଗିକ ଉପକରଣ ପ୍ରଦର୍ଶିତ ହେଉଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ । ଏହି ଅବସରରେ ୧୧ ଜଣ ଚାଷୀ ଭାଇ ଭଉଣୀ ହିତାଧିକାରୀ ମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷିକଲ୍ୟାଣ ଯୋଜନାର ସୁବିଧା ହସ୍ତାନ୍ତର କରାଯାଇଥିଲା ।



କେନ୍ଦୁଝର ଝୁମ୍ପୁରା ସ୍ଥିତ ରାଇକଳା ଠାରେ ନିର୍ମାଣ ହେବ ଷ୍ଟାଡିଅମ। ଏଥି ନିମନ୍ତେ ୨୦ କୋଟି ଟଙ୍କା ଅର୍ଥରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ। ରାଇକଳା ଠାରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଘୋଷଣା କରିଛନ୍ତି। ମାରୁତି ଏକାଦଶ, ଯୋଡ଼ା ଏବଂ ଏମସିସି ସମ୍ବଲପୁର ମଧ୍ୟରେ ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ମାରୁତି ଏକାଦଶ ଯୋଡ଼ା ବିଜୟ ଲାଭ କରିଥିଲା

### ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

## ଜେଲ ଗଲା ଗ୍ରାମରକ୍ଷୀ

ଲାଞ୍ଜିଗଡ (ଭାସ୍କର ନ୍ୟୁଜ): ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗ୍ରାମରକ୍ଷୀକୁ ଜେଲ ଯିବାକୁ ପଡ଼ିଛି। ଏହି ଲଜ୍ଜାଜନକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନାଞ୍ଚଳରେ। ଏହି ଥାନାଞ୍ଚଳର ଜଣେ ଯୁବତୀ, ଯାହାଙ୍କର ମାସେ ତଳେ ନିର୍ବନ୍ଧ ଶେଷ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଦିନ ଦଶଟା ସମୟରେ ପୀଡିତା ଘର ନିକଟସ୍ଥ ଦୋକାନକୁ ସଉଦା କିଣିବାକୁ ଯାଉଥିବାବେଳେ ରାସ୍ତା କଡ଼ ଫରେଷ୍ଟ ବଙ୍ଗଳା ନିକଟରେ ଥିବା ଅଭିଯୁକ୍ତ ଗ୍ରାମରକ୍ଷୀ ଶିବ ନାଏକ ତାଙ୍କ ମୁହଁକୁ ଚାପି ଧରି ବଙ୍ଗଳାର ଏକ ପରିତ୍ୟକ୍ତ ଘରକୁ ଭିଡ଼ିନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏନେଇ ବିଜେପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତ ଗ୍ରାମରକ୍ଷୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଏନେଇ ବିଜେପୁର ଥାନା କେସ ନଂ ୦୭/୨୦୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବିଜେପୁର ଥାନାଧିକାରୀ ବିଶ୍ୱମ୍ଭର କହଁର ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ପ୍ରକାଶ ମିଶ୍ରଙ୍କ ସମୀକ୍ଷା

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ହେବାକୁଥିବା ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ପ୍ରକାଶ ମିଶ୍ର ସମୀକ୍ଷା କରିଛନ୍ତି। ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସପି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ସୁଚାରୁରୂପେ କରାଯିବା ନେଇ ଓବିସିସି ଓ ଏଏସଆଇ ପକ୍ଷରୁ ନିଆଯାଇଥିବା ସ୍ୱତନ୍ତ୍ର ପ୍ଲାନ୍ ସମ୍ପର୍କରେ ପଚାରି ବୁଝିବା ସହ ଏହାର କାର୍ଯ୍ୟ କାରିତା ସମ୍ପର୍କରେ ପଚାରି ବୁଝିଛନ୍ତି। ଶ୍ରଦ୍ଧାଳୁ ମାନେ ନାଟମଣ୍ଡପ ଦେଇ ପ୍ରବେଶ କରି ଶ୍ରୀଜିଉଙ୍କ ଦର୍ଶନ କରି ସୁବିଧାରେ ପ୍ରସ୍ଥାନ କରିପାରିବେ ସେନେଇ କରାଯାଇଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କରାଛନ୍ତି। ଏହି ବ୍ୟବସ୍ଥା ଆଗାମୀ ଦିନରେ ଲାଗୁ କରାଯିବା ନେଇ ରହିଥିବା ବେଳେ ପରିଚାଳନା କମିଟି ର ଅନୁମୋଦନ ପରେ ଏହା କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ପ୍ରକାଶ ମିଶ୍ର। ସେପଟେ ହୁଣ୍ଡି ସ୍ଥାନାନ୍ତର ପ୍ରକ୍ରିୟା ଏକ ନୀତିଗତ ନିଷ୍ପତି ରହିଥିବା ବେଳେ ଧାଡ଼ି ଦର୍ଶନ ବ୍ୟବସ୍ଥାରେ ବୟସ୍କ, ଶିଶୁ, ମହିଳା ଓ ଭିନ୍ନକ୍ଷମ ମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ମତ ରଖିଛନ୍ତି।

## କଳିଙ୍ଗା ଘାଟିରେ ଓଲଟିଲା ଟମାଟୋ ବୋଝେଇ ଟ୍ରକ

ଭଞ୍ଜନଗର(ଭାସ୍କର ନ୍ୟୁଜ): ଭଞ୍ଜନଗର ଥାନା କଳିଙ୍ଗା ଘାଟିରେ ରବିବାର ଅପରାହ୍ନରେ ଏକ ଟମାଟୋ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଛି। ହେଲେ ଟ୍ରକ ର ଡ୍ରାଇଭର ଓ ଜଣେ ସହଯୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଟ୍ରକଟି ଭିଲାଇରୁ ଟମାଟୋ ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଯାଉଥିଲା । ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗାର୍ଡ ୱାଲ ରେ ପିଟି ହୋଇ ଓଲଟି ପଡିଥିଲା । ଟ୍ରକରେ ଥିବା ଲକ୍ଷାଧିକ ଟଙ୍କାର ଟମାଟ ନଷ୍ଟ ହୋଇଛି। ଖବର ପାଇ ଭଞ୍ଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ( ଭାସ୍କର ନ୍ୟୁଜ): ବେତନଟୀ ଜଗନ୍ନାଥମନ୍ଦିର ପକ୍ଷରୁ ରଥଯାତ୍ରାର ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର କମିଟି ସଭାପତି ଯୋଗେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସଫଳ କରିବା ପାଇଁ ସର୍ବସମ୍ମତିକ୍ରମେ ଏକ ରଥଯାତ୍ରା କମିଟିର ଗଠନ କରାଯାଇଥିଲା । ରଥକାଠ ସଂଗ୍ରହ ଠାରୁ ରଥନିର୍ମାଣ ଏବଂ ମାଉସୀ ମା' ମନ୍ଦିର ସ୍ଥାନ ନିର୍ଦ୍ଧାରଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯାଇଥିଲା । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖୁ ଟ୍ରାଫିକ ନିୟନ୍ତ୍ରଣ ଠାରୁ ଆରମ୍ଭ କରି ଶାନ୍ତିଶୃଙ୍ଖଳା ରକ୍ଷା ତଥା ଭିଡ ନିୟନ୍ତ୍ରଣ ପର୍ଯ୍ୟନ୍ତ ସମସ୍ତ ବିଷୟବସ୍ତୁକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନର ସହଯୋଗ ଲୋଡାଯାଇଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ପ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ ଶଶଧର ପଣ୍ଡା , ବରିଷ୍ଠ ଆଇନଜୀବୀ ପ୍ରଦ୍ୟୁମ୍ନ ପରିଡା, ସମାଜସେବୀ ଛତିଶ କୁମାର ପାତ୍ର, ଜ୍ୟୋତିଷ କୁମାର ସାହୁ, ଦେବରଞ୍ଜନ ସାହୁ, ଗୌତମ ବେହେରା, ଯୁବ ବ୍ୟବସାୟୀ ଚିତ୍ତରଞ୍ଜନ ମହାନ୍ତି, ସୁଦୀପ ପରିଚ୍ଛା, ଆଇନଜୀବୀ ଭଗୀରଥ ପଣ୍ଡିତ, ରବୀନ୍ଦ୍ର ମିଶ୍ର, ବଂଶୀଧର ବେହେରା, ବଚନ ପାଲ, ସଜନ କୁମାର ମିଶ୍ର, ରାମଦାସ ଖଣ୍ଡେଲୱାଲ, ବିକାଶ ବେହେରା, ବୈକୁଣ୍ଠନାଥ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ମନ୍ଦିର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀ ପୂର୍ବୋଦୟ ସ୍ୱପ୍ନକୁ ସାକାର କରିଛନ୍ତି: ବୈଜୟନ୍ତ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବୋଦୟ ସ୍ୱପ୍ନକୁ ଶାକାର କରିବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ଫଳପ୍ରଦ ହୋଇଛି। କାର କେନ୍ଦ୍ର ବଜେଟରେ ଓଡିଶାକୁ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ଓଡିଶା ଖୁବଶୀଘ୍ର ବିକସିତ ରାଜ୍ୟରେ ପରିଣତ ହେବ ବୋଲି କହିଛନ୍ତି କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀ ପଣ୍ଡା କହିଲେ ଆସନ୍ତା ୫ବର୍ଷ ମଧ୍ୟରେ ଓଡିଶାର ସରକାରୀ ବିଦ୍ୟାଳୟ ଗୁଡିକରେ ୫୦ହଜାର ଅଟଳ ଟିଙ୍କରିଂ ଲ୍ୟାବ ପ୍ରତିଷ୍ଠା ହେବ। ଓଡିଶାରେ ଏବେ ୮୩୬ଟି ଲ୍ୟାବ ରହିଛି। ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ସେହିପରି ଓଡିଶାର ୩ହଜାର ୬୫୯ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଇଣ୍ଟରନେଟ ବ୍ରଡବ୍ୟାଣ୍ଡର ସୁବିଧା କରାଯିବ। ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ପୁସ୍ତକ ଯୋଗାଇଦେବା ପାଇଁ ସରକାର ଭାରତୀୟ ଭାଷା ପୁସ୍ତକ ଯୋଜନା ଆରମ୍ଭ କରିବେ। ଏହି ପ୍ରକଳ୍ପ ମାଧ୍ୟମରେ ଓଡିଆ ଭାଷାର ପ୍ରସାର ପ୍ରଚାର ହେବ। ପିଏମ ରିସର୍ଚ୍ଚ ଫେଲୋସିପ ଯୋଜନା ମାଧମରେ ବୈଷୟିକ ଗବେଷଣା ପାଇଁ ୧୦ହଜାର ଛାତ୍ରଛାତ୍ରୀଙ୍କୁ ଫେଲୋସିପ ପ୍ରଦାନ କରାଯିବ। ଜ୍ଞାନ ଭାରତମ ମିଶନ ଯୋଜନାରେ ପୁରାତନ ପୋଥି ଓ ପାଣ୍ଡୁଲିପିକୁ ଡିଜିଟାଇଜ୍ କରାଯିବ। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ଆଣିବା ପାଇଁ ଆସନ୍ତା ବର୍ଷରୁ ମେଡିକାଲ କଲେଜ ଗୁଡିକରେ ୧୦ହଜାର ସିଟ ବୃଦ୍ଧି କରାଯିବ। ଯୁବ ପିଢୀଙ୍କୁ ଦକ୍ଷ ବନାଇବା ପାଇଁ ପାଞ୍ଚୋଟି ଜାତୀୟ ଦକ୍ଷତା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଥିରୁ ଗୋଟିଏ ଓଡିଶା ଭାଗରେ ପଡିବ। ଓଡିଶାରେ କିଷାନ କ୍ରେଡିଟକାର୍ଡ ଧାରୀମାନଙ୍କ ପାଇଁ କ୍ରେଡିଟ ସୀମା ୩ ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ୪୦ଲକ୍ଷ ଚାଷୀ ଉପକୃତ ହେବେ ବୋଲି ଶ୍ରୀ ପଣ୍ଡା କହିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଯୋଗଦେଇ କହିଲେ ଯେ ରାଜ୍ୟ ସରକାର ବିକଶିତ ଓଡିଶା ଗଠନ କରିବା ପାଇଁ ପ୍ରୟାସ ଜାରିରଖିଛନ୍ତି। ସେହି ଅନୁଯାୟୀ ରାଜ୍ୟ ସରକାର ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ୩୦କୋଟି ଟଙ୍କା ବଜେଟ ରଖିଛନ୍ତି। ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩କୋଟି ଟଙ୍କା, ବକୁଳବନ ଓ ଅନ୍ୟାନ୍ୟ ପାଇଁ ୫୦କୋଟି ଟଙ୍କା, ଦକ୍ଷିଣ ଓ ଉତ୍ତର ଓଡିଶା ଉନ୍ନୟନ ପରିଷଦ ପାଇଁ ମଧ ଅର୍ଥ ବରାଦ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨କୋଟି, ରାଜ୍ୟ ମହିଳା ଶିଶୁ ପ୍ରତିଷ୍ଠାନ ପାଇଁ ୫୩କୋଟି ଟଙ୍କା, ଓଡିଆ ପ୍ରବାସୀଙ୍କ ପାଇଁ ୧୦କୋଟି ଟଙ୍କା, ସମୃଦ୍ଧ କୃଷକ ଯୋଜନା ପାଇଁ ୬ହଜାର କୋଟି ଟଙ୍କା, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୧୩୧୫କୋଟି ଟଙ୍କା ଆୟୁଷ୍ମାନ ଭାରତ ଓ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଯୋଜନା ପାଇଁ ୧୦ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଥିଲେ।

## ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଟିକେ ଛାଇ ପାଇଁ ଡହଳ ବିକଳ



ପୁରୀ (ଭାସ୍କର ନ୍ୟୁଜ) : ମାର୍ଚ୍ଚ ମାସ ଆରମ୍ଭ ରୁ କ୍ରମଶଃ ସୂର୍ଯ୍ୟ ଙ୍କ ପ୍ରକୋପ ଦେଖିବାକୁ ମିଳିଲାଣି । ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଟିକେ ଛାଇ ପାଇଁ ଡହଳ ବିକଳ ହେଲେଣି । ପାନୀୟ ଜଳ ଠାରୁ ଆରମ୍ଭ କରି ଭକ୍ତ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଖରାରୁ ତ୍ରାହି ପାଇବା ପାଇଁ ସରକାର ଓ ମନ୍ଦିର ପ୍ରଶାସନ ପକ୍ଷରୁ, ଭକ୍ତଙ୍କ ନିମନ୍ତେ ଯେଉଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ଯଥେଷ୍ଟ ନଥିବା ଭକ୍ତ ମାନେ ପ୍ରକାଶ କରିଛନ୍ତି । ଗ୍ରୀଷ୍ମ ପ୍ରଭାବକୁ ନଜର ରେ ରଖି ପ୍ରତେକ ବର୍ଷ ସରକାରଙ୍କ ପକ୍ଷରୁ ଭକ୍ତଙ୍କ ନିମନ୍ତେ ମ୍ୟାଟ, ପାନୀୟ ଜଳ, ଖରାରୁ ରକ୍ଷା ପାଇବା ପାଇଁ ସ୍ୟାଡ ମାନ କରାଯାଇଛି । କିନ୍ତୁ ପ୍ରତେକ ବର୍ଷ ଭକ୍ତ ଙ୍କ ସଂଖ୍ୟା ବୃଦ୍ଧି ପାଇବା ହେତୁ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା ଯୋଜନା ଗୁଡିକ ଯଥେଷ୍ଟ ନୁହେଁ । ଯାହା ଫଳରେ ମହାପ୍ରଭୁ ଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୃଦ୍ଧ ଙ୍କ ଠାରୁ ଆରମ୍ଭ କରୁ ଶିଶୁ, ମହିଳା ସମସ୍ତେ ଟିକେ ଛାଇ ପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଏଣେତେଣେ ବୁଲୁଥିବା ଦୃଷ୍ଟି କୁ ଆସୁଛି । ଶେଷରେ ଛାଇ ଖୋଜି ଖୋଜି ଶ୍ରୀମନ୍ଦିର ସମ୍ମୁଖରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପଡ଼ିଥିବା ବ୍ୟାରିକେଡ୍ ଛାଇରେ ଭକ୍ତ ମାନେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି । ଶ୍ରୀମନ୍ଦିରକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଆସୁଛନ୍ତି ଏବଂ ଏହି ସଂଖ୍ୟା ମଧ ଦିନକୁ ଦିନ ବଢ଼ିବାରେ ଲାଗିଛି । ସରକାରଙ୍କ ପକ୍ଷରୁ ଗ୍ରୀଷ୍ମ ପ୍ରଭାବରୁ ରକ୍ଷା ପାଇବା ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ନିକଟରେ ଯେଉଁ ସମସ୍ତ ବ୍ୟବସ୍ଥା ହାତକୁ ନିଆଯାଇଛି ତାହାକୁ ଆହୁରି ବ୍ୟପକ କରିବା ପାଇଁ ଭକ୍ତ ଓ ଶ୍ରୀମନ୍ଦିର ସେବାୟତ ମତ ଦେଇଛନ୍ତି । ଶ୍ରୀ ମନ୍ଦିର ର ଚାରି ଦ୍ୱାର ରେ ଆସୁଚିକିତ୍ସା କେନ୍ଦ୍ର , ପାନୀୟ ଜଳ ,ମ୍ୟାଟ, ଛାଇ ରୁ ରକ୍ଷା ପାଇବା ପାଇ ସ୍ୟାଡ,ଜଳ ଚିଛନ ଆଦି ସେବା ଓ ବ୍ୟବସ୍ଥାକୁ ପ୍ରଶାସନ ଆହୁରି ବ୍ୟପକ କରିବା ପାଇଁ ଦଇତାପତି ସେବାୟତ କାର୍ତ୍ତି ଦାଶ ମହାପାତ୍ର କହିଛନ୍ତି । ରାଜ୍ୟରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରଭାବ ବଢିବା ସହ ସୂର୍ଯ୍ୟ ଙ୍କ ପ୍ରକୋପ ବଢିବା ନେଇ ପାଣିପାଗ ବିଭାଗ ପୂର୍ବ ଅନୁମାନ କରିଛି । ତେଣୁ କରି ଏବେ ଠାରୁ ସରକାର ଓ ଶ୍ରୀ ମନ୍ଦିର ପ୍ରଶାସନ ଏ ନେଇ ଚିନ୍ତା ପ୍ରକଟ କରିବା ନିହାତି ଆବଶ୍ୟକ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ୟୟ ହେଉଛି...

ହେଉଛି । ବେକାରୀ ସମସ୍ୟା ବୃଦ୍ଧି ପାଉଛି। ସେହିପରି ଦାଦନ ସମସ୍ୟା ମଧ୍ୟ ବଢି ବଢି ଚାଲିଛି। ସରକାରଙ୍କ ଦୂରଦୃଷ୍ଟି ଓ ପାରଦର୍ଶିତାର ଅଭାବ ଯୋଗୁ ଏସବୁ ସମସ୍ୟା ଉପୁଜୁଥିବା ଚର୍ଚ୍ଚା ହେଉଛି। ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ଯୋଜନା କରାଯାଉନଥିବାରୁ ପ୍ରତିବର୍ଷ କ୍ଷତିର ପରିମାଣ ବଢିବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କର କୌଣସି ଉତ୍ତମ ଆର୍ଥିକ ନୀତି ମଧ୍ୟ ନାହିଁ । ଫଳରେ ରାଜ୍ୟ ଅର୍ଥନୀତିରେ ଗଭୀର ପ୍ରଭାବ ପକାଉଛି ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ।

### ୩୧ ମାର୍ଚ୍ଚ...

ଦେଇଥିଲେ। ହେଲେ ସେସବୁ କିଛି ହେଲାନାହିଁ। କିନ୍ତୁ ମୋ ସରକାର ଚଳିତବର୍ଷ ୧୫ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଥିଲେ। ସେ ଆହୁରି କହିଥିଲେ ଯେ ପୂର୍ବ ସରକାର ଚାଷୀଙ୍କୁ ୧୦୦ଟଙ୍କା ବୋନସ ଦେଇପାରି ନଥିଲେ। କିନ୍ତୁ ଆମ ସରକାର ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୨୩୦୦ଟଙ୍କା ଉପରେ ୮୦୦ ଟଙ୍କାର ବୋନସ ଦେଇ ୩୧୦୦ଟଙ୍କା ପ୍ରଦାନ କରୁଛି। ଆସନ୍ତା ୮ ତାରିଖରେ ବ୍ରହ୍ମପୁରରେ ସମୁଦାୟ ୧ କୋଟି ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରାଯିବ। ସରକାର ଖରିଫ ଋତୁରେ ଚାଷୀମାନଙ୍କୁ ୫ ହଜାର କୋଟି ଟଙ୍କାର ଇନପୁଟ୍ ସହାୟତା ପ୍ରଦାନ କରିଛନ୍ତି। ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ୬ ହଜାର ଓ ସିଏମ୍ କିଷାନ ଯୋଜନାରେ ୪ ହଜାର ମୋଟ ବର୍ଷକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଉଥିବା ଶ୍ରୀ ମାଝୀ କହିଥିଲେ।

### ଅଙ୍ଗନବାଡ଼ି କେନ୍ଦ୍ରପାଇଁ...

ଅଙ୍ଗନବାଡ଼ି ପିଲାଙ୍କୁ ମାସକୁ ୨୦ ବଦଳରେ ମାତ୍ର ୧୫ଟି ଅଣ୍ଡା ମିଳୁଥିଲା । ଗର୍ଭବତୀ ଓ ପ୍ରସୂତିଙ୍କୁ ମାସିକ ୧୨ଟି ଅଣ୍ଡା ଦେବା କଥା, ମାତ୍ର ଅଙ୍ଗନବାଡ଼ି ଦିଦି କେଉଁଠି ୮ଟା ଆଉ କେଉଁଠି ୯ଟି ଦେଉଥିବା ଅଭିଯୋଗ ହୋଇଥିଲା । ଶେଷରେ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଦିଆଯାଉଥିବା ଅଣ୍ଡା ମୂଲ୍ୟ ବୃଦ୍ଧି ହୋଇଛି । ଏହି ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏକ୍ସ ମାଧ୍ୟମରେ କୃତଜ୍ଞତା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

## ସାଧୁସନ୍ଥଙ୍କ ବିଶ୍ରାମ ପାଇଁ ୨୫ କୋଠରୀ ବିଶିଷ୍ଟ ନୂତନ ସୌଧର ଭୂମିପୂଜନ



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀ ଲୋକନାଥ ମନ୍ଦିର ନିକଟସ୍ଥ ବାଲାଜୀ ମନ୍ଦିର ଥାନପତି ଆଶ୍ରମ ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ପରିସରରେ ଭବ୍ୟ ଭୂମିପୂଜନ ତଥା ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଟ୍ରଷ୍ଟର ସଭାପତି ତଥା ଜୀୟରସ୍ୱାମୀ ମଠ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସ ଜୀ ମହାରାଜଙ୍କ ମାର୍ଗଦର୍ଶନରେ ଆଶ୍ରମ ପରିସରରେ ନିଶୁଳ୍କ ୨୫ କୋଠରୀ ବିଶାଳ ହଲ ବିଶିଷ୍ଟ ନୂତନ ସୌଧ ନିମନ୍ତେ ବିଶିଷ୍ଟ ପଣ୍ଡିତ ମାନଙ୍କ ଉପସ୍ଥିତିରେ ଭୂମିପୂଜନ ତଥା ଶିଳାନ୍ୟାସ ଅନୁଷ୍ଠିତ ହୋଇଅଛି । ଏହି ହଲରେ ନିଶୁଳ୍କ ବ୍ରତୋପନୟନ ଓ ଭାଗବତ ପାଠ କରାଯାଇପାରିବ । ଜୀୟରସ୍ୱାମୀ ମଠର ସନ୍ଥ ତଥା ଟ୍ରଷ୍ଟର ସଦସ୍ୟ ସ୍ୱାମୀ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ କର୍ତ୍ତା ରୂପେ ପୂଜା କାର୍ଯ୍ୟରେ ସାମିଲ ହୋଇ ଏହି ନୂତନ ସୌଧରେ ଦେଶର ବିଭିନ୍ନ ସ୍ଥାନରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ସାଧୁ, ସନ୍ଥ, ମହନ୍ତଙ୍କ ରହଣି ସହିତ ଉତ୍ତମ ଆତିଥ୍ୟୟତା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି । ଏହି ପୂଜାକାର୍ଯ୍ୟରେ ଦେବାଚାର୍ଯ୍ୟ ପଣ୍ଡିତ ଇନ୍ଦ୍ରମଣି ପତି ମୁଖ୍ୟ ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିବାବେଳେ ଆଚାର୍ଯ୍ୟ ପଣ୍ଡିତ ଧର୍ମେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG, DIST-KHURDA, PIN-754005
PHONE (M) 9437022023
Email: deputydirector.kanan@gmail.com

MM-510

NANDANKANAN
Web: www.nandankanan.org

Notice No. 64 /PMU/NKZP/2024-25 Dated 28.02.2025

SHORT E-TENDER NOTICE

| Sl. No | Particulars | Details |
|---|---|---|
| 1. | Name of the Work | Supply of G.I Chain link Mesh for Nandankanan Zoological Park |
| 2. | Period & time of completion | 15 days from the date of issue of orders |
| 3 | Date & time of availability of the bid document in the | 28.02.2025 to 10.03.2025 |
| 4. | Last date/Time for receipt of bids in the portal | Up to 5.00 PM of 10.03.2025 |
| 5. | Date & Time of bid opening | 11.00 AM on Dated. 11.03.2025 |
| 6. | Name & Address of the officer inviting Bid | Deputy Director, Nandankanan zoological park, Bhubaneswar, Odisha. |

Others can see the details from Notice inviting Tenders, available in website- https://tendersodisha.gov.in/ Corrigendum if any, shall only be published in the above website.

Sd/- Deputy Director
Nandankanan Zoological Park

OIPR 08070/11/0052/2425



ନୂଆଦିଲ୍ଲୀ: ହରିଆଣାର ୨୨ ବର୍ଷୀୟା କଂଗ୍ରେସ କର୍ମୀ ହିମାନୀ ନରୱାଲଙ୍କ ମୃତ୍ୟୁ ଘଟଣାରେ ତାଙ୍କ ମାଆ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଦଳ ଭିତରୁ ହିଁ କୌଣସି କର୍ମୀ ତାଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରାରେ ଅଂଶଗ୍ରହଣ କରିଥିବା ହିମାନୀ ନରୱାଲଙ୍କ ମୃତଦେହ ଶନିବାର ରୋହତକର ଏକ ବସ୍ ଷ୍ଟାଣ୍ଡ ନିକଟରେ ଏକ ସୁଟକେସ୍‌ଭିତରୁ ମିଳିଥିଲା। ଏଭଳି ସନ୍ଦେହଜନକ ଭାବେ ତାଙ୍କ ମୃତଦେହ ମିଳିଥିବାରୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଉ ବୋଲି ଦାବି ଉଠିଛି। ଜାତୀୟ ଗଣମାଧ୍ୟମ ଇଣ୍ଡିଆଟୁଡେକୁ ପ୍ରତିକ୍ରିୟା ଦେଇ ହିମାନୀଙ୍କ ମାଆ ସବିତା ନରୱାଲ ଝିଅର ମୃତ୍ୟୁ ପାଇଁ ଦଳୀୟ କର୍ମୀଙ୍କ ଉପରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ମୋ ଝିଅ କଂଗ୍ରେସ ପାଇଁ ଅନେକ ତ୍ୟାଗ କରିଛି। ଏଥିପାଇଁ ଏକାଧିକ ଦଳୀୟ ନେତା ଆମ ଘରକୁ ଆସୁଥିଲେ। ମୋ ଝିଅର ରାଜନୈତିକ କ୍ୟାରିୟର ଆଗକୁ ବଢୁଥିଲା। ଏଥିପାଇଁ କିଛି ଲୋକ ଦଳରେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ।

ପତଞ୍ଜଳିର ବାର୍ଷିକ ଉତ୍ସବ 'ଅଭ୍ୟୁଦୟ'

# ପତଞ୍ଜଳି ବିଶ୍ୱ ସମାଧାନର କେନ୍ଦ୍ର : ଧର୍ମେନ୍ଦ୍ର



ହରିଦ୍ୱାର: 'ପତଞ୍ଜଳି ରିସର୍ଚ୍ଚ ସେଣ୍ଟର' ପ୍ରତିଷ୍ଠା କରି ପତଞ୍ଜଳି ସମାଜ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଏହି ଗବେଷଣା ଓ ବିକାଶ କେନ୍ଦ୍ର ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ ଶିକ୍ଷା ଓ ଗବେଷଣା ତଥା ଉଦ୍ଭାବନର କେନ୍ଦ୍ରରେ ପରିଣତ କରିବ। ପତଞ୍ଜଳି ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଚିକିତ୍ସା ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ବିଶ୍ୱକୁ ସମାଧାନ ପ୍ରଦାନ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ରବିବାର ଦେବଭୂମି ଉତ୍ତରାଖଣ୍ଡରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅଭ୍ୟୁଦୟ'ରେ ଯୋଗଦେବା ଅବସରରେ କହିଛନ୍ତି, ପତଞ୍ଜଳି ବିଶ୍ୱବିଦ୍ୟାଳୟର ଏହି ଉତ୍ସବ ଭାରତର ଶାଶ୍ୱତ ଜ୍ଞାନ ପରମ୍ପରାର ଏକ ନୂତନ ଯୁଗର ଆରମ୍ଭର ପ୍ରତୀକ। ଋଷି ପତଞ୍ଜଳି ଯୋଗକୁ ବ୍ୟବସ୍ଥିତ କରି ମାନବତାକୁ ସମଗ୍ର କଲ୍ୟାଣର ମାର୍ଗ ଦେଖାଇଥିଲେ, ଯାହା ଆଜି ପତଞ୍ଜଳି ନାମରେ ଏକ ବଟବୃକ୍ଷର ରୂପ ନେଇଛି। ଯୋଗକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବାବା ରାମଦେବ ଅଭୂତପୂର୍ବ କାର୍ଯ୍ୟ କରିଛନ୍ତି। ଭାରତକୁ ପୁଣି ଥରେ ଜାଗ୍ରତ କରିବା ପାଇଁ ସେ କଠିନ ତପସ୍ୟା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଯୋଗକୁ ବିଶ୍ୱସ୍ତରୀୟ ମାନ୍ୟତା ଦେଇ ଭାରତୀୟ ଶିକ୍ଷା ବୋର୍ଡ ଗଠନ କରିଛନ୍ତି ଏବଂ ଭାରତୀୟ ଭାଷା ଓ ଶିକ୍ଷାକୁ ବିଭ୍ରାନ୍ତ କରିବାର ପ୍ରୟାସକୁ ପରିବର୍ତ୍ତନ କରିବା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛନ୍ତି। ଭାରତୀୟ ଜ୍ଞାନ ପରମ୍ପରାକୁ ଆଧୁନିକ ଗବେଷଣା ସହ ଯୋଡ଼ିବା ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ମଜଭୁତ୍ ଭିତ୍ତିଭୂମି ପ୍ରଦାନ କରୁଛି ଏବଂ ପତଞ୍ଜଳି ମଧ୍ୟ ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି। ଆଜି ଜାତୀୟ ଶିକ୍ଷା ନୀତିର ସବୁଠାରୁ ବଡ଼ ପରୀକ୍ଷାଗାର ହେଉଛି ପତଞ୍ଜଳି ଯୋଗ ବିଦ୍ୟାପୀଠ। ଆଜି ହରିଦ୍ୱାର ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉତ୍ତରାଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ ଓ ସହକାରିତା ମନ୍ତ୍ରୀ ଡା. ଧନ ସିଂହ ରାୱତଙ୍କ ସହ ସାକ୍ଷାତ୍ କରିବା ସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଏବଂ ସମଗ୍ର ଜନସାଧାରଣଙ୍କୁ ଗୁଣାତ୍ମକ ଶିକ୍ଷାର ସୁଯୋଗ ସହିତ ଯୋଡ଼ି ସଶକ୍ତ କରିବା ଉପରେ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ ଓ ସହକାରିତା ମନ୍ତ୍ରୀ ଡା. ରାୱତ, ଯୋଗଗୁରୁ ରାମ ଦେବ ଏବଂ ପତଞ୍ଜଳି ଆୟୁର୍ବେଦର ଏମଡି ଆଚାର୍ଯ୍ୟ ବାଳକୃଷ୍ଣ ପ୍ରମୁଖ ଯୋଗଦେଇଥିଲେ। ଏହି ଗସ୍ତକାଳରେ ଋଷିମାନଙ୍କ ଭୂମି ହରିଦ୍ୱାରରେ ଶ୍ରୀ ପ୍ରଧାନ ମା' ଗଙ୍ଗାଙ୍କ ପୂଜାର୍ଚ୍ଚନା ମଧ୍ୟ କରିଥିଲେ ।

# ଆମେରିକାକୁ ସହାୟତା ମାଗିଲେ ଇମ୍ରାନ ଖାନ

କରାଚି: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଦୀର୍ଘ ସମୟ ଧରି ଜେଲରେ ରହିଛନ୍ତି। ସେ ଜେଲରୁ ବାହାରକୁ ବାହାରିବା ନେଇ କୌଣସି ଆଶା ମଧ୍ୟ ଦେଖାଯାଉନାହିଁ। ତେବେ ଇମ୍ରାନଙ୍କ ନାମରେ ଟାଇମ୍ ପତ୍ରିକାରେ ଏକ ଆଲେଖ୍ୟ ପ୍ରକାଶିତ ହୋଇଛନ୍ତି। ଯେଉଁଥିରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କ ରାଜନୈତିକ ପ୍ରତ୍ୟାବର୍ତ୍ତନ ପାଇଁ ଅଭିନନ୍ଦନ ଜଣାଇଛନ୍ତି ଇମ୍ରାନ। ସେ ପାକିସ୍ତାନରେ ତାଙ୍କ ଗିରଫଦାରୀ ଏବଂ ଗଣତନ୍ତ୍ର ପାଇଁ ଏକତ୍ରିତ ହୋଇ ସ୍ୱର ଉଠାଇବାକୁ ଅନ୍ତର୍ଜାତୀୟ ସମୁହକୁ ମଧ୍ୟ ନିବେଦନ କରିଛନ୍ତି।

# ମାଧବୀ ପୁରୀ ବୁଚ୍‌ଙ୍କ ବଢ଼ିଲା ଅଡୁଆ : ରୁଜୁ ହେବ ମାମଲା



ନୂଆଦିଲ୍ଲୀ: ସେୟାର ମାର୍କେଟରେ ଠକେଇ ଅଭିଯୋଗରେ ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରୀଙ୍କ ବିରୋଧରେ ଏଫଆଇଆର୍ ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ମୁମ୍ବାଇର ଏକ କୋର୍ଟ ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରୀ ବୁଚ ଏବଂ ଅନ୍ୟ ପାଞ୍ଚ ଜଣଙ୍କ ବିରୁଦ୍ଧରେ ଷ୍ଟକ୍ ବଜାର ଠକେଇ ଏବଂ ନିୟାମକ ଉଲ୍ଲଂଘନ ଅଭିଯୋଗରେ ଏଫଆଇଆର ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ମାଧବୀ ପୁରୀ ବୁଚଙ୍କ ସେବି ମୁଖ୍ୟ ଭାବରେ କାର୍ଯ୍ୟକାଳ ୨୮ ଫେବୃଆରୀରେ ଶେଷ ହୋଇଥିଲା ଏବଂ ତାଙ୍କ ସ୍ଥାନରେ ଓଡ଼ିଶା କ୍ୟାଡର ଆଇଏଏସ ତୁହିନକାନ୍ତ ପାଣ୍ଡେଙ୍କୁ ନୂତନ ସେବି ମୁଖ୍ୟ କରାଯାଇଛି, ଯାହାଙ୍କ କାର୍ଯ୍ୟକାଳ ୩ ବର୍ଷ ପାଇଁ ରହିବ। ୨୦୨୪ ମସିହାର ଶେଷ ଭାଗରେ, ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ତତ୍କାଳୀନ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ଏକ ରିପୋର୍ଟ ପ୍ରକାଶ କରିଥିଲା, ଯେଉଁଥିରେ ଦାବି କରାଯାଇଥିଲା ଯେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀଙ୍କର ଆଦାନୀ ଗ୍ରୁପ୍‌ର ବିଦେଶୀ ପାଣ୍ଠିରେ ଅଂଶଧନ ଅଛି। ଏହା ବ୍ୟତୀତ, ଏହି ରିପୋର୍ଟରେ ଆଦାନୀ ଗ୍ରୁପ୍ ଏବଂ ସେବି ମଧ୍ୟରେ ମିତ୍ରତା ଅଭିଯୋଗ କରାଯାଇଥିଲା। ହିଣ୍ଡେନବର୍ଗଙ୍କ ଏହି ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ମାଧବୀ ପୁରୀ ବୁଚ ଏବଂ ତାଙ୍କ ସ୍ୱାମୀ କହିଛନ୍ତି ଯେ ଏହି ସମସ୍ତ ଅଭିଯୋଗ ଭିତ୍ତିହୀନ। ଏହା ସହିତ ସେ କହିଛନ୍ତି ଯେ ଆମେ କୌଣସି ସୂଚନା ଲୁଚାଇ ନାହୁଁ ଏବଂ ହିଣ୍ଡେନବର୍ଗଙ୍କ ଅଭିଯୋଗରେ କୌଣସି ସତ୍ୟତା ନାହିଁ। ସେହିପରି ଆଦାନୀ ଗ୍ରୁପ୍ ମଧ୍ୟ ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି। ଏହା ସହିତ, ଆଦାନୀ ଗ୍ରୁପ୍ କହିଛି ଯେ ଏହା ଲାଭ ଅର୍ଜନ ଏବଂ ବଦନାମ କରିବାର ଏକ ଷଡ଼ଯନ୍ତ୍ର।

# ଭାରତୀୟ ରେଳବାଇ ବିଦ୍ୟୁତ୍ ଟ୍ରାକ୍ସନର ୧୦୦ ବର୍ଷ ପାଳିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୩ ଫେବୃଆରୀ ୧୯୨୫ ରେ ଭାରତର ପ୍ରଥମ ବିଦ୍ୟୁତ୍ ଟ୍ରେନର ଶୁଭାରମ୍ଭ ପରଠାରୁ ୧୦୦ ବର୍ଷର ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଲକ୍ଷ୍ୟ କରି ଗର୍ବର ସହିତ ବୈଦ୍ୟୁତିକ ଟ୍ରାକ୍ସନର ଶତବାର୍ଷିକୀ ପାଳନ କରୁଛି ଭାରତୀୟ ରେଳବାଇ। ବିଗତ ଶତାବ୍ଦୀରେ, ବିଦ୍ୟୁତୀକରଣ ରେଳବାଇ କାର୍ଯ୍ୟରେ ବିପ୍ଳବ ଆଣିଛି, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ଦକ୍ଷତା, ସ୍ଥାୟୀତ୍ୱ ଏବଂ ପ୍ରଗତିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଧୁନିକ ରେଳବାଇ କାର୍ଯ୍ୟରେ ସ୍ୱୟଂଚାଳିତ, ରକ୍ଷଣାବେକ୍ଷଣ ଏବଂ ନିଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଭାରତୀୟ ରେଳବାଇକୁ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଉନ୍ନତି ସହିତ ଖାପ ଖୁଆଇବା ଏବଂ ଆଗାମୀ ୨୫ ବର୍ଷ ପାଇଁ ପ୍ରସ୍ତୁତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଫୁଙ୍କୱାଲ ରେଳବାଇ ଭିତ୍ତିଭୂମି ରକ୍ଷଣାବେକ୍ଷଣରେ ଉନ୍ନତି ଆଣିବାର କାର୍ଯ୍ୟକଳାପକୁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ଭାରତୀୟ ରେଳବାଇ ମଧ୍ୟରେ ଟ୍ରାକ୍ସନ୍ ବଣ୍ଟନକୁ ଏକ ରୋଲ୍ ମଡେଲ୍ ଭାବରେ ସ୍ୱୀକାର କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ସମସ୍ତ ପ୍ରମୁଖ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ମାନଙ୍କ ସହିତ ପ୍ରମୁଖ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର ଯୋଗ ଦେଇଥିଲେ, ଯେଉଁମାନେ ସାମୂହିକ ଭାବରେ ଭାରତରେ ରେଳ ବିଦ୍ୟୁତୀକରଣର ଉଲ୍ଲେଖନୀୟ ଯାତ୍ରାକୁ ସ୍ୱୀକୃତି ଦେଇଥିଲେ। ୨୦୦୩ ମସିହାରେ ପୂର୍ବତଟ ରେଳପଥର ଗଠନ ହେବା ପରଠାରୁ, ପୂର୍ବତଟ ରେଳପଥ ଭାରତର ବିଦ୍ୟୁତୀକରଣ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥରେ ପ୍ରଥମ ବିଦ୍ୟୁତୀକରଣ ସେକ୍ସନ ଥିଲା ୧୯୮୩ ମସିହାରେ କୋଟଭାଲାସା-କିରନ୍ଦୁଲ (କ-କ) ଲାଇନର ଜଗଦଲପୁର-କୋରାପୁଟ ରେଳ ସେକ୍ସନ, ଯାହା ସେତେବେଳେ ଦକ୍ଷିଣ ପୂର୍ବ ରେଳପଥ (ଝରଜ) ର ଅଂଶ ଥିଲା । ବର୍ଷ ବର୍ଷ ଧରି, ପ୍ରମୁଖ କରିଡରରେ ବିଦ୍ୟୁତିକରଣ ବିସ୍ତାର ହୋଇ ୨୦୨୪ ସୁଦ୍ଧା ୧୦୦% ବିଦ୍ୟୁତିକରଣରେ ପରିଣତ ହେଲା ।

# ଉଦ୍ୟୋଗୀଙ୍କ ପାଇଁ ଛତିଶଗଡରେ ବ୍ୟାପକ ସୁଯୋଗ ରହିଛି : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ରାଜ୍ୟରେ ଶିଳ୍ପର ବାତାବରଣକୁ ଅଧିକ ସୁଦୃଢ଼ କରିବା ପାଇଁ ଉଦ୍ୟୋଗପତିମାନଙ୍କୁ ଆମନ୍ତ୍ରଣ କରିଛନ୍ତି। ଏକ ବାର୍ତ୍ତାରେ ଶ୍ରୀ ସାଏ କହିଛନ୍ତି ଯେ, ଛତିଶଗଡରେ ଉଦ୍ୟୋଗଗୁଡିକ ସ୍ଥାପନ ପାଇଁ ବ୍ୟାପକ ସୁବିଧା ସୁଯୋଗ ଉପଲବ୍ଧ ରହିଛି। ଛତିଶଗଡ ଜଙ୍ଗଲ, ଖଣି ଏବଂ ଶକ୍ତି କ୍ଷେତ୍ରରେ ବିପୁଳ ସଫଳତା ହାସଲ କରିଛି। ଏପରିକି ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ରାଜ୍ୟ ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ତେଣୁ ଏହିସବୁ ସୁବିଧା ସୁଯୋଗର ବିନିଯୋଗ କରି ରାଜ୍ୟରେ ଶିଳ୍ପର ବାତାବରଣ ସୃଷ୍ଟି କରିବା ପାଇଁ ଶ୍ରୀ ସାଏ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବେ ରାଜ୍ୟ ସରକାର ଉଦ୍ୟୋଗପତିମାନଙ୍କୁ ସମସ୍ତ ସୁବିଧା, ସୁଯୋଗ ଯୋଗାଇ ଦେବା ସହ ଶିଳ୍ପ ସ୍ଥାପନ ହେଲେ ବ୍ୟାପକ ନିଯୁକ୍ତି ସୁଯୋଗ ରହିବ ବୋଲି ସେ କହିଥିଲେ। ବିଶେଷକରି ଫାର୍ମା, ରିଏଲଷ୍ଟେଟ୍ ଏବଂ ଆଇଟି ସେକ୍ଟର ପାଇଁ ବ୍ୟାପକ ସୁଯୋଗ ରହିଥିବା ବେଳେ ଏହିସବୁ ଶିଳ୍ପର ପ୍ରତିନିଧିମାନେ ଶ୍ରୀ ସାଏଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ ସିଂ, ମୁଖ୍ୟମନ୍ତ୍ରୀଙ୍କ ସଚିବ ବାସ୍ତବରାଜୁ ଏସ୍, ପି ଦୟାନନ୍ଦ, ରାହୁଲ ଭଗତ ଏବଂ ଶିଳ୍ପ ସଚିବ ରଜତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସାଏ କହିଥିଲେ ୨୦୨୪-୨୦୩୦ ପର୍ଯ୍ୟନ୍ତ ରାଜ୍ୟ ସରକାର ଏକ ନୂତନ ଶିଳ୍ପନୀତି ପ୍ରଣୟନ କରିଛନ୍ତି। ଯାହାକି ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ବିନିଯୋଗ ପାଇଁ ଅଧିକ ସୁବିଧା ସୁଯୋଗ ପ୍ରଦାନ କରିବ। ଅନ୍‌ଲାଇନ୍ ଆବେଦନ ପତ୍ର ସହ ଗୋଟିଏ ମଞ୍ଚରେ ସମସ୍ତ କାର୍ଯ୍ୟ ସଂପାଦନ ହେବ ବୋଲି ଶ୍ରୀ ସାଏ କହିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଦେଶର ରିଟେଲ ସେକ୍ଟର ଦ୍ରୁତ ଗତିରେ ବିକାଶ କରୁଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ରିଟେଲ ସେକ୍ଟର ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଭାରତରେ ଖୁଚୁରା ବଜାର ୨୦୧୪ରେ ୩୫ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ୨୦୨୪ରେ ଏହା ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ଦଶନ୍ଧି ମଧ୍ୟରେ, ଦେଶର ରିଟେଲ ସେକ୍ଟର ବାର୍ଷିକ ୮.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛି। ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଏବଂ ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ବିଭିନ୍ନ ଗ୍ରାହକ ଗୋଷ୍ଠୀ ସହିତ, ଖୁଚୁରା ବ୍ୟବସାୟୀମାନଙ୍କୁ ବିଭିନ୍ନ ଅବସରକୁ ବୁଝିବା ଦରକାର ଓ ଦେଶର ସଫଳ ହେବାକୁ ହେଲେ ତାଙ୍କୁ ଲୋକଙ୍କ ଆବଶ୍ୟକାତା ବୁଝିବାର ଆବଶ୍ୟକତା ରହିଛି। ଭାରତ ଏବଂ ବିଦେଶରେ ସଫଳ ହେବା ପାଇଁ ବିଭିନ୍ନ ସୁଯୋଗକୁ ଚିହ୍ନିବା ଏବଂ ଲୋକଙ୍କ ଆବଶ୍ୟକତାକୁ ବୁଝିବା ଆବଶ୍ୟକ। ଯେଉଁମାନେ ଗ୍ରାହକଙ୍କ ଆବଶ୍ୟକତାକୁ ଯେତେ ଭଲ ବୁଝିପାରିବେ ସେତେ ଲାଭ କରିବେ ବୋଲି ରିପୋର୍ଟରେ କୁହାଯାଇଛି।

# ଆମ ନୀତି ଏବଂ ଅଭ୍ୟାସଗୁଡ଼ିକର ବ୍ୟାପକ ଢାଞ୍ଚା ରହିବା ଆବଶ୍ୟକ: ଡକ୍ଟର ପିକେ ମିଶ୍ର



ନୂଆଦିଲ୍ଲୀ: ଭାରତ ସରକାରଙ୍କ ବ୍ୟବସ୍ଥାରେ ଯେକୌଣସି ନୀତି ନିର୍ଦ୍ଧାରଣ କରିବା ସମୟରେ ଅନିଶ୍ଚିତତାକୁ ଧ୍ୟାନରେ ରଖି ଏକ ବ୍ୟାପକ ରୂପରେଖ ଏବଂ ଫଳାଫଳ ଆଧାରିତ ସୃଜନଶୀଳ ମାନସିକତା ଉପରେ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ନୂଆଦିଲ୍ଲୀରେ ଆୟୋଜିତ ବିଜନେସ ଷ୍ଟାଣ୍ଡାର୍ଡ ମନ୍ଥନ ଶିଖର ସମ୍ମିଳନୀରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା ବେଳେ ଏହା କହିଛନ୍ତି। ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ ଯେ, ସରକାର 'ଆତ୍ମନିର୍ଭର' ହେବା ଉପରେ ଧ୍ୟାନ ଦେଇ କୋଭିଡ-୧୯ ମହାମାରୀ, ୟୁକ୍ରେନ-ରୁଷ ବିବାଦ ଏବଂ ପଶ୍ଚିମ ଏସିଆ ସଙ୍କଟ କାରଣରୁ ଉପୁଜିଥିବା ଅସ୍ଥିର ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିଥିଲେ। ସେ ଏହାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ସହିତ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ଆହ୍ୱାନର ମୁକାବିଲା ଉପରେ ସେ ଧ୍ୟାନ ଦେଇଛନ୍ତି। ଭାରତୀୟ ଅର୍ଥବ୍ୟବସ୍ଥା କିଭଳି ଭାବେ ଅନେକ ଆହ୍ୱାନର ସାମ୍ନା କରିଥିଲା ତାହା ଡକ୍ଟର ମିଶ୍ର ଏହି ମତବିନିମୟ ଅବସରରେ କହିଥିଲେ। ଭାରତର ଉତ୍ପାଦନ-ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ବିଷୟରେ ମତ ରଖି ଡକ୍ଟର ମିଶ୍ର ଏହାର ସକାରାତ୍ମକ ପ୍ରଭାବ ବିଷୟରେ ଉଲ୍ଲେଖ କରିଥିଲେ । ଏଥିସହିତ ଏହି ଯୋଜନାର ଦୀର୍ଘକାଳୀନ ମୂଲ୍ୟାଙ୍କନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଏକ ନୂତନ ଆଭିମୁଖ୍ୟ ସହିତ ଅନିଶ୍ଚିତତାର ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଯେଉଁଠାରେ କେବଳ ବିପଦ ଆକଳନ ନୁହେଁ ବରଂ ଏକ 'ଅଭଙ୍ଗୁର ବ୍ୟବସ୍ଥା' ନିର୍ମାଣ କରିବା ମଧ୍ୟ ଆମର ଉଦ୍ଦେଶ୍ୟ ହେବା ଉଚିତ ବୋଲି ସେ କହିଥିଲେ। ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଦ୍ୟ ଆମେରିକା ଗସ୍ତ ବିଷୟରେ ଉଲ୍ଲେଖ କରି ଏହାକୁ କେବଳ ସଙ୍କଟ ମୁକାବିଲା ପାଇଁ ଜବାବୀ ପଦକ୍ଷେପ ପରିବର୍ତ୍ତେ ବାଣିଜ୍ୟ ସମ୍ପର୍କ ବୃଦ୍ଧି ଏବଂ 'ସୁଯୋଗ' ଦିଗରେ ଆଗକୁ ବଢ଼ିବା ଦୃଷ୍ଟିକୋଣରୁ 'ଅତ୍ୟନ୍ତ ସକାରାତ୍ମକ' ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ କେବଳ ଦ୍ୱିପାକ୍ଷିକ, ଆଞ୍ଚଳିକ ନୁହେଁ, ବରଂ ବିକଶିତ ହେଉଥିବା ବିଶ୍ୱ ବାଣିଜ୍ୟ ପରିବେଶରେ ବହୁପକ୍ଷୀୟ ସମ୍ପର୍କ ମଧ୍ୟ ଆର୍ଥିକ ପରିଦୃଶ୍ୟକୁ ବଦଳାଇ ଦେଉଛି। ଭାରତର ବ୍ୟାପକ ଉପଭୋକ୍ତା ଆଧାର ଏବଂ ଜନସାଂଖ୍ୟିକୀୟ ଲାଭକୁ ନେଇ ଡକ୍ଟର ମିଶ୍ର ବେଶ୍ ଆଶା ବ୍ୟକ୍ତ କରିଥିଲେ। ଭାରତର କୃଷି କ୍ଷେତ୍ର ଉପରେ ମତ ରଖି, ଡକ୍ଟର ମିଶ୍ର କହିଥିଲେ ଯେ ଦେଶର ମୋଟ ଶ୍ରମଶକ୍ତିର ପ୍ରାୟ ୪୬ ପ୍ରତିଶତ ଏହି କ୍ଷେତ୍ରରେ ରହିଛି, ଯଦିଓ ମୋଟ ଘରୋଇ ଉତ୍ପାଦ (ଜିଡିପି) ରେ ଏହାର ଅଂଶ ୧୯୭୦ ଦଶକରେ ପ୍ରାୟ ୫୦ ପ୍ରତିଶତରୁ ବର୍ତ୍ତମାନ ୧୮ ପ୍ରତିଶତକୁ ହ୍ରାସ ପାଇଛି। କୃଷିରେ ବିବିଧତା ଆଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ଡକ୍ଟର ମିଶ୍ର ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ସେବା କ୍ଷେତ୍ରରେ ସଂସ୍କାର ସମ୍ପର୍କରେ ଡକ୍ଟର ମିଶ୍ର କହିଥିଲେ ଯେ ପ୍ରଶାସନର ପରିବର୍ତ୍ତିତ ଆବଶ୍ୟକତା ସହିତ ତାଳ ଦେଇ ଏହି କ୍ଷେତ୍ରର ଆଧୁନିକୀକରଣ ଏବଂ ସୁଦୃଢ଼ୀକରଣ ପାଇଁ ଭାରତ ନିରନ୍ତର ଓ ବିକାଶଶୀଳ ପ୍ରୟାସ ପ୍ରଦର୍ଶନ କରୁଛି। 'ମିଶନ କର୍ମଯୋଗୀ' ଏବଂ 'ସମନ୍ୱିତ ସରକାରୀ ଅନଲାଇନ ତାଲିମ' (ଆଇଜିଓଟି) ମଞ୍ଚ ଭଳି ନୂତନ ପଦକ୍ଷେପଗୁଡ଼ିକ କାର୍ମିକ ପରିଚାଳନା କ୍ଷେତ୍ରରେ ଦକ୍ଷତା ଆଧାରିତ ଏବଂ ସାମଗ୍ରିକ ଆଭିମୁଖ୍ୟ ପ୍ରବର୍ତ୍ତନ କରିଛନ୍ତି। ପ୍ରଶାସନକୁ ଅଧିକ ସୁଗମ୍ୟ, ଦକ୍ଷ ଏବଂ ନାଗରିକ ଅନୁକୂଳ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଭଳି କ୍ଷେତ୍ରରେ ସଂସ୍କାର ଜାରି ରହିବ।

# ମୁମ୍ବାଇରେ ପ୍ରଥମ ସୋ'ରୁମ୍ ଖୋଲିବ ଟେସ୍‌ଲା




ମୁମ୍ବାଇ : ବିଶ୍ୱର ସବୁଠୁ ଧନୀ ବ୍ୟବସାୟୀ ଏଲନ ମସ୍କ ଭାରତରେ ଏହାର ପ୍ରଥମ ସୋରୁମ୍ ମୁମ୍ବାଇର ବ୍ୟୟବହୁଳ ସ୍ଥାନ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି)ରେ ଖୋଲିବ। ବିକେସିର ବାଣିଜ୍ୟିକ ଟାୱାରର ତଳ ମହଲାରେ ୪୦୦୦ ବର୍ଗଫୁଟରେ ଏହି ସୋରୁମ୍ ହେବ। ଏଠାରେ ବର୍ଗଫୁଟ୍ ପିଛା ମାସିକ ୯୦୦ ଟଙ୍କା ଭଡ଼ା ଆଦାୟ କରାଯାଇଥାଏ। ତେଣୁ କମ୍ପାନି ମାସିକ ୩୫ ଲକ୍ଷ ଟଙ୍କା ଭଡ଼ା ବାବଦରେ ଗଣିବ ବୋଲି ଅନୁମାନ କରାଯାଉଛି। ୫ ବର୍ଷ ପାଇଁ କମ୍ପାନି ଭଡ଼ା ରାଜିନାମା କରିଛି ବୋଲି ଜଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ପରେ ଟେସ୍‌ଲା ଭାରତରେ ସୋରୁମ୍ ଖୋଲିବାକୁ ଯାଉଛି। ଆମେରିକା ଗସ୍ତ ଅବସରରେ ମୋଦୀ ଟେସ୍‌ଲା ମୁଖ୍ୟ ମସ୍କଙ୍କୁ ମଧ୍ୟ ଭେଟିଥିଲେ। ମୁମ୍ବାଇ ପରେ ଦିଲ୍ଲୀର ଏରୋସିଟି କମ୍ପ୍ଲେକ୍ସରେ କମ୍ପାନି ଦ୍ୱିତୀୟ ସୋରୁମ୍ ଖୋଲିବା ଯୋଜନା ରଖିଛି। ଫଳରେ ଆଗାମୀ କିଛିଦିନ ମଧ୍ୟରେ ଭାରତରେ ଟେସ୍‌ଲା କାର ବିକ୍ରି ହେବ ବୋଲି ଆଶା କରାଯାଉଛି। ଆମଦାନୀ ହେଉଥିବା ଗାଡ଼ି ଉପରେ ଭାରତ ୧୧୦ ପ୍ରତିଶତ ଶୁଳ୍କ ଲାଗୁ କରୁଛି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଆପତ୍ତି ଉଠାଇଛନ୍ତି। ଉଚ୍ଚ ଶୁଳ୍କକୁ ଏଡ଼ାଇବା ପାଇଁ ଟେସ୍‌ଲା ଭାରତରେ କାରଖାନା ସ୍ଥାପନ କରିବା ଆମେରିକା ପାଇଁ ଅନ୍ୟାୟ ବୋଲି ଟ୍ରମ୍ପ୍ କହିଥିଲେ। ଏଥିସହିତ ତାଙ୍କ ଦେଶ ଉପରେ ଯେଉଁ ଦେଶ ଯେତିକି ଟିକସ ଲଗାଉଛି ସେସବୁ ଦେଶ ଉପରେ ସମାନ ମାତ୍ରାର ପାଲଟା ଶୁଳ୍କ ଲଗାଇବା ନେଇ ମଧ୍ୟ ପ୍ରଶାସନକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

# 'ଶୂନ୍ୟ ହାନି ସମସ୍ତଙ୍କ ଜୀବନର ମୂଳମନ୍ତ୍ର ହେବା ଉଚିତ'




ରାଉରକେଲା (ଭାସ୍କର ନ୍ୟୁଜ) : 'ଶୂନ୍ୟ ହାନି ସମସ୍ତଙ୍କ ଜୀବନର ମୂଳମନ୍ତ୍ର ହେବା ଉଚିତ' ବୋଲି ଗୋପବନ୍ଧୁ ପ୍ରେକ୍ଷାଳୟରେ ଫେବୃଆରୀ ୨୮ ତାରିଖ ଅନୁଷ୍ଠିତ ୮୭୪ ତମ ଗଣଯୋଗାଯୋଗ ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନା ସାମୁଦାୟିକଙ୍କୁ ନିଜର ପ୍ରଥମ ଉଦବୋଧନରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଆଲୋକ ବର୍ମା ଉଲ୍ଲେଖ କରିଛନ୍ତି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି ଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ , ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ମଞ୍ଚାସୀନ ଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସି ମ ଓ ଇନ୍‌ଚାର୍ଜ ଜୟନ୍ତ କୁମାର ଆଚାର୍ଯ୍ୟ, ବହୁ ସିଜିଏମ ଓ ବିଭାଗ ମୁଖ୍ୟ ତଥା ଖଣି ସମେତ ଆରଏସପିର ବିଭିନ୍ନ ବିଭାଗରୁ ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିବା ଏହି ଅଧିବେଶନର ବିଷୟବସ୍ତୁ ଥିଲା 'ଶୂନ୍ୟ ହାନି'। ଶ୍ରୀ ବର୍ମା ଆହୁରି କହିଥିଲେ ଯେ, 'ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ଏବଂ ଆମେ ନିଶ୍ଚିତ କରିବାକୁ ପଡିବ ଯେ କାରଖାନାକୁ ଆସୁଥିବା ପ୍ରତ୍ୟେକ କର୍ମଚାରୀ ଯେପରି ସୁରକ୍ଷିତ ଭାବରେ ଘରକୁ ଫେରିବେ। ଶ୍ରୀ ବର୍ମା ସଫଳତା ହାସଲ କରିବା ପାଇଁ ଛୋଟଛୋଟ ପଦକ୍ଷେପ ନେବାର ମହତ୍ତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏ କେ ବେହୁରିଆ ତାଙ୍କ ଅଭିଭାଷଣ ରେ 'ସାଂପ୍ରତିକ ଇସ୍ପାତ ବଜାର ସ୍ଥିତି ଏବଂ ଆଗାମୀ କାର୍ଯ୍ୟପନ୍ଥା' ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଜାତୀୟ ସଂଗୀତ ଗାନ ପୂର୍ବକ ଏହି ଅଧିବେଶନ ଶୁଭାରମ୍ଭ ହୋଇଥିଲା। ଏହା ପରେ ଲୋକସମ୍ପର୍କ ବିଭାଗ ଦ୍ୱାରା ନିର୍ମିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାପରେ, କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସମସ୍ୟା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ଦିଆଯାଇଥିବା ପ୍ରସ୍ତାବ ର ଗୁଣବତ୍ତାରେ ଖୁସି ହୋଇ, ଡି ଆଇ ସି ଜଣେ ଅଧିକାରୀଙ୍କ ସମେତ ତିନି ଜଣ କର୍ମଚାରୀଙ୍କୁ 'ଶ୍ରେଷ୍ଠ ପ୍ରସ୍ତାବ ଦାତା' ପୁରସ୍କାର ଘୋଷଣା କରିଥିଲା ଏହି କାର୍ଯ୍ୟକ୍ରମକୁ ଏଲ ଆଣ୍ଡ ଡ଼ି ବିଭାଗର ଡିଜିଏମ ସୁଶ୍ରୀ କେ କେ ଜୟଶ୍ୱାଲ ସଂଯୋଜନା କରିଥିଲେ।

# ସିଡିଏସ୍‌ଏଲ୍ ଆଇପିଏଫ୍ ପକ୍ଷରୁ ନିବେଶ ସଚେତନତା କାର୍ଯ୍ୟକ୍ରମ

CDSL
Convenient • Dependable • Secure

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସିଡିଏସଏଲ ନିବେଶକ ସୁରକ୍ଷା ପାଣ୍ଠି (ସିଡିଏସ୍‌ଏଲ୍ ଆଇପିଏଫ୍) ପକ୍ଷରୁ ପୁରୀ ଓ ଭଦ୍ରକର ବାରିକପୁର ଠାରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ପୁବାଶାସନସ୍ଥିତ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟର ସେମିନାର ହଲରେ ଏବଂ ଅନ୍ୟ କାର୍ଯ୍ୟକ୍ରମଟି ବାରିକପୁରସ୍ଥିତ ଭଦ୍ରକ ପଞ୍ଚାୟତ କଲେଜର ସେମିନାର ହଲରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ନିବେଶକମାନଙ୍କୁ ପୁଂଜି ବଜାରରେ ସେମାନଙ୍କ ନିବେଶ ସମ୍ପର୍କରେ ସଚେତନ ନିଷ୍ପତି ନେବାକୁ ସଶକ୍ତ କରିବା ସହିତ ନିବେଶର ମୂଳ ନୀତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାପକ ଉପସ୍ଥିତି ଧାର୍ଯ୍ୟ କରିବା ପାଇଁ ଓଡ଼ିଆ ଭାଷାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବକ୍ତାମାନେ ନିବେଶ ଏବଂ ଜମାକାରୀ ସେବା ଉପରେ ନିବେଶକ ସଚେତନତା ଭଳି ବିଷୟକୁ ଅନ୍ତର୍ଭୁକ୍ତ କରି ଛାତ୍ରଛାତ୍ରୀଙ୍କ ପାଇଁ ନିବେଶ ଧାରଣାକୁ ସରଳ କରିଥିଲେ। ପୁଂଜି ବଜାରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ କରିବାରେ ନିବେଶକ ଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ, ସିଡିଏସଏଲ ଆଇପିଏଫ ନିବେଶକମାନଙ୍କୁ ପୁଂଜି ବଜାରର ଜଟିଳତାକୁ ଆତ୍ମବିଶ୍ୱାସର ସହ ଅତିକ୍ରମ କରିବା ଏବଂ ଏକ ଆତ୍ମନିର୍ଭର ନିବେଶକ ହେବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଆର୍ଥିକ ସାକ୍ଷରତା ପ୍ରସାର ପାଇଁ ପ୍ରତିଶ୍ରୁତିବଦ୍ଧ ସିଡିଏସଏଲ ଆଇପିଏଫ ଚଳିତ ବର୍ଷ ଦେଶବ୍ୟାପୀ ଅଧିକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବ।

# ଏଣିକି ଚାଷୀଙ୍କୁ ୫ ଟଙ୍କାରେ ବିଜୁଳି ମିଳିବ

ଭୋପାଳ: ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଚାଷୀମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି। ସେ ଏଣିକି ୫ ଟଙ୍କାରେ ଚାଷୀଙ୍କୁ ସ୍ଥାୟୀ ବିଜୁଳି ପ୍ରଦାନ ନେଇ ପ୍ରକାଶ କରିଛନ୍ତି। ତେବେ ଏହି ଯୋଜନା ପ୍ରଥମେ କେନ୍ଦ୍ରୀୟ ଅଞ୍ଚଳ ଓ ପରେ ପଶ୍ଚିମାଞ୍ଚଳକୁ ଦିଆଯିବ। ରାଜଧାନୀ ଭୋପାଳରେ ଆୟୋଜିତ କିଷାନ ସମ୍ମାନ ଆଭାରର ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରି ଏହା କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ସରକାର ସୋଲାର ପମ୍ପ ମାଧ୍ୟମରେ ଚାଷୀମାନଙ୍କୁ ବିଦ୍ୟୁତ୍ ଯୋଗାଇଦେବାର ଯୋଜନା କରିଛନ୍ତି ଓ ଆଗାମୀ ତିନି ବର୍ଷ ମଧ୍ୟରେ ୩୦ ଲକ୍ଷ ସୋଲାର ପମ୍ପ ଯୋଗାଇ ଦିଆଯିବ। ଯେଉଁ ଚାଷୀ ମାନେ ସୌର ଶକ୍ତି ଉତ୍ପାଦନ କରିବେ ସେମାନଙ୍କ ଠାରୁ ସରକାର ବିଦ୍ୟୁତ କିଣିବା ନେଇ ମଧ୍ୟ କହିଛନ୍ତି। ତେବେ ବର୍ତ୍ତମାନ ଚାଷୀଙ୍କୁ ସେମାନଙ୍କର ଚାଷ ପାଇଁ ବ୍ୟବହାର ହେଉଥିବା ସ୍ଥାୟୀ ବିଦ୍ୟୁତ ସଂଯୋଗ ଲାଗି ଅତି କମରେ ୭୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଅପରପକ୍ଷରେ ସେଠାରେ ଚାଷୀମାନଙ୍କ ପାଖରେ ଉଭୟ ସ୍ଥାୟୀ ଓ ଅସ୍ଥାୟୀ ବିଦ୍ୟୁତ ସଂଯୋଗର ବ୍ୟବସ୍ଥା ମଧ୍ୟ ଅଛି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଡାକ୍ତର ମାୟାଧର ପଣ୍ଡା
ଗଳଗଣ୍ଡପୁର, ବିଲଣା, ତିହିଡ଼ି, ଭଦ୍ରକ
ଆବିର୍ଭାବ : ୨୨.୦୮.୧୯୩୮
ତିରୋଧାନ : ୦୨.୦୩.୨୦୨୪

ଚାହିଁ ଚାହିଁ ୧ବର୍ଷ ବିତିଗଲା, ହଠାତ୍ ତୁମେ ଆମ ହାତ ଛାଡ଼ି ଚାଲିଯିବ ବୋଲି ଆମେ ଭାବି ନଥିଲୁ। ତୁମ କଥା ସବୁବେଳେ ମନେ ପଡିଯାଉଛି। ଆପଣଙ୍କ ନୀତି, ଆଦର୍ଶ, ପ୍ରେରଣା, ତ୍ୟାଗ, ସ୍ନେହଶ୍ରଦ୍ଧା, ଜୀବନ ସଜାଡ଼ିବାର ପଥ, ମଣିଷପଣିଆ କାର୍ଯ୍ୟ, ବ୍ୟକ୍ତିତ୍ୱ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅଧୁରା କାମକୁ ପୂରା କରିବାକୁ ଆମକୁ ସଦା ଆଶୀର୍ବାଦ ଦେଉଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ହତଭାଗ୍ୟ ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭଉଣୀ, ଭିଣୋଇ, ନାତି, ନାତୁଣୀ ଏବଂ ପଣ୍ଡା ପରିବାର ଓ ବନ୍ଧୁବର୍ଗ।



ଦୁବାଇ: ନେଟ୍ ବୋଲର ଯଶକିରଣ ସିଂହଙ୍କ ପାଇଁ ଶନିବାର ଥିଲା ଏକ ସ୍ୱତନ୍ତ୍ର ଦିନ। ଭାରତୀୟ ଦଳର ଅଭ୍ୟାସ ପରେ ପରେ ହଠାତ୍ ତାଙ୍କୁ ମିଳିଥିଲା ସ୍ୱତନ୍ତ୍ର ଉପହାର। ଦୁବାଇସ୍ଥିତ ଆଇସିସି କ୍ରିକେଟ୍ ଏକାଡେମିରେ ବୋଲିଂ କରୁଥିଲା ବେଳେ ଭାରତୀୟ ଶୀର୍ଷକ୍ରମ ବ୍ୟାଟହ ଶ୍ରେୟସ୍ ଆୟର ହଠାତ୍ ପାଖକୁ ଆସି ହଳେ ଜୋତା ଉପହାର ଦେଇଥିଲେ ତାଙ୍କୁ । ଯାହାକୁ ପାଇ ଯଶକିରଣଙ୍କ ଖୁସିର ସୀମା ରହି ନଥିଲା। ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେଲେ ମଧ ଯଶକିରଣ ହେଉଛନ୍ତି ଜଣେ ସଚ୍ଚା କ୍ରିକେଟ୍ ପ୍ରଶଂସକ। ଚାମ୍ପିଅନ୍ସ ଟ୍ରଫି ଅବସରରେ ଆଇସିସି ପକ୍ଷରୁ ତାଙ୍କୁ ନେଟ୍ ବୋଲର ଭାବେ ନିଯୁକ୍ତି ଦିଆଯାଇଛି। ସେ ପାକିସ୍ତାନ ଓ ବାଂଲାଦେଶ ବ୍ୟାଟହଙ୍କୁ ବୋଲିଂ କରିବାର ସୁଯୋଗ ପାଇଥିଲେ। ହେଲେ ଭାରତୀୟ ବ୍ୟାଟରଙ୍କୁ ବୋଲିଂ କରି ପାରି ନଥିଲେ। ଏହି ଦୁଃଖକୁ ଶ୍ରେୟସ୍ଙ୍କ ଉପହାର ଦୂର କରିଦେଇଛି। ଏହି ଘଟଣାକୁ 'ଏକ୍ସ' ପୃଷ୍ଠାରେ ପ୍ରକାଶ କରି ଉଲ୍ଲସିତ ଯଶକିରଣ କହିଛନ୍ତି, ମୁଁ ଲଙ୍ଗ ଅଫ୍‌ରେ ଫିଲ୍ଡିଂ କରୁଥିଲା ବେଳେ ଶ୍ରେୟସ୍ ଭାଇ ମୋ ପାଖକୁ ଆସି ହାଲଚାଲ୍ ପଚାରି ବୁଝିଥିଲେ। ତା' ପରେ ତୁମ ଜୋତା ସାଇଜ୍ କେତେ ବୋଲି ଜାଣିବାକୁ ଚାହିଥିଲେ। ମୁଁ କହିଥିଲି ୧୦। କିଛି ସମୟ ପରେ ସେ ହଳେ ଜୋତା ଆଣି ମୋତେ ଦେଇଥିଲେ। ଏହା ନିଶ୍ଚିତ ଭାବେ ମୋ ପାଇଁ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଭାରତୀୟ ବ୍ୟାଟରଙ୍କୁ ବୋଲିଂ ନକରିପାରିବାର ଦୁଃଖ ଶ୍ରେୟସ୍ ଭାଇଙ୍କଠାରୁ ଏହି ଉପହାର ପାଇ ପୂରା ଦୂର ହୋଇଯାଇଥିଲା

### ଚାମ୍ପିୟନ୍ସ ଟ୍ରଫି: ନ୍ୟୁଜିଲାଣ୍ଡକୁ ୪୪ ରନ୍‌ରେ ହରାଇଲା ଇଣ୍ଡିଆ

# ଅଷ୍ଟ୍ରେଲିଆ ସହିତ ଭାରତର ସେମିଫାଇନାଲ୍



ଦୁବାଇ: ରବିବାର ଶେଷ ଲିଗ୍ ମ୍ୟାଚ୍ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ୪୪ ରନ୍‌ରେ ଭାରତ ଜିତି ନେଇଛି। ଏଥିସହ ସେମିଫାଇନାଲ ଲାଇନ ଅପ ଚୂଡାନ୍ତ ହୋଇଛି । ଭାରତ-ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା-ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ପ୍ରବେଶ ନେଇ ମୁକାବିଲା ହେବ । ଭାରତ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୫୦ ରନର ଟାର୍ଗେଟ ଦେଇଥିଲା। ଶ୍ରେୟାଶ ଆୟାର ସର୍ବାଧିକ ୭୯ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ୪୨ ଓ ହାର୍ଦ୍ଦିକ ପାଣ୍ଡ୍ୟା ୪୫ ରନ କରିଥିଲେ । ମାଟ୍ଟ ହେନେରୀ ସର୍ବାଧିକ ୫ଟି ୱିକେଟ ନେଇଥିଲେ । ନ୍ୟୁଜିଲାଣ୍ଡ ୪ ୱିକେଟ ବିନିମୟରେ ୧୩୩ ରନ କରି ଭଲ ସ୍ଥିତିରେ ରହିଥିଲା । ଏହା ପରେ ଭାରତୀୟ ସ୍ପିନର ଉଚିତ ମୁକାବିଲା କରି ନ ପାରି ଦଳ ୪୫.୩ ଓଭରରେ ୨୦୫ ରନ କରି ଅଲଆଉଟ ହୋଇ ଯାଇଥିଲା । କେନ ୱିଲିୟମସନ ୮୧ ରନ କରିଥିଲେ । ଭାରତ ପକ୍ଷରୁ ବରୁଣ ସର୍ବାଧିକ ୫ଟି ୱିକେଟ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଲଦୀପ ଯାଦବ ୨ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ପ୍ରଭାବୀ ପ୍ରଦର୍ଶନ ପାଇଁ ବରୁଣ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗ୍ରୁପ୍-ଏ ରେ ଭାରତ ଶୀର୍ଷରେ ରହିଛି।

## ତିନିଶହ ମ୍ୟାଚ୍ ଖେଳିଲେ କୋହଲି




ଦୁବାଇ: ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଟିମ୍ ଇଣ୍ଡିଆର ଲଗାତାର ଦୁଇ ମ୍ୟାଚ୍ ଜିତି ସେମି ଫାଇନାଲରେ ପ୍ରବେଶ କରିଛି। ରବିବାର ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ଇଣ୍ଡିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ଫର୍ମାଟରେ ବିରାଟ୍ ୩୦୦ ତମ ମ୍ୟାଚ୍ ଖେଳି ଏକ ବଡ ସଫଳତା ହାସଲ କରିଛନ୍ତି। ସେ ସପ୍ତମ ଭାରତୀୟ କ୍ରିକେଟର ଏହି ଖ୍ୟାତି ଅର୍ଜନ କରିଛନ୍ତି। ବିରାଟ କୋହଲି ୨୦୦୮ ଅଗଷ୍ଟ ୧୮ ତାରିଖରେ ଇଣ୍ଟର ନ୍ୟାଶନାଲ କ୍ରିକେଟରେ ଡେବ୍ୟୁ କରିଥିଲେ । ଏହା ପରେ ସେ ଆଉ ପଛକୁ ଫେରି ଦେଖିନାହାନ୍ତି । ଦିନିକିଆ ଫର୍ମାଟରେ ଅନେକ ରେକର୍ଡ ଭାଙ୍ଗିଛନ୍ତି ବିରାଟ୍ । ସେହିପରି ଟେଷ୍ଟ ଏବଂ ଟି-୨୦ ଫର୍ମାଟରେ ମଧ କୋହଲିଙ୍କ ଜବରଦସ୍ତ ପ୍ରଦର୍ଶନ ରହିଛି । ୫୦ ଓଭର ପ୍ରଦର୍ଶନ ଉପରେ ନଜର ପକାଇଲେ, ଏହା ବିରାଟଙ୍କ ସବୁଠୁ ପସନ୍ଦର ଫର୍ମାଟ୍ ବୋଲି ମନେ ହୁଏ । ପ୍ରାୟ ୧୫ ବର୍ଷରୁ ଅଧିକ ସମୟ ଧରି ଦିନିକିଆରେ ବିରାଟ କୋହଲି ଅନେକ ରେକର୍ଡ ସୃଷ୍ଟି କରିଛନ୍ତି । ସେଥିପାଇଁ ତାଙ୍କୁ ଚେଜ୍ ମାଷ୍ଟର ଆଖ୍ୟା ମଧ ମିଳିଛି । ଦିନିକିଆ ଫର୍ମାଟରେ ବିରାଟଙ୍କ ସର୍ବଶ୍ରେଷ୍ଠ ସ୍କୋର ୧୮୩ ରନ୍ ରହିଛି । ଦିନିକିଆରେ ରନ୍ ସଂଗ୍ରହ କରିବାରେ ବିରାଟ ତୃତୀୟ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଶ୍ରୀଲଙ୍କାର ୱିକେଟ୍ କିପର ବ୍ୟାଟର କୁମାର ସାଙ୍ଗାକାରା ରହିଛନ୍ତି । ସେହିପରି ୧୮, ୪୨୬ ରନ ସହ ପ୍ରଥମ ସ୍ଥାନରେ ରହିଛନ୍ତି ସଚିନ୍ ତେନ୍ଦୁଲକର ।

# ରଣଜୀ ଟ୍ରଫି : ବିଦର୍ଭ ଚାମ୍ପିଅନ୍



ନାଗପୁର: ତୃତୀୟ ଥର ପାଇଁ ବିଦର୍ଭ ଟିମ୍ ରଣଜୀ ଟ୍ରଫି ୨୦୨୫ ଟାଇଟଲ ଜିତିଛି। ମାଚ୍ୟ ଡ୍ର ସତ୍ତ୍ୱେ ଅଗ୍ରଣୀ ଭିତ୍ତିରେ ଚାମ୍ପିଅନ୍ ହୋଇଛି। ନାଗପୁରର ଭିସିଏ ଷ୍ଟାଡିୟମ୍‌ରେ ଚାଲିଥିବା କେରଳ ବିପକ୍ଷ ଫାଇନାଲ୍‌ର ପଞ୍ଚମ ଦିନ ଡ୍ର ରହିଥିଲା। ପୂର୍ବରୁ ବିଦର୍ଭ ୨୦୧୭-୧୮ ଏବଂ ୨୦୧୮-୧୯ରେ କ୍ରମାଗତ ଦୁଇଟି ସିଜିନରେ ବିଜେତା ହୋଇଥିଲା। ତେବେ ପୁଣି ୬ଟି ସିଜିନ ପରେ ମହାମୁକୁଟ ହାସଲ କରିଛି। ଜାତୀୟ ଦଳରୁ ଉପେକ୍ଷିତ କରୁଣ ନାୟାର ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୨୩ତମ ଏବଂ ଚଳିତ ଋତୁରେ ଚତୁର୍ଥ ଶତକ ହାସଲ କରିବା ସହ ଆଉ ଏକ ସଫଳ ଋତୁ ଶେଷ କରିବାକୁ ଯାଉଛନ୍ତି। କିଛି ବର୍ଷ ତଳେ କେରଳ ପାଇଁ ଡାକରା ପାଇଥିବା ଏହି ଖେଳାଳି ଏବେ ସେହି ରାଜ୍ୟ ବିପକ୍ଷରେ ଶତକ ହାସଲ କରିଛନ୍ତି। କେରଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବିଦର୍ଭର ଦାନିଶ ମାଲେୱାର ୧୫୩ ସହ ଏକ ଚମତ୍କାର ଶତକ ଏବଂ କରୁଣ ନାୟାରଙ୍କ ୮୬ ରନ୍‌ର ଇନିଂସ ବଳରେ ୩୭୯ ରନ କରିଥିଲା। ଜବାବରେ କେରଳ ସଚିନ ବେବି (୯୮) ଏବଂ ଆଦିତ୍ୟ ସର୍ବତେ (୭୯)ଙ୍କ ଇନିଂସ ଯୋଗୁଁ ୩୪୨ ରନ କରିଥିଲା। ବିଦର୍ଭ ଏଠାରେ ୩୭ ରନର ଲିଡ୍ ପାଇଥିଲା। ତା'ପରେ ଦ୍ୱିତୀୟ ଇନିଂସରେ, କରୁଣ (୧୩୫) ଏବଂ ଦାନିଶ (୭୩)ଙ୍କ ଇନିଂସ ବଳରେ ବିଦର୍ଭ ୩୭୫ ରନ କରିଥିଲା।

### ଦୁବାଇ ଟେନିସ୍ ଚାମ୍ପିଅନ୍ସସିପ୍

# ଇଣ୍ଡୋ-ଅଷ୍ଟ୍ରେଲୀୟ ପୁରୁଷ ଯୋଡ଼ି ଚାମ୍ପିଅନ୍



ଦୁବାଇ: ଦୁବାଇ ଟେନିସ୍ ଚାମ୍ପିଅନ୍ସସିପ୍-୨୦୨୫ରେ ଭାରତର ଯୁକି ଭାମ୍ବ୍ରି ଓ ଅଷ୍ଟ୍ରେଲିଆର ଆଲେକ୍ସି ପପିରିନ୍ ଯୋଡ଼ି ସଫଳତା ଅର୍ଜନ କରି ଚାମ୍ପିଅନ୍ ହୋଇଛନ୍ତି। ଫାଇନାଲ୍ ମୁକାବିଲାରେ ଉଭୟ ୩-୬, ୭-୬ (୧୪-୧୨), ୧୦-୮ ସେଟ୍‌ରେ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିଅନ୍ ତଥା ଦ୍ୱିତୀୟ ସିଡ୍ ହ୍ୟାରୀ ହେଲିଓଭାରା ଓ ହେନରୀ ପ୍ୟାଟେନ ଯୋଡ଼ିଙ୍କୁ ପରାସ୍ତ କରିଥିଲେ । ଏହି ମ୍ୟାଚ୍ ଜିତିବା ପାଇଁ ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ିଙ୍କୁ ୧ ଘଣ୍ଟା ୫୩ ମିନିଟ୍ ଲାଗିଥିଲା। ଭାମ୍ବ୍ରି-ପପିରିନ୍ ଯୋଡ଼ି ପ୍ରଥମ ସେଟ୍ ପରାଜିତ ହେବା ପରେ ଦ୍ୱିତୀୟ ସେଟ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ । ଉଭୟ ୪ଟି ଚାମ୍ପିଅନ୍ସ ପଏଣ୍ଟ ବଞ୍ଚାଇବା ସହ ଟାଇବ୍ରେକରରେ ଏହି ସେଟ୍ ଜିତି ସ୍ଥିତି ବରାବର କରିଥିଲେ। ନିର୍ଣ୍ଣାୟକ ସେଟ୍ ମଧ୍ୟ ସଂଘର୍ଷପୂର୍ଣ୍ଣ ହୋଇଥିଲା । ମାତ୍ର ଭାମ୍ବ୍ରି-ପପିରିନ୍ କୌଣସି ତ୍ରୁଟି ନକରି ବିଜୟ ହାସଲ କରିଥିଲେ । ଭାମ୍ବ୍ରିଙ୍କ କ୍ୟାରିୟରରେ ଏହା ପ୍ରଥମ ଏଟିପି ୫୦୦ ଏବଂ ଚତୁର୍ଥ ଏଟିପି ଟାଇଟଲ୍ ରହିଥିଲା । ସୂଚନାଯୋଗ୍ୟ, ଭାମ୍ବ୍ରି-ପପିରିନ୍ ପ୍ରଥମ ରାଉଣ୍ଡରେ ବିଶ୍ୱର ଏକ ନମ୍ବର ଯୋଡ଼ି ମାର୍ସେଲୋ ଆରେଭାଲୋ ଓ ମ୍ୟାଟ୍ ପାଭିକ୍‌ଙ୍କୁ ହରାଇ ଦୁବାଇ ଓପନରେ ଅଭିଯାନ ଆରମ୍ଭ କରିଥିଲେ ।

### ୧୯ତମ ଶିମିଳିପାଳ ମହୋତ୍ସବ ସମାରୋହ

# ମିନି ମାରାଥନ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀଙ୍କ ୨ଦିନିଆ ମୟୂରଭଞ୍ଜ ଗସ୍ତର ରବିବାର ହେଉଛି ଶେଷ ଦିନ। ରବିବାର ଦିନ ସକାଳୁ ଯଶିପୁର ସ୍ଥିତ ରାମତ୍ରିର୍ଥ ଠାରେ ଶିମିଳିପାଳ ମହୋତ୍ସବର ମିନି ମାରାଥନ କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ସୂଚନା ଅନୁଯାୟୀ ଶନିବାର ଉଦଳାର ପ୍ରଗତି ପଥେ ମୟୂରଭଞ୍ଜର ଖୀଚିଂ ମହୋତ୍ସବରେ ଯୋଗଦେବା ପରେ ଯଶିପୁର ସ୍ଥିତ ରାମତୀର୍ଥ ଠାରେ ରାତ୍ରୀ ଯାପନ କରିଥିଲେ। ଏହାପରେ ରବିବାର ସକାଳ ୮ ଘଟିକା ୩୦ମିନିଟ୍ ସମୟରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ରାମତିର୍ଥ ପରିସରରେ ୧୯ତମ ଶିମିଳିପାଳ ମହୋତ୍ସବର ଶ୍ରୁତି ଉଦ୍ଦେଶ୍ୟରେ ଏକ ଅଶୋକ ଗଛ ଲଗାଇଥିଲେ। ଏହାପରେ ଶିମିଳିପାଳ ମହୋତ୍ସବର ମିନି ମାରଥାନର ଆୟାଜନ ହୋଇଥିବାକୁ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ସମାରୋହ ଉତ୍ସବ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନାବ ଚରଣ ମାଝି, ସାରସକଣା ବିଧାୟକ, ଶିମିଳିପାଳ ଏସିଏଫ ପ୍ରକାଶ ଚାନ୍ଦ ଗଗନାନୀ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ସମେତ ବହୁ ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୋଏଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ୍ ଅଧିକାରୀ, କର୍ମଚାରୀ ମନ୍ତ୍ରୀଙ୍କ ସୁରକ୍ଷାରେ ନିୟୋଜିତ ଥିଲେ ଏବଂ ପରେ କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି ମୁଖ୍ୟମନ୍ତ୍ରୀ। ଆଜିର ଏହି ମିନି ମାରାଥନରେ ୫୦୦ରୁ ଅଧିକ ଯୁବକ ଯୁବତୀ ମାନେ ଭାଗ ନେଇଥିବା ଦେଖିବାକୁ ମିଳିଥିବା ବେଳେ ଏହି ମମୋତ୍ସବ ସମାରୋହ ରବିବାର ଠାରୁ ଆରମ୍ଭ ହୋଇ ସୋମବାର ଶେଷ ହେବ ବୋଲି ଶିମିଳିପାଳ ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ସୁନ୍ଦରିଆ ଚାମ୍ପିଅନ୍



ଧର୍ମଶାଳା (ଭାସ୍କର ନ୍ୟୁଜ୍) : ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ସ୍ଥିତ ଶ୍ୟାମସୁନ୍ଦରଜୀଉ ଖେଳପଡିଆଠାରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ଅବସରରେ ଏମ୍‌ସିସି କଣ୍ଟିଗଡିଆ ଏବଂ ଏନ୍‌ଏଲ୍‌ୱାଇସି ସୁନ୍ଦରିଆ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । କଂଟିଗଡିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସୁନ୍ଦରିଆ ଦଳ ୩ ୱିକେଟ ହରାଇ ୧୧ ଓଭରରେ ୧୭୯ ରନ୍ ସଂଗ୍ରହ କରି ଚମ୍ପିଆନ ହୋଇଥିଲା । ପୂର୍ବାହ୍ନରେ ଦୁଇଗୋଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମିର୍ଜାପୁର ଏବଂ ସୁନ୍ଦରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରିଆ ବିଜୟୀ ହେବା ସହିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗଙ୍ଗାଧରପୁର ଏବଂ କଂଟିଗଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କଂଟିଗଡିଆ ବିଜୟୀ ହୋଇ ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସ୍ୱରୁପାନନ୍ଦ ପଣ୍ଡା ମୁଖ୍ୟଅତିଥି ଏବଂ ବିଶିଷ୍ଟ ସମାଜସେବିକା ମୀନତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ସୁନ୍ଦରିଆ ଟିମ୍‌କୁ ଚମ୍ପିୟନ ଟ୍ରଫି କରିଥିବା ବେଳେ ପ୍ରରାଜିତ କଣ୍ଟିଗଡ଼ିଆ ଟିମ୍‌କୁ ରନସ୍ ଟ୍ରଫ୍ ପ୍ରଦାନ ରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବେଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଆଜିର ଖେଳକୁ ଗୋକୁଳାନନ୍ଦ ମହାପାତ୍ର, ମୃତ୍ୟୁଞ୍ଜୟ ବରାଳ, ହଳଧର ଓଝା ଖେଳକୁ ପରିଚାଳନା କରିଥିଲେ। ଅମିତ ସାମଲ ଶ୍ରେଷ୍ଠ ଫିଲ୍‌ଡର ତଥା ମ୍ୟାନ୍ ଅଫ ଦି ସିରିଜ, ସିପୁନ କୁମାର ପାଣ୍ଡିଆ ଶ୍ରେଷ୍ଠ ବୋଲର, ଅପୂର୍ବ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସାଗର କୁମାରଙ୍କୁ ଶ୍ରେଷ୍ଠ ବ୍ୟାଷ୍ଟସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମନ୍ତ୍ରଣ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ଗଲ୍ଫ କ୍ଲବର ୨୪ ତମ ବାର୍ଷିକ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଗତ ମାର୍ଚ୍ଚ ୧ ଓ ୨ ତାରିଖ ଦୁଇଦିନ ଧରି ପାରାଦୀପ ପୋର୍ଟ ଗଲ୍ଫ ପଡିଆରେ ଆୟୋଜିତ ହୋଇଯାଇଛି। ପାରାଦୀପ ଗଲ୍ଫ କ୍ଲବ ଏବଂ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ଗଲ୍ଫ କ୍ଲବର ଅଜୟ କୁମାର ସାହୁ ସାମଗ୍ରିକ ଭାବେ ଚାମ୍ପିୟନ ହୋଇଥିବା ବେଳେ ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ଚନ୍ଦ୍ର ସୁତାର ହାଣ୍ଡିକାପ ୦-୧୨ ବର୍ଗରେ ଚାମ୍ପିୟନ ହୋଇଥିଲେ। ସେହିପରି ୧୩-୧୮ ହାଣ୍ଡିକାପରେ ପାରାଦୀପ କ୍ଲବର ଓସ୍କାର ଡୁଙ୍ଗଡୁଙ୍ଗ, ୧୯-୨୪ ହାଣ୍ଡିକାପରେ ଭୁବନେଶ୍ୱର କ୍ଲବର ଦେବୀପ୍ରସାଦ ଶତପଥି ଓ ମହିଳା ପୁଟିଙ୍ଗ ବିଭାଗରେ ପାରାଦୀପର ଆଞ୍ଜେଲା ଡୁଙ୍ଗଡୁଙ୍ଗ ଚାମ୍ପିୟନ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ପାରାଦୀପ ଗଲ୍ଫ କ୍ଲବର କାର୍ଯ୍ୟକାରୀ ସଭାପତି ବବୁଲ ସିକଦାର, ସମ୍ପାଦକ ମନୋଜ କୁମାର ମହନ୍ତ, ପାରାଦୀପ ଗଲ୍ଫ କ୍ଲବର ଅଧିନାୟକ ଏ.ସି.ସୁତାର, ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ୯ ଟି ଅଗ୍ରଣୀ ଗଲ୍ଫ କ୍ଲବର ୭୭ ଜଣ ଗଲ୍ଫ ଖେଳାଳି ଅଂଶଗ୍ରହଣ କରିଥିଲେ।

### ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଭଦ୍ରକ ୟୁନିକ୍ ୧୧ ଚାମ୍ପିଅନ୍



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ଅନୁଷ୍ଠିତ ହରମୋହନ ମହାପାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚଳିତ ବର୍ଷ ଭଦ୍ରକ ୟୁନିକ୍ ଇଲେଭେନ ଚାମ୍ପିଅନ ହୋଇଛି। ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ଓ ଭଦ୍ରକ ୟୁନିକ୍ ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଥିଲା। ଆଦର୍ଶ କ୍ଲବ ଟସ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୟୁନିକ୍ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୭୭ ରନ ସ୍କୋର କରିଥିଲା। ଦଳର ବ୍ୟାଟ୍ସମ୍ୟାନ ଅବିନାଶ ସିଂ ୮୦ ରନ ଓ ଅମିତ ସାହୁ ୪୬ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ନଜରୁଲ ଖାଁ ୪ ଓଭର ବୋଲିଂ କରି ୫୧ ରନ ଦେଇ ୪ ଉଇକେଟ ଓ ମାତୃଦତ୍ତ ଦାସ ୪ ଓଭର ବୋଲିଂ କରି ୪୧ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଜବାବରେ ବାଲେଶ୍ୱର ଆଦର୍ଶ କ୍ଲବ ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ରନରସପ ଦଳ ଭାବେ ସନ୍ତୁଷ୍ଟ ହୋଇଥିଲା। ଦିବ୍ୟଶକ୍ତି ଚକ୍ରବର୍ତ୍ତି ୪୬ ରନ ହାସଲ କରିଥିଲେ। ବିପକ୍ଷ ବୋଲର କିଶାନ ମନୋହର ୪ ଓଭର ବୋଲିଂ କରି ୨୪ ରନ ଦେଇ ୩ ଉଇକେଟ ଓ ଜୀବନଜ୍ୟୋତି ଜେନା ୩ ଓଭର ବୋଲିଂ କରି ୧୭ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ଅବିନାଶ ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମଚନ୍ଦ୍ର ଦାଶ ଓ ଦେବବ୍ରତ ଦାସ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ଓ ଜ୍ୟୋତିରଞ୍ଜନ ଦେ ସ୍କୋରର ଓ ପ୍ରଦୀପ ଜେନା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଖେଳ ଶେଷରେ ସାଜସେବୀ ଗୋଲକ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣୀତ୍ କାନ୍ତି ସାମଲ, ସରପଞ୍ଚ ମିନତୀ ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସମାଜସେବୀ ବିକ୍ରମ ମହାପାତ୍ର, ଗିରିଶ ସାମଲ ଶ୍ରୀକାନ୍ତ ପାଇକରାୟ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବିଜୟ ଶଙ୍କର ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନରସପ ଦଳ ସମେତ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ।

### ଯୁବା ବାସ୍କେଟ୍‌ବଲ୍ ଓପନ୍ ପ୍ରତିଯୋଗିତା ଉଦ୍‌ଯାପିତ

# ମେଟ୍ରୋ ରେଲ୍‌ୱେ କୋଲକାତା ଚାମ୍ପିଅନ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କ୍ରୀଡା କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଗଢ଼ି ଉଠିଥିବା ସନ୍‌ସାଇନ୍ ଯୁବା ବାସ୍କେଟବଲ୍ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ସହିଦନଗର ସ୍ଥିତ ଇମ୍ପା ପାର୍କଠାରେ ଆୟୋଜିତ ୧୪ତମ ଯୁବା ବାସ୍କେଟ ବଲ୍ ଓପନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାକୁ ବିଶିଷ୍ଟ ସମାଜସେବୀ ନାରାୟଣ ପାତ୍ର ଉଦ୍‌ଘାଟନ କରିବା ସହ କୃତି କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଚାମ୍ପିଅନ୍ ଟିମ୍ ମେଟ୍ରୋ ରେଲ୍‌ୱେ କୋଲକାତାକୁ ପୁରସ୍କୃତ କରାଯିବା ସହ ୩୫ହଜାର ନଗଦ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିଶୁ କ୍ରୀଡାବିତ୍ ବାଦଲ ନାୟକ, ଓମ୍ ସ୍ଥିତପ୍ରଜ୍ଞ ଏବଂ ଅନ୍ୱେଷା ସୁବୁଦ୍ଧିଙ୍କୁ ସେମାନଙ୍କ କୃତି ପାଇଁ ମଧ ପ୍ରୋତ୍ସାହିତ କରାଯିବା ସହ ସମ୍ମାନୀତ କରାଯାଇଥିଲା। ଗତ ୨୮ତାରିଖରୁ ଆରମ୍ଭ ହୋଇଥିବା ଏହି ବାସ୍କେଟବଲ ପ୍ରତିଯୋଗିତାରେ ମୋଟ ୪ଟି ଗ୍ରୁପ୍‌ରେ ୧୨ଟି ଟିମ୍ ଭାଗ ନେଇଥିଲେ। ଘରୋଇ ଦଳ ସନ୍‌ସାଇନ୍ ଯୁବା ବାସ୍କେଟବଲ୍ ଟିମ୍ ରନର୍ସଅପ୍ ଟ୍ରଫି ଅକ୍ତିଆର କରିଥିଲା। ସେହିପରି ଛତିଶଗଡ ବିଳାସପୁରର ନିକେତନ ସ୍ପୋର୍ଟସ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜାନା ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ବିଶ୍ୱନାଥ ମହାପାତ୍ର, ସମାଜସେବୀ ରୁଦ୍ର ସାମନ୍ତରାୟ, କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାସ, ବିଶ୍ୱରଂଜନ ରାୟ, ଦୀପଙ୍କର ମହାପାତ୍ର, ଅନୁଷ୍ଠାନର ସଭାପତି ବିଶ୍ୱଜିତ୍ ମହାନ୍ତି, ସଂପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, ହରିଶ ପ୍ରସାଦ ରଥ, ବିଶ୍ୱପ୍ରକାଶ ମହାନ୍ତି, କେଶବେ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷର ଟୁର୍ଣ୍ଣାମେଣ୍ଟ ସଫଳ ହୋଇଥିବାରୁ ସନ୍‌ସାଇନ ଯୁବା ବାସ୍କେଟବଲ୍ କ୍ଲବ୍‌ର କର୍ମକର୍ତ୍ତା ଓ ସମସ୍ତ କ୍ରୀଡାବିତ୍‌ଙ୍କୁ ଅନୁଷ୍ଠାନର ଉପଦେଷ୍ଟା ସରୋଜ କୁମାର ପାତ୍ର ସାଧୁବାଦ ଜଣାଇଛନ୍ତି।



କାକୁଡ଼ି କେବଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ, ବରଂ ଏଥିରେ ଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ । ଏହାକୁ ବ୍ୟବହାର କରିବାର ଉପାୟ ଜାଣନ୍ତୁ...ଫ ପ୍ରଥମେ କାକୁଡ଼ିକୁ ଭଲ ଭାବେ ଗ୍ରାଇଣ୍ଡ କରି ସେଥିରେ ଅଳ୍ପ ଓଟ୍‌ମିଲ୍ ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହା ସନବର୍ନ ଏବଂ ଟ୍ୟାନ୍ ଦୂର କରିବା ଲାଗି ସବୁଠୁ ଭଲ ଉପାୟ। କାକୁଡ଼ିର ଚୋପା ଏବଂ ମଞ୍ଜି ବାହାର କରି ଅବଶିଷ୍ଟ ଅଂଶରେ ଗୋଟିଏ ଅଣ୍ଡାର ଧଳା ଭାଗ ଭଲ ଭାବେ ବାଟି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହା ଖରାରେ ହୋଇଥିବା ଟ୍ୟାନ୍ ଦୂର କରି ତ୍ୱଚାର ଉଜ୍ଜ୍ୱଳତା ବଢାଇଥାଏ। ଏଥିରେ ଆପଣ ଚାହିଁଲେ କିଛି ପୋଦିନା ପତ୍ର ମଧ ମିଶାଇ ଗ୍ରାଇଣ୍ଡ କରିପାରିବେ। କାକୁଡ଼ିକୁ ପତଳା କାଟି ମୁହଁ ଏବଂ ଆଖି ଉପରେ ରଖିବା ଦ୍ୱାରା ମଧ କଳାଦାଗ ସହଜରେ ଦୂର ହୋଇଥାଏ। କାକୁଡ଼ିକୁ ଖରାଦିନେ ଟୋନର ଭାବେ ବ୍ୟବହାର କରିବା ଦ୍ୱାରା ଟ୍ୟାନ୍ ସମସ୍ୟା ଦୂର ହୋଇଥାଏ। ଏଥିପାଇଁ କାକୁଡ଼ିର ଚୋପା ଛଡ଼ାଇ ଏହାକୁ ଗ୍ରାଇଣ୍ଡ କରିବା ପରେ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ଏହାକୁ ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ ନଚେତ୍ ତୁଳାରେ ନେଇ ମୁହଁରେ ଲଗାନ୍ତୁ। ଏହା ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ହେବାକୁ ଦେଇ ନ ଥାଏ।





## ରାତିରେ ଅଧିକ କାଶ ହେଉଛି କି? ଆପଣାନ୍ତୁ ଏହି ଘରୋଇ ଉପଚାର

*ବର୍ତ୍ତମାନର ଏହି ପରିବର୍ତ୍ତିତ ପାଗ ସମୟରେ ଲୋକମାନେ ବିଭିନ୍ନ ପ୍ରକାରର ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯାହା ହେଉଛି ଥଣ୍ଡା, କାଶ, ଜ୍ୱର ଇତ୍ୟାଦି । ଆପଣମାନେ ଜାଣିଥିବେ ଯେ ଅଧିକ ଥଣ୍ଡା ହୋଇଗଲେ ନାକରୁ ପାଣି ବାହାରିବା ଆରମ୍ଭ ହୋଇଥାଏ ଏବଂ କଫ ଜମିଯାଏ । ଯାହା ଦ୍ୱାରା ବହୁତ କଷ୍ଟ ମଧ ହୋଇଥାଏ । ଏଥି ସହ କାଶ ମଧ ବହୁତ୍ ହୋଇଥାଏ, କାଶିବା ସମୟରେ ଛାତିରେ ଯନ୍ତ୍ରଣା ହୋଇଥାଏ । ବେଳେବେଳେ ଏପରି କାଶ ହୁଏ ଆମେ ଠିକ୍ ଭାବରେ ଶୋଇପାରି ନଥାନ୍ତି । ରାତିସାରା କାଶିବା ଯୋଗୁଁ ଗଳା ଯନ୍ତ୍ରଣା ହୋଇଥାଏ ଏବଂ ନିଦରୁ ଉଠିଗଲେ ଅବସ୍ଥା ଆହୁରି ଖରାପ ହୋଇଯାଏ । ଯଦି ଆପଣ ମଧ କାଶ ଯୋଗୁଁ ରାତି ଶୋଇପାରୁ ନାହାଁନ୍ତି, ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଉପଚାର ବିଷୟରେ । ଯାହା ଦ୍ୱାରା ଆପଣଙ୍କର ସମସ୍ୟା ଦୂର ହେବାକୁ ଲାଗିବ ।*

**ଅଦା :** ଅଦା କାଶ ପାଇଁ ଏକ ପ୍ରଭାବଶାଳୀ ଔଷଧି ଭାବରେ କାମ କରେ । ଏଥିରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଛି । ଅଦାକୁ ଚୋଇବା ଦ୍ୱାରା କାଶ କମିଯାଏ । ରାତିରେ କାଶରୁ ମୁକ୍ତି ପାଇବା ପାଇଁ ୧ କପ୍ ଗରମ ପାଣିରେ ୨୦-୩୦ ଗ୍ରାମ୍ ପେଷା ଅଦାକୁ ମିଶାନ୍ତୁ । ଏଥିରେ ମହୁ କିମ୍ବା ଲେମ୍ବୁ ରସ ମିଶାଇ ପିଅନ୍ତୁ । ଦେଖିବେ ଆପଣଙ୍କର ଶୁଖିଲା କାଶ ବହୁ ଶୀଘ୍ର କମ୍ ହେବାକୁ ଲାଗିବ ।

**ଯଷ୍ଟିମଧୁ :** ଯଷ୍ଟିମଧୁର ମୂଳ କାଶ ପାଇଁ ବହୁତ ପ୍ରଭାବଶାଳୀ ହୋଇଥାଏ। ଯଷ୍ଟିମଧୁରେ ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଅଛି, ଯାହା ଗଳା ଯନ୍ତ୍ରଣାକୁ ବହୁ ପରିମାଣରେ କମ୍ କରିପାରିବ । ଯଦି ଆପଣ ଯଷ୍ଟିମଧୁକୁ ଚା' ରୂପରେ ପିଅନ୍ତି, ତେବେ ଆମଣଙ୍କର ଅନେକ ସମସ୍ୟା ଦୂର ହେବ ଏବଂ କାଶ ମଧ କମିଯିବ ।



**ୟୁକଲପଟାସ୍ ତେଲ :** କାଶରୁ ମୁକ୍ତି ପାଇବା ପାଇଁ ଷ୍ଟିମ୍ ନିଅନ୍ତୁ ଏବଂ ପାଣିରେ କିଛି ବୁନ୍ଦା ୟୁକଲପଟାସ୍ ତେଲ ମିଶାନ୍ତୁ । ବିଶେଷ କରି ରାତିରେ ୟୁକଲପଟାସ୍ ତେଲ ମିଶାଇ ଷ୍ଟିମ୍ ନେବା ଦ୍ୱାରା ଶୁଖିଲା କାଶରୁ ମୁକ୍ତି ମିଳିଥାଏ । ଏଥି ସହ ଆପଣ ଏହାକୁ ଆପଣଙ୍କର ବେକ ଏବଂ ଛାତିରେ ମଧ ହାଲୁକା ଭାବରେ ଲଗାଇପାରିବେ ।

**ଉଷୁମ ପାଣି କୁଳି କରନ୍ତୁ :** କାଶ ସେତେବେଳେ ଅଧିକ ହୋଇଥାଏ, ଯେତେବେଳେ ଗଳାରେ କଫ ଶୁଖିଯାଇଥାଏ । ଯଦି ଆପଣଙ୍କର ଏହି ସମସ୍ୟା ହେଉଛି ତେବେ ଆପଣ ଉଷୁମ ପାଣିରେ କୁଳି କରନ୍ତୁ, ଦେଖିବେ ଆପଣଙ୍କୁ ବହୁତ୍ ରିଲାକ୍ସ ଲାଗିବ। ଏହା ଆଲର୍ଜି ଏବଂ ପ୍ରଦୂଷଣ କମ୍ କରିବାରେ ମଧ ସାହାଯ୍ୟ କରେ । ତେଣୁ ଆପଣଙ୍କୁ ମନେ ରଖିବା ଉଚିତ୍ ଯେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ କୁଳି କରନ୍ତୁ । ଦେଖିବେ ଆପଣଙ୍କର ହେଉଥିବା ସମସ୍ୟା ବହୁତ୍ ଶୀଘ୍ର କମ୍ ହେବାକୁ ଲାଗିବ ।

## ମା' ହେବେ କିଆରା



ବଲିଉଡର ତାରକା ଦମ୍ପତ୍ତି କିଆରା ଆଡଭାନି ଓ ସିଦ୍ଧାର୍ଥ ମଲହୋତ୍ରା ବାପାମା ହେବାକୁ ଯାଉଛନ୍ତି। ଏନେଇ କିଆରା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି। ଯେଉଁଥିରେ ଉଭୟ ଦମ୍ପତ୍ତି ଏକ ଶିଶୁର ସୁନ୍ଦର ମୋଜା ଧରିଥିବା ଫଟୋ ରହିଛି। ଏହି ପୋଷ୍ଟରେ କିଆରା "ଆମ ଜୀବନର ସବୁଠୁ ବଡ ଉପହାର। ବହୁ ଯଲଦି ଆମ ଗହଣକୁ ଆସିବାକୁ ଯାଉଛି" ବୋଲି ଉଲ୍ଲେଖ କରିଛନ୍ତି। ଏହିକଥା ଜଣାପଡିବା ପରେ ଉଭୟଙ୍କ ଫ୍ୟାନଙ୍କ ସମେତ ବିଭିନ୍ନ ସେଲିବ୍ରିଟିମାନେ ଏହାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଆକ୍ଟର ଇଶାନ ଖଟ୍ଟର ଏହି ପୋଷ୍ଟରେ "ଅଭିନନ୍ଦନ ବନ୍ଧୁ। ଛୋଟୁକୁ ମଧ ଢେର ସାରା ଭଲପାଇବା। ଉଭୟେ ସୁରକ୍ଷିତ ରୁହ" ବୋଲି ଲେଖିଛନ୍ତି। ସେହିଭଳି ଅନ୍ୟଜଣେ ଫ୍ୟାନ "ଦୁନିଆର ସବୁଠୁ ଭଲ ବାପାମା ବନିବାକୁ ଯାଉଛ" ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟଜଣେ ୟୁଜର କମେଣ୍ଟ ଦେଇ ଲେଖିଛନ୍ତି "ସେମାନେ ସବୁଠୁ ଭଲ ଖବର ସେୟାର କରିଛନ୍ତି"। ସୂଚନା ମୁତାବକ ସିଦ୍ଧାର୍ଥ ମାଲହୋତ୍ରା ଓ କିଆରା ଆଡଭାନୀ ରାଜସ୍ଥାନରେ ଗତବର୍ଷ ଫେବୃଆରୀ ମାସରେ ବିବାହ କରିଥିଲେ। ଏହାପରଠୁ ଉଭୟ ବିଭିନ୍ନ ସାମାଜିକ ଗଣମାଧମ ଆପରେ ଆକ୍ଟିଭ୍ ରହୁଥିଲେ।

ବିଭିନ୍ନ ସମୟର ରୋମାଣ୍ଟିକ ଡିନର ସହ ଜୀବନର ସୁଖଦ ସମୟ ଗୁଡିକର ଫଟୋ ଉତ୍ତୋଳନ କରି ବିଭିନ୍ନ ସାମାଜିକ ଗଣମାଧମରେ ଉଭୟେ ପୋଷ୍ଟ କରୁଥିଲେ। ଏହାକୁ ନେଇ ସେମାନଙ୍କ ଫ୍ୟାନ ମାନେବି ଉତ୍ସାହିତ ହେଉଥିଲେ। ଅନ୍ୟପଟେ ଦେଖିବାକୁ ଗଲେ ଉଭୟ ଦମ୍ପତି ବର୍ତ୍ତମାନ ଏକାଧିକ ଫିଲ୍ମ ନିର୍ମାଣ ସହ ସଂଶ୍ଲିଷ୍ଟ ରହିଛନ୍ତି। ମଦୋକ ଫିଲ୍ମ ଦ୍ୱାରା ନିର୍ମାଣ କରାଯାଉଥିବା ଚଳଚ୍ଚିତ୍ରରେ ଉଭୟେ ଏକା ସହିତ ନଜର ଆସିବାକୁ ଯାଉଛନ୍ତି। ଏହା ସହ କିଆରା ଆଡଭାନି ଓ୍ୱାର ୨ ମୋଭିରେ ମଧ ଦେଖିବାକୁ ମିଳିବେ। ରଣବୀର ସିଂଙ୍କ ସହ ଡନ ୩ର ସୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଅନ୍ୟପଟେ ସିଦ୍ଧାର୍ଥ ମାଲହୋତ୍ରା ଗତ ବର୍ଷଠାରୁ ଭିଭିଏଏନ: ଫୋର୍ସ ଅଫ ଦ ଫରେଷ୍ଟ ଫିଲ୍ମ ସୁଟିଂରେ ବ୍ୟସ୍ତ ରହିଛନ୍ତି।



## ଆୟୁଷ୍ମାନଙ୍କ ସହ ନଜର ଆସିବେ ଶର୍ବରୀ



ବଲିଉଡ୍ ନିର୍ଦ୍ଦେଶକ ସୂରଜ ବଡ଼ଜାତ୍ୟା ପାରିବାରିକ ଓ ରୋମାଣ୍ଟିକ ଫିଲ୍ମ ଲାଗି ପ୍ରସିଦ୍ଧ। ନିକଟରେ ତାଙ୍କର ଆଗାମୀ ଫିଲ୍ମ ସଂପର୍କରେ ନୂଆ ଅପଡେଟ୍ ଆସିଛି। ସେ ଅନୁସାରେ, ସେହି ଫିଲ୍ମରେ ଆୟୁଷ୍ମାନ ଖୁରାନାଙ୍କ ବିପକ୍ଷରେ ଶର୍ବରୀ ଓ୍ୱାଘ ସ୍କ୍ରିନ ଶେୟାର କରିପାରନ୍ତି । ଉଭୟ ବଡ଼ଜାତ୍ୟା ଓ ଶର୍ବରୀଙ୍କ ମଧ୍ୟରେ ଏ ସଂପର୍କରେ ଆଲୋଚନା ଜାରି ରହିଛି । ଶର୍ବରୀଙ୍କୁ ଫିଲ୍ମର କାହାଣୀ ପସନ୍ଦ ଆସିଥିବାବେଳେ ସେ ଆୟୁଷ୍ମାନଙ୍କ ସହ କାମ କରିବାକୁ ନେଇ ଉତ୍ସାହିତ ମଧ ଅଛନ୍ତି । ପରଦାରେ ସରଳତା ଓ ସମ୍ବେଦନଶୀଳତାକୁ ପ୍ରଭାବଶାଳୀ ଭାବେ ବ୍ୟକ୍ତ କରିବା ଲାଗି ଶର୍ବରୀଙ୍କର କ୍ଷମତାକୁ ଦେଖି ତାଙ୍କୁ ଏହି ଭୂମିକା ଲାଗି ଚୟନ କରାଯାଇଥିବା କୁହାଯାଉଛି। ବଡ଼ଜାତ୍ୟାଙ୍କର ଏହି ଅପକମିଂ ପ୍ରୋଜେକ୍ଟ ମଧ ରୋମାଣ୍ଟିକ ଫିଲ୍ମ ହେବ । ଯଦିଓ ତାର ଟାଇଟଲ ସାମ୍ନାକୁ ଆସିନାହିଁ ତେବେ ସେଥିରେ ଆୟୁଷ୍ମାନଙ୍କର ଚରିତ୍ରର ନାମ ରହିବ 'ପ୍ରେମ୍'। ଯଦି ସବୁକିଛି ଠିକ୍‌ଠାକ୍ ରହିଲା ତେବେ ଆୟୁଷ୍ମାନ ଓ ଶର୍ବରୀଙ୍କର ଏହା ପ୍ରଥମ ପ୍ରୋଜେକ୍ଟ ହେବ। ଚଳିତବର୍ଷ ମଧ ଭାଗରେ ଫିଲ୍ମର ସୁଟିଂ ଆରମ୍ଭ ହେବାର ଥିବାବେଳେ ଆସନ୍ତାବର୍ଷ ତାହା ରିଲିଜ୍ ହୋଇପାରେ । ଓ୍ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଶର୍ବରୀଙ୍କୁ ଆଗକୁ 'ଆଲ୍‌ଫା'ରେ ଦେଖିବାକୁ ମିଳିବ । ସେଥିରେ ତାଙ୍କ ସହିତ ଆଲିୟା ଭଟ୍ଟ ମଧ ନଜର ଆସିବେ। ଖ୍ରୀଷ୍ଟମାସ ଅବସରରେ ଅର୍ଥାତ୍ ଚଳିତବର୍ଷ ଡିସେମ୍ବର ୨୫ରେ ତାହା ପ୍ରେକ୍ଷାଳୟକୁ ଆସିବ ।

## ପନୀର ଟିକ୍କା



### ଆବଶ୍ୟକ ସାମଗ୍ରୀ

୨୫୦ ଗ୍ରାମ୍ ପନୀର, ୧ ସିମଲା ଲଙ୍କା ୧ ପିଆଜ, ୧/୨ ଗିନା ଦହି, ୧ ଚାମଚ ଅଦା-ରସୁଣ ପେଷ୍ଟ, ୧ ଚାମଚ ଗରମ ମସଲା, ୧/୪ ଚାମଚ ହଳଦି ପାଉଡର, ଲୁଣ ସ୍ୱାଦାନୁସାରେ, ତେଲ ଆବଶ୍ୟକ ଅନୁସାରେ

### ପ୍ରସ୍ତୁତି ପ୍ରଣାଳୀ

ପନୀର ଟିକ୍କା ବନାଇବା ପାଇଁ ସର୍ବପ୍ରଥମେ ଏହାର ମସଲା ପ୍ରସ୍ତୁତ କରନ୍ତୁ। ଏବେ ଗୋଟେ ପାତ୍ରରେ ଦହି, ଅଦା-ରସୁଣ ପେଷ୍ଟ, ହଳଦି ପାଉଡର, ଲାଲ ଲଙ୍କା ପାଉଡର ଏବଂ ଗରମ ମସଲା ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ।

ଏବେ ପନୀର, ସିମଲା ଲଙ୍କା ଏବଂ ପିଆଜକୁ ଛୋଟ ସାଇଜରେ କାଟି ଦିଅନ୍ତୁ। ଏହି କ୍ୟୁବ୍‌କୁ ଦହି ମିଶ୍ରଣରେ ପକାଇ ମ୍ୟାରିନେଟ କରନ୍ତୁ ଏବଂ ଅଧ ଘଣ୍ଟା ପାଇଁ ଅଲଗା ରଖିଦିଅନ୍ତୁ।

ଏହାପରେ ମିଡିୟମ୍ ଆଞ୍ଚରେ ପ୍ୟାନରେ ତେଲ ପକାଇ ଗରମ ହେବା ପାଇଁ ରଖନ୍ତୁ।

ପନୀର କ୍ୟୁବ୍‌କୁ ଟୁଥପିକ କିମ୍ବା ଷ୍ଟିକ୍ସରେ ଲଗାଇ ପ୍ୟାନରେ ରଖି ପ୍ରସ୍ତୁତ କରନ୍ତୁ। ମଝିରେ ମଝିରେ ଷ୍ଟିକ୍ସକୁ ଓଲଟାଇ ପନୀରକୁ ଭଲଭାବେ ହେବାକୁ ଦିଅନ୍ତୁ।

ପନୀର ଯେତେବେଳେ ଗୋଲଡେନ୍ ବ୍ରାଉନ ହୋଇଯିବ ସେତେବେଳେ ପନୀର ଟିକ୍କାକୁ ପ୍ଲେଟକୁ ବାହାର କରିଦିଅନ୍ତୁ।

ଏବେ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କର ପନୀର ଟିକ୍କା। ଏହାକୁ ଗ୍ରୀନ୍ ଚଟଣୀ ସହିତ ସର୍ଭ କରନ୍ତୁ।

## ଶ୍ରେୟା ଘୋଷାଲଙ୍କ ଏକ୍ସ ଆକାଉଣ୍ଟ ହ୍ୟାକ୍



ଗାୟିକା ଶ୍ରେୟା ଘୋଷାଲଙ୍କ ସ୍ୱରରେ ସମସ୍ତେ ପାଗଳ। ଶ୍ରେୟାଙ୍କୁ କୌଣସି ପରିଚୟ ଆବଶ୍ୟକତା ନାହିଁ। ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଝିଅ ଶ୍ରେୟାଙ୍କ ଗୀତପାଇଁ ପୁରା ଦେଶ ପାଗଳ । ନିଜ ସ୍ୱରର ଯାଦୁରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି ଶ୍ରେୟା । ତେବେ ଶ୍ରେୟା ଘୋଷାଲଙ୍କୁ ନେଇ ଏକ ବଡ ଖବର ସାମ୍ନାକୁ ଆସିଛି । ଗାୟିକାଙ୍କ ଏକ୍ସ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ଏନେଇ ଶ୍ରେୟା ଘୋଷାଲ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ତେବେ ଗତ ୧୩ ଫେବୃଆରୀରୁ ତାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଥିବା ସେ କହିଛନ୍ତି। ଇନଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରି ଗାୟିକା ଲେଖିଛନ୍ତି, ମୋରା ଏକ୍ସ ଆକାଉଣ୍ଟ ହ୍ୟାକ୍ ହୋଇଛି। ଗତ ଫେବୃଆରୀ ୧୩ ତାରିଖରୁ ମୋର ଏକ୍ସ ଆକାଉଣ୍ଟ ହ୍ୟାକ୍ ହୋଇଛି। ମୁଁ ଏକ୍ସ ଟିମ୍ ସହିତ ଯୋଗାଯୋଗ କରିବାକୁ ବହୁତ ଚେଷ୍ଟା କଲି। କିନ୍ତୁ ଅଟୋ ରେସ୍‌ପନ୍ସ ବ୍ୟତୀତ ଆଉ କୌଣସି ଉପଯୁକ୍ତ ପ୍ରତିକ୍ରିୟା ଆସୁ ନାହିଁ। ମୁଁ ମୋ ଆକାଉଣ୍ଟକୁ ଲଗ୍ ଇନ୍ କିମ୍ବା ଡିଲିଟ୍ କରିପାରୁନାହିଁ। ଏଥିସହ ଜନତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗାୟିକା ତାଙ୍କ ପ୍ରଶଂସକମାନଙ୍କୁ ସତର୍କ ମଧ କରାଇଛନ୍ତି । ସେ ପୋଷ୍ଟରେ ଆହୁରି ଲେଖିଛନ୍ତି ଯେ, ଦୟାକରି ଏହି ଆକାଉଣ୍ଟରୁ ପଠାଯାଇଥିବା କୌଣସି ଲିଙ୍କ ଉପରେ କ୍ଲିକ୍ କରନ୍ତୁ ନାହିଁ। ଏହି ଆକାଉଣ୍ଟରେ ଲେଖାଯାଉଥିବା କୌଣସି ଜିନିଷକୁ ବିଶ୍ୱାସ କରନ୍ତୁ ନାହିଁ। ଏଗୁଡ଼ିକ ସବୁ ଠକ ଲିଙ୍କ୍। ଯେତେବେଳେ ଆକାଉଣ୍ଟ ଠିକ ହୋଇଯିବ, ମୁଁ ଭିଡିଓ ମାଧ୍ୟମରେ ଏ ବିଷୟରେ ସୂଚନା ଦେବି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ସହରର ହୋଟେଲ ରୟାଲ୍ କଳିଙ୍ଗ ପରିସରରେ ବାର ଆସୋସିଏସନ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ଉପ ସଭାପତି ଧନେଶ୍ୱର ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ପୂର୍ବତନ ସଭାପତି ଅଜୟ କୁମାର ବିଶ୍ୱାଳ, ମାନସ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ଓକିଲାତି ଏକ ଗୌରବମୟ କାର୍ଯ୍ୟ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନୋଟାରୀ ଭାବେ ନିଯୁକ୍ତ ସର୍ବଶ୍ରୀ ନିରଞ୍ଜନ ବେହେରା, ଅଶୋକ କୁମାର ଶର୍ମା, ଜଗନ୍ନାଥ ପ୍ରସାଦ ପତି ଓ ସୁବାସ ବଳସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଟ୍ୟାକ୍ସବାର ଆସୋସିଏସନର କୋଷାଧ୍ୟକ୍ଷ ଦୀପୁ ବାରିକ, ରମାକାନ୍ତ ଚୌହାନ, ଲକ୍ଷ୍ମୀଧର ସାହୁ, ଘନଶ୍ୟାମ ସାହୁ, ଦୁର୍ବାଦଳ ବସୁ, ଦିଲୀପ କୁମାର ମଲିକ, ରମାକାନ୍ତ ନନ୍ଦ, ରତିକାନ୍ତ ବେହେରା, ଅକ୍ଷୟ କୁମାର ବାରିକ, ପ୍ରବୀର କୁମାର ରାଉତ, ବିଦ୍ୟାଧର ମହାନ୍ତି ଓ ହେମନ୍ତ କୁମାର ପଥାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆରଏମ୍ଏସ୍ କାର୍ଯ୍ୟାଳୟ କେନ୍ଦ୍ରାପଡାରେ ରଖିବାକୁ ସାଂସଦଙ୍କୁ ଦାବିପତ୍ର



କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାରୁ ରେଳବାଇ ଡାକସେବା କାର୍ଯ୍ୟାଳୟ (ଆର.ଏମ.ଏସ.)କୁ ଉଚ୍ଛେଦ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଚର୍ଚ୍ଚା ହେଉଛି। ସେହିପରି ଷଡ଼ଯନ୍ତ୍ରର ପ୍ରଥମ ସୋପାନରେ ଦୁଇଜଣ କର୍ମଚାରୀଙ୍କୁ ଭୁବନେଶ୍ୱରକୁ ଡେପୁଟେସନରେ ପଠାଇ ଦିଆଯାଇଛି। ପରେପରେ ଅନ୍ୟ ତିନିଜଣ କର୍ମଚାରୀଙ୍କୁ ଏଠାରୁ ଡେପୁଟେସନ ଆଳରେ ଅନ୍ୟତ୍ର ପଠାଇ ଦେବାକୁ ଷଡଯନ୍ତ୍ର ଚାଲିଥିବା ଚର୍ଚ୍ଚା ହେଉଛି। ଏହାକୁ ବିରୋଧକରି ଓ କେନ୍ଦ୍ରାପଡାରେ ଆର.ଏମ.ଏସ. କାର୍ଯ୍ୟାଳୟ ରଖିବାକୁ କେନ୍ଦ୍ରାପଡାର ବୁଦ୍ଧିଜୀବୀମାନେ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ରବିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସାଂସଦ ପଣ୍ଡା ଆସିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ଜିଲ୍ଲାର ମହିପାଳ ଠାରେ ୧୯୭୭ମସିହାରୁ ଅଦ୍ୟାବଧି ଏକ ରେଳବାଇ ଡାକସେବା କାର୍ଯ୍ୟାଳୟ ଚାଲୁଅଛି। ଏହି କାର୍ଯ୍ୟାଳୟ ଅଧିନରେ ଜିଲ୍ଲାର ୯ଗୋଟି ବ୍ଲକ୍ ଓ ଦୁଇ ଗୋଟି ପୌରାଞ୍ଚଳରେ ଥିବା ୩୧ଟି ଡାକଘରର ଡାକସେବା କାର୍ଯ୍ୟ ଚାଲୁଅଛି। ସମଗ୍ର ଜିଲ୍ଲାର ଡାକଘର ଗୁଡିକରୁ ଯେଉଁ ସବୁ ଚିଠିପତ୍ର ଆସେ ସେଗୁଡିକ ଏହି କାର୍ଯ୍ୟାଳୟ ମାଧ୍ୟମରେ ଦୂର ଦୂରାନ୍ତର ଲୋକଙ୍କ ନିକଟରେ ପହଞ୍ଚିଥାଏ। ଏଥି ସହିତ ଜିଲ୍ଲା ବାହାରୁ ଆସୁଥିବା ଚିଠିପତ୍ର ଗୁଡିକ ମଧ୍ୟ ଏହି କାର୍ଯ୍ୟାଳୟରେ ପ୍ରଥମେ ସର୍ଟିଂ କରାଯାଇ ଜିଲ୍ଲାର ବିଭିନ୍ନ ଡାକଘର ଗୁଡିକୁ ପଠାଯାଇ ଥାଏ। କିନ୍ତୁ ଏବେ ଓଡ଼ିଶା ସର୍କଲର ମୁଖ୍ୟ ଡାକପାଳଙ୍କ ନିଷ୍ପତ୍ତି ଅନୁଯାୟୀ ଏହି କାର୍ଯ୍ୟାଳୟକୁ ଏଠାରୁ ଉଚ୍ଛେଦ କରି କଟକ ସର୍କଲ ସହିତ ଯୋଡି ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରେଜେଷ୍ଟ୍ରୀ ଚିଠି ଓ ସ୍ପିଡପୋଷ୍ଟ ଚିଠି ଗୁଡିକର ସର୍ଟିଂ କାର୍ଯ୍ୟ କଟକ ଆର.ଏମ.ଏସ. କାର୍ଯ୍ୟାଳୟକୁ ଉଠାଇ ନିଆଯାଇଛି। ଏହାସହ କେନ୍ଦ୍ରାପଡା ଆର.ଏମ.ଏସ. କାର୍ଯ୍ୟାଳୟର ମୋଟ ୫ଜଣ କର୍ମଚାରୀଙ୍କ ମଧ୍ୟରୁ ୨ଜଣଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟକୁ ଡେପୁଟେସନରେ ପଠାଇ ଦିଆଯାଇଛି। ଏହା ଫଳରେ ଏଠାରେ କାର୍ଯ୍ୟରତ ମାତ୍ର ୩ଜଣ କର୍ମଚାରୀ ଲୋକମାନଙ୍କୁ ସେବା ଯୋଗାଇ ଦେବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭୌଗଳିକ ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଜିଲ୍ଲା ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଜିଲ୍ଲା ସହ ପାରାଦୀପ ପୋର୍ଟ, ଧାମରା ପୋର୍ଟ ପ୍ରଭୃତି ଯୋଡି ହୋଇଛି। ଏହାସହ ଏହି ଜିଲ୍ଲାର ମହାକାଳପଡା ଠାରେ ଏକ ନଦୀ ଭିତ୍ତିକ ବନ୍ଦର ନିର୍ମାଣ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଚାଲିଛି। ସେହିପରି ନିପନ ଷ୍ଟିଲ କାରଖାନା ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇଗଲାଣି। ଏହି କାରଖାନା ନିର୍ମାଣ ହୋଇଯିବା ପରେ ଦେଶ ବିଦେଶର ହଜାର ହଜାର କର୍ମଚାରୀ ଏଠାରେ ବସବାସ କରିବେ। ସେମାନଙ୍କ ପାଇଁ ଡାକ ସେବାର ବହୁ ଆବଶ୍ୟକତା ରହିବ। ସେହିଭଳି ଭିତରକନିକା ଜାତୀୟ ଉଦ୍ୟାନ ଏହି ଜିଲ୍ଲାରେ ଅବସ୍ଥିତ। ପ୍ରତିଦିନ ଏଠାକୁ ଦେଶବିଦେଶର ପର୍ଯ୍ୟଟକ ମାନେ ଆସିଥାନ୍ତି। ଏହା ବ୍ୟତୀତ କଟକକୁ ରେଜେଷ୍ଟ୍ରୀ ଚିଠି ଓ ସ୍ପିଡପୋଷ୍ଟ ଚିଠିଗୁଡିକର ସର୍ଟିଂ କାର୍ଯ୍ୟ ସ୍ଥାନାନ୍ତରଣ କରାଯାଇଥିବାରୁ ଯଦି କୌଣସି କାରଣ ବସତଃ ଭୁଲରେ କେନ୍ଦ୍ରାପଡାର ଚିଠିଟି ଆଳିକୁ ଚାଲିଯାଏ ତେବେ ସେହି ଚିଠିଟି ପୁନର୍ବାର ସେଠାରୁ କଟକ ଯିବା ପରେ ସେଠାରେ ସର୍ଟିଂ ହୋଇ କେନ୍ଦ୍ରାପଡାର ସଠିକ ଠିକଣାରେ ପହଞ୍ଚିବା ପାଇଁ ୩ଦିନ ଲାଗିବ। ଫଳରେ ଚାକିରୀ ଆଶାୟୀ, ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାର ଆଶାୟୀ ପ୍ରାର୍ଥୀ ଓ ବିଭିନ୍ନ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରେ ଆଡମିସନ କରିବା ପାଇଁ ଅପେକ୍ଷାରତ ଛାତ୍ରଛାତ୍ରୀମାନେ ବିଳମ୍ବରେ ସେହି ଚିଠି ପାଇବେ। ସେମାନଙ୍କ ଭବିଷ୍ୟତକୁ ନେଇ ବିଭିନ୍ନ ସମସ୍ୟା ଉପୁଜିବାର ସମ୍ଭାବନା ମଧ୍ୟ ଦେଖାଦେଇଛି। ଏହିସବୁ ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ରେଳ ଡାକସେବା (ଆର.ଏମ.ଏସ.) କାର୍ଯ୍ୟାଳୟର ଗୁରୁତ୍ୱ ରହିଛି। ତେଣୁ ଏହି କାର୍ଯ୍ୟାଳୟରୁ କଟକ ସର୍କଲ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହୋଇଥିବା ରେଜେଷ୍ଟ୍ରୀ ଚିଠି ଓ ସ୍ପିଡପୋଷ୍ଟି ଚିଠି ଗୁଡିକର ସର୍ଟିଂ କାର୍ଯ୍ୟକୁ କେନ୍ଦ୍ରାପଡାକୁ ଫେରାଇ ଆଣିବା ସହ ଏଠାରୁ ଭୁବନେଶ୍ୱରକୁ ଡେପୁଟେସନରେ ଯାଇଥିବା ଦୁଇଜଣ କର୍ମଚାରୀଙ୍କୁ ତୁରନ୍ତ ଏଠାକୁ ଫେରାଇ ଅଣାଯିବାକୁ ଜିଲ୍ଲାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ଗଗନବିହାରୀ ସାହୁ, ପୂର୍ବତନ ବିଧାୟକ ଡ. ଅଲେଖ କୁମାର ଜେନା, ପ୍ରତାପ ମହାନ୍ତି, ଡ. କଳ୍ପନା ମଲ୍ଲିକ୍, ରଞ୍ଜିତ କୁମାର ଆଚାର୍ଯ୍ୟ, ଅମର ରଞ୍ଜନ ପରିଜା, ନବାବ କୁମାର ପଣ୍ଡା, ସୁମନ୍ତ ଦାସ, ରାଜୀବ ସ୍ୱାଇଁ ପ୍ରମୁଖ ସାଂସଦ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ରାସ୍ତାକୁ ନେଇ ଦୁଇ ପରିବାର ମଧ୍ୟରେ ସଂଘର୍ଷ, ୭ ଆହତ, ଜଣେ ଗୁରୁତର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ପୀରହାଟ ଥାନା ହରସିଂପୁର ପଞ୍ଚାୟତ ଅଧୀନ ବାରବାଟିଆ ବସ୍ତିରେ ଏକ ଯାତାୟତ ରାସ୍ତାକୁ ନେଇ ଦୁଇ ପରିବାର ମଧ୍ୟରେ ଶନିବାର ଅପରାହ୍ନରେ ସଂଘର୍ଷ ଉପୁଜିଛି। ଏହି ସଂଘର୍ଷରେ ଉଭୟ ପରିବାରର ୭ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇ ଭଦ୍ରକ ଡାକ୍ତରଖାନା ସ୍ଥାନାନ୍ତରିତ ହୋଇଛନ୍ତି। ଗରୁତର ଆହତ ହୋଇଥି ବ୍ୟକ୍ତି ହେଲେ ଦୌଲତ ସାହାଜୀ (୩୫) ଏବଂ ଆହତ ହୋଇଥିବା ବ୍ୟକ୍ତି ହେଲେ ଯଦୁ ସାହାଜୀ (୫୦), ସାଜନ ସାହାଜୀ (୩୪), ଲୋବତା ବିବି (୨୫), ଜାହାଙ୍ଗୀର ସାହାଜୀ (୩୫), ଉମରସାହା କାଦିର (୭୬), ଖୁସ୍ ବିବି (୪୫) ବୋଲି ଜଣା ପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ବସ୍ତିର ଏକ ଯାତାୟତ ରାସ୍ତାକୁ ଗୋଟିଏ ପରିବାର ନିଜ ଜମି କହୁଥିବା ବେଳେ ଅପରପକ୍ଷମାନେ ଏହାକୁ ସର୍ବସାଧାରଣ ରାସ୍ତା କହୁଥିବାରୁ ଉଭୟ ପରିବାରଙ୍କ ମଧ୍ୟରେ ସଂଘର୍ଷ ଉପୁଜିଥିବା ଜଣାପଡ଼ିଛି। ଏହାକୁ କେନ୍ଦ୍ର କରି ଶୁକ୍ରବାର ବସ୍ତିର ଜଣେ ବ୍ୟକ୍ତି ଟ୍ରଲି ନେଇ ଯାଉଥିବା ବେଳେ ଅପରପକ୍ଷମାନେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଆକ୍ରମଣରେ ଶିକାର ହୋଇଥିବା ପରିବାର ଲୋକ ଏହାକୁ ବିରୋଧ କରିବାରୁ ଅପରପକ୍ଷମାନେ ସେମାନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ଥିବା ବେଳେ ଶନିବାର ଅପରାହ୍ନରେ ଦୁଇ ପରିବାର ମଧ୍ୟରେ ପୁନର୍ବାର ସଂଘର୍ଷ ଉପୁଜିଥିଲା। ଏହି ଘଟଣାରେ ଗୋଟିଏ ପକ୍ଷରୁ ଉଦ୍ଧିର ସାହାଜୀ ଥାନାରେ ଏତଲା ଦେଇଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅପର ପକ୍ଷରୁ କୌଣସି ଏତଲା ହୋଇ ନଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ରଣ ଶୁଝିନପାରି ଚାଷୀଙ୍କ ଆତ୍ମହତ୍ୟା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଚାଷ ପାଇଁ ବ୍ୟାଙ୍କରୁ ଜଣେ ଚାଷୀ ଆଣିଥିଲେ ଋଣ। ଶୁଝିନପାରି ଗତ କିଛିଦିନ ହେଲା ମାନସିକ ଚିନ୍ତାରେ ରହିଥିଲେ। ଶେଷରେ ବିଷ ପିଇ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀଜଣଙ୍କ ହେଉଛନ୍ତି ମାଲକାନଗିରି ଜିଲ୍ଲା କାଳିମେଲା ବ୍ଲକ ଗିରକାନପଲ୍ଲୀ ପଞ୍ଚାୟତ ଏମଭି-୫୭ ଗାଁ'ର ସୁଧୀର ହାଲଦାର (୫୫)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ସୁଧୀର ଘରକୁ ଫେରି ନଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ସକାଳେ ଘରଠାରୁ ପ୍ରାୟ ଅଧାକିମି ଦୂରରେ ଥିବା ଏକ ଜମିରେ ତାଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇ ଜଣାଇଥିଲେ। ସେମାନେ ପହଞ୍ଚି ଦେଖିବା ବେଳକୁ ଶବ ନିକଟରେ ଏକ କୀଟନାଶକ ବୋତଲ ପଡ଼ିଥିଲା। ପୁଲିସକୁ ସେମାନେ ଖବର ଦେଇଥିଲେ। ଚାଷ କରି ସୁଧୀର ପରିବାର ପୋଷଣ କରୁଥିଲେ। ପ୍ରତିବର୍ଷ ବ୍ୟାଙ୍କରୁ ଋଣ ଆଣି ଚାଷରେ ଲଗାଉଥିଲେ। ଫସଲ ବିକିବା ପରେ ଋଣ ପୈଠ କରୁଥିଲେ। ଏବର୍ଷ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ୫୦ହଜାର ଟଙ୍କା ଋଣ ଆଣିଥିଲେ। ସୁଧିର ଏହିବର୍ଷ ଧାନ ଓ ଅନ୍ୟାନ୍ୟ ଫସଲ କରିଥିଲେ। ଫସଲ ବିକିବା ପରେ ସେସବୁ ଟଙ୍କା ଘର ନିର୍ମାଣରେ ଖର୍ଚ୍ଚ କରିଦେଇଥିଲେ। ଅନ୍ୟପକ୍ଷରେ ବ୍ୟାଙ୍କ ଋଣ ବଢ଼ିବଢ଼ି ୯୦ ହଜାରରେ ପହଞ୍ଚିଥିଲା। ଶୁଝି ନପାରି ଚିନ୍ତାରେ ରହିଥିଲେ ସୁଧୀର। ହୁଏତ ଏହି କାରଣରୁ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଛନ୍ତି। ସୁଧୀରଙ୍କ ଜ୍ୱାଇଁ ସାଧନ ମଣ୍ଡଳ କହିଛନ୍ତି, ଚିନ୍ତାରେ ରହୁଥିବା ଶ୍ୱଶୁରଙ୍କୁ ସେ ବହୁବାର ଫୋନ୍‌ରେ ବୁଝାଇଥିଲେ। ସୂଚନାଥାଉକି, ସୁଧୀରଙ୍କ ୨ ପୁଅ ଅଛନ୍ତି। ବଡ଼ପୁଅ ପ୍ରହଲ୍ଲାଦ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ସାନପୁଅ ପବିତ୍ର ଏକ ଛୋଟିଆ ଦୋକାନ କରିଛନ୍ତି। ସୁଧୀର ଚାଷ କରି ପରିବାର ଚଳାଇ ଆସୁଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସନ୍ତା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଥାନାର ତଦନ୍ତକାରୀ ଅଫିସର ଗଣେଶ କୁମାର ରାଉଳ କହିଛନ୍ତି, ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ।

### ପାନୀୟ ଜଳ ପାଇଁ ହହଳବିକଳ ଲୋକେ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଗ୍ରାମ୍ୟଜଳ ଯୋଗାଣ ବିଭାଗ ପକ୍ଷରୁ କେତୋଟି ନଦୀରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ବସାଯାଇ କେତୋଟି ହାତଗଣତି ଗ୍ରାମକୁ ପାଇପ ଜଳ ଯୋଗାଣ ଚାଲିଛି। ସାହାସପୁର ଗ୍ରାମ ଠାରେ ମକରା ନଦୀରେ ପାଇପଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ସାହସପୁର, କଉଡିଖଣି, ସାନଓରା ଓ ବଡଓରା ଗ୍ରାମକୁ ପାଇପ ମାଧ୍ୟମରେ ଜଳ ଯୋଗାଣ ଚାଲିଥିବା ବେଳେ ଅନେକ ବ୍ୟକ୍ତି ନିଜନିଜର ବଗିଚାମାନଙ୍କୁ ପାନୀୟ ଜଳ ପ୍ରକଳ୍ପ ପାଇପ ମଧ୍ୟରୁ କନେକ୍ସନ କରି ପାଣି ମଡାଉଥିବାରୁ ବଡଓରା, କଉଡିଖଣି ଓ ସାନଓରା ଗ୍ରାମକୁ ପ୍ରେସର ପାଉ ନଥିବାରୁ ପାଇପଜଳ ପହଞ୍ଚ ପାରୁନାହିଁ। ଯାହାଫଳରେ ବଡଓରା, କଉଡିଖଣି ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ବେଆଇନ ଭାବେ ପାଇପଜଳ ବେଆଇନ ଭାବେ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟଅନୁଷ୍ଠାନ ଗ୍ରହଣ କରିବା ପାଇଁ ଦୁଇ ଗ୍ରାମବାସୀ ଦାବୀ କରିଛନ୍ତି।

## ବାସହୀନ ମାଉସୀଙ୍କୁ ଘର ଯୋଗାଇଦେଲେ ଭରତ ବାଇ

ଆଳି, (ଭାସ୍କର ନ୍ୟୁଜ୍): ଗରିବଙ୍କୁ ଘର ଯୋଗାଇ ଦେଉଛନ୍ତି ଭରତ। ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଆଉଁରୀ ପଞ୍ଚାୟତ ଡିହକୁଳା ଗ୍ରାମର ଭରତ ବାଇ ରାଉରକେଲାରେ ଏକ ଛୋଟ କପଡା ଦୋକାନ କରି ସେଥିରୁ ଯାହା ଲାଭ ହୁଏ ସେଇ ପଇସାକୁ ଗରିବ ନିରାଶ୍ରୟ ଲୋକମାନଙ୍କୁ ଆବାସ କରିଦିଅନ୍ତି। ଯେଉଁଠି ସରକାରଙ୍କ ନଜର ପଡ଼ିନଥାଏ କିମ୍ବା କୌଣସି କାରଣରୁ ସେ ଲୋକ ଆବାସରୁ ବଞ୍ଚିତ ରହିଯାଇଛି ସେଇଠି ପହଞ୍ଚିଯାଆନ୍ତି ଭରତ ଏବଂ ତାଙ୍କୁ ଘର ଖଣ୍ଡେ କରିଦିଅନ୍ତି। ଆଜି ପର୍ଯ୍ୟନ୍ତ ସେ ପ୍ରାୟ ୨୩ ଗୋଟି ଘର ନିର୍ମାଣ କରିସାରିଲେଣି। ଭରତ ତାଙ୍କ ଜୀବନକାଳ ଭିତରେ ୫୦ଘର ଗରିବମାନଙ୍କ ପାଇଁ ନିର୍ମାଣ କରିବା ନେଇ ଲକ୍ଷ ରଖିଛନ୍ତି। ଘର ଗୁଡିକର ନାମ ଗୋପବନ୍ଧୁ କୁଟୀର , ମଦର ଟେରେସା, ପାର୍ବତୀ ଗିରୀ, ନାମରେ ନାମିତ କରୁଛନ୍ତି ଭରତ। ଗଣମାଧ୍ୟମରୁ ଖବର ପାଇ ଶୁକ୍ରବାର ଦିନ ଭରତ ଆଳି ବ୍ଲକ ଅଧୀନ ମଧୁବନ ଗାଁ ର ଅସହାୟ ମହିଳା ଲବଙ୍ଗ ଲତା ଜେନା ଏବଂ ଅରଗଳ ଗାଁ'ର ଅସହାୟ କୁନି ଜେନା ମାଉସୀଙ୍କୁ ଭେଟି ଦେଇଛନ୍ତି ଏକ ଆବାସ ଗୃହ। ସେମାନେ ପୂର୍ବରୁ ଅବହେଳିତ ଅବସ୍ଥାରେ ଝାଟିମାଟି କୁଡ଼ିଆ ଘରେ ଜୀବନ ଅତିବାହିତ କରୁଥିଲେ ଯାହା ଭରତ ବାଇଙ୍କୁ ଅଧିକ କଷ୍ଟ ଦେଇଥିଲା। ସମାଜସେବୀ ଭରତ ବାଇଙ୍କ ଏଭଳି ମହାନ ଚିନ୍ତାଧାରା ଯୋଗୁଁ ତାଙ୍କୁ ସମଗ୍ର ଧୋୟାଞ୍ଚଳ ସମେତ ଆଳିର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ଭିନ୍ନକ୍ଷମ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଅଲିମ୍ପିକ ତାଲିମ ଶିବିର




ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲାଲବଜାର ପ୍ରାଥମିକ ବିଦ୍ୟାଳୟ ଠାରେ ଗତ ୨୮ ଫେବୃୟାରି ଓ ୧ ମାର୍ଚ୍ଚ ଦୁଇଦିନ ବ୍ୟାପି ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓ ଏକୀକୃତ କ୍ରିଡା ସମ୍ପର୍କିତ ମୟୂରଭଞ୍ଜ ଅନ୍ତର୍ନିବେଶୀ ସାଧନ କର୍ମୀମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରଟି ସମଗ୍ର ଶିକ୍ଷା ମୟୂରଭଞ୍ଜ ଓ ଭୁବନେଶ୍ୱର ସ୍ଥିତ ଓପନ ଲର୍ଣ୍ଣିଂ ସିଷ୍ଟମରେ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ଅଲମ୍ପିକ ବିଭାଗର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ, କାର୍ଯ୍ୟକ୍ରମ ସଂଯୋଜକ ଭାବରେ ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ସ୍ୱତନ୍ତ୍ର ଅଲିମ୍ପିକ ଓଡିଶାର ପ୍ରତିନିଧି ଭାବରେ ଅନ୍ତରାଷ୍ଟ୍ରୀୟ କୋଚ ସସ୍ମିତା ମହାପାତ୍ର, ରାଜ୍ୟ ପ୍ରକଳ୍ପ ସଂଯୋଜିକା ଅର୍ପିତା ମହାପାତ୍ର, ରାଜ୍ୟ ସାଧନ କର୍ମୀ ତ୍ରିନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ପ୍ରଶିକ୍ଷକ ମାନେ ଆଲୋଚନା କରିବା ସହିତ ସାଧାରଣ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱତନ୍ତ୍ର ଅଲିମ୍ପିକରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ପ୍ରଶିକ୍ଷାର୍ଥୀ ମାନଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ଅନ୍ତର୍ନିବେଶୀ ମାଧ୍ୟମରେ କିପରି ଭିନ୍ନକ୍ଷମ ଓ ସାଧାରଣ ବର୍ଗର ପିଲାମାନଙ୍କୁ ନେଇ ବିଭିନ୍ନପ୍ରକାର ଖେଳମାନ ଅୟୋଜନ କରାଯାଇପାରିବ ତାହା ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଆୟୋଜନ କରାଯାଇଥିଲା। ଏଥିରେ ୪୪ଜଣ ଅନ୍ତର୍ନିବେଶି ସାଧନ କର୍ମୀ, ସ୍ୱତନ୍ତ୍ର ବିଦ୍ୟାଳୟ ରୋଜ, ରଘୁନାଥପୁରର ୧୫ ଜଣ ବୌଦ୍ଧିକ ଅନଗ୍ରସର ଛାତ୍ର ଓ ୧୫ ଜଣ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ଖେଳ ଯଥା, ଏକୀକୃତ ଫୁଟବଲ, ଆଥଲେଟିକ୍ସ, ବ୍ୟାଡ ମିଣ୍ଟନ, ବୁଚି, ଫନ ଗେମ, ୱାର୍ମ ଅଫ କାର୍ଯ୍ୟକ୍ରମ ଆଦି ପ୍ରଦର୍ଶନ କରାଯାଇଥିଲା। ରୋଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସପନ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ରପୁର ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସୋମନାଥ ସିଂ, ସହକାରୀ ଶିକ୍ଷକ ସୌମ୍ୟ ଦାସଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଖେଳରେ ସହଯୋଗ କରିଥିଲେ। ଉଦଯାପନୀ ଦିବସରେ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମହୋଦୟ ଉପସ୍ଥିତ ରହି ତାଲିମର ଆଭିମୁଖ୍ୟ ବୁଝିବା ସହିତ ଭବିଷ୍ୟତରେ ଏହା କିପରି ସଫଳତା ହାସଲ କରି ପାରିବ ସେଥିପାଇଁ ପ୍ରଶାସନ ତରଫରୁ ଯେଉଁସବୁ ସହଯୋଗର ଆବଶ୍ୟକତା ଅଛି ତାହା ପ୍ରଦାନ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଅନ୍ତର୍ନିବେଶୀ ଶିକ୍ଷା ସାଧନ କର୍ମୀ ବିରେନ୍ଦ୍ର କୁମାର ସାହୁ, ରେଖାରଣୀ ଦାସ, ରୋହିତ କୁମାର ବିଶ୍ୱାଳ ଓ ଦିଲ୍ଲୀପ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଦୀପକ କୁମାର ଲେଙ୍କା ଶନିବାର ଯୋଗଦାନ କରିଛନ୍ତି। ଯୁବଶକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଢେଙ୍କାନାଳ ସୌଜନ୍ୟତାରେ ନୂତନ ଥାନା ଅଧିକାରୀଙ୍କ ନେତୃତ୍ୱରେ ରବିବାର ପରଜଙ୍ଗ ତେଲ ଟାଙ୍କି ନିକଟରେ ୫୩ନଂ ଜାତୀୟ ରାଜପଥ ଉପରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସଡ଼କ ସୁରକ୍ଷା ଜୀବନ ରକ୍ଷାକୁ ଆଧାର କରି ପ୍ରତ୍ୟେକ ଆରୋହୀଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଯଥା, ଗାଡ଼ିରେ ଗଲାବେଳେ ହେଲିମେଣ୍ଟ ବ୍ୟବହାର କରିବା, ସିଟ ବେଲ୍ଟ ବ୍ୟବହାର କରିବା, ଗାଡିର କାଗଜାତ ପାଖରେ ରଖିବା, ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର ନକରିବା, ଗାଡି ଧୀରେ ଚଳାଇବା, ନିଶାସେବନ କରି ଗାଡି ନଚଳାଇବା ଆଦି ନିୟମକୁ ମାନିଲେ ଗୋଟିଏ ପରିବାର ସୁରକ୍ଷିତରେ ଜୀବନ କଟାଇବା ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସଆଇ ରଞ୍ଜିତ କୁମାର ପ୍ରଧାନ, ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ଧଳ, ପ୍ରଦୀପ କୁମାର ପାତ୍ରଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏବଂ ତାଙ୍କ ସହିତ ଓଡିଶା ଡ୍ରାଇଭର ସଂଘର କେତେକ ସ୍ଥାନୀୟ ଡ୍ରାଇଭର ସହଯୋଗ ରଖିଥିଲେ।

### ମା' ସାହାଡ଼ାଶୁଣୀ ମନ୍ଦିର ପ୍ରତିଷ୍ଠା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୋହ୍ଲ ସ୍ଥିତ ମା' ସାହାଡ଼ାଶୁଣୀ ମନ୍ଦିର ଓ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶୁକ୍ରବାର ଅଙ୍କୁରାରୋପଣ ଓ ଯଜ୍ଞମଣ୍ଡପ ସ୍ଥାପନ କରାଯାଇଥିଲା। ଶନିବାର ୨୦୦ରୁ ଅଧିକ ମହିଳା କଳସ ବୁଡ଼ାଇ ଥିଲେ। ମା' ସାହାଡ଼ାଶୁଣୀଙ୍କ ମନ୍ଦିର ନିକଟରୁ ମହିଳାମାନେ ଶୋଭାଯାତ୍ରାରେ ବାହାରି ସିନ୍ଦୋଳ ଶାସନ ସ୍ଥିତ କୃଷ୍ଣେଶ୍ୱର ମହାଦେବ ମନ୍ଦିର ପୋଖରୀରେ କଳସ ବୁଡ଼ାଇଥିଲେ। କଳସ ବୁଡ଼ାଇବା ପରେ ଯଜ୍ଞସ୍ଥଳକୁ ଅଣାଯାଇ କଳସ ସ୍ଥାପନ କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ଗୁରୁପୂଜା, ଧରିତ୍ରୀ ପୂଜା, ମଣ୍ଡଳାଧି ପୂଜା କରାଯାଇ ଅଗ୍ନି ସ୍ଥାପନ କରାଯିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ କର୍ତ୍ତା ଭାବେ ସନାତନ ମାଝୀ କାର୍ଯ୍ୟ ତୁଲାଉଥିବା ବେଳେ ପଣ୍ଡିତ ଅନିରୁଦ୍ଧ ପାଣି, କାର୍ତ୍ତିକ ପାଣି, ନିରଞ୍ଜନ ପାଣି, ମଙ୍ଗରାଜ ପାଣି ଓ ରବିନ୍ଦ୍ର ଦାଶ ଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପନ୍ନ କରୁଛନ୍ତି।



ରବିବାର ଶିଖର ସ୍ନାନ ପରେ ମନ୍ଦିର ଓ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ସହିତ ସୋମବାର ଯଜ୍ଞର ପୂର୍ଣ୍ଣାହୂତି ହେବ ବୋଲି ଜଣାପଡ଼ିଛି। ଏହି ଅବସରରେ କୋହ୍ଲ ଗ୍ରାମର ବଳରାମ ସେନାପତିଙ୍କ ରଚିତ ମା' ସାହାଡ଼ାଶୁଣୀଙ୍କ ମହିମା ପୁସ୍ତକ ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାଯାଇଛି। ମା'ଙ୍କ ପୂଜକ କମଳାକାନ୍ତ ମାଝୀ, ସମାଜସେବୀ ଭଗବାନ ସାହୁ, ପ୍ରଦୀବ ବଳ ପ୍ରମୁଖଙ୍କ ସମେତ ପାଟୁଆ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ପତ୍ରାପାଳି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ମୁରିବାହାଲ, (ଭାସ୍କର ନ୍ୟୁଜ୍) ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍‌ର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପତ୍ରାପାଲିଠାରେ ଶନିବାର ଦିନ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜୟଦେବ ମାଝୀଙ୍କ ସଭାପତିତ୍ୱରେ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗେଶ୍ୱର ପୁଟେଲଙ୍କ ସଂଯୋଜନାରେ ଆୟୋଜିତ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ମହେନ୍ଦ୍ର ଦୀପ, ସମ୍ମାନିତ ବକ୍ତା ସିଆରସିସି ପ୍ରମୋଦ କର୍ମୀ, ସମ୍ମାନିତ ଅତିଥି ଦୁର୍ଲଭ ସାହୁ, ପବିତ୍ର ସାହୁ, ସୁନାଧର ପୁଟେଲ, ଧନଞ୍ଜୟ ସାହୁ, ପୁରୁଷୋତ୍ତମ ସାହୁ ତଥା କମିଟିର ସଭ୍ୟ ଶୁକ୍ରୁ ଦୀପ ଓ ଜୟନ୍ତୀ ସାହୁ ଯୋଗ ଦେଇଥିଲେ। ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବ ପରେ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ହିଁ ସମାଜର ମେରୁଦଣ୍ଡ। ପ୍ରାଥମିକ ଶିକ୍ଷା ଛାତ୍ରଛାତ୍ରୀ ମାନଙ୍କର ମୂଳଦୁଆ। ପ୍ରାଥମିକ ଶିକ୍ଷା ସୁଦୃଢ଼ ହେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁ, ସହକାରୀ ଶିକ୍ଷକ ଅଜୟ କୁମାର ନାୟକ, ଶୋଭାନ୍ତ ସୂର୍ଯ୍ୟକୁମାର, ଶୁଭପ୍ରକାଶ ଜେନା,ଡିଙ୍ଗର କର୍ମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଜୟଦେବ ମାଝୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ସହିତ ବିବରଣୀ ପଠନ କରିଥିଲେ। ପ୍ରଧାନ ଶିକ୍ଷକ ଛାତ୍ର ଛାତ୍ରୀଙ୍କ ପାଇଁ ଆବଶ୍ୟକ ଶ୍ରେଣୀ କୋଠରୀ ନଥିବାରୁ ଦୁଃଖପ୍ରକାଶ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ, କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉପଭୋଗ କରି ପ୍ରଧାନ ଶିକ୍ଷକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

### ଗୋମୟାଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତର ଗାଣ୍ଡପଡା ଗ୍ରାମରେ ପ୍ରତିଷ୍ଠିତ ମା' ଗୋମୟାଚଣ୍ଡୀ ପୀଠରେ ୨୮ ତାରିଖଠାରୁ ଆରମ୍ଭ ହୋଇଥିବା ଅଷ୍ଟବିଂଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ଚାରି ତାରିଖ ଦିନ ଉଦ୍‌ଯାପନ ହେବ। ରବିବାର ଦ୍ୱିତୀୟ ଦିବସରେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯଜ୍ଞସ୍ଥଳୀରୁ ଓଡ଼ିଶୀ, ନାମସଂକୀର୍ତ୍ତନ, ଘୋଡ଼ାନାଚ ମାଧ୍ୟମରେ ଯଜ୍ଞସ୍ଥଳୀରୁ ବାହାରି ଜଳିଆପଡ଼ା, କଣାସ, କୁଞ୍ଜେଶ୍ୱରୀ ଛକ, ବସଷ୍ଟାଣ୍ଡ, ଗୋଲାବଜାର ଦେଇ ଦୟାନଦୀର ଦୋକନ୍ଦା ଘାଟଠାରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ କଳସ ବୁଡାଇ ପୁନଶ୍ଚ ଯଜ୍ଞ ମଣ୍ଡପକୁ ଫେରି ଆସିଥିଲେ। ପାଞ୍ଚଦିନ ଧରି ଅଙ୍କୁରୋପଣ, ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ଚଣ୍ଡୀପାଠ, ରୁଦ୍ରାଭିଷେକ, ଅଗ୍ନିସ୍ଥାପନ, ଆହୂତିପ୍ରଦାନ, ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇ ଚାରି ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ଘୁମୁସରବରିଷ୍ଠ ନାଗରିକ ମଞ୍ଚ ବୈଠକ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ରବିବାର ସ୍ଥାନୀୟ ବନବିଭାଗ ଡାକ ବଙ୍ଗଳା ପରିସରରେ ଘୁମୁସର ବରିଷ୍ଠ ନାଗରିକମଞ୍ଚର ସଭାପତି ସୋମନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରବିନାରାୟଣ ସାମନ୍ତ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଭାପତି ଖବର କାଗଜରେ ଗତ ମାସ ୧୨ତାରିଖରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ସମାଧାନ ଉପରେ ପ୍ରକାଶ ହୋଇଥିବା ଲେଖା ପଢ଼ି ଶୁଣାଇବା ସାଙ୍ଗକୁ ତର୍ଜମା କରିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତିଆଡ଼ି ସଭାପତିଙ୍କୁ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଗ୍ରୀଷ୍ମକୁ ଆଖି ଆଗରେ ରଖି ପରବର୍ତ୍ତି ବୈଠକଗୁଡ଼ିକ ସକାଳ ନ'ଘଟିକାରୁ ଏଗାର ଘଟିକା ପର୍ଯ୍ୟନ୍ତ କରିବାକୁ ସ୍ଥିର କରାଗଲା। ଅପ୍ରେଲ ମାସର ବୈଠକ ଛଅ ତାରିଖ ପରିବର୍ତ୍ତେ ଅପ୍ରେଲ ଏକ ତାରିଖ ଉତ୍କଳ ଦିବସରେ କରାଯିବା ପାଇଁ ଠିକ କରାଗଲା। ସହସମ୍ପାଦକ ପିତାମ୍ବର ପରିଡାଙ୍କ ପ୍ରସ୍ତାବ କ୍ରମେ ଭଞ୍ଜନଗର ଏନ. ଏ. ସି. ତଥା ଘୁମୁସର ଅଞ୍ଚଳର ନଗଦ ସମସ୍ୟା ଉପରେ ମଞ୍ଚ ତରଫରୁ ବିଭିନ୍ନ ନିର୍ଦ୍ଧାରଣ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଓ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭଲ ଚିକିତ୍ସକ ଅଭାବରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳୁ ନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଶେଷରେ ପିତାମ୍ବର ପରିଡା ଧନ୍ୟବାଦ ଦେଇଥିଲେ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ା ସଦର ଲକ୍ଷ୍ମଣ ନାୟକ ଖେଳପଡ଼ିଆ ଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଜନ୍ମ ମହୋତ୍ସବ ଏବଂ ତୃତୀୟ ବାର୍ଷିକ ସତସଙ୍ଗ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସତସଙ୍ଗ କାର୍ଯ୍ୟକ୍ରମରେ ପ୍ରଥମେ ଉଷା କୀର୍ତ୍ତନ, ପ୍ରାତ ବିନତୀ ପ୍ରାଥନା, ସଂଗୀତାଞ୍ଜଳି, ନଗର ସଂକୀର୍ତ୍ତନ, ସତସଙ୍ଗ ସାଧାରଣ ସଭା, ପ୍ରସାଦ ସେବନ, ମାତୃସମ୍ମିଳନୀ ଏବଂ ସନ୍ଧ୍ୟା ବିନତି ପ୍ରାର୍ଥନା ଭଳି ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉତ୍ସବ କମିଟିର ସଂଯୋଜକ ଅନୀଲ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜଗତବନ୍ଧୁ ସାହୁ (ଜିଲ୍ଲା ମୁଖ୍ୟ ପରିଚାଳକ) ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ସୁରେସ ଚନ୍ଦ୍ର ସିଂହ, କହ୍ନୁଚରଣ ଦାଶ, ପ୍ରଶାନ୍ତ କୁମାର ଘୋଷାଲ, ଏମ୍-ମୋହନ ରାଓ, ସୌମ୍ୟରଞ୍ଜନ ବାରିକ, ବାବୁନ, ରିଙ୍କୁ, ସତ୍ୟ, ବୃନ୍ଦାବନ ପ୍ରମୁଖ ସହଯୋଗ ଏବଂ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ଏବଂ ସତସଙ୍ଗ ପ୍ରେମୀଙ୍କ ଭିଡ଼ ସହସ୍ରାଧିକ ଭାବେ ପରିଲକ୍ଷିତ ହୋଇଥିଲା।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୩ ତମ ବାର୍ଷିକ ଉତ୍ସବ

ଡେରାବିଶ, (ଭାସ୍କରେ ନ୍ୟୁଜ୍): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳୋ-ହରିଅଙ୍କ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରବଚକ ପଣ୍ଡିତ ହୃଶିକେଶ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଦେବଦତ ଶତପଥି, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ବିଦ୍ୟାଳୟର ସମ୍ପାଦିକା କୁସୁମ ମଞ୍ଜରୀ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଓ ଅତିଥିମାନେ ଛାତ୍ରଛାତ୍ରୀମାନେ କେବଳ ସରକାରଙ୍କ ପାଠ୍ୟ ଖସଡ଼ାକୁ ଅଧ୍ୟୟନ କରିବା ସହିତ ଦେଶର ଜଣେ ଉତମ ନାଗରିକ ହେବା ପାଇଁ ସେମାନଙ୍କ ଠାରେ ଦେଶାତ୍ମବୋଧ ଜାଗ୍ରତ କରିବା ସହିତ ସଙ୍କୋଚ ଏବଂ ସତ୍‌ଚରିତ୍ର ହେବା ଉଚିତ୍ ବୋଲି ସେମାନଙ୍କର ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଜୟ କୁମାର ନାୟକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଭୂଷଣ ଦାଶ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ବିଚିତ୍ରା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ପ୍ରଦୀପ କୁମାର ନାୟକ, ବିଦ୍ୟାଳୟର ସମସ୍ତ ଅପା, ଭାଇ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କଂଗ୍ରେସ ଓ ସମ୍ବାଦ ଆମ ଓଡ଼ିଶା ପକ୍ଷରୁ ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କ ୫୯ତମ ଜନ୍ମଦିନ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆସନ୍ତା ୫ ତାରିଖରେ ତିହିଡ଼ି ମେଡ଼ିକାଲ ପରିସରରେ ଅନୁଷ୍ଠିତ ହେବ। ଏଥିପାଇଁ ତିହିଡ଼ି ବଜାରରେ ବ୍ଲକ କଂଗ୍ରେସ ସଭାପତି ତଥା ବିଧାୟକ ପ୍ରତିନିଧି ସରୋଜ କୁମାର ଦାସଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ମିନକେତନ ସେନାପତି, କରୁଣାକର ମହାରଣା, ଗଣେଶ ଚନ୍ଦ୍ର ମଲିକ, ଶିବ ପ୍ରସାଦ ନାୟକ, କୈଳାସ ପାତ୍ର, ସୁରେନ୍ଦ୍ର ସାହୁ, ଦୀପକ ଦାସ, ସରୋଜ ପାଣି, ପ୍ରଫୁଲ୍ଲ ମହାପାତ୍ର, ସୌମେନ୍ଦ୍ରନାଥ ପଣ୍ଡା, ରତ୍ନାକର ନାୟକ, ସେକ ଆରଫାନ, ତ୍ରିଲୋଚନ ଗୌତମ, ବେଣୁଧର ଦାସ, ହରିହର ମଲିକ, ଦିଗମ୍ବର ରାଉଳ, ସୌମ୍ୟ ଗୋପାଳ ନାୟକ, ସୁବାସ ସାହୁ, ସୁଧାଂଶୁ ଶେଖର ମାହୁନ୍ତ, ବିଜୟ ନାୟକ, ସଂଗ୍ରାମ ପାତ୍ର ପ୍ରମୁଖ ଯୋଗ ଦେଇ ରକ୍ତଦାନ ଶିବିରକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ଶେଷରେ ଆମଓଡ଼ିଶାର ତିହିଡ଼ି ଶାଖା ଆବାହକ ପ୍ରଭାତ କୁମାର ରାଉଳ ଧନ୍ୟବାଦ ଦେଇଥିଲେ।



# ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଜି ମାଲକାନଗିରି ଜିଲ୍ଲାରେ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଅନୁସୂଚୀତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଓ ଶିକ୍ଷା ବିଭାଗ ଅଧିନରେ ଆସୁଥିବା ସମସ୍ତ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଶିକ୍ଷାର ମାନ ବୃଦ୍ଧି, ନିରନ୍ତର ଭାବେ ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ, ମହିଳା ଛାତ୍ରୀଙ୍କ ସୁରକ୍ଷା ଇତ୍ୟାଦି ଉପରେ ଧ୍ୟାନ ଦେବା ପାଇଁ କୁହାଯାଇଛି। ଉଚ୍ଚ ଶିକ୍ଷା ସହ ଉଚିତ୍ ଶିକ୍ଷା ମାଧ୍ୟମରେ ବିକାଶ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ସହ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାମ ତ୍ୱରାନିତ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ସେହିପରି ଜଙ୍ଗଲ ବିଭାଗକୁ ଜଙ୍ଗଲ ନିଆଁକୁ ରୋକିବା ପାଇଁ କି ପଦକ୍ଷେପ ନିଆ ଯାଇଛି ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ କେତେ ହିତାଧିକାରୀ ଉପକୃତ ହୋଇପାରିଛନ୍ତି ସେ ବିଷୟରେ ମନ୍ତ୍ରୀ ପଚାରି ବୁଝିଥିଲେ। ପିଏମ୍ ଜନମନ ଯୋଜନା ମାଧ୍ୟମରେ ଜିଲ୍ଲାର ଦୁଇ ଆଦିମ ବଣ୍ଡା ଓ ଦିଦାୟୀ ଜନଜାତିଙ୍କୁ ଆବାସ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସୂଚନା ଦେଇଥିଲେ। ମତ୍ସ୍ୟ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଆମ ଜିଲ୍ଲା ସ୍ୱାବଲମ୍ବୀ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ପଶୁପାଳନ ନେଇ ମନ୍ତ୍ରୀ ଅଧିକ ଗୋପାଳନ ଓ ଛେଳି ପାଳନ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏମଏସଏମଇ ବିଭାଗକୁ ମଧ୍ୟ ଜିଲ୍ଲାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସ୍ଥିତି ପଚାରି ବୁଝିଛନ୍ତି। ଜିଲ୍ଲାରେ ଡାଲମିଆ ଓ ଆମ୍ବୁଜା ପକ୍ଷରୁ ଦୁଇ ଗୋଟି ବୃହତ୍ ସିମେଣ୍ଟ ଉଦ୍ୟୋଗ ସ୍ଥାପନ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସାମାଜିକ ସୁରକ୍ଷା ବିଭାଗକୁ ପେନସନ ସୁବିଧା ଓ ଜିଲ୍ଲା ମଙ୍ଗଳ ବିଭାଗକୁ ସୁଭଦ୍ରା ଯୋଜନା ବିଷୟରେ ପଚାରି ବୁଝିଥିଲେ। ଆଜି ସୁଦ୍ଧା ଜିଲ୍ଲାରେ ୧ ଲକ୍ଷ ୪୮ ହଜାର ୭୦୯ଟି ସୁଭଦ୍ରା ଦରଖାସ୍ତ ଗ୍ରହଣ କରାଯାଇଛି। ସେଥିରୁ ୧ ଲକ୍ଷ ୩୪ ହଜାର ୬୧୦ ଜଣଙ୍କୁ ସୁଭଦ୍ରା ରାଶି ମିଳିଛି। ସେହିପରି ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଓ ବିଦ୍ୟୁତ ବିଭାଗ ସହ ମଧ୍ୟ ଆଲୋଚନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଡଃ ବାଦଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମଞ୍ଚାସୀନ ଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ୩ ମହଲା କୋଠା ନିର୍ମାଣ ପାଇଁ ୪ କୋଟି ଟଙ୍କା ମଞ୍ଜୁର ହେବ : ମୁଖ୍ୟମନ୍ତ୍ରୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଆୟୋଜିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଥିଲେ ଯେ, ନିଜ କଲେଜ ଓ ନିଜ ଶିକ୍ଷକମାନଙ୍କୁ ନେଇ ଆପଣ ମାନେ ଗର୍ବ ଅନୁଭବ କରିବା ଉଚିତ ଏବଂ ଭବିଷ୍ୟତରେ ଏହି ମହାବିଦ୍ୟାଳୟର ଶୋଭା ବର୍ଦ୍ଧନ କରିବା ଉଚିତ। ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ଭାବେ ମୋର ମଧ୍ୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ରହିଛି। ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଓ ଉନ୍ନତିକରଣ ନିମନ୍ତେ ଏକ ୩ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଦିନ ପ୍ରାୟ ଦୁଇ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଚମ୍ପୁଆରେ ପହଞ୍ଚି ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ସ୍ୱାଗତ କରିଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟଗୀତର ତଳେତାଳେ ମହାବିଦ୍ୟାଳୟର ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ୧୯୯୩ ବ୍ୟାଚର ସହପାଠୀ ମାନେ ମଞ୍ଚ ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଫୁଲମାଳ ଦେଇ ସ୍ୱାଗତ ଜଣାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର କର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନୀତ ଅତିଥି ଚମ୍ପୁଆ ବିଧାୟକ ସନାତନ ମହାକୁଡ ନିଜ ବକ୍ତବ୍ୟ ରେ ଚମ୍ପୁଆ ସହର ରେ ବାଇପାସ ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ ଜଣାଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଡ.ଫକୀର ମୋହନ ନାଏକ ଚମ୍ପୁଆ ବାସୀଙ୍କ ବହୁଦିନର ଦାବୀ ଚମ୍ପୁଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ତ୍ୱରାନିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦୁଝର ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଯୁକ୍ତ ତିନି ବାଣିଜ୍ୟ, ଯୁକ୍ତ ତିନି ଭୁତତ୍ତ୍ୱ ବିଜ୍ଞାନ, ଏବଂ କଳା ପାଠ୍ୟକ୍ରମରେ ସଂସ୍କୃତ ଏବଂ ସାମାଜିକ ଶାସ୍ତ୍ର ସହିତ ଇଣ୍ଟିଗ୍ରେଟେଡ଼ ବି. ଏଡ଼ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରତିଷ୍ଠା ପାଇଁ ସ୍ୱର୍ଗତ କ୍ଷେତ୍ରବାସୀ କର, ବ୍ରଜ ସୁନ୍ଦର ପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସହରାଇ ଓରାମ୍‌ଙ୍କ ଅବଦାନକୁ ସ୍ମରଣ କରିଥିଲେ। ଚମ୍ପୁଆର ବରିଷ୍ଠ ଓକିଲ କ୍ରିଷ୍ଣାରାମ, ପୂର୍ବତନ ବିଧାୟକ ଧନୁର୍ଜୟ ଲାଗୁରୀ ଓ ସ୍ୱର୍ଗତ ଉମାକାନ୍ତ ମହାନ୍ତଙ୍କ ସହଯୋଗକୁ ମନେପକାଇ ଥିଲେ। ନିଜ ଅଭିଭାଷଣରେ ନୂତନ ଜାତୀୟ ଶିକ୍ଷାନୀତି - ୨୦୨୦ରେ ଦକ୍ଷତା ବିକାଶ, ବହୁବିଧ ଶିକ୍ଷା ଏବଂ ବୃତ୍ତିଗତ ତାଲିମ ଉପରେ ଗୁରୁତ୍ୱ ଦିଆଯାଇଛି। ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ ପିଏମ୍ ଉଷା ଯୋଜନା ଲାଗୁ କରାଯାଉଛି। ଏହି ଯୋଜନାରେ ଗୁଣାତ୍ମକ ଶିକ୍ଷାଦାନ, ଆଇ.ସି.ଟି. ଆଧାରିତ ଭିତ୍ତିଭୂମି ଏବଂ ଛାତ୍ରଛାତ୍ରୀମାନଙ୍କ ନିଯୁକ୍ତି ସୁଯୋଗ ରହିଛି। ସେ ଆହୁରି ମଧ୍ୟ କହିଥିଲେ ଯେ, ବର୍ତ୍ତମାନ ସମୟରେ ଯୁବବର୍ଗଙ୍କ ପାଇଁ ଶିକ୍ଷା ସହିତ ଆଉ ଏକ ମୁଖ୍ୟ ଆଭିମୁଖ୍ୟ ରହିଛି କ୍ରୀଡ଼ା କ୍ଷେତ୍ର। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯାଉଛି। କ୍ରୀଡ଼ା କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରେ କ୍ରିକେଟ୍, ଭଲିବଲ, ଫୁଟବଲ ଓ ଆଥଲେଟିକ୍ସ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ଆମେ ଯୋଜନା ରଖିଛୁ। କ୍ରୀଡ଼ାର ବିକାଶ ପାଇଁ ପ୍ରତି ବ୍ଲକରେ ଷ୍ଟାଡ଼ିୟମ ନିର୍ମାଣ ହେବ ବୋଲି ସେ କହି ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ 'ୟେସ ୱି କ୍ୟାନ'ର ନାରା ଦେଇ କହିଥିଲେ ଯେ ନିଜର ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ତୁମେ ମାନେ ସଫଳତା ପାଇବ ଏବଂ ଏହି ମହାବିଦ୍ୟାଳୟରେ ପାଠ ପଢୁଥିବା ଏକ ସାଧାରଣ ଛାତ୍ର ମୋହନ ମାଝୀ ଭଳି ଦିନେ ନା ଦିନେ ଜୀବନରେ ସଫଳତାର ଶିଖରରେ ରହିବ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଏବଂ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଚମ୍ପୁଆ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲାପାଳ ବିଶାଳ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଚକ ସୂର୍ଯ୍ୟମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ଅଧୀନ ଅଚକ ଗ୍ରାମର ସୂର୍ଯ୍ୟମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବାଳା ମଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କବି ଗୋଲକ ପ୍ରସାଦ ବୈୟାରୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମାଳତୀ ସାହୁ, ନନ୍ଦପୁର କ୍ଲଷ୍ଟର ସଂଯୋଜକ ଜନ୍ମେଜୟ ସାହୁ, ସମାଜସେବୀ ଆଦିକନ୍ଦ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ରବତ୍ସଳ ହେବା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଦେବବ୍ରତ କୁଣ୍ଡ, ପ୍ରଶାନ୍ତ ମହାରଣା, ଶିକ୍ଷକ କିଶୋର ବାରିକ, ଗଣେଶ ବାରିକ, ରାଜେନ୍ଦ୍ର ନାରାୟଣ ଦାସ, ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ମଲିକ, ଅନ୍ନପୂର୍ଣ୍ଣା ସାହୁ, ବୈଜୟନ୍ତୀ ନାୟକ, ଗ୍ରାମବାସୀ ସନ୍ତୋଷ କୁମାର ସେଠୀ, ନାରାୟଣ ସେଠୀ, ଅମୀୟ ରଞ୍ଜନ ନାୟକ, ପରିଚାଳନା କମିଟିର ସଭାନେତ୍ରୀ ଶକୁନ୍ତଳା ନାୟକ, ଶିକ୍ଷକ ଅସୀମ ସାହୁ, ଯଶୋଦା ଦାସ, ଜାନକୀପ୍ରଭା ଗିରି, ପଦ୍ମନାଥ ଜେନା, କବିତା ସେଠୀ, ଚିନ୍ମୟୀ ସାହୁ ପ୍ରମୁଖଙ୍କ ସମେତ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ଥିଲେ।

# ନିର୍ଝରିଣୀ ତରଫରୁ ଆଲୋଚନାଚକ୍ର

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡାରେ ବ୍ଲକ୍ ରାଣୀପୁର ଝରିଆଲରେ ଅନୁଷ୍ଠିତ ହେଉଥିବା ଶିବରାତ୍ରୀ ଓ ଚୌଷଠୀ ଯୋଗିନୀ ମହୋତ୍ସବ ଅବସରରେ କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ତରଫରୁ ରବିବାର ଦିନ ଆଲୋଚନା, ସମ୍ବର୍ଦ୍ଧନା ଓ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନଷ୍ଠିତ ସଭାରେ ଆଲୋଚକ ଭାବେ ଡ.ସଞ୍ଜୟ ମିଶ୍ର, ଡ.ନାରାୟଣ ମିଶ୍ର, ଲକ୍ଷ୍ମୀଧର ମାଝୀ, ସମ୍ମାନିତ ଅତିଥି ଭାବରେ ଟ୍ରଷ୍ଟ ସଭାପତି ମାଣିକ ଲାଲ ଜୈନ, ମଞ୍ଜେସ ମେହେର, ମିନତୀ ତ୍ରିପାଠୀ, ବୃନ୍ଦାବନ କୁମ୍ଭାର ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଉଦ୍ଦେଶ୍ୟ ଜ୍ଞାପନ ସହିତ ସ୍ୱାଗତ ଭାଷଣ, ଜ୍ୟୋତି ପ୍ରକାଶ ଗଡ଼ତ୍ୟା ସଭା ପରିଚାଳନା ଓ ସୁଧାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ, ସଂସ୍କୃତି ପ୍ରତି ସମର୍ପିତ ହେତୁ ଡ.ସଞ୍ଜୟ ମିଶ୍ର ଓ ଡ.କପିଳେନ୍ଦ୍ର ଦାସଙ୍କୁ ନିର୍ଝରିଣୀ ତରଫରୁ ମାନପତ୍ର, ଉପଢୌକନ, ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଶିଶୁ କିଶୋର ପତ୍ରିକା ମମତାର ଡୋରି ଓ ନିର୍ଝର ଉନ୍ମୋଚିତ ହୋଇଥିଲା। ରାଣୀପୁର ଝରିଆଲ ଶୈବପୀଠ ବିଶ୍ୱରେ ମଧ୍ୟ ତାର ସ୍ୱତନ୍ତ୍ରତା ବଜାୟ ରଖିଛି ତେଣୁ ଏହା ଅନନ୍ୟ ଶୈବପୀଠ ଅଟେ। ଏହାର ଉନ୍ନତି ସକାଶେ ସରକାରଙ୍କ ଦୃଷ୍ଟିଗୋଚର ହେବା ଆବଶ୍ୟକ ବୋଲି ଉପସ୍ଥିତ ଆଲୋଚକ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆବାହକ ଅନୀଲ ତ୍ରିପାଠୀ, କ୍ଷୀରସିନ୍ଧୁ ଭୋଇ, ସହ ସମ୍ପାଦିକା ଅଞ୍ଜଳି ମାଝୀ, ମମତା ପଣ୍ଡା, ସାଧବୀ ସାହୁ, ଗୁଡଲି ସାହୁ, ସସ୍ମିତା ଷଡ଼ଙ୍ଗୀ, ସବିତା ମିଶ୍ର, ବିରଞ୍ଚି ଖର୍ସେଲ, ଗୋପୀନାଥ ସାହୁ ଆଦି ସହଯୋଗ କରିଥିଲେ।

## ନୋଟାରି ପବ୍ଲିକ୍ ନିଯୁକ୍ତି ପାଇଲେ ସୁଶାନ୍ତ

କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରତିଷ୍ଠିତ ସିଭିଲି କୋର୍ଟରେ ଆଇନ୍‌ଜୀବୀ ସୁଶାନ୍ତ କୁମାର ମହାନ୍ତି, ସା-ପୋତାଘର, ଥାନା-କଣାସ ଜିଲ୍ଲା ପୁରୀ ଗତ ୧୯ ତାରିଖ ଦିନ ଭାରତ ସରକାରଙ୍କ ଦ୍ୱାରା ନୋଟାରି ପବ୍ଲିକ ଭାବେ ନିଯୁକ୍ତି ପାଇଛନ୍ତି। କଣାସ ନୋଟାରି ନ ଥିବାରୁ ଅଇନ୍‌ଜୀବୀ ଓ ଜନସାଧାରଣ ବହୁ ଆସୁବିଧାର ସମ୍ମୁଖିନ ହେଉଥିଲେ। କଣାସ କୋର୍ଟରେ ପ୍ରଥମ ନୋଟାରି ନିଯୁକ୍ତି ହୋଇଥିବାରୁ କଣାସ କୋର୍ଟର ଆଇନ୍‌ଜୀବୀ ଓ ଜନସାଧାରଣ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜନସାଧାରଣଙ୍କ ଦ୍ୱାରା ଆସିବାକୁ ଥିବା କାଗଜାତର ସଠିକ୍ ଆଟେଷ୍ଟେଡ୍ କରିବା ପାଇଁ ନୋଟାରି ସୁଶାନ୍ତ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ନୋଟାରି ଭାବେ କାର୍ଯ୍ୟକରିବା ପାଇଁ ସାର୍ଟିଫିକେଟ୍ ପାଇଥିବାରୁ ସେ ଭାରତ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ସଦର ସ୍ଥିତ ଟାଉନ ହଲ ଠାରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପ ମାନ ପ୍ରତିଷ୍ଠା ହୋଇଥିଲା। ମଞ୍ଚାସୀନ ଅତିଥି ଭାବେ ବାଲିମେଳା ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଡାକ୍ତର ଅଭିଦ ହୁସେନ, ଦିବ୍ୟାଙ୍ଗ ସଂଘ ସଭାପତି ଜଗତ ଜୀବନ ପାତ୍ରଙ୍କ ସମେତ କାଉନ୍ସିଲରମାନେ ଉପସ୍ଥିତ ଥିଲେ। ବାଲିମେଳା ଏନଏସି ତଥା ଆଖପାଖ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଲୋକେ ଏହି ଶିବିରରେ ଯୋଗଦେଇ ନିଜ ନିଜର ନାମ ପଞ୍ଜିକରଣ କରାଇ ପରୀକ୍ଷା କରାଇଥିଲେ। ଟାଉନ ହଲର ୫ଟି ପ୍ରକୋଷ୍ଠରେ ୫ ଗୋଟି ବିଭାଗର ପରୀକ୍ଷା କରାଯାଇଥିଲା। ବୌଦ୍ଧିକ ବାଧିତ ବିଭାଗରେ ଡାକ୍ତର ଅଭିଦ ହୁସେନ ଏବଂ ଅସ୍ଥିଶଲ୍ୟ ବିଭାଗରେ ଡାକ୍ତର ପ୍ରିୟରଞ୍ଜନ ସେଠୀ ପରୀକ୍ଷା କରିଥିଲେ। ଶ୍ରବଣ ବାଧିତ ବିଭାଗରେ ଡାକ୍ତର ସମୀର ଗୋଲଦାର ପରୀକ୍ଷା କରିଥିଲେ। ଶିଶୁ ବିଭାଗରେ ଡାକ୍ତର ସନ୍ତୋଷ କୁମାର ମିଶ୍ର ପରୀକ୍ଷା କରିଥିଲେ। ସେହିପରି ଦୃଷ୍ଟି ବାଧିତ ବିଭାଗରେ ଡାକ୍ତର ସଞ୍ଜୀବ କୁମାର କର ପରୀକ୍ଷା କରିଥିଲେ। ସାଧାରଣ ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା ଏବଂ ଡାକ୍ତର ସୁବ୍ରତ କୁମାର ଜେନା ପରୀକ୍ଷା କରିଥିଲେ। ବୌଦ୍ଧିକ ବାଧିତ ଏବଂ ଅସ୍ଥିଶଲ୍ୟ ବିଭାଗ ରେ ୭୮, ଶ୍ରବଣ ବାଧିତ ବିଭାଗରେ ୨୪, ଦୃଷ୍ଟି ବାଧିତ ବିଭାଗରେ ୨୫, ସାଧାରଣ ସ୍ୱାସ୍ଥ୍ୟ ବିଭାଗରେ ୨୧ଏହିପରି ସମସ୍ତ ବିଭାଗରେ ସର୍ବମୋଟ ୧୪୮ଜଣ ପଞ୍ଜିକରଣ କରାଇଥିବା ସୂଚନା ମିଳିଛି। ଭିନ୍ନକ୍ଷମମାନଙ୍କୁ ୪ ଗୋଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇ ଥିଲା। ଏଥି ସମେତ ବସ୍ ପାସ୍ ୩୫ ଜଣଙ୍କୁ ପ୍ରଦାନ କରାଯାଇଥିବା ଜଣଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଥିଲା। ଏଥିସହ ଜଣେ ଦିବ୍ୟାଙ୍ଗଙ୍କୁ ବିବାହ କରିଥିବା ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସହକାରୀ କର୍ମୀ ଶ୍ରୀକାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ ଡୋଲିଆମ୍ବ ଗ୍ରାମ ସ୍ଥିତ ସତସଙ୍ଗ କେନ୍ଦ୍ର ଠାରେ ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନ ଯଥା ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ପ୍ରତ୍ୟୁସେ-ଉଷା କୀର୍ତ୍ତନ, ପ୍ରାତଃ ୬.୦୬ ମିନିଟ୍‌ରେ ବିନତୀ ପ୍ରାର୍ଥନା ଓ ସତ୍‌ଗ୍ରନ୍ଥ ଆଦି ପାଠ କରାଯାଇଥିଲା। ପରେ ୭ଟାରେ ସଙ୍ଗିତାଞ୍ଜଳି, ୮.୩୦ରେ ସୁସଜ୍ଜିତ ରଥରେ ଶ୍ରୀ ଶ୍ରୀ ଠାକୁରଙ୍କୁ ନେଇ ନଗର ପରିକ୍ରମା କରାଯାଇଥିଲା। ୧୧.୩୦ରେ ସତସଙ୍ଗର ସାଧାରଣ ସଭା ଶଙ୍ଖଧ୍ୱନି ଦ୍ୱାରା ଆରମ୍ଭ ହୋଇଥିଲା। ପରେ ସତ୍ୟାନୁସରଣ, ସ୍ୱାସ୍ଥ୍ୟ ଓ ସଦାଚାର ଗ୍ରନ୍ଥ ପାଠ କରାଗଲା। ଏହା ପରେ ସ୍ଥାନୀୟ ସତସଙ୍ଗ କେନ୍ଦ୍ରର ଝିଅମାନଙ୍କ ଦ୍ୱାରା ଆବାହନି ସଙ୍ଗୀତ ଗାନ ଓ କୋରାପୁଟ ଠାରୁ ଆଗତ ସ୍ମିତା ଦାସ ମା ଏକ ସୁନ୍ଦର ଭଜନ ପରିବେଷଣ କରିଥିଲେ। ଜୟପୁରରୁ ଆସିଥିବା ବିଶ୍ୱଜିତ୍ ଦତ୍ତ ଏକ କୋରସ ପରିବେଷଣ କରିଥିଲେ। ରତ୍ନାକର ବାଘ ଓ ହାଡ଼ି ବନ୍ଧୁ ବେହେରା ସାଥିମାନଙ୍କ ସହ ମିଶି ଦୁଇଟି କୀର୍ତ୍ତନ ପରିବେଷଣ କରିଥିଲେ। ରିତ୍ୱିକ କେଦାରେଶ୍ୱର ସାହୁଙ୍କ ଦ୍ୱାରା ସଭା ପରିଚାଳିତ ହୋଇଥିବା ବେଳେ ଅଧ୍ୱର୍ଯ୍ୟ ଗୋପାଳ ମଣ୍ଡଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ କଟକରୁ ନିମନ୍ତ୍ରିତ ପବିତ୍ର କୁମାର ମେକାପ, ରିତ୍ୱିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜୀବନରେ ଗୁରୁ ଗ୍ରହଣର ଆବଶ୍ୟକତା, ଜଯନ, ଯାଜନ୍, ଇଷ୍ଟବୃତ୍ତି ସମ୍ବନ୍ଧେ ସୁନ୍ଦର ସାବଲୀଳ ଢଙ୍ଗରେ ବାସ୍ତବ ଘଟଣାର ଉଦାହରଣ ଦ୍ୱାରା ଭକ୍ତ ମାନଙ୍କୁ ମୋହିତ କରି ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ଉତ୍ସବରେ କୋରାପୁଟ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ରିତ୍ୱିକ୍ କର୍ମିଗଣ ଜଗନ୍ନାଥ ଖଟୁଆ, ଶିଶିର କୁମାର ପରିଜା, ରଜନୀ କାନ୍ତ ନାୟକ, ମହେଶ୍ୱର ଦାସ, ପବିତ୍ର ପାଞ୍ଜା ଧାରୀ କର୍ମୀ ,ଗୁରୁ ଭାଇ, ମା'ମାନେ ତଥା ସତସଙ୍ଗ ପ୍ରେମୀ ଏହିପରି ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ବେଦାନ୍ତ କମ୍ପାନୀ ଆନୁକୁଲ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ଶତାଧିକ ମା', ଭାଇମାନେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ପାଇଥିଲେ। ମଧ୍ୟାହ୍ନରେ ସମସ୍ତେ ପ୍ରାସାଦ ସେବନ କରି ପରିତୃପ୍ତ ହୋଇଥିଲେ। ଏହାପରେ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀପ୍ରିୟା ସାହୁ ମା'ଙ୍କ ଦ୍ୱାରା ଅପରାହ୍ନ ତିନିଟା ବେଳେ ମାତୃ ସମ୍ମିଳନୀ ପରିଚାଳିତ ହୋଇଥିଲା ଯେଉଁଥିରେ ପଦ୍ମିନୀ ବିଡ଼ିକା ଓ ଅନ୍ୟ ମା'ମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀକ୍ଷାଦାନ ଓ ଦୀକ୍ଷା ପତ୍ର କାର୍ଯ୍ୟର ବ୍ୟବସ୍ଥା ହୋଇଥିବାବେଳେ ଶେଷରେ ସନ୍ଧ୍ୟା ୬.୦୯ରେ ବିନତୀ ପ୍ରାର୍ଥନା ଓ ସତ୍ ଗ୍ରନ୍ଥାଦି ପାଠ ସହ ଉତ୍ସବର ପରିସମାପ୍ତି ଘଟିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଲାବଣ୍ୟ ହଲବା, ନିତ୍ୟା ନନ୍ଦ ଗରଡା, ନକୁଳ ଗରଡ଼ା, ପାତ୍ର ଗରଡ଼ା, ରମାକାନ୍ତ ବାଘ, ପର୍ଶୁରାମ ବିଡ଼ିକା, ପ୍ରସଂଜିତ୍ ବୀଡ଼ିକା, ପରମେଶ୍ୱର ହାଲବା, ଭାସ୍କର କୁଲଦୀପ, ସହଦେବ ବିଡ଼ିକ, କଂସାରୀ ବାଘ ଓ ଅନ୍ୟ ଭାଇ ଓ ମାଆମାନଙ୍କ ସହଯୋଗରେ ଉତ୍ସବ ସର୍ବାଙ୍ଗ ସୁନ୍ଦର ହୋଇଥିଲା।

# ଜାତୀୟ ବିଜ୍ଞାନ ଦିବସ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ବାରିପଦା ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଥିନ୍ଦ୍ରନାଥ ଘୋଷଙ୍କ ପୌରହିତ୍ୟରେ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ମହାପାତ୍ର ବିଜ୍ଞାନର ଭାବାତ୍ମକ, ଜ୍ଞାନାତ୍ମକ, ବିକାଶ କ୍ରିୟାତ୍ମକ ଦିଗକୁ ବୁଝିବା ଏହି ବିଜ୍ଞାନ ଦିବସର ଲକ୍ଷ୍ୟ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଦୈନନ୍ଦିନ ଜୀବନରେ ଅନ୍ଧବିଶ୍ୱାସର ଦୂରୀକରଣ ପାଇଁ ବିଜ୍ଞାନର ସହାୟତା, ବୈଜ୍ଞାନିକ ପଦ୍ଧତି ଓ କୌଶଳକୁ ବୁଝି ତାହା ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ତଥା ବିଜ୍ଞାନର ସ୍ଥାୟୀ ବିକାଶ ପାଇଁ ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ସମାଜରେ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ବୈଜ୍ଞାନିକ ଶୁଭାଶିଷ ଚାଟାର୍ଜୀ ଯୋଗଦେଇ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ସମସ୍ୟାର ସମାଧାନ ପାଇଁ ସକ୍ଷମ କରିବାର ଉପାୟ ବିଷୟରେ ଛାତ୍ରଛାତ୍ରୀ ମାନଙ୍କ ମାର୍ଗଦର୍ଶନ କରିଥିଲେ। ଏହି ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ କୁଇଜ୍ ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶାରୀରିକ ଶିକ୍ଷା ପ୍ରଶିକ୍ଷିକା ଚାନ୍ଦିନୀ ଖାତୁନ ସଭା ପରିଚାଳନା କରିଥିବା ବେଳେ ଏବଂ ଗ୍ରନ୍ଥାଗାରିକ ଅମିତ କୁମାର ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ।

# ବିଶିଷ୍ଟ ସମବାୟବିତ ମୁରଲିଧରଙ୍କ ପରଲୋକ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ କପିଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ନିରବଚ୍ଛିନ୍ନ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇ ସମବାୟ ଆନ୍ଦୋଳନକୁ ସ୍ଥାନୀୟ ଅଞ୍ଚଳରେ ଘରେ ଘରେ ପହଞ୍ଚାଇଥିବା ସମବାୟବିତ୍ ମୁରଲିଧର ପ୍ରଧାନ(୯୧)ଙ୍କ ପରଲୋକ ହୋଇଯାଇଛି। ସେ ଗତ ସପ୍ତାହେ ହେବ ମସ୍ତିଷ୍କାଘାତ ରୋଗରେ ପଡ଼ୀତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇ ଯାଇଛି। ସ୍ୱର୍ଗତ ପ୍ରଧାନ କପିଳେଶ୍ୱର ସମବାୟ ସମିତି ପ୍ରତିଷ୍ଠା ଦିନ ଠାରୁ ସମିତିର ନିର୍ଦ୍ଦେଶକ ଭାବେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଆସୁଥିଲେ। ରାତିରେ ସ୍ୱର୍ଗତ ପ୍ରଧାନଙ୍କ ମୃତ ଶରୀର ଗ୍ରାମରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପାଣିଓଳା ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସାନଭାଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର, ପୁଅ ବୋହୂ ଓ ନାତିନାତୁଣି ଉପସ୍ଥିତ ରହିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ବିଭୁପଦାରବିନ୍ଦ ମୁଖାଗ୍ନି ଦେଇଥିଲେ।

# ପୋଲାଭରମ ପ୍ରକଳ୍ପକୁ ନେଇ ପୂର୍ବ ସରକାରଙ୍କୁ ଟାର୍ଗେଟ୍



ମାଲକାନଗିରି, (ଭାସ୍କର ନ୍ୟୁଜ୍): ପୋଲାଭରମ ପ୍ରକଳ୍ପକୁ ନେଇ ବିଜେପି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ। ଏହି ସାମ୍ବାଦିକ ସମ୍ମିଳନୀରେ ମାଝୀ କହିଛନ୍ତି କଂଗ୍ରେସ ସରକାର ଅମଳରେ ପୋଲାଭରମ ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା। ଏବେ ପୋଲାଭରମ ପ୍ରକଳ୍ପର ୯୦ ପ୍ରତିଶତ କାମ ଶେଷ ହୋଇଯାଇଛି। ପ୍ରକଳ୍ପ ଶେଷ ହେଲେ, ଓଡିଶା ମାଲକାନଗିରି ଜିଲ୍ଲାର ଯେଉଁମାନେ ପ୍ରଭାବିତ ହେବେ, ଭାରତୀୟ ଜନତା ପାର୍ଟିର ଷ୍ଟାଣ୍ଡ ହେଉଛି। ସେମାନଙ୍କୁ ସରକାର ସମସ୍ତ ପ୍ରକାରର ସୁବିଧା ଯୋଗାଇଦେବା ସହିତ ପୂର୍ଣ୍ଣ ରୂପରେ ଥଇଥାନ କରିବାର ବ୍ୟବସ୍ଥା କରିବ ଓ ଯେତେଦିନ ପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ ପ୍ରଭାବିତ ଲୋକେ ସମ୍ପୂର୍ଣ୍ଣ ଥଇଥାନ ନ ପାଇବେ, ସେ ପର୍ଯ୍ୟନ୍ତ ପୋଲାଭରମ ପାଣି ଆମେ ମଡ଼େଇବାକୁ ଦେବୁନାହିଁ। ତେବେ ବିଜେଡିର ଯେଉଁ ନେତାମାନେ କେବେ ମାଲକାନଗିରିକୁ ଆସି ନଥିଲେ ଆଜି ସେମାନେ ପୋଲାଭରମ ନାଁରେ ବାହାନା କରି ମୋଟୁ ଠାରେ ପହଞ୍ଚି ପିକନିକ୍ ମନେଇଛନ୍ତି। କିଛି ଏଭଳି କହି ବିରୋଧୀ ବିଜେଡିକୁ ଟାର୍ଗେଟ କରିଛନ୍ତି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ। ଏହି ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ସମେତ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଯୋଗ ଦେଇଥିଲେ। ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ କହିଛନ୍ତି। ପୋଲାଭରମ ପ୍ରକଳ୍ପକୁ ନେଇ ବିଜୁ ଜନତା ଦଳ ସେଭଳି କିଛି ଅମ୍ରୀୟତା ନାହିଁ। ପ୍ରକଳ୍ପ ନାଁ ରେ ବିଜେଡି ନେତାମାନେ ପିକନିକ କରିଆସିଛନ୍ତି। ପୂର୍ବରୁ କ୍ଷମତାରେ ଥିବା ବେଳେ ଏହାକୁ ବିରୋଧ କରିବା ବଦଳରେ ଚୁପ ହୋଇ ରହିଥିଲେ। ତେଣୁ ବର୍ତ୍ତମାନ ପ୍ରକଳ୍ପ ତ ବନ୍ଦ ହେବନି କିନ୍ତୁ ଅଞ୍ଚଳବାସୀ କିଭଳି କ୍ଷତିପୂରଣ ପାଇବେ ତାକୁ ନେଇ ବିଜେପି ପୁରା ଚେଷ୍ଟା କରିବେ। ଆଉ ଲୋକଙ୍କୁ ହକ ଦେବ ବୋଲି କହିଛନ୍ତି।

## ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

କଣାସ, (ଭାସ୍କର ନ୍ୟୁଜ୍): ଗୋପୀନାଥ ପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଇକମରା ଗ୍ରାମରେ ଗତ ୨୨ ତାରିଖଠାରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବା ସହିତ ଆଜି ଉଦ୍‌ଯାପିତ ହୋଇ ଯାଇଛି। ଗ୍ରାମେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଅଗ୍ନିସ୍ଥାପନ, ଗର୍ଭଧାନ, ଶାଳା ପ୍ରବେଶ, ଚଣ୍ଡୀପାଠ, ମନ୍ଦିର ନ୍ୟାସାଦୀପରେ ଠାକୁରମାନେ ମନ୍ଦିର ପ୍ରବେଶ କରିଥିଲେ। ଆଖାପାଖର ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ୨୪ ପ୍ରହର ନାମ ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ ଶିବ ଜେନା କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ଗ୍ରାମବାସୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ଗ୍ରାମବାସୀ ବିପୁଳ ସଂଖ୍ୟାରେ ଯୋଗଦାନ କରିଥିଲେ।

# ନୂତନ ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଅନ୍ତର୍ଗତ ଆମ୍ବଗାଡ଼ିଆ ଠାରେ ସଂଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ବୈଶିଙ୍ଗା ଥାନାର ନୂତନ ଥାନା ଅଧିକାରୀ ବାରିଣୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆମ୍ବଗଡ଼ିଆ ବିକାଶ ପରିଷଦ ଅନେକ ଦିନରୁ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଆମ୍ବଗଡ଼ିଆ ଗ୍ରାମ ପଞ୍ଚାୟତରୁ ଜନ୍ମଲାଭ କରିଥିବା ଆମ୍ବଗଡ଼ିଆ ବିକାଶ ପରିଷଦ ସବୁବେଳେ ପରୋପକାର, ବିଭିନ୍ନ ସେବା, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ଅନେକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ବିକାଶ ପରିଷଦ ରକ୍ତଦାନ, ମାଗଣା ଚକ୍ଷୁ ଚିକିତ୍ସା, ଅନେକ ସମାଜିକ କାର୍ଯ୍ୟକ୍ରମ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୁଏ। ନିକଟରେ ପୂର୍ବ ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନଙ୍କ ଅନ୍ୟତ୍ର ବଦଳି ପରେ ନୂତନ ଭାବେ ବୈଶିଙ୍ଗା ଥାନାରେ ଯୋଗଦାନ କରିଥିବା ବାରିଣୀ ଦାସଙ୍କୁ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ବୈଶିଙ୍ଗା ଥାନା ଅଧୀନରେ ଥିବା ଅଞ୍ଚଳରେ କିପରି ଅପରାଧ ଓ ଆଇନ ଶୃଙ୍ଖଳା ବଜାୟ ରହିବ ସେ ସମ୍ପର୍କରେ ବିକାଶ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର ଓ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ପାଖରୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନାରେ ବିକାଶ ପରିଷଦର ଉପଦେଷ୍ଟା ଅକ୍ଷୟ କୁମାର ମିଶ୍ର, ସଦସ୍ୟ ଚନ୍ଦନ ବାସ୍କେ, ଯୋଗେଶ୍ୱର ବେହେରା, କମଳାକାନ୍ତ ସାହୁ, ଅଶ୍ୱିନୀ ସିଂହ, ଲିଙ୍କନ ଆଚାର୍ଯ୍ୟ ଇତ୍ୟାଦି ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧିନ ସାଟିଓଟି କାଚରାସାହିରେ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଶଙ୍କରାଚାର୍ଯ୍ୟଙ୍କ ଆଗମନ ନେଇ ରବିବାର ପୂର୍ବାହ୍ନରେ ପୁରୀରୁ ଏକ ପ୍ରତିନିଧି ଆସି ପରିଦର୍ଶନ କରି ଫେରିଥିବା ଜଣାଯାଇଛି। ଋରଣ ଶୁଭେନ୍ଦୁ ସ୍ୱାଇଁ, ମହାରାଜ ସୁଶିଲ, ବିଜୟାନନ୍ଦ ପାଇଟାଲ ଏବଂ ଭଦ୍ରକରୁ ଡାକ୍ତର ପ୍ରଭାସ ମହାନ୍ତି ଓ ପ୍ରବଚକ ସୁଧାକର ଧନୀ ପ୍ରମୁଖ ସାମିଲ ହୋଇଥିଲେ। ମହିଳା ଓ ସତ୍ୟସାଇ ସଂଗଠନର ବାଳବିକାଶ ପିଲାମାନଙ୍କ ଦ୍ୱାରା ବେଦ ଆବୃତ୍ତି କରାଯିବା ସହିତ ଶଙ୍ଖ ହୁଳହୁଳୀ ଓ ନାମ ସଂକୀର୍ତ୍ତନ ମାଧ୍ୟମରେ ଏହି ପ୍ରତିନିଧି ଦଳଙ୍କୁ ଭଦ୍ରକ-ଚନ୍ଦବାଲି ରାସ୍ତାରୁ ପାଛୋଟି ନିଆଯାଇଥିଲା। ସୂଚନା ଥାଉକି, ଚନ୍ଦ୍ରଶେଖର ମହାଦେବ ମନ୍ଦିର ଆସନ୍ତା ଅକ୍ଷୟ ତୃତୀୟାରେ ପ୍ରତିଷ୍ଠା କରାଯିବାର କାର୍ଯ୍ୟକ୍ରମ ରହିଛି ଏବଂ ଏନେଇ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ କରାଯାଇଛି। ତେବେ ମନ୍ଦିର ଓ ପରିବେଶ ସମ୍ପର୍କରେ ଏହି ପ୍ରତିନିଧି ସମିକ୍ଷା କରି ଫେରିଥିବା ଜଣାଯାଇଛି। କମଳାକାନ୍ତ ମଲ୍ଲିକ, ରବିନ୍ଦ୍ର ଦାସ, ନୃସିଂହ ଚରଣ ନାୟକ, ପ୍ରଦୀପ୍ତ କୁମାର ଦାସ, ହେମନ୍ତ କୁମାର ସୂତାର, ସୁବାଶ ଦାସ, ବାଇଧର ପରିଡା, ରାମଚନ୍ଦ୍ର ବାରିକ, ଅଲେଖ ସାହୁ, ଦାମୋଦର ସାହୁ, ସୁରେନ୍ଦ୍ର ସାହୁ, ସଞ୍ଜୟ ସାହୁ, ଶିବାନୀ ସାହୁ, ଯମୁନା ସାହୁମ ପୁଷ୍ପାଞ୍ଜଳୀ ନନ୍ଦି, ଶାନ୍ତିଲତା ସାହୁ, ସାବିତ୍ରୀ ସାହୁ ପ୍ରମୁଖ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।



# ଧାନ ଦେବାକୁ କେନ୍ଦ୍ରକରି ଗଣ୍ଡଗୋଳ: ଜଣେ ଆହତ, ଜଣେ ଗୁରୁତର



ତିହିଡ(ଭାସ୍କର ନ୍ୟୁଜ): ଟୋକନ୍ ଲାପସ୍ ହେବାକୁ ବସିଲାଣି, ଚିନ୍ତାରେ ଋଷୀ। ସାମାନ୍ୟ ବିଳମ୍ବ ହେଲେ ବରଷକର ତପ ଶୁଖୁଆ ମୁହଁରେ ଋଲିଯିବା ଭୟରେ ରାତିଦିନ ଏକାକାର କରି ଦେଇଛନ୍ତି। ରାତି ନପାହୁଣୁ ମଣ୍ଡିରେ ଲମ୍ବା ଲାଇନ୍। କିଏ ଟ୍ରାକ୍ଟରରେ ଧାନ ଆଣିଲା ତ ଆଉ କିଏ ଟ୍ରଲିରେ ଧାନ ଆଣି ମଣ୍ଡି ସମ୍ମୁଖରେ ହାଜର। ଠିକ୍ ସେମିତି ରବିବାର ସକାଳେ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସିନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଲକ୍ଷ୍ମୀନାରାୟଣ ଧାନ ମଣ୍ଡିରେ ପ୍ରବଳ ଭିଡ ଲାଗିଥିଲା। ଶୃଙ୍ଖଳା ସହିତ ମଣ୍ଡିର ମହିଳା କର୍ମକର୍ତ୍ତାମାନେ ଧାନ ସଂଗ୍ରହ କରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଟ୍ରାକ୍ଟର ଋଳକ ଓ ଅନ୍ୟମାନଙ୍କ ମଧ୍ୟରେ ଧାନ ଦେବାକୁ ନେଇ ବାକ୍‌ବିତଣ୍ଡା ଓ ହୋହଲ୍ଲା ହୋଇଥିଲା। କେତେକ ଋଷୀ ହସ୍ତକ୍ଷେପ କରି ପାଟିତୁଣ୍ଡ ନକରିବାକୁ ବାରଣ କରିଥିଲେ। ମାତ୍ର ଦୁଇ ଜଣ ଯୁବକ ସଂଘବଦ୍ଧ ଭାବେ ତପନ କୁମାର ସ୍ୱାଇଁଙ୍କୁ ଠେଲାପେଲା କରିବା ସହିତ ଲୁହା ରଡରେ ପିଟିଥିଲେ। ଅନ୍ୟମାନେ ଛଡାଛଡି କରିଥିଲେ ମଧ୍ୟ ତପନଙ୍କୁ ବାମ ଆଖି ଓ ମୁହଁରେ ପ୍ରବଳ ଆଘାତ ହୋଇଥିଲା। ଫଳରେ ରକ୍ତାସ୍ରାବ ହୋଇ ବେହୋସ ହୋଇ ଯାଇଥିଲେ। ଏହାରି ମଧ୍ୟରେ ଅଭିଯୁକ୍ତମାନେ ତାଙ୍କ ବେକରୁ ସୁନା ଚେନ୍, ପକେଟରୁ କୋଡିଏ ହଜାର ଟଙ୍କା ଓ ମୋବାଇଲ୍ ଛଡେଇ ନେଇ ଖସି ପଳେଇ ଯାଇଥିଲେ। ଅନ୍ୟ ଋଷୀମାନେ ତପନଙ୍କୁ ଉଦ୍ଧାର କରିବା ତିହିଡି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ତପନଙ୍କ ଏତଲା କ୍ରମେ ପୋଲିସ ଅନୁସନ୍ଧାନ ଚଳାଇଥିବା ଜଣାଯାଇଛି। ସେହିପରି ଇନ୍ଦିରା ଗ୍ରାମର ଅନ୍ୟ ଜଣେ ଋଷୀ ମହେଶ୍ୱର ରାଉଳ ଗଣ୍ଡଗୋଳ ଛଡାଇବାକୁ ଯାଇ ଅଭିଯୁକ୍ତମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ଜଣାଯାଇଛି। ଏନେଇ ସେ ମଧ୍ୟ ଥାନାରେ ଏକ ଏତଲା ମଧ୍ୟ ଦେଇଛନ୍ତି। ଏ ସମ୍ପର୍କରେ ମଣ୍ଡିର ଏମବିକେ ସଂଧ୍ୟାରାଣୀ ବାରିକଙ୍କୁ ପଋରିବାରୁ, ଚଳିତ ବର୍ଷ ୪୧୫ ଜଣ ଋଷୀ ପଞ୍ଜିକୃତ କରିଥିବା ବେଳେ ଏଯାବତ୍ ୧୨ ହଜାର କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି ଏବଂ ମିଲର ଅସହଯୋଗ କାରଣରୁ ମଣ୍ଡିରେ ଖୋଲାମେଲାରେ ୨ ହଜାର କ୍ୱିଣ୍ଟାଲ ଧାନ ପଡି ରହିଥିବା କହିଛନ୍ତି। ତଥାପି ଧାନ କିଣାରେ ସହଯୋଗ କରୁଛୁ ଏବଂ ଟୋକନ୍ ପାଇଥିବା ଋଷୀଙ୍କ ଧାନ ସଂଗ୍ରହ କରୁଥିବା କହିଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ୮ ବଖରା



ଟାଙ୍ଗୀ(ଭାସ୍କର ନ୍ୟୁଜ): ହଠାତ୍ ଲାଗିଗଲା ନିଆଁ, ଆଖି ପିଛୁଳାକେ ହୁତୁହୁତୁ ହୋଇ ଜଳିଗଲା ୪ ପରିବାରର ୮ ବଖରା ଚାଳଘର। ଏଭଳି ଏକ ବିପଦପୂର୍ଣ୍ଣ ଖବର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ବିନ୍ଧାଣିଆ ଗାଁରେ ଘଟିଛି। ନିଆଁ କିଭଳି ଲାଗିଲା ତାହା ଏଯାଏଁ ଜଣାପଡି ନାହିଁ, ହେଲେ ବିନ୍ଧାଣିଆ ଗାଁର ରବୀନ୍ଦ୍ର ବେହେରା, ଶିଖର ବେହେରା, ପଙ୍କଜ ବେହେରା ଓ ପ୍ରଶାନ୍ତ ସାହୁଙ୍କର ସର୍ବମୋଟ ୮ ବଖରା ଚାଳଘର ଜଳିପୋଡି ପାଉଁଶ ହୋଇଗଲା। ଖବର ପାଇ ଟାଙ୍ଗୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି, ହେଲେ ଏହି କ୍ଷତିଗ୍ରସ୍ତଙ୍କର ସବୁକିଛି ପାଉଁଶ ହୋଇଯାଇଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ଅନୁକମ୍ପା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଖବର ପାଇ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଅଗ୍ନିବିପନ୍ନଙ୍କୁ ଆର୍ଥିକ ସହାୟତା ସାଙ୍ଗକୁ ଖାଦ୍ୟ ସାମଗ୍ରୀର ବ୍ୟବସ୍ଥା କରିଛନ୍ତି।

## ପାରାଦୀପ ତୈଳ ବିଶୋଧନାଗାରରେ ନିରାପତ୍ତା ଉପରେ ପ୍ରଶ୍ନବାଚୀ

# ପାଇଲିଂ ଖୁଣ୍ଟ ପଡି ଶ୍ରମିକ ମୃତ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପରେ ସମସ୍ତ ଶିଳ୍ପ ସଂସ୍ଥାରେ ସରକାର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ ଓ ନିୟମ ପ୍ରଣୟନ କରିଥିବା ଏବଂ ସମସ୍ତ ଶ୍ରମିକଙ୍କ ସୁରକ୍ଷା ଓ ନିରାପତ୍ତା ଉପରେ ପ୍ରାଥମିକତା ଦିଆଯାଉଥିବା ବେଳେ କିଛି ଶିଳ୍ପ ସଂସ୍ଥା ଏଥିରେ ବ୍ୟତିକ୍ରମ ସାଜିଥିବା ଦେଖିବାକୁ ମିଳିଛି। ଏହିଭଳି ଏକ ଘଟଣା କ୍ରମରେ ଶନିବାର ପାରାଦୀପ ତୈଳ ବିଶୋଧନଗାରରେ ପାଇଲିଙ୍ଗ କାମ କରୁଥିବା ବେଳେ ଜଣେ ଶ୍ରମିକ ଉପରେ ପାଇଲିଙ୍ଗ ଖୁଣ୍ଟ ପଡି ଯିବାରୁ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣଙ୍କ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ କାଳିଆପାଟ ଗ୍ରାମର ପପୁ ମାଝୀ ଓରଫ ସତ୍ୟବ୍ରତ ମାଝୀ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ତୈଳ ବିଶୋଧନାଗାରରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା କ୍ରିଷ୍ଣା ବିଲଡର୍ସ ଅଧୀନରେ ନିର୍ମାଣାଧୀନ ପାଇଲିଙ୍ଗ କାମ ଚାଲୁଥିବା ବେଳେ ପାଇଲିଙ୍ଗ ଖୁଣ୍ଟକୁ ମେସିନ ସାହାଯ୍ୟରେ ଭାଙ୍ଗୁଥିବା ସମୟରେ ପାଇଲିଙ୍ଗ ଖୁଣ୍ଟଟି ସତ୍ୟବ୍ରତଙ୍କ ଉପରେ ପଡିଯାଇଥିଲା। ଫଳରେ ଘଟଣା ସ୍ଥଳରେ ସତ୍ୟବ୍ରତ ଗୁରୁତର ହୋଇପଡ଼ିଥିଲେ। ତେବେ ସତ୍ୟବ୍ରତଙ୍କ ଏଭଳି ଅବସ୍ଥା ଦେଖି ସାଥି ଶ୍ରମିକମାନେ ଅଠରବାଙ୍କୀସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ସତ୍ୟବ୍ରତଙ୍କୁ ମୃତ ଘୋଷଣା କରିଥିବା ବେଳେ ତୈଳ ବିଶୋଧନାଗାର ଅଞ୍ଚଳରେ ଶ୍ରମିକଙ୍କ ମଧରେ ଉତ୍ତେଜନା ଦେଖାଦେଇଛି। ତେବେ ଯେକୌଣସି ଶିଳ୍ପ ସଂସ୍ଥାରେ ଶ୍ରମିକଙ୍କ ପାଇଁ ସୁରକ୍ଷା ବସ୍ତ୍ର, ହେଲମେଟ ଓ ଅନ୍ୟାନ୍ୟ ନିରାପତ୍ତା ପୋଷାକ ଓ ସାମଗ୍ରୀ ପରିଧାନ କରିବା ବାଧ୍ୟତା ମୂଳକ ଥିବା ବେଳେ ମୃତ ଶ୍ରମିକ ଜଣକ ଏଥିରୁ ବଞ୍ଚିତ ଥିଲେ ନା ନାହିଁ ତାହା ତଦନ୍ତ ସାପେକ୍ଷ। ତେବେ ଏହି ଭଳି ଅନେକ ଘଟଣାରୁ ପାରାଦୀପ ତୈଳ ବିଶୋଧନାଗାର ରେ ସାଧାରଣରେ ନିରାପତ୍ତା ବ୍ୟବସ୍ଥା ବିପଯ୍ୟସ୍ତ ହୋଇପଡିଥିବା ନେଇ ଚର୍ଚ୍ଚା ଜୋର ଧରିଛି।

## ବେତା ଗ୍ରାମରେ ସିରିଜ୍ ଚୋରି

# ଆଳିରେ ନାହାନ୍ତି ଥାନାଧିକାରୀ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ଆଳି(ଭାସ୍କର ନ୍ୟୁଜ): ଗତକାଲି ବିଳମ୍ବିତ ରାତିରେ ଆଳି ଥାନା ଅନ୍ତର୍ଗତ ବଡାମ୍ବିଳା ପଞ୍ଚାୟତ ବେତା ଗ୍ରାମର ସାତ ୭ଘରୁ ଚୋରମାନେ ଚୋରି ପାଇଁ ପ୍ରୟାସ କରିଥିବା ବେଳେ ବିଶେଷ କରି ଗ୍ରାମର ଇଂ ନୀଳାଦ୍ରି ଭୂଷଣ ମହାପାତ୍ରଙ୍କ ବାଡ଼ି ପଛ କବାଟ ତାଡି ଘର ଭିତରକୁ ପଶିଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ମୋଟ ୪ଟି କୋଠରୀର କବାଟ ତାଡିବା ସଂଗେ ସଂଗେ ୫ଟି ଗଡ଼ରେଜକୁ ଭାଙ୍ଗି ଆସବାବପତ୍ର, ସୁନା, ଅଳଙ୍କାର ଓ ମୂଲ୍ୟବାନ ଜିନିଷ ଲୁଟି ନେଇଥିବା ବେଳେ ସେହି ଗ୍ରାମର ଶୋଭାରାଣୀ ନାୟକ, ପରମାନନ୍ଦ ନାୟକଙ୍କ ଘରର ତାଲା ତାଡ଼ିବା ସହିତ ମାନଗୋବିନ୍ଦ ଦାସ ଓ ପୁରିଗୋବିନ୍ଦ ଦାସଙ୍କ ଘରେ ମଧ ଚୋରମାନେ ଘରେ ପଶିବାକୁ ଉଦ୍ୟମ କରିଥିଲେ ମଧ ସଫଳ ହୋଇ ପାରିନଥିଲେ। ଗ୍ରାମବାସୀଙ୍କ ଅଭିଯୋଗ କି ପାଟ୍ରୋଲିଂର ଅଭାବ ଯୋଗୁଁ ଆଳି ଅଞ୍ଚଳରେ ବାରମ୍ବାର ଏପରି ଚୋରି, ରାହାଜାନି ଭଳି ଅପରାଧ ବଢ଼ି ବଢ଼ି ଚାଲିଛି। ସୂଚନାରୁ ପ୍ରକାଶ ଯେ ବିଗତ କିଛି ଦିନ ହେବ ଆଳି ଥାନାରେ କୌଣସି ସ୍ଥାୟୀ ଭାରପ୍ରାପ୍ତ ଅଧିକାରୀ ନଥିବା ବେଳେ ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ଶତପଥୀ ଆଜିକୁ ପ୍ରାୟ ୧୫ ଦିନରୁ ଉର୍ଦ୍ଧ୍ୱ ହେବ ବଦଳି ହୋବା ପରେ ମଧ ନୂଆ ଅଧିକାରୀ ଏ ଯାଏଁ ଯୋଗ ଦେଇନାହାନ୍ତି। ଯେଉଁଥି ପାଇଁ ଆଳିରେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସହର ଉପକଣ୍ଠ ନୂଆକୋରିଆଁ ବଜାର ୨୩ନଂ ୱାର୍ଡର ସଭାପତି ଜୟକୃଷ୍ଣ ବେହେରାଙ୍କ ୯୬ ବର୍ଷ ବୟସରେ ପ୍ରାତଃ ଘ.୬.୧୦ମି. ସମୟରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ଧରି ନୂଆକୋରିଆଁ ୨୩ ନଂ ୱାର୍ଡର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ସେ ଜଣେ ମିଷ୍ଟଭାଷୀ, ସମାଜସେବୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କର ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କର ସାନ ପୁତ୍ର ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍ କର୍ମଚାରୀ ସଂଘର ସଭାପତି ବସନ୍ତ ବେହେରା ମୁଖାଗ୍ନି ଦେଇଥିଲେ।

# ବରିଷ୍ଠ ବିଜେପି ନେତା ଦୁର୍ଗାଚରଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକର ବରିଷ୍ଠ ବିଜେପି ନେତା ଦୁର୍ଗାଚରଣ ନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରାଯାଇଛି। ଏକାଦଶାହ କ୍ରିୟାରେ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ସ୍ଥିତପ୍ରଜ୍ଞ ଯୋଗଦେଇ ଦଳ ଜଣେ ଦକ୍ଷ ସଂଗଠକଙ୍କୁ ହରାଇଛି ବୋଲି କହିଥିଲେ। କବି ଯଦୁମଣି ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ଶିତାଂଶୁ ଶେଖର ମହାପାତ୍ର, ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ଉପସଭାପତି ଗୋଲକ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ସରପଞ୍ଚ ପ୍ରଦୀପ ବଳ ଓ ଶୁଭ୍ରନାରାୟଣ ସେଠୀ, ବିଜେଡି ନେତା ସୁରେନ୍ଦ୍ର ନାୟକ, ମାନସ ନାୟକ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ପାଢୀ, ବିଜେପି ନେତା ଅଜୟ ନାୟକ, ଡାକ୍ତର ପ୍ରଦୀପ ନାୟକ, ଉଦୟ ନାରାୟଣ ମଲ୍ଲିକ, ସନାତନ ସାହୁ, ବୁଦ୍ଧଦେବ ଜେନା, ଦେବେନ୍ଦ୍ର ପୁହାଣ, ଶରତ ଦାସ, ସଂଗ୍ରାମ ମହାନ୍ତି, ମଧୁସ୍ମିତା ଖୁଣ୍ଟିଆ, ଶୁକଦେବ ମଳିକ, ଭରତ ସାହୁ, ଉମାକାନ୍ତ ଦାସ, ସରୋଜ ନାୟକ, ଧିରେନ୍ଦ୍ର ସାହୁ, ପ୍ରଦୀପ ଦାସ, ପୂର୍ବତନ ସରପଞ୍ଚ ଝରଣା ଜେନା ଓ ଅଲୀଳପ୍ରଭା ରାଉଳ, ରାଜକିଶୋର ନାୟକ, ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀ ନାୟକଙ୍କ ସ୍ମୃତିଋରଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା "ଦୁର୍ଗା ସ୍ତବକ" ପୁସ୍ତକ ଉନ୍ମୋଚିତ ହୋଇଥିଲା। ସୀତାକାନ୍ତ ନାୟକ, ରଘୁନାଥ ପାତ୍ର, ଦେବବ୍ରତ ପାଢୀ, କେଶବ ବେହେରା, ତପୁନୁ ପାଣି, ପ୍ରତାପ ଜେନା ପ୍ରମୁଖ ପରିଋଳନା କରିଥିଲେ। ଶେଷରେ ଦିବଙ୍ଗତଙ୍କ କନ୍ୟା ସ୍ୱର୍ଣ୍ଣକାନ୍ତି ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ନୂଆକୋରିଆଁରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସହର ଉପକଣ୍ଠ ନୂଆକୋରିଆଁରେ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ୧ ତାରିଖ ଦିନ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଅଦ୍ୟ ୨ ତାରିଖରେ ୧୬ଟି ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ବିଭିନ୍ନ ଭୋଗରାଗ ସହିତ ପୂଜାର୍ଚ୍ଚନା କରାଯାଇ ସଂଧ୍ୟାରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ଆସନ୍ତା ୩ ତାରିଖ ସୋମବାର ଦିନ ନଗର ଭ୍ରମଣ ସହିତ ଦଧିହାଣ୍ଡି ଭଗ୍ନ କରାଯିବ। ଏହି ନାମଯଜ୍ଞକୁ ସଭାପତି ଯଦୁନାଥ ବରାଳ, କର୍ମକର୍ତ୍ତା ଅସିତ୍ ରଥ, ବସନ୍ତ ବେହେରା, ପ୍ରଦ୍ୟୁମ୍ନ ବେହେରା, ଜିତେନ୍ଦ୍ର ବେହେରା, ସ୍ୱପ୍ନେଶ୍ୱର ସ୍ୱାଇଁ ଓ ଦେବରାଜ ଭୁତିଆଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଥିଲେ।



# ବସ୍ ଧକ୍କାରେ ଏମ୍‌ସିଏଲ୍ କର୍ମଚାରୀ ଗୁରୁତର

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନଂ ଜାତୀୟ ରାଜପଥର ବାଉଁଶପାଳ ଗ୍ରାମ ଛକ ନିକଟରେ ଓଏସଆରଟିସି ସରକାରୀ ବସ ଧକ୍କାରେ ଜଣେ ଏମସିଏଲ କର୍ମଚାରୀ ଗୁରୁତର ହୋଇଛନ୍ତି। ଗୁରୁତର ଏମସିଏଲ କର୍ମଚାରୀ ଜଣଙ୍କ ହେଲେ କାମାକ୍ଷାନଗର ଥାନା ବାଉଁଶପାଳ ଗ୍ରାମର ଫକୀର ମୋହନ କ୍ଷେତ୍ରି। ଫକୀର ନିଜ ବାଇକ ଯୋଗେ ତାଳଚେର ଏମ୍‌ସିଏଲ୍‌କୁ କାମ କରିବାକୁ ଯାଉଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲା ସରକାରୀ ବସ। ବସଟି କେନ୍ଦୁଝରରୁ ଭୁବନେଶ୍ୱର ଯାଉଥିଲା। ଫକୀରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ କାମାକ୍ଷାନଗର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ତେବେ କ୍ଷତି ପୂରଣ ଦାବିରେ ସ୍ଥାନୀୟ ଲୋକମାନେ ବେଶ କିଛି ସମୟ ଧରି ଓଏସଆରଟିସି ବସଟିକୁ ଅଟକ ରଖି ଆନ୍ଦୋଳନ କରିଥିଲେ। ସ୍ଥାନୀୟ ପୋଲିସ ବୁଝା ସୁଝା ପରେ ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ପ୍ଲାଣ୍ଟ ବସ୍ ଚଳାଚଳ ଉପରେ ମାର୍ଗଦର୍ଶିକା ଜାରି



ବ୍ୟାସନଗର(ଭାସ୍କର ନ୍ୟୁଜ): ବ୍ୟାସନଗର ସହରର ମଧ୍ୟକୁ ପ୍ରବେଶ କରୁଥିବା କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ ଶିଳ୍ପ ସଂସ୍ଥାଗୁଡ଼ିକ ବସ ଉପରେ ମାର୍ଗଦର୍ଶିକା ଜାରି କଲା ଜିଲା ପ୍ରଶାସନ ଓ ପୋଲିସ। ରବିବାର ଜିଲ୍ଲା ପ୍ରଶାସନ ପୋଲିସ ପକ୍ଷରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସାମ୍ବାଦିକଙ୍କୁ ସୂଚନା ଦେଇ କହିଲେ ଯେ ପ୍ଲାଣ୍ଟ ବସଗୁଡିକ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏହି କଟକଣାକୁ ଖିଲାପ କଲେ ଏମଭିଆଇ ଆକ୍ଟ ଅନୁସାରେ ସଂପୃକ୍ତ ପ୍ଲାଣ୍ଟ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତା ୩ ତାରିଖରୁ ପ୍ଲାଣ୍ଟ ବସଗୁଡିକ ଉପରେ କଟକଣା ଲାଗୁକରା ଯିବ। କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାର ଶତାଧିକ ବସ କର୍ମଚାରୀଙ୍କୁ ନେବା ଆଣିବା ପାଇଁ ନିୟୋଜିତ କରାଯାଇଛି। ବସଗୁଡିକ ପାର୍କିଂ ପାଇଁ ସହରର ବାହାରେ ରହଣି ପାଇଁ ୫ଟି ସ୍ଥାନ ଓ ସହର ଭିତରେ ୫ଟି ସ୍ଥାନ ଚୟନ କରାଯାଇଛି। ବସଗୁଡିକ ସେଠାରେ ରହି ନେବା ଆଣିବା କରିବେ। ରେଳ ଯୋଗେ ଆସୁଥିବା କର୍ମଚାରୀଙ୍କୁ କାରଖାନାକୁ ନେବା ଆଣିବା ପାଇଁ ଷ୍ଟେସନ ନିକଟରେ ପାର୍କିଂ ବ୍ୟବସ୍ଥା ରହିଛି। ସହର ମଧ୍ୟରେ ୩୦ କିମି ବେଗରେ ବସ ଚଳାଇବାକୁ ପ୍ରସାଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ କହିଲେ ସହରରେ ଶାନ୍ତିଶୃଙ୍ଖଳା ଓ କ୍ରାଇମ୍ ରୋକିବା ପାଇଁ ୩ ସିସି କ୍ୟାମେରା ସଂଯୋଗ କରାଯାଇଛି। ପ୍ରକାଶଥାଉ କି ପ୍ଲାଣ୍ଟ ବସଗୁଡିକ ବେପାରୁଆ ଭାବରେ ବସ ଚଳାଚଳ କରିବା ଫଳରେ ଟ୍ରାଫିକ ଜାମ୍ ସହିତ ଅନେ ଛୋଟବଡ ଘଟଣା ଘଟି ଅନେକ ହାନି ଘଟିଛି। ଏହାର ସମାଧାନ ନିରାକାରଣ ପାଇଁ ସହରର ବିଭିନ୍ନ ଗଣ ସଂଘଟନ ଜିଲା ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ଜିଲ୍ଲା ପ୍ରଶାସନ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ସହ ପର୍ଯ୍ୟାୟକ୍ରମେ ସହମତି ଅନୁସାରେ ମାର୍ଗଦର୍ଶିକା ଜାରି କରାଯାଇଛି।

# ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ଢେଙ୍କାନାଳ(ଭାସ୍କର ନ୍ୟୁଜ): କାମାକ୍ଷାନଗର ପୂର୍ବାଞ୍ଚଳରେ ବିରାଶାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ କୋରିଆପାଳ ଗାଁରେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା। ମୃତକ ରାଇବୋଲ ପଞ୍ଚାୟତ ଅନ୍ତର୍ଗତ କୋରିଆପାଳ ଗାଁର ବିଦ୍ୟାଧର ଦେହୁରୀ ଶୌଚପାଇଁ ଯାଉଥିବା ବେଳେ ହାତୀ ତାଙ୍କୁ ଶୁଣ୍ଢରେ କଚାଡି ଦଳି ଦେଇଥିଲା। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ପରିବାର ଲୋକେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଗୋଠଛଡା ଦନ୍ତା ଯାଜପୁର ସୁକିନ୍ଦାରୁ ଆସି ଭୁବନ କଙ୍କଣରେ ଦୁଇ ଦିନ ହେବ ଆତଙ୍କ ସୃଷ୍ଟି କରିଥିଲା। ହାତୀ ଆକ୍ରମଣ ନେଇ ଅଞ୍ଚଳବାସୀ ଆତଙ୍କିତ ଅଛନ୍ତି। ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଫରେଷ୍ଟର।

# କେମେଷ୍ଟ୍ରି ବିଭାଗ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଚୟନ



ବାରିପଦା(ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରସାୟନ ବିଭାଗର ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଉପ ସଭାପତି ଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଆଶିଷ କୁମାର ଜେନା ଯୁଗ୍ମ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରାସାୟନିକ ବିଜ୍ଞାନ ମୁଖ୍ୟ ପ୍ରଫେସର ଡକ୍ଟର ନିଗମାନନ୍ଦ ଦାସ ସଭାପତି, ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ମୁଖ୍ୟ ପ୍ରଫେସର ଡକ୍ଟର ପ୍ରମୋଦ କୁମାର ଶତପଥି, ସମ୍ପାଦକ, ନଳଗଜା କଲେଜ ରାସାୟନ ବିଜ୍ଞାନ ପ୍ରାଧ୍ୟାପକ ଡକ୍ଟର ଦେବେଶ ହୋତା ଯୁଗ୍ମ ସମ୍ପାଦକ, ଡକ୍ଟର ଭବାନୀ ମହାନ୍ତ କୋଷାଧକ୍ଷ, ପ୍ରଫେସର ଡକ୍ଟର ରାଜେଶ ସିଂ ଉପଦେଷ୍ଟା ଭାବେ ପୁନଃ ମନୋନୀତ ହୋଇଛନ୍ତି। ସଭାପତି ପ୍ରଫେସର ନିଗମାନନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁରାତନ ଛାତ୍ର ସଂସଦ ବୈଠକରେ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବମାନ ଆଗତ ଓ ଗୃହୀତ ହୋଇଥିଲା। ପୁରାତନ ଛାତ୍ରସଂସଦ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କଲେଜର ରାସାୟନ ବିଜ୍ଞାନ ବିଭାଗ ସହ ସହଭାଗିତାରେ ସେମିନାର ଆୟୋଜନ କରିବ ବୋଲି ଡକ୍ଟର ଦେବେଶ ହୋତା ନିଜ ବକ୍ତବ୍ୟ ରେ ଦର୍ଶାଇ ଥିଲେ। ପୁରାତନ ଛାତ୍ର ଡକ୍ଟର ସରୋଜ ନାୟକ, ଡକ୍ଟର ଚନ୍ଦନ ପାଲ, ଡକ୍ଟର ଦୀନେଶ ନାୟକ, ଡକ୍ଟର ନୀଳିମା ତ୍ରିପାଠୀ , ଡକ୍ଟର ଭବାନୀ ମହାନ୍ତ, ଡକ୍ଟର ମୁରଲୀ ବାରିକ, ନିବେଦିତା ଅଢେକ, ଶତାବ୍ଦୀ ତନୟା ସାହୁ, ଲଳିତ କୁମାର ପ୍ରଧାନ, ବିଶ୍ୱଜିତ ମହାପାତ୍ର ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଭାପତି ପ୍ରଫେସର ଦାସ ଏକଲକ୍ଷ ପାଞ୍ଚ ହଜାର ଟଙ୍କା ପୁରାତନ ଛାତ୍ର ସଂସଦ ପାଣ୍ଠିକୁ ପ୍ରଦାନ କରି ବିଭାଗର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ବୈଠକ ଶେଷରେ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ଓଡିଶା ଦିବସ ଓ ଜିଲ୍ଲା ମହୋତ୍ସବ କଲ୍ଲୋଳ ପାଳନ ପ୍ରସ୍ତୁତି ବୈଠକ



ଜଗତସିଂହପୁର(ଭାସ୍କର ନ୍ୟୁଜ): ରବିବାର ଦିବା ୧୨ ଘଟିକାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଓଡିଶା ଦିବସ ୨୦୨୫ ଏବଂ ଜିଲ୍ଲା ମହୋତ୍ସବ କଲ୍ଲୋଳ ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଞ୍ଚାସୀନ ଥିଲେ। ପ୍ରଥମେ ଓଡ଼ିଶା ଦିବସ ପାଳନର କାର୍ଯ୍ୟସୂଚୀ ପାଠ କରଯାଇଥିଲା। ପରେ ସମସ୍ତ ବୁଦ୍ଧିଜୀବୀଙ୍କ ସହ ବିଧାୟକ ଶ୍ରୀ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଏବଂ ଜିଲ୍ଲାପାଳ ଆସନ୍ତା ଏପ୍ରିଲ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଏଥି ନିମନ୍ତେ ସେମାନଙ୍କ ସୁଚିନ୍ତିତ ମତାମତ କାମନା କରିଥିଲେ। ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାରେ ହେବାକୁ ଥିବା ମହୋତ୍ସବ ସମସ୍ତ ଜିଲ୍ଲା ବାସୀଙ୍କର ଓ ଏହାକୁ ସୂଚାରୁ ରୂପେ ସଂପାଦନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଚଳିତ ବର୍ଷ ଆହୁରି ସୁନ୍ଦର ଭାବେ ଏହି ମହୋତ୍ସବକୁ ସଂପାଦନ କରାଯିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ମଧ କଲ୍ଲୋଳର ସଫଳ ରୂପାୟନ ନିମନ୍ତେ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ବୈଠକରେ ଜିଲ୍ଲା ମହୋତ୍ସବର ସ୍ଥାନ ନିରୂପଣ, ଅତିଥି ଚୟନ, କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ ତଥା କମିଟି ସଦସ୍ୟ ମନୋନୟନ, ଆୟ ବ୍ୟୟ, ୫ ଦିନର କାର୍ଯ୍ୟସୂଚୀ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଓଡ଼ିଶା ଦିବସର କାର୍ଯ୍ୟସୂଚୀ ପାଠ କରିଥିଲେ। ଓଡିଶା ଦିବସ ଉପଲକ୍ଷେ ଏପ୍ରିଲ ୧ ତାରିଖ ପ୍ରାତଃ ୪ରେ ଡ଼ାକବାଜି ଯନ୍ତ୍ର ଯୋଗେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହରରେ ଉତ୍କଳ ବନ୍ଦନା ଗାନ, ସକାଳ ୬ରେ ବିଦ୍ୟାଳୟରେ ପ୍ରଭାତ ଫେରି, ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୋପବନ୍ଧୁ ନଗର ଉଦ୍ୟାନରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉତ୍କଳ ବନ୍ଦନା ଗାନ, ୧ମରୁ ୩ୟ, ୪ର୍ଥରୁ ୫ମ, ୬ ଷ୍ଠରୁ ୮ମ ବର୍ଗରେ ଓଡିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ ହେଇଥିଲା। ବ୍ଲକ୍ ଓ ପୌର ପରିଷଦ ସ୍ତରରେ ଆସନ୍ତା ୨୪ ଏବଂ ଜିଲ୍ଲାସ୍ତରରେ ୨୬ତାରିଖରେ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ କାର୍ଯ୍ୟ ସୂଚୀ ଅନୁଯାୟୀ ବୈଠକକୁ ଆଗେଇ ନେଇଥିଲେ ଓ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ବିଡ଼ିଓ, ତହସିଲଦାର, ସହାୟକ ତଥା ସହକାରୀ ଜିଲ୍ଲାପାଳ, ଜିଲ୍ଲାର ବରିଷ୍ଠ ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

## ଅଚଳ ହୋଇ ପଡିଛି ସୋଲାର ନଳକୂପ
# ଚୋରିର ଦୀର୍ଘଦିନ ପରେ ବି ହୋଇନି ମରାମତି



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି। ପାଣି ପାଇଁ ଲୋକେ ଡହଳ ବିକଳ ହେଉଥିବା ନଜର ରହୁଛି। ପୋଖରୀ ନଈ ନାଳ ଶୁଖିବା ଆରମ୍ଭ ହେଲାଣି। ଆଗକୁ ଗ୍ରୀଷ୍ମପ୍ରବାହ ପ୍ରକୋପକୁ ନଜରରେ ରଖି ସରକାର ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଯୁଦ୍ଧ କାଳୀନ ଭିତ୍ତିରେ ସୋଲାର, ନଳକୂପ ଆଦି ମରାମତି କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମ ଠାରେ ଥିବା ସୋଲାର ନଳକୂପ ଦୀର୍ଘଦିନରୁ ଅଚଳ ହୋଇ ପଡ଼ିଥିବା ଦେଖାଯାଇଛି। ଗତ ୨-୩ମାସ ତଳେ ସୋଲାର ଚାଳିତ ପାୱାର ସୁଇଜ ଯନ୍ତ୍ରାଂଶକୁ କେଉଁ ଏକ ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଜଣାପଡିଥିଲା। ସେହିଦିନରୁ ଏହି ସୋଲାର ନଳକୂପ ଅଚଳ ହୋଇ ପଡ଼ିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପର୍ଲା-ଜୟନ୍ତପୁର ରାସ୍ତା ଛକରେ ଏହି ନଳକୂପ ରହିଥିବା ବେଳେ ପଥିକ ତଥା ସାଧାରଣ ଲୋକ ଏହି ନଳକୂପର ପାଣି ବ୍ୟବହାର କରୁଥିଲେ। ନଳକୂପ ପାଖରେ ୪-୫ପରିବାର ବସବାସ କରି ଆସୁଛନ୍ତି। ନିତିଦିନ ଏହି ସୋଲାର ଚାଳିତ ନଳକୂପରୁ ଏହି ପରିବାର ଲୋକ ନିର୍ଭର କରନ୍ତି। ହେଲେ ଅଚଳ ହେବାପରେ ପାଣି ପାଇଁ ବହୁ କଷ୍ଟ ଭୋଗୁଥିବା ମହିଳା ମାନେ ପ୍ରକାଶ କରନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକଙ୍କୁ ଅବଗତ କରିଥିବା କୁହାଯାଏ। ତେବେ ସୋଲାର ନଳକୂପର ପାୱାର ସୁଇଜ ଏଠାରେ ମିଳୁ ନ ଥିବା ବେଳେ ଭୁବନେଶ୍ୱର ସୋଲାର କମ୍ପାନୀରୁ ମଗା ଯାଇଛି। -ଖୁବ ଜଲଦି ପହଞ୍ଚିବ ଓ ସୋଲାର ନଳକୂପକୁ ଚାଲୁ କରାଯିବ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଜବାନ ମୃତ୍....
# ଶହୀଦଙ୍କୁ ଗାର୍ଡ ଅଫ୍ ଅନର୍ ସହିତ ଗଭୀର ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୋକସରା ଗ୍ରାମର ଜୟ ନାରାୟଣ ଶବରଙ୍କ ମଝିଆ ପୁଅ ରଶ୍ମି ରଞ୍ଜନ ଶବର (୪୫) ଗତ ୨୮ ତାରିଖ ରାତିରେ ନୂଆପଡା ଜିଲ୍ଲା ନୂଆପଡା ଠାରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ୨୦୦୬ ମସିହାରେ ଭାରତୀୟ ସେନା ବିଏସ୍ଏଫରେ ସିପାହୀ ଭାବେ ରାଜସ୍ଥାନ ବାଟାଲିୟନରେ କାର୍ଯ୍ୟରତ ଥିଲେ। ସ୍ୱର୍ଗତ ରଶ୍ମିରଞ୍ଜନଙ୍କ ପତ୍ନୀ ପଞ୍ଚମୀ ଶବର ମଧ୍ୟ ନୂଆପଡା ପୋଲିସ ବିଭାଗରେ କର୍ମଚାରୀ ରହିଥିବା ବେଳେ ରଶ୍ମିରଞ୍ଜନ ଶବର ଗତ କିଛିଦିନ ତଳେ ଛୁଟିରେ ନିଜ ପରିବାର ରହୁଥିବା ନୂଆପଡାକୁ ଆସିଥିଲେ। ଗତ ରାତିରେ ସେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ତାଙ୍କ ପାର୍ଥିବ ଶରୀର ନିଜ ପୈତୃକ ଗ୍ରାମ କୋକସରାକୁ ସନ୍ଧ୍ୟାରେ ଆସି ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଯବାନ ଜଣେ ମେଳାପୀ, କର୍ତ୍ତବ୍ୟନିଷ୍ଠ ଯୁବକ ଭାବେ ପରିଚିତ ଥିଲେ। ତାଙ୍କୁ ଶେଷ ସମ୍ମାନ ଦେବାପାଇଁ କୋରାପୁଟରେ ନିୟୋଜିତ ଥିବା ବିଏସ୍ଏଫ ପକ୍ଷରୁ ଅଧିକାରୀମାନେ ପହଞ୍ଚି ତାଙ୍କ ମୃତ ଶରୀରକୁ ଗାର୍ଡ ଅଫ ଅନର ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ଶବାଧାରରେ କୋକସରା ଗ୍ରାମର ଶତାଧିକ ବନ୍ଧୁ ପରିଜନ ଓ ଗ୍ରାମବାସୀ ସାମିଲ ହୋଇ ଯବାନଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ତାଙ୍କ ଅନ୍ତିମ ସଂସ୍କାର ତାଙ୍କ ଗାଁ ମଶାଣିରେ ସମ୍ପନ୍ନ ହୋଇଥିଲା।



## ଜୟପାଟଣା ପରେ ଲାଞ୍ଜିଗଡ ବ୍ଲକରେ ବଢ଼ିଲା ଇଡି ରେଡ ଆଶଙ୍କା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ): ସରକାରୀ ଟଙ୍କା ହେରଫେର ଅଭିଯୋଗରେ ଜୟପାଟଣା ବନାଞ୍ଚଳରେ ଇଡି ରେଡ କରିବା ପରେ ଏବେ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେକ୍ସନରେ ଇଡି ରେଡ ଆଶଙ୍କା ବଢ଼ିବାରେ ଲାଗିଛି। ଉଭୟ ସେକ୍ସନରେ ବିଭିନ୍ନ ଯୋଜନାର କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ନେଇ ଅଭିଯୋଗ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବାବେଳେ ଯେ କୌଣସି ମୁହୂର୍ତ୍ତରେ ଭିଜିଲାନ୍ସ କିମ୍ବା ଇଡି ରେଡ ପଡିପାରେ ବୋଲି ଆଶଙ୍କା କରାଯାଉଛି। ଉଭୟ ସେକ୍ସନର ଫରେଷ୍ଟରମାନଙ୍କ ସହିତ ଫରେଷ୍ଟ ଗାର୍ଡ ଓ ଅସ୍ଥାୟୀ କର୍ମଚାରୀମାନଙ୍କ ମିଳିଭଗତରେ ଏହି ହରିଲୁଟ ଚାଲିଥିବାବେଳେ ରେଞ୍ଜ ଅଫିସରରୁ ଅତିରିକ୍ତ ବନ ସଂରକ୍ଷକ ପଦୋନ୍ନତି ପାଇଁ ଏଠାରେ ଆସ୍ଥାନ ଜମାଇଥିବା ଅଧିକାରୀଙ୍କ ସିଧାସଳଖ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହେଉଛି। ଏପରିକି ଏଇ କିଛି ଦିନ ତଳେ ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକରେ ବନବିଭାଗର ଏହି ଦୁର୍ନୀତିକୁ ନେଇ ଜନ ପ୍ରତିନିଧିମାନେ ଗଭୀର କ୍ଷୋଭ ବ୍ୟକ୍ତ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଆଣିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେକ୍ସନ ଓ ବିଟଗୁଡ଼ିକୁ ଆସିଥିବା ମନରେଗା ସମେତ ବିଭିନ୍ନ ଯୋଜନାର ଭିଜିଲାନ୍ସ କିମ୍ବା ଇଡି ଯାଞ୍ଚ କରାଯାଉ ବୋଲି ଜନ ପ୍ରତିନିଧି ସମୂହ ଦାବି କରିଛନ୍ତି।

## ବୁଦେଲ ପଦର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନର୍ଲା (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ ଅନ୍ତର୍ଗତ ତୁଲା ଗାଁ କ୍ଲଷ୍ଟରର ବୁଦେଲ୍ ପଦର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଗୁଣନିଧି ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ନର୍ଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବି ଆରସିସି ଶ୍ରୀ ଗୋବର୍ଦ୍ଧନ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅନ୍ୟତମ ଅତିରିକ୍ତ ଶିକ୍ଷା ଅଧିକାରୀ ସୂର୍ଯ୍ୟଦେବ ବାଗ, ତୁଲା ଗାଁ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ସାହୁ, ବୁଦେଲ ପଦର ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶିକ୍ଷକ ଅବସର ପ୍ରାପ୍ତ କୀର୍ତ୍ତନ ନାଗ୍ ଅନ୍ୟତମ।



ଅବସର ପ୍ରାପ୍ତ ଶିକ୍ଷକ ଦିଲ୍ଲୀପ ଗହିର, ବେହେରା ପାଟି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ର ଲେଖା ମହାପାତ୍ର, ସହଦେବ କରୁଆଁ, ସମାଜ ସେବୀ ନରସିଂହ ଥପା, ଗ୍ରାମର ଗୌନ୍ତିଆ କୃଷ୍ଣ ଚନ୍ଦ୍ର ମାଝୀ, ବିଦ୍ୟାଳୟ ସଭାନେତ୍ରୀ ମମତା ମାଝୀ ଓ ମୁଖ୍ୟବକ୍ତା ଭାବେ ତୁଲା ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଚ୍ୟୁତ ବାରିକ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା ଶିକ୍ଷକ କ୍ଷିତିଶ ଚନ୍ଦ୍ର ମାଝୀ କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଶିଷ୍ଟ ମଞ୍ଚ ପରିଚାଳକ ଶିକ୍ଷକ ଲଳିତ ଭୋଇ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ ସହ ଶିକ୍ଷକ ଅଭୟ କୁମାର ନାଏକ କରିଥିଲେ।

## ବର୍ଷେ ହେଲା ପାଉଣା ପାଇ ନାହାଁନ୍ତି କପଡ଼ା ବ୍ୟବସାୟୀ

କୋକସରା, (ଭାସ୍କର ନ୍ୟୁଜ୍ ) : ମାସେ, ଦୁଇ ମାସ କି' ଛଅ ମାସ ନୁହେଁ, ସ୍କୁଲ ପିଲାଙ୍କୁ ପୋଷାକ ବଣ୍ଟନ କରି ଦିର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ କପଡ଼ାର ପାଉଣା ପାଇ ପାରି ନାହାନ୍ତି ଜଣେ ବ୍ୟବସାୟୀ। ଏନେଇ ବ୍ୟବସାୟୀ ଜଣକ ବିଦ୍ୟାଳୟ ପରିଚାଳନା କମିଟି(ଏସ୍ଏମ୍ସି), ସ୍କୁଲ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ପାଖକୁ ପାଉଣା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ବଙ୍ଗୋମୁଣ୍ଡା, ଡୁମେରବାହାଲ ଓ ଚିଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ଗତ ୨୦୨୩/୨୪ ଆର୍ଥିକ ବର୍ଷରେ କୋକସରାର ଜୟ ବଜରଙ୍ଗବଳୀ ଡ୍ରେସେସ୍ ସରକାରଙ୍କ ସମସ୍ତ ନିତି ନିୟମ ଅନୁଯାୟୀ ପୋଷାକ ବଣ୍ଟନ କରିଥିଲେ। ବଙ୍ଗୋମୁଣ୍ଡା ସ୍କୁଲରେ ସମୁଦାୟ ୧୦୫ ଜଣ ଛାତ୍ରଛାତ୍ରୀଙ୍କ ପୋଷାକ ଦେଇଥିବାବେଳେ ଡୁମେରବାହାରେ ୨୮ ଜଣ ଓ ଚିଲଗୁଡା ସ୍କୁଲରେ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ମିଶାଇ ଏସବୁ ବିଦ୍ୟାଳୟ ଗୁଡ଼ିକରେ ମୋଟ ୧୬୩ ଖଣ୍ଡ ପୋଷାକ ବଣ୍ଟନ କରିଥିଲେ। ତେବେ ସ୍କୁଲ ପିଲାଙ୍କ ଡ୍ରେସ୍ ବଣ୍ଟନ ବାବଦକୁ ଜୟ ବଜରଙ୍ଗବଳୀ ଡ୍ରେସେସ୍ ତିନୋଟି ବିଦ୍ୟାଳୟରୁ ମୋଟ ୬୧ ହଜାର ୯୪୦ଟଙ୍କା ପାଇବା କଥା। ହେଲେ ଉକ୍ତ ପାଉଣା ଆଜି ପର୍ଯ୍ୟନ୍ତ ପାଇ ପାରି ନାହାନ୍ତି। ଏନେଇ ଜୟ ବଜରଙ୍ଗବଳୀ ଡ୍ରେସେସ୍ ପକ୍ଷରୁ ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଗୋଷ୍ଠୀ ଶିକ୍ଷା ବିଭାଗ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଡ୍ରେସ୍ ବାବଦର ପାଉଣା ଦେବାପାଇଁ ବାରମ୍ବାର କହି ସାରିଛନ୍ତି। ଏମିତିରେ ଦୁଇଟି ଶିକ୍ଷା ବର୍ଷ ସମାପ୍ତ ହୋଇ ସାରିଛି, ତଥାପି ତାଙ୍କ ପାଉଣା ମିଳିପାରି ନାହିଁ। ଅନ୍ୟପଟେ ଟଙ୍କା କଥା କହିଲେ ବାରମ୍ବାର ପ୍ରଧାନ ଶିକ୍ଷକ ମାନେ କହୁଛନ୍ତି ଯଦି ବିଇଓ କହିବେ କୌଣସି ଏକ ଫଣ୍ଡରୁ ଆଡ଼ଜଷ୍ଟ କରି କିସ୍ତି ହିସାବରେ ଟଙ୍କା ଦେଇ ପାରିବୁ ବୋଲି ଦିନ ଗଡ଼ାଇ ଚାଲିଥିବା ବ୍ୟବସାୟୀ ଜଣକ ପ୍ରକାଶ କରିଛନ୍ତି। ଏହି ସମସ୍ୟା ଯଦି ବେଶି ଦିନ ଲାଗିରହେ ତେବେ ବ୍ୟବସାୟୀ ଜଣକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଏନେଇ କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ପଚାରିବାରୁ ଶିକ୍ଷକ ମାନଙ୍କୁ ସେହି ସମୟରେ ବ୍ୟାଙ୍କ ଖାତା ନମ୍ବର ଦେବାକୁ ବାରମ୍ବାର କହିବା ପରେ ମଧ ନିର୍ଦ୍ଧାରିତ ସମୟର ୧୫ ଦିନ ପରେ ଦେଇଥିଲେ। ଏନେଇ ଆମେ ଉଚ୍ଚ ଅଧିକାରୀଙ୍କୁ ପୂର୍ବରୁ ରିପୋର୍ଟ ମଧ ଦେଇଛୁ ବୋଲି କହିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟ ଗୁଡିକର ପ୍ରଧାନ ଶିକ୍ଷକ ମାନଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ଚିଲିଗୁଡା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ କହିଛନ୍ତି ମୁଁ ସେହି ସମୟରେ ଆସି ନଥିଲି ତେଣୁ ସେ ବିଷୟରେ ଜାଣି ନଥିବା କହିଛନ୍ତି। ବଙ୍ଗୋମୁଣ୍ଡା ଓ ଡୁମେରବାହାଲ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ବିଇଓ କାର୍ଯ୍ୟାଳୟରେ ଜଣାଇଥିବା କହିଛନ୍ତି।

# ନବ ନିର୍ମିତ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ସ୍ଥିତ ସର୍ବ ପୁରାତନ ଶ୍ରୀ ବ୍ରଜମୋହନ ପଞ୍ଚଦେବ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ଶ୍ରୀ ସୂର୍ଯ୍ୟଦେବଙ୍କ ଓ ମାତା ଦୁର୍ଗାଙ୍କର ମନ୍ଦିର ଓ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଆସନ୍ତା ସୋମବାର ମାର୍ଚ୍ଚ ୬ ତାରିଖ ଠାରୁ ୧୦ ତାରିଖ ଯାଏଁ ଆୟୋଜିତ ଉକ୍ତ ଧାର୍ମିକ କାର୍ଯ୍ୟକ୍ରମରେ ଅଷ୍ଟ ପ୍ରହର ନାମ ଯଜ୍ଞ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ଶ୍ରୀ ବ୍ରଜମୋହନ ପଞ୍ଚଦେବ ଓ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉକ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୁରୀ ମୁକ୍ତି ମଣ୍ଡପର ସଦସ୍ୟ ପଣ୍ଡିତ ଭାସ୍କର ଦାସ ଓ ସହଯୋଗୀ ପଣ୍ଡିତ ସୁବାସ ତ୍ରିପାଠୀ, ଅମିୟ ପଣ୍ଡା, ଅମର ଦାସ ଓ କାହ୍ନୁ ଚରଣ ପତିଙ୍କ ଦ୍ୱାରା ମନ୍ଦିର ଓ ବିଗ୍ରହ ମାନଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିବେ। ଏହି ଅବସରରେ ପାଞ୍ଚ ଦିନ ବ୍ୟାପୀ ଉକ୍ତ କାର୍ଯ୍ୟକ୍ରମରେ ଅଙ୍କୁରା ରୋପଣ, କଳସ ଯାତ୍ରା ଓ ଅଧିବାସ, ଦେବତା ପ୍ରତିଷ୍ଠା, ଗର୍ଭାଧାନ, ଦେବତା ସ୍ନାନ, ଯଜ୍ଞ, ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ଠାକୁରଙ୍କ ସିଂହାସନ ବିଜେ ସହ ପୂର୍ଣ୍ଣାହୂତି ହେବ। ମାର୍ଚ୍ଚ ୧୦ ତାରିଖ ଦିନ ମନ୍ଦିର ପରିସରରେ ଅଷ୍ଟ ପ୍ରହର ନାମ ଯଜ୍ଞ ସହ ଦିବା ରାତ୍ରି ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏନେଇ ବ୍ରଜମୋହନ ପଞ୍ଚଦେବ ଓ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭାପତି ଉପଜିଲ୍ଲାପାଳ ଧିମାନ ଚକମାଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପ ସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ସମ୍ପାଦକ ନିରଞ୍ଜନ ମହାପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, ସୁକଲାଲ ଅଗ୍ରୱାଲ, ଧରଣୀଧର ଧଙ୍ଗଡା ମାଝୀ, ସୁରେଶ ଚନ୍ଦ୍ର ମୁଣ୍ଡ, ବିଦ୍ୟାଧର ସାହୁ, ହୃଷିକେଶ ମିଶ୍ର, କୃପାସିନ୍ଧୁ ପଣ୍ଡା, ସନ୍ତୋଷ ମେହେର, ସୁରେନ୍ଦ୍ର ମୁନି, ସରୋଜ କୁମାର ସାହୁ, ଜନ୍ମେଜୟ ନାଏକ, ସୁବାସ ଅଗ୍ରୱାଲ ବୈଠକରେ ଯୋଗଦେଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମର ବିଷୟରେ ଆଲୋଚନା କରି ସମସ୍ତ ବ୍ୟବସ୍ଥାର ରୂପରେଖ ଚୂଡ଼ାନ୍ତ କରିଥିଲେ।




# ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଧର୍ମଗଡ ପରିସରରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିକାନ୍ତ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପଜିଲ୍ଲାପାଳ ଧିମାନ ଚକମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଜ୍ଞାନ ଦିବସ ପାଳନର ମହତ୍ତ୍ୱ ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଶିକ୍ଷକ ମାନଙ୍କ ସମ୍ମୁଖରେ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ବିଜୟ କୁମାର, ରମନ ଇଫେକ୍ଟକୁ ନେଇ ଏକ ଭାବଗର୍ଭକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଇଓ ପଙ୍କଜିନି ମାଝୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ, ବିଜ୍ଞାନ ସଂଯୋଜକ ସୋମନାଥ ସାହୁ, ବିଜ୍ଞାନ ଫୋରମ୍ ସଭାପତି ଯୋଗେଶ ପ୍ରହରାଜ ପ୍ରମୁଖ ଦିବସର ତାତ୍ପର୍ଯ୍ୟ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ଶିକ୍ଷକ ଦେବେଶ ପଣ୍ଡା, ସୁଧାଂଶୁ ପଣ୍ଡା ଓ ସପନ ଦାସଙ୍କ ସଂଯୋଜନାରେ ଏକ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ରାହୁଲ ସାହୁ ଓ ଶିବାସିତୋଷ କୁମାର ବିଜେତା ଓ ଟିପିଗୁଡ଼ା ଉଚ୍ଚ ବିଦ୍ୟାପୀଠ ଛାତ୍ର ରୋଶନ ନାଏକ ଓ ଦିବ୍ୟରଞ୍ଜନ ନାଏକ ଉପବିଜେତା ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷକ ତେଜେଶ୍ୱର୍ ସାହୁ ଓ ମୁକେଶ ଛତ୍ରିଆ, ସଂଯୋଜନ କରିଥିବା ବେଳେ ଝଙ୍କାର ନିଆଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷକ ନିରଞ୍ଜନ ମୁଦୁଲି, ଅଜୟ ପାତ୍ର, ସରୋଜ ପଣ୍ଡା, ପଲ୍ଲବୀ ପଣ୍ଡା, ରାଜେନ୍ଦ୍ର ଆଚାର୍ଯ୍ୟ, ବାଞ୍ଛାନିଧି ପଣ୍ଡା ତଥା ସମସ୍ତ ବିଜ୍ଞାନ ଶିକ୍ଷକ ଫୋରମ୍‌ର ସଦସ୍ୟ ସହଯୋଗ କରିଥିଲେ।

## ବର୍ଷେ ହେଲା ଦରମା ମିଳିନି : ଦୁର୍ଦ୍ଦିନ ମଧ୍ୟରେ ୪୫୦ ମିଶନଶକ୍ତି କର୍ମଚାରୀ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ତତ୍କାଳୀନ ବିଜେଡି ସରକାର ଆରମ୍ଭ କରିଥିଲେ ମିଶନଶକ୍ତି ଯୋଜନା। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମିଶନଶକ୍ତି ପରେ ସ୍ୱତନ୍ତ୍ର ମାନ୍ୟତା ପାଇଥିଲା। ମିଶନଶକ୍ତି ଦ୍ୱାରା ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ମହିଳାମାନଙ୍କୁ ଯୋଗ୍ୟତା ଭିତ୍ତିରେ ଏମ୍‌ବିକେ, ସିଆର୍‌ପି, କୃଷି ମିତ୍ର, ପ୍ରାଣୀମିତ୍ର ଓ ବ୍ୟାଙ୍କମିତ୍ର ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ପଞ୍ଚାୟତ ସ୍ତରରେ ଜିପିଏଲ୍ଏଫ ଓ ଗ୍ରାମ ସ୍ତରରେ ସିଏଲ୍ଏଫ ଗଠନ କରାଯାଇଥିଲା। ସେହିପରି ସେମାନଙ୍କ ଦାବି ଅନୁସାରେ ଗତ ବର୍ଷ ମାର୍ଚ୍ଚ ମାସରେ ତତ୍କାଳୀନ ବିଜେଡି ସରକାର ମିଶନଶକ୍ତି ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମଧ୍ୟରୁ ଏମ୍‌ବିକେଙ୍କ ଦରମା ୬ ହଜାର ଟଙ୍କାରୁ ୧୦ ହଜାର ୭୫୦ ଟଙ୍କା, ସିଆର୍‌ପିଙ୍କ ଦରମା ୩୧୦୦ରୁ ୬୧୦୦ ଟଙ୍କା, ପ୍ରାଣୀ ମିତ୍ର, କୃଷି ମିତ୍ର ଓ ବ୍ୟାଙ୍କମିତ୍ରଙ୍କ ଦରମା ୩୦୦୦ ଟଙ୍କାରୁ ୬୨୫୦ ଟଙ୍କା ଓ ଇସି ମେମ୍ବରଙ୍କ ଦରମା ଏକ ହଜାର ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି ଘୋଷଣା କରିଥିଲେ। କିନ୍ତୁ କିଛି ମାସର ବ୍ୟବଧାନ ଓ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରଠାରୁ ଏହି ବର୍ଦ୍ଧିତ ଦରମା ହାର ପାଇବାରୁ ବଞ୍ଚିତ ରହିଛନ୍ତି ମିଶନ ଶକ୍ତିର ଏହି କର୍ମଚାରୀମାନେ। ଏପରିକି ନୂଆ ସରକାର ଆସିବା ପରେ ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ସମେତ ଅନ୍ୟ ଅନେକ ଯୋଜନାରେ ସେମାନଙ୍କୁ ନିୟୋଜିତ କରାଯାଉଛି ସତ କିନ୍ତୁ ଦଶ ମାସରୁ ବର୍ଷେ ବିତିଯାଇଥିଲେ ହେଁ ସେମାନଙ୍କ ପାଉଣା ମିଳିନାହିଁ। ଏହିପରି ଭାବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ୨୬ ଗୋଟି ପଞ୍ଚାୟତରେ ୨୬ଜଣ ଏମ୍‌ବିକେ, ୧୭୨ ଜଣ ସିଆର୍‌ପି, ୧୪ଜଣ ପ୍ରାଣୀ ମିତ୍ର, ୧୬ ଜଣ କୃଷି ମିତ୍ର, ୬ ଜଣ ବ୍ୟାଙ୍କ ମିତ୍ର ନିଯୁକ୍ତ ଅଛନ୍ତି। ୩୦୦ ଜଣ ଇସି ମେମ୍ବର ନିଯୁକ୍ତ ଅଛନ୍ତି। କିନ୍ତୁ ଦଶ ମାସରୁ ପ୍ରାୟ ଏକବର୍ଷ ହେଲା ସେମାନଙ୍କୁ ଦରମା ମିଳିନାହିଁ। ଯାହା ଫଳରେ ମିଶନଶକ୍ତିର ଏହି ମହିଳା କର୍ମଚାରୀମାନେ ବିନା ଦରମାରେ ଖଟିବା ମୁସ୍କିଲ ହୋଇପଡିଛି। ଦୁର୍ଦ୍ଦିନ ମଧ୍ୟରେ ଏହି ମହିଳା କର୍ମଚାରୀମାନେ ଦିନ କାଟୁଥିବାବେଳେ ସେମାନଙ୍କ ମଧ୍ୟରୁ ପୂର୍ବ ସରକାର ସମୟରେ ଆଣିଥିବା ସ୍କୁଟିର କିସ୍ତି ପଇସା ଶୁଝିବା ମଧ୍ୟ ମୁସ୍କିଲ ହୋଇପଡିଛି। ଏଣୁ ପ୍ରାୟ ୪୫୦ ଜଣ ମହିଳା କର୍ମଚାରୀଙ୍କୁ ଦରମା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ ପାଇଁ ଦାବି ହେଉଛି। ଅପରପକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଏହାର ସମାଧାନ କରାଯିବାକୁ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି।

## ରାଶିଫଳ

ସୋମବାର, ୦୩ ମାର୍ଚ୍ଚ ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ । ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ । ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ। ସମ୍ଭବତଃ ଆଧ୍ୟାତ୍ମିକତା ପାଇଁ କିଛି ସମୟ ନିଅନ୍ତୁ।



**ବୃଷ:** ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ । ଧାର୍ମିକ ଯାତ୍ରା ଆୟୋଜିତ ହେବ ।



**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ । ଚାକିରିରେ ଲୋକଙ୍କୁ ଉପକୃତ କରିବେ । ଆପଣଙ୍କଠାରୁ ସହକର୍ମୀମାନେ ଲାଭବାନ ହେବେ ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ। ଆପଣ ସର୍ବୋତ୍ତମ ବିବାହିତ ସୁଖ ପାଇବ। ଗଣେଶଙ୍କ କୃପା ଦିନସାରା ଆପଣଙ୍କ ଉପରେ ରହିବ।



**ସିଂହ:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ । ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ ।



**କନ୍ୟା:** ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ । ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ । ଲୋକଙ୍କୁ ଅପମାନ ନ କରିବାକୁ ବିଶେଷ ଧ୍ୟାନ ଦିଅନ୍ତୁ।



**ବିଛା:** ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ । କୌତୁହଳପୂର୍ଣ୍ଣ ଖାଦ୍ୟ ମିଳିପାରିବ । ସାମାଜିକ କ୍ଷେତ୍ରରେ ଖ୍ୟାତି ବୃଦ୍ଧି ପାଇବ ।



**କୁମ୍ଭ:** ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ପରିବାରରେ ଖୁସିର ପରିବେଶ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ସରକାରଙ୍କ ଦ୍ୱାରା ଲାଭ ହେବ । ସମ୍ମାନ ଏବଂ ପଦୋନ୍ନତି ସେଠାରେ ରହିବ। ସାଂସାରିକ ଜୀବନ ସୁଖୀ ହେବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯